Split by PDF Splitter



ଲୁଗା ମନୁଷ୍ୟର ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଯାହାର ଏ ସବୁ ନାହିଁ ତାକୁ ଦରିଦ୍ର ଭିନ୍ନ ଆଉ କି ବୋଲଯିବ ? ଶ୍ରେଷ୍ଠ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ ମଧ୍ୟରୁ କେବଳ ଗୁଡ଼ ଅମ୍ଭମାନଙ୍କ ଦେଶରେ ଅଛି ବାକୀ ଉତ୍କୃଷ୍ଟ ପଦାର୍ଥ ବିଦେଶରୁ ନ ଆସିଲେ ନ ଚଳେ । କେହି କହି ପାରନ୍ତି କି ଅମ୍ଭେମାନେ ଯେ ସ୍ଥଳେ ଟଙ୍କା ଦେଇ ଲୁଗା କିଣି ନେଉ କିଣୁଅଛୁଁ ସେ ସ୍ଥଳେ ଦରିଦ୍ର କାହିଁକି ବୋଲାଇବୁଁ । ଏଥିର ଉତ୍ତର ଏହି ଯେ ବିଦେଶରୁ ଲୁଗା ଆଣିବାରୁ ତନ୍ତୁକୁଳ ଉଚ୍ଛନ୍ନ ହେଲା । ଲୁଣ ହେତୁ ସମୁଦ୍ରକୂଳବାସୀମାନଙ୍କର ହୀନ ଅବସ୍ଥା ହେଉଅଛି ଏବଂ କେରୋସିନ ତେଲ ହେତୁ ତେଲିମାନଙ୍କର ଉଚ୍ଛନ୍ନ ହେବାର ଆଉ ବିଳମ୍ବ ନାହିଁ । ରପ୍ତାନୀଦ୍ରବ୍ୟର ତାଲିକାରୁ ଦେଖାଯାଏ ଯେ କେବଳ କୃଷିଜାତଦ୍ରବ୍ୟ ଏଠାରୁ ରପ୍ତାନୀ ହେଉଅଛି ଏବଂ ତଦ୍ଦ୍ୱାରା କିଛି ଟଙ୍କା ଲାଭ ହେବାରୁ ଜନସାଧାରଣ ଏକପ୍ରକାରେ ଜୀବିତ ହେଉଅଛନ୍ତି ଅର୍ଥାତ୍ କେବଳ କୃଷକେହିଁ ଏଠାରେ ଜୀବନଧାରଣ କରୁଅଛନ୍ତି ଏବଂ ଏଥିରୁ ଅନୁମାନ ହୁଏ ଯେ ପରିଶେଷରେ କୃଷି ବିନା ଆଉ କେହି ଏଦେଶରେ ବଞ୍ଚିବେ ନାହିଁ । କୋଟିଏ ବ୍ୟବସାୟ ଯେଉଁ ଦେଶର ଅବଲମ୍ବନ ତହିଁର ଉନ୍ନତିର ଆଶା କେତେ ପାଠକମାନେ ବିବେଚନା କରିବେ । ପରନ୍ତୁ କୃଷକଜାତି ବିବେଚନା କଲେ ମଧ୍ୟ ଦେଖାଯାଏ ଯେ ଲାଭକର ଶସ୍ୟମାନ ଯଥା ଅଫୁ, ଗହମ, ନୀଳ ଇତ୍ୟାଦି ଇଂରେଜଙ୍କ ହାତରେ । ଏଦେଶୀୟ ଲୋକେ କେବଳ ମଜୁରିମାତ୍ର ପାଉଅଛନ୍ତି ତନ୍ତୁ ଉକ୍ତ ଦ୍ରବ୍ୟ ସବୁର ଲାଭ ଇଂରେଜଙ୍କ ହାତକୁ ଯାଉଅଛି । ସୁତରାଂ ଭାବିବାର ଏତେବଡ଼ ସାର କଥା ହେଲା । ଅନ୍ତତଃ ଯେବେ ଅମ୍ଭେମାନେ ଆପଣା ପ୍ରୟୋଜନୀୟ ଲୁଗା ଏହି ଦେଶରେ ପ୍ରସ୍ତୁତ କରିବୁଁ ଓ ବିଦେଶର ଅପେକ୍ଷା ରଖିବୁଁ ନାହିଁ ତାହା ହେଲେ ଏହି ବାବଦ ବାର୍ଷିକ ୧୫ କୋଟି ଟଙ୍କା ଅମ୍ଭମାନଙ୍କର ଆୟ ହେବ ।

ବାଣିଜ୍ୟସଂକ୍ରାନ୍ତ ଅନ୍ୟାନ୍ୟ ବିଷୟ ଉଲ୍ଲେଖ କରିବାର ପ୍ରୟୋଜନ ନାହିଁ । ଓଡ଼ିଶାର ଆମଦାନୀ ଓ ରପ୍ତାନୀ ଗତ ଦଶବର୍ଷରୁ କ୍ରମାଗତ ଭଲ ହୋଇ ଆସୁଅଛି । ଫସଲ ହୋଇବାର ଏଥିର କାରଣ ଅଟଇ । ଏବର୍ଷ ଫସଲର ଅବସ୍ଥା ଭଲ ହେବାରୁ ଆଶା କରୁଅଛି ଆଗାମି ବର୍ଷ ବାଣିଜ୍ୟ ବୃଦ୍ଧି ହେବ ।

---

## ସାପ୍ତାହିକ ସମ୍ବାଦ ।

ଅମ୍ଭମାନଙ୍କ କମିଶନର ହପ୍‌କିନ୍ସ ସାହେବଙ୍କର ଦ୍ରବ୍ୟାଦି ବିକ୍ରୟ ହେଉଅଛି । ଶୀଘ୍ର ଏଠାରୁ ବଦଳି ହେବେ ।

ଏଠା କଲେକ୍ଟର-ମାଜିଷ୍ଟର ସାହେବ ଦୁଇସପ୍ତାହ ମଧ୍ୟରେ ଏଠାରୁ ବଦଳି ହେବେ ବୋଲି କଥିତ ହୁଏଇ ।

ଏଜଗରର ଷ୍ଟାଫ ଏବଂ ଅଷ୍ଟପ ଶରେ ଓଲଉଠା ଲାଗିଅଛି ।

ପୁରୀର ଗାଦିର ନାଜରର ଫୌଜଦାରୀମୋକଦ୍ଦମା ଗତ ମଙ୍ଗଳବାର ନିଷ୍ପତ୍ତି ହେଲା । ଉକ୍ତ ନାଜର ଘୋଷରଫଙ୍କ ଉପ-ଅଭିଯୋଗ ପ୍ରମାଣ ହେବାରୁ ଜଜସାହେବ ୮ ମାସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ଦେଇଅଛନ୍ତି ।

ରଣପୁରର ଦେୱାନ ଗୌରଚନ୍ଦ୍ର ସେନଙ୍କ ନାମରେ ରାଜାଙ୍କ ପୋଷ୍ୟପୁତ୍ର ସ୍ୱୀକାର କରିବାରୁ ଦେୱାନ ଏଠାକୁ ତଲବ ହୋଇଆସିଅଛନ୍ତି ।

### କଲିକତା-ଗେଜେଟ ।

ମୃତ ବାବୁ ଭଗବତପ୍ରସାଦ ଦାସଙ୍କ ସ୍ଥାନରେ ମୁନ୍ସିଫ ଅସ୍ଥାୟୀ ମଡକୁଲ ଅଟ୍ଟ କେନ୍ଦ୍ରାପଡ଼ାର ବାବୁ ଗୋବିନ୍ଦଚନ୍ଦ୍ର କାର୍ଯ୍ୟରେ ଛମାସ ପର୍ଯ୍ୟନ୍ତ ପରୀକ୍ଷାସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଗତ ତେଣ୍ଡରର ଏକେଣ୍ଡ ପରୀକ୍ଷାରେ ଓଡ଼ିଶା ବିଭାଗରୁ ନିମ୍ନଲିଖିତ ବ୍ୟକ୍ତିମାନେ ଉତ୍ତୀର୍ଣ୍ଣ ହୋଇ ବାହାରିଅଛନ୍ତି ।

| | |
|---|---|
| ଗିରିଶ୍ଚନ୍ଦ୍ର ଘୋଷ | କଟକ |
| ଭଗୀରଥ ପଟ୍ଟନାୟକ | ପୁରୀ |
| ରାମଚନ୍ଦ୍ର ଦାସ | ପୁରୀ |
| ଦୁଷ୍ମନ୍ତଚନ୍ଦ୍ର ମହାନ୍ତି | ବାଲେଶ୍ୱର |

କଟକ ମିଉନିସିପାଲିଟିର ୫ ନମ୍ବର ଓ୍ୱାର୍ଡରେ ମିଉନିସିପାଲ କମିଶନର ପଦ ଶୂନ୍ୟ ଥିବାରୁ ପୁନଃ ନିର୍ବାଚନନିମନ୍ତେ ଆଗାମୀ ଡିସେମ୍ବର ମାସ ତା ୧୬ ରିଖ ଦିନ ନିର୍ଦ୍ଧାରିତ ହୋଇଅଛି ।

---

ପାରିସନଗରରେ ଯେଉଁ ମହାପ୍ରଦର୍ଶନୀ ହେଉଥିଲା ତାହା ଛମାସ ରହି ଗତମାସ ତା ୬ ରିଖରେ ବନ୍ଦ ହେଲା । କଥିତ ହୁଏଇ ଯେ ଖର୍ଚ୍ଚ ସାଇ ୬୦ ଲକ୍ଷ ଟଙ୍କା ଆଦାୟ ହୋଇ ଅଛି ଏ ଦେଶରେ ପ୍ରଦର୍ଶନୀ ସ୍ୱରୂପ ଦେଖା କେଉଁଠି ଥାଇ ଖର୍ଚ୍ଚ ଯୁକ୍ତ ଉଠଇ ନାହିଁ । ସମାଚାର ପ୍ରକାଶ କେତେ ।

ଏହି ଘୋଷ ନାମରେ ଜଣେ ବଙ୍ଗାଳୀ ଏଥର ବିଲାତର କୁପର୍ସହିଲ ଇଞ୍ଜିନିୟରିଂ କଲେଜର ପରୀକ୍ଷାରେ ସୁଖ୍ୟାତି-ସହିତ ପାସ କରିଅଛନ୍ତି । ଏଥି ପୂର୍ବେ ଆଉ କେହି ପରୀକ୍ଷା ଦେଇ ପାରି ନ ଥିଲେ । ଭରସା କରୁଁ ଦେଶୀୟ ଲୋକେ ଏଥିରେ ଉତ୍ସାହିତ ହେବେ ।

ଡବଲିନର ମି, ଜାନ୍ଦୁର୍ଗା ବାରିଷ୍ଟରଙ୍କ କନ୍ୟା ନଇଗା ନଗର ବିଶ୍ୱବିଦ୍ୟାଳୟର ତ୍ରୈବେଣିକାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କେମ୍ବ୍ରିଜ କଲେଜରେ ପଢ଼ିବେ ।

ବମ୍ବେଇ ନଗରରେ ଗତ ପୂର୍ବ ସୋମବାର ଯେଉଁ ଭୂମି-ରୁଦ୍ଧ ସଭାପୋଛ ହୋଇଥିଲା ତହିଁରେ ଉତ୍ସାହର ଶତ ହୋଇଅଛି । ଅର୍ଥାତ୍ ଆଠଲକ୍ଷ ଟଙ୍କାରୁ ଲଣ୍ଡ ନୂତନ ଓ କେତେ

ପଚାଶ ଲକ୍ଷ ଅନୁମାନ କରୁଅଛନ୍ତି । ମୃତର ବୟସ ସେ ମନୁଷ୍ୟ ମସ୍ତକ ନାହାନ୍ତି ।

ବଙ୍ଗଲାର ଲେଟ୍‌ଗ୍ରୀ ଗତ ସୋମବାର ମଧ୍ୟାହ୍ନଭାଗରେ କଲିକତାକୁ ଫେରି ଆସିଅଛନ୍ତି ।

ବ, ଲେଭ ପ୍ରଥମ ସୁପ୍ରିଣ୍ଟେ ଏ, ଏଲ, ମନସ ସାହେବ-ସମ୍ବଲପୁରକୁ ଏବଂ ସମ୍ବଲପୁରର ପୁଲିସ ସୁପ୍ରିଣ୍ଟେ ନେବର-ସାହେବ ନିଜାସ ପୁରକୁ ବଦଳି ହୋଇ ଅଛନ୍ତି ।

ସମ୍ବଲପୁରର ହାସପାତାଲ ଅଫିସର ରଘୁନାଥ ଦାସ ମାଜୁଲ ହେବାରୁ ହାସପାତାଲ ଅଫିସର ମୋହନଅଷ୍ଟି ସମ୍ବଲପୁରର ଜେଲ ହାସପାତାଲରେ ନିଯୁକ୍ତ ହେଲେ ।

ରଣପୁରର ଏକଷ୍ଟ୍ରା ଅଫିସର କମିଶନର ବାବୁ ସଦାଶିବ ରାଓ ହୋସଙ୍ଗାବାଦକୁ ବଦଳି ହେଲେ ।

ଓଡ଼ିଶାରେ ପାଠ କର୍ତ୍ତା ବ ଜଣେ ଇନ୍ସପେକ୍ଟରଙ୍କ ପ୍ରସ୍ତାବମତେ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡ ଓଡ଼ିଶାର ଅପର ପ୍ରାଇମେରୀ ପରୀକ୍ଷକମାନଙ୍କୁ ୫୦୧ ଙ୍କା ବାର୍ଷିକ ସାହାଯ୍ୟ ପ୍ରଦାନ କରୁ ଅଛନ୍ତି ।

ହାଇକୋର୍ଟର ମାନ୍ୟବର ବିଚାରପତି ରମେଶଚନ୍ଦ୍ରମିତ୍ର ଆଗାମୀ ମାର୍ଚ୍ଚମାସରୁ କାର୍ଯ୍ୟ ତ୍ୟାଗ କରିବାର କଥା ଠିକ ନୁହଇ ।

ଜଣାଯାଏ ଉଠିଅଛି ଯେ ଜେନେରଲ ବୁଥଙ୍କର ପୁଣି ପାଦସଞ୍ଚାରକୁ ଗମନ କରିବେ ।

ମାନ୍ଦ୍ରାଜର ହାଇକୋର୍ଟର ଜଜମାନେ ଆଦେଶ କରିଅଛନ୍ତି ଆଗାମି ଜାନୁଆରୀରେ ଓକିଲମାନେ ଜଜମାନଙ୍କ ନିକଟରେ ବ୍ୟବସାୟରେ ଉପସ୍ଥିତ ହେବାସମୟରେ କଟେଲ ଟିକ୍ଲି ପ୍ରାପ୍ତ ହେବାସମୟରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଅନୁମୋଦିତ ଯେଉଁ କଳାପୋଷାକ ପରିଧାନ କରିଥାନ୍ତି ସେହି ପରିଚ୍ଛଦ ପରିଧାନ କରିବେ । ଓକିଲମାନେ ଏପ୍ରକାର ଆଦେଶରେ ଅନଦରଭ କରିଅଛନ୍ତି ।

ଲଣ୍ଡନର କାଶୀପ୍ରସିଦ୍ଧ ପତ୍ରିକାରେ ବମ୍ବେର ଶୁଣିବାକୁ ଏକସହସ୍ର ଟଙ୍କା ପ୍ରଦାନ କରିଥିବାର ଜଣାଇଅଛି । ଅନ୍ୟାନ୍ୟ ରାଜା ମହାରାଜାମାନେ ଏହିପ୍ରକାର ମୁକ୍ତହସ୍ତ ହେଲେ ମହାମନିତ ସ୍ଥାନ ହେବାଦରପୁରେ ମିଃ ବ୍ରାଡଲ ଯାହା ଉପ କରୁଅଛନ୍ତି ତାହା ଘଟିବ ନାହିଁ ।

ଖ୍ରୀଷ୍ଟିଆ ଭଗିନୀର ଅଶ୍ୱସ୍ଥ ଗ୍ରହଣ କରିବାର ସ୍ଥିର ମୀମାଂସା କରିଅଛନ୍ତି ।

ସେକ୍ରେଟାରୀ ଲର୍ଡ ସାଲିସବେରୀ ଲର୍ଡ ମେୟରଙ୍କ ଭୋଜନରେ ପ୍ରକାଶ କରିଥିଲେ ଯେ ଇଂଲଣ୍ଡର ସନ୍ଧିମୂଳ ଭାଙ୍ଗିବାର ଭୟ ସମୟ ଉପସ୍ଥିତ ହୋଇ ନାହିଁ ଓ ଇଉରୋପର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରୁ ବୋଧ ହେଉଅଛି ସମ୍ପ୍ରତି ପୂର୍ବାପେକ୍ଷା ଶାନ୍ତି ଭଙ୍ଗମଳରୂପେ ବସ୍ତୁମାନ ହୋଇଅଛି ।

ଟ୍ରାନ୍ସଭାଲର ଫାଶିସ୍ତସ୍ଥାନ ବନ୍ଦରରେ ଅପିଲ ଦାଏର ହୋଇଥିଲା । ତାହାର ସହଯୋଗି କୌନସୁଲ ଜନାଏତକଣ୍ଡ ଅଣ୍ଡ୍ରେମାନଙ୍କ ସେଠାରେ କରୁଥିଲା ବର୍ତ୍ତମାନ ଓଟାରକ୍ଷଣାଗାର ଏଠାକୁ ଅଛି ତାଲ୍ପଣ ବନ୍ଦରରେ ସାଷ୍ଟପ୍ରଦାନ କରିବାରୁ ଅପିଲକୁ ତାଲ୍ପଣ ଅବ୍ୟାହତ ପ୍ରାପ୍ତ ହୋଇ ପାରିଲା ନାହିଁ । ବର୍ତ୍ତମାନ ଆଉ ଅପିଲ ନାହିଁ । କେବଳ କତୃପକ୍ଷଙ୍କ ଦୟା ଉପରେ ନିର୍ଭର କରେ । ଶୁଣାଯାଉଅଛି ମଧ୍ୟପ୍ରଦେଶର କେତେକସମ୍ଭ୍ରାନ୍ତଲୋକ ତାଲ୍ପଣର ଜୀବନରକ୍ଷାର୍ଥେ କର୍ତ୍ତୃପକ୍ଷଙ୍କ ନିକଟକୁ ଆବେଦନପତ୍ର ପ୍ରେରଣ କରିବେ ।

ଜାପାନରେ ଏସମୟର ଜଳପ୍ଲାବନ ହୋଇଅଛି ଯେ ତହିଁରେ ୧୫ ସହସ୍ର ଲୋକଙ୍କର ମୃତ୍ୟୁ ଘଟିଅଛି ଅନେକଜଣଙ୍କର ଘର ଲୋପ ହୋଇଅଛି ଓ ଏକକୋଟି ପଞ୍ଚାଶଲକ୍ଷ ଟଙ୍କାର ଧନସ ନଷ୍ଟ ହୋଇଅଛି ।

Digitized by srujanika@gmail.com

Split by PDF Splitter



ଡାଏମଣ୍ଡହାରବରର ଡେଃ ମାଜିଷ୍ଟ୍ରେଟଙ୍କ ନିକଟରେ ଜଣେ ମାନ୍ୟବାନ୍ ବ୍ୟକ୍ତି ଗୋପାଳଚୌଧୁରୀଙ୍କ ବିରୁଦ୍ଧରେ ଏହି ମର୍ମରେ ଏକ ମୋକଦ୍ଦମା ଉପସ୍ଥିତ ହୁଏ କି ସେ ସେ ଜଣେ ମଥୁରାନାଥଙ୍କୁ ସର୍ଦ୍ଦାର ଗୃହମଧ୍ୟରୁ ବିନା ଅନୁମତିରେ ପ୍ରବେଶ କରି ଦଙ୍ଗା କଲେ । କିନ୍ତୁ ମୋକଦ୍ଦମା ଶୁଣି ହେବାରୁ ସେ ସ୍ୱୟଂ କୋର୍ଟରେ ଉପସ୍ଥିତ ହୋଇ ଉକ୍ତ ର କଲେ କି ମଥୁରାନାଥ ତାହାର ସ୍ତ୍ରୀକୁ ଉତ୍ପୀଡନ କରୁଥିବାରୁ ସେ ତାହାର ସ୍ତ୍ରୀର ଜୀବନ ସଙ୍କଟର ଭୟ କରି ଗୃହମଧ୍ୟରେ ପ୍ରବେଶ କରି ସେମାନଙ୍କ ଅନ୍ତର କରି ଦେଇଅଛନ୍ତି ଓ ସେଥିନିମନ୍ତେ ସେ ମଧ୍ୟ ଦୁଃଖ ପ୍ରକାଶ କରୁଅଛନ୍ତି କିନ୍ତୁ ଡେଃ ମାଜିଷ୍ଟ୍ରେଟ ଏପ୍ରକାର ସନ୍ତୋଷଜନକ କୈଫିୟତରେ ସନ୍ତୁଷ୍ଟ ନ ହୋଇ ଗୋପାଳଚନ୍ଦ୍ର ଚୌଧୁରୀଙ୍କୁ ତିନିମାସର କଠିନପରିଶ୍ରମସହ କାରାବାସ ଦଣ୍ଡ ଓ ଶାଠିଏ ଟଙ୍କା ଅର୍ଥଦଣ୍ଡ ପ୍ରଦାନ କଲେ । ଏତେକ୍ଷଣ ଜାମିନ ଉପା କରିବା ବଡ଼ବିଷମ ବୋଧ ହେଉଅଛି ।

## ଜଗତ୍‌ସିଂହପୁର ।

ଗତ ରବିବାର ଠାରୁ ବୁଧବାର ସକାଳ ପର୍ଯ୍ୟନ୍ତ ଏ ଅଞ୍ଚଳରେ ଘନଘନ ବୃଷ୍ଟି ଓ ତୋଫାନ ହୋଇଥିଲା । ବାୟୁର ବେଗରେ ପାଚିଲାଧାନ ସବୁ ଗଛରୁ ଝଡ଼ି ପଡ଼ି ଅଛି ଏବଂ କୌଣସିଠାରେ ସ୍ଥାନରେ ଧାନଗଛ ସବୁ ଶୋଇପଡ଼ି ପାଣିରେ ବୁଡ଼ି ରହିଅଛି । ଏତଦ୍ଦ୍ୱାରା ଧାନ ଫସଲର ବିଶେଷ କ୍ଷତି ହୋଇ ଅଛି ମଙ୍ଗଳବାର ରାତ୍ରିରେ ନ ଖାଇ ଣ ଲୋକଙ୍କ ଉପରେ ବାଡ଼ି ପଡ଼ି ଯିବାରୁ ସେମାନଙ୍କର ମୃତ୍ୟୁ ହୋଇଅଛି ଓ ଜଣେ ଲୋକ କାଠରେ ପଡ଼ିଯାଇ ମରିଯାଇଅଛି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ-
ମହୋଦୟ ସମୀପେଷୁ

ମହାଶୟ,

ନିମ୍ନଲିଖିତ ବଦାନ୍ୟବ୍ୟକ୍ତିମାନେ ଗାରବର-ହିଦପୁର ଅର୍ଯ୍ୟନାଲ୍ଲ ପ୍ରଦୀପ ସମାଜର ପୁସ୍ତକାଳୟକୁ ପୁସ୍ତକ ପ୍ରଦାନ କରିଥିବାରୁ ଉକ୍ତସମାଜ ସେମାନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରି ସେମାନଙ୍କ ନାମ ଆପଣଙ୍କ ନିକଟକୁ ପ୍ରେରଣ କରୁଅଛନ୍ତି ଯେ ଆପଣ ଅନୁଗ୍ରହପୂର୍ବକ ଏହା ପତ୍ରିକାର ପ୍ରାନ୍ତରେ ପ୍ରକାଶ କଲେ ସମାଜ ବାଧିତ ହେବ । ଯଥା—

| | | |
|---|---|---|
| ବାବୁ ସୁଧାନାଥ ଘୋଷ | ଖ | ୩ |
| „ ଦାମୋଦର ପଟ୍ଟନାୟକ | ଖ | ୨ |
| „ ଜଗନ୍ନାଥ ବସୁ } „ ଗଦାଧର ଅଗ୍ରୱାଲ } | ଖ | ୩ |
| „ ଖେତ୍ରମୋହନ ଅଗ୍ର୍ୟ୍ୟ ଓ ଗୌର | ଖ | ୭ |
| „ ଶଙ୍କର ଘୋଷ | ଖ | ୭ |
| ପଣ୍ଡିତ ଗୋବିନ୍ଦ ରଥ | ଖ | ୧୦ |
| „ ଜଗିଶ୍ୱର ନନ୍ଦ | ଖ | ୨ |
| „ ଯଜ୍ଞେଶ୍ୱର ମହାପାତ୍ର | ଖ | ୩ |
| „ ବ୍ରଜବନ୍ଧୁ ମିଶ୍ର | ଖ | ୧ |
| „ ନାରାୟଣ ମିଶ୍ର | ଖ | ୧ |
| „ ଭୁବନମଣି ତ୍ରିପାଠୀ | ଖ | ୧ |

ଗାରବର‌ହିଦପୁର } ଶ୍ରୀ ରଘୁନାଥ ମିଶ୍ର ଅର୍ଯ୍ୟନାଲ୍ଲ ପ୍ରଦୀପ-ସମାଜର ସମ୍ପାଦକ ।

---

ମହାଶୟ !

ମୋହର ନିମ୍ନଲିଖିତ ବକ୍ତବ୍ୟଟିକୁ ଆପଣଙ୍କ ପତ୍ରିକାର ଯଥାଯୋଗ୍ୟ ସ୍ଥାନରେ ସନ୍ନିବେଶିତ କରି ବାଧିତ କରିବା ହେବେ ।

ଅତ୍ର ଗ୍ରାମର ଶ୍ରୀ ସୁଧାବନ୍ଧୁ ପିଡ଼ିଙ୍କ ରଥଯାତ୍ରା ଚଳନ୍ତ ମାସ ତା ୪ ରିଖରେ ଆରମ୍ଭ ହୋଇ ତା ୮ ରିଖରେ ନିର୍ବିଘ୍ନରେ ଓ ଅତି ସମାରୋହରେ ସମ୍ପନ୍ନ ହେଲା । ଏତଦୁପଲକ୍ଷରେ ଏଠାର ଜଣେ ପ୍ରଧାନ ଜମିଦାର ବାବୁ କୃଷ୍ଣମୋହନ ଘୋଷ ଅନେକ ବ୍ରାହ୍ମଣଭୋଜନ ଓ ବୈଷ୍ଣବ ସେବା କରାଇଥିଲେ । ମନୋହର ମଜଲିସ ଓ ଯାତ୍ରାର ମଧ୍ୟ ଅଭାବ ନ ଥିଲା । ଏହିପରି କାର୍ଯ୍ୟକଳାପ ଦ୍ୱାରା ବାବୁ-ମହୋଦୟ ଏଠାରେ ଅନେକ ଦିନରୁ ସୁପରିଚିତ । କିନ୍ତୁ ଦୁଃଖର ବିଷୟ ଏହି ଯେ ବାବୁ-ମହୋଦୟ ତନତବର୍ଷ ସାଧାରଣ ମଜଲିସରେ ଗୋଟିଏ ଶ୍ରୀକୃଷ୍ଣଙ୍କ ବସ୍ତ୍ରହରଣ ଦୃଶ୍ୟ ସ୍ଥାପନ କରି ଉଲଙ୍ଗ ଗୋପୀମାନଙ୍କ ସହିତ ଓ ଅବିବେକୀ ସୁକୋମଳମତି ବାଳକବୃନ୍ଦଙ୍କର କଣ୍ଟକସ୍ୱରୂପ ହୋଇଥିଲେ । ଆଶା କରୁଁ ଭବିଷ୍ୟତରେ ବାବୁ-ମହାଶୟ ଏ ଦୋଷ ସଂଶୋଧନ କରିବାକୁ ଯତ୍ନବାନ୍ ହେବେ ।

ଏହି ଯାତ୍ରା ଉପଲକ୍ଷରେ ଏଠାର "ସୁଧାବନ୍ଧୁ ଥିଏଟର" ଦଳ ରଙ୍ଗାଳୟରେ ଅବତୀର୍ଣ୍ଣ ହୋଇଥିଲେ । ଏହା ଏମାନଙ୍କର ରଙ୍ଗଭୂମିରେ ପଦାର୍ପଣ କରିବାର ଦ୍ୱିତୀୟ ସମୟ । ତନତବର୍ଷ ମ୍ୟାନେଜର ବାବୁ ଯଥା ସମୟରେ ବିଜ୍ଞାପନମାନ ଛପାଇ ଏଠାସ୍ଥ ମୋଫସଲର ନାନା ସ୍ଥାନରେ ଦେଇ ଥିବାରୁ ଅନେକ ଦର୍ଶକ ହୋଇଥିଲେ । ଦୁଇରାତ୍ରି ଧର୍ମସମ୍ବନ୍ଧୀୟ ବଙ୍ଗଳା ନାଟକ ଓ ପ୍ରହସନର ଅଭିନୟ ହୋଇଥିଲା । ଦର୍ଶକମଣ୍ଡଳୀ ନାଟକଦ୍ୱୟର ଅଭିନୟରେ ଯେପରି ଭକ୍ତିରସାମୃତ ପାନ କରି ପରିତୁଷ୍ଟ ହୋଇଥିଲେ । ପୁଣି ସେହିପରି ପ୍ରହସନଦ୍ୱୟର ଅଭିନୟରେ ହୃଦୟର ନାଡ଼ ଛିଣ୍ଡାଇ ହସାଇବାକୁ ପ୍ରସ୍ତୁତ କରିବାକୁ ବାଧ୍ୟ ହୋଇଥିଲେ । ବାସ୍ତବିକ ଏହିଦଳ ଯେପରି ଦକ୍ଷତାର ସହିତ ଅଭିନୟ କରିଥିଲେ ତାହା ମୋଫସଲ ପ୍ରତି ଅତୀବ ପ୍ରଶଂସନୀୟ ଅଟେ । ଆଶା କରେଁ ମେମ୍ବରମାନେ ଏହିପରି ଉତ୍ସାହର ସହିତ କାର୍ଯ୍ୟ କରି ଉତ୍ତରୋତ୍ତର ଆପଣା ଦଳକୁ ସମ୍ପୂର୍ଣ୍ଣରୂପେ ନିର୍ଦ୍ଦୋଷ କରିବାକୁ ଖୁବ ଚେଷ୍ଟିତ ହେବେ ।

ଦୃଷ୍ଟସଂହାର ସ୍ଥଳରେ ଦୁଇ ଏକଜଣ ଅଭିନେତାଙ୍କର ପ୍ରଶଂସା ନ କରି ରହି ପାରିଲି ନାହିଁ । ବାସ୍ତବିକ ସେମାନେ ଯେପରି ଦକ୍ଷତାର ସହିତ ନିଜ ନିଜ କର୍ତ୍ତବ୍ୟ ସମାଧା କରିଥିଲେ ତାହା ଅତୀବ ପ୍ରଶଂସନୀୟ ଓ ମଧ୍ୟ ସେପରି ଅଭିନେତା ମୁଁ କଦାପି କଟକସ୍ଥ କୌଣସି ଥିଏଟର ଦଳରେ ଦେଖି ନାହିଁ । ଅତଏବ ସର୍ବାଂଶରେ ଏହି ଦଳର ସମ୍ପାଦକ-ମହାଶୟଙ୍କୁ ଅନୁରୋଧ ଯେ ଅନେ ଆପଣା-ଦଳର ଅଭିନୟ କଟକବାସିଙ୍କୁ ଦେଖାଇ ପ୍ରଶଂସାଭାଜନ ହେଉନ୍ତୁ । ବିଶେଷତଃ ସମ୍ପାଦକ ମହୋଦୟ ଯେପରି ଅବସ୍ଥାପନ୍ନ ସେଥିରେ ଏ କାର୍ଯ୍ୟଟି ତାଙ୍କ ପ୍ରତି ଅଯୋଗ୍ୟ ନୁହେ । ଇତି ।

କୁଆଁପାଳ } ଜଣେକ
୧୧।୧୧।୮୯ } ଜନୈକ ଅତ୍ରଗ୍ରାମନିବାସୀ ଦର୍ଶକ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶ୍ରୀ କେଶବଚନ୍ଦ୍ର ଘୋଷ | ବାମଣ୍ଡା | କଟକ | ଟ ୬୧ |
| ପଣ୍ଡିତ ଗୋବିନ୍ଦରଥ | କଟକ | ଉତ୍ତମ | ଟ ୩୧ |
| ବାବୁ ଦୁର୍ଗାପ୍ରସାଦ ଦତ୍ତ | ବାଣପୁର | „ | ଟ ୩୧ |

---


# ବିଜ୍ଞାପନ ।

ଏତଦ୍ଦ୍ୱାରା ଜ୍ଞାତକରାଯାଉଅଛି ଯେ କଟକ-ଜିଲ୍ଲାର ୫ଯୁକ୍ତ ସବଡ଼ିନେଟ ଜଜ ସାହେବଙ୍କ ଅଦାଲତରେ ଜୋରକଣ୍ଟା ଜାଗୀରମହାଲର ଜ୍ୱପୁର୍ଣ୍ଣ ବାବଦ ଟ ୨୩୭୭୧୦୫ । ୭ । ଟ୦।୯୨ କାବଦ ଡିକ୍ରୀଦାରମାନଙ୍କ ପାଉଣା ଟଙ୍କା-ଉପରେ ଦାଖଲ ହୋଇଅଛି କିନ୍ତୁ ହିସାବ-ପକ୍ଷେ ତାହାର କିଛି ଆପତ୍ତି ଥିଲେ ତାହା ଚଳନ୍ତ ସନ ଡିସେମ୍ବରମାସ ତା ୭ ରିଖ ପେଶ କରିବ ନଚେତ୍ ଅଦାଲତକୁ ପ୍ରସ୍ତୁତ ହୋଇଥିବା ହାସଲାତ ଫର୍ଦ୍ଦ ଲିଖିତ ଟଙ୍କା ଡିକ୍ରୀଦାରମାନଙ୍କୁ ଦିଆଯିବ ତା ୧୯ ରିଖ ମାହେ ନବମ୍ବର ସନ ୧୮୮୯ ମସିହା ।

Ballaram Mullik
*Subordinate Judge.*


Digitized by srujanika@gmail.com



ନାନାପ୍ରକାର ଶ୍ରେଷ୍ଠ ବଡ଼ ମୂଲ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

କଟକ ୧୬।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

# ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାନ୍ତେ ଆରୋଗ୍ୟ ହୁଏଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଧାତୁ ପଡ଼ିବା ରକ୍ତ ପ୍ରସ୍ରାବ ଝଡ଼ିଗଲ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ବଳତା ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ⁄

ଡାକମାସୁଲ ଟ ୦ ।

ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍‌କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଛୁଟିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ୀ ନଖ, କେଶ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜ ଅଟେ ।

ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦ ⁄

ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମ୍ମା

ନଂ ୬୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ

କଲିକତା ।

# ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ-ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଆୟୁର୍ବେଦୋକ୍ତ

ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ-ଦୋକାନରେ ଏବଂ ଜନ୍ମସ୍ଥାନରକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ

ଡାକ୍ତର, ବାଲୁବଜାର କଟକ

ଉପରୋକ୍ତ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳଂଗାଡ଼, କାମିଜ, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ଜମକ୍ରେ ଶତକରା ୫ ୬ ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଅବସ୍ଥା, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଉଚର ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ଅନାବଶ୍ୟକ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ଯେବେ ଏଥିର ମାଲ କିଣିବାକୁ କି ଆମ୍ଭମାନଙ୍କରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ସର୍ବେ ଦିବ୍ୟ ଅଭିଲଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି କଉଡ଼ି ଓ ପଣ୍ୟାଦି ଡମ୍ବ ଲିଖଣରେ ଆମ୍ଭଠାରୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଦରଖଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

Split by PDF Splitter



### ପରୀକ୍ଷିତ ଦନ୍ତମାର୍ଜନ ଚୂର୍ଣ୍ଣ ।

ଏ ଚୂର୍ଣ୍ଣରେ ନାନାପ୍ରକାର ଦାନ୍ତ ଆରାମ ହୁଅଇ । ବିଶେଷତଃ ଦୋରଜାଗୁରେ ଏଥିରେ ବା ଦୁଇଥର ଲଗାଇଲେ ତାହା ନିଶ୍ଚୟ ଆରାମ ହୁଅଇ । ଜ୍ୱାଲା ହୁଏ ନାହିଁ । କିଛି ଚୂର୍ଣ୍ଣକୁ ଗାଈଦୁଧରେ ଗୋଳାଇ ଦାନ୍ତକୁ ଘଷିବାର କରି ଉହିଁରେ ଲେପ ଦେବ । ଏହା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି । ମୂଲ୍ୟ ୧ ଡବାକୁ ୫୦। ମୋଫସଲକୁ ନେଲେ ଡାକଖର୍ଚ୍ଚା ୫୦। ଅଧିକା ଲାଗିବ । ଏକତ୍ର ୭।୮ ଡବା ନେଲେ ମଧ୍ୟ ସେହି ୫୦। ଡାକ ଖର୍ଚ୍ଚାରେ ଯାଇ ପାରିବ । ଭେଲ୍ୟୁପେବଲରେ ନେଲେ ଅଗ୍ରିମ ୫ ୦ ୵ ପଠାଇବାକୁ ହେବ ।

ଶ୍ରୀ ଭଗୀରଥୀ ପାଠିଆ

## ମେହରୋଗ ।

ଔଷଧ ସେବନ କାଳରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକାର୍ଷି ଗୌଣ ବିଷୟ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକମାସ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ବର୍ଷ ପୂର୍ବର ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବିଷଦୃଷ୍ଟିରେ ପତିତ ନ ହେଲେ ଆଉ ଭୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେଟଷ୍ଟ୍ରୀଟ ୬ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ବିଦ୍ୟାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୫୨ା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

## ବାଲିଙ୍ଗାପାଟନା ।

ନିମ୍ନଲିଖିତ ଦ୍ରବ୍ୟ ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୬ ଠିକ ମାଲ | ... | ୫ ୧୪ | ୫ ୦ ୵୨ |
| ୧୫ ଠିକ | „ | ୫ ୨୨ | „ ୫ ୦ ୵ |
| ୧୨ ଠିକ | „ | ୫ ୩୧ | „ ୫ ୦ ୵ |
| ୧୨ ଠିକ ରବରଟ୍ରେଡ୍ରେ „ | | ୫ ୩୧ | „ ୫ ୦ ୵୨ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ତତ୍ତ୍ୱାବଧାରଣରେ କଟକ ଚୌଧୁରୀ ବଜାର ଆମ୍ଭମାନଙ୍କ ଦୋକାନରେ ନାନାପ୍ରକାର ଜାମା ଓ କୋଟ ଓ ରେଶମୀ ଓ ପଶମ ଲୁଗା ଓ ଷ୍ଟେସନରୀ ଓ ବିଲାତି ଜିନିଷ ସବୁ ଖୁଚୁରା ବିକ୍ରୟ ହେଉଅଛି ତାହା ସମସ୍ତ ସାଧାରଣଙ୍କ ମଧ୍ୟରେ ବିଦିତ ଅଛି । ଉପରୁକ୍ତ ଅନ୍ୟ କେତେକ ପ୍ରକାର ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେଇ ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାହା ବିକ୍ରୟ କରିଦେବୁଁ । ଏକ ଜୋଡା ଜୋତା ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଜୋତା ନେବାକୁ ଚାହିଲେ ଏକ ଶହକୁ ଟ ଜୋଡା ୫୦।୵୨ ହିସାବରେ ଜୋତା ଦେଲେ ପାଇ ପାରିବେ । ମାତ୍ର ତାହାର ଷଡ଼ ଖର୍ଚ୍ଚ ତାଙ୍କର ଉପରେ ରହିବ । ଷଡ଼ ଦେଲେ ଜୋତାର ପୂର୍ବ ମୂଲ୍ୟ ଦେବାକୁ ହେବ ।

### ଫର୍ଦ୍ଦ ।

କଲର ଶେତଣା ଓ ଟିକେଟ ଶ୍ୱେତ ହେଲେ ଷ୍ଟଲେ । ଦସ୍ତାନା । କଫ୍ଲୋକ୍ ଟେଲ କଲେକ୍ଟ ଟେବଲ ଯାବତ ଓ ଟୋପି ସହିତ । ଛତା ଅର୍ଥାତ ଛତା ନାନାପ୍ରକାର ପେଟ୍ରେ ଓ କଲମ । ପେନ୍‌ସିଲ କାଠଳା ଭଲ । ନାନା ପ୍ରକାରର ଘଣ୍ଟା ଓ ଆଲମାରି ନେହି ନେଟ ଟେବ ଦୁଇ । ବସାରି ଆସନ । ତାଲାର ଖାଟର ସହିତ ଲୁଗା ପରିଷ୍କାର କୁସ । ଅସ୍ତ୍ରୋଣ୍ଡ ଗ୍ଲେନ—ଅର୍ଥାତ ସୁରମା ତୁଲ । ଅଗଲ ତୁଷ । ଗୋଲାପ ପୁଷ୍ପ ସବାନି । କଟିଙ୍ଗ ଅଙ୍କ । ହୋମିଓପାଥି । ଚାର ଟୋଙ୍ଗ ଓ ଏତ ଇଞ୍ଜିନ ଓ ଘଡ଼ା ଘଡ଼ୀ । ଇଙ୍ଗଲିଶ ଦୁଇଫଡ଼ଣ୍ଟର ଟେବଲ କୁସି । ନେଲକଟର ଉପୋଜ ସୂତ୍ର ହେସରାଇ ଅଲି । ଏ, ପୋଷଣ ସମ୍ବାଦ ଭାଗ୍ଯ ଓ ବହୁତା । ବନ୍ଦୁକ ଆଦଗୋଷ୍ଟ ଏକନ ବାରସ । ଅନ୍ନମୁଣ୍ଡ ପେନ୍‌ସିଲ ଥିବା ଏ ପେନ୍‌ହୋଲ୍‌ଡରେ ଲେଖି କାଗଜ ପେଷ ଭଳ ରଖାଇ ସେହି ପେନ୍‌ସିଲ ଲେଖା ସ ଉଠେ ବେଳ ତଗାଇ ଟେବେଲୋ ଚେୟାର୍ଯ୍ୟା କଲ ଇ ଇତ୍ୟାଦି । ପୋର୍ଟମ୍ୟାଣ୍ଟ ଓ ଟ୍ରଙ୍କ ଟେବୁଲ ମେଜ ଓ ଚଉକି ଇତ୍ୟାଦି ସବୁ । ଟ୍ରେନ ବାଟ ଘଡ଼ୀରେ ଲେଟର ପେପରେ ଓ ଖଣ୍ଡିକେ ଖାତା ଥିବ । ଆଇନା ଡିକ୍ଟ ୮ × ୧୦ ଇଞ୍ଚ ୧୪ × ୧୭ ଇଞ୍ଚ ୧୬ × ୧୪ „ ମୋଜା ଓ ମୋଜାବନ୍ଧ ଉତ୍ତମ ଧୂଆ ରୁମାଲ କମ୍ପାଉଣ୍ଡ ଗେଞ୍ଜି ଓ ସବଜା । ଡେକେଷ୍ଟରେଜ । ବଟନ ଓ ପାଉଡର ଗୋଲ ଓଠା । କମ୍ପେଟ ରେଲୱେ ଗଡ଼ ଛାଇବାର ହାତ ମସଗାମା । ରେଡ ବୁ, ପେନ୍‌ସିଲ ଚଟାବଳୀ ଖାତା ଓ ଗୋଟି ଓ ତସ । ମଦମୁଦ୍ରାଳୟ ଓ ପୁଣି ପାଠ ଶାଳଗୋଟ ଓ ଖାତା । ବ୍ରିଙ୍ଗ ବାକ । ଏସେନ୍ସ ଅର୍ଥାତ ଉଣ୍ଡଳ ଛୁଆର ଅତର ତାଙ୍କର ବନ୍ଦନା କମରେ ଚଲିବାର ଜୁବ ।

## ପିଡ଼ଖାର ।

ଏ ଜାଲକୁ କେଉଁଠାରେ ପାଦରେ ବସି ଶୀତ ବା ଉକ୍ତ ଘଟନାର ପାଖରେ ଦେଲେ ପାଣିଗଲା ବନ୍ଦ ହେବ, ଉପର ମଝିଅରେ ଲେପିଦେଲେ ମଳ ହେବ ଓ ଭୟ ଧରିବ ନାହିଁ ।

ବଟିଲ ଚମଡ଼ା ଓ ଖାଲରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅବିଭକ୍ତ ଦର କମ୍ପାନ.

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦୵ |
| ଅଧସ୍ତମ୍ଭ | ୫ ୨। |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ଖର୍ଚ୍ଚା ୫ ୦ ୵ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥର ଠାରୁ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଏବଂ ଯନ୍ତ୍ର ଦତ୍ତଗାକୋର ବାବୁ ଗୌରୀଶଙ୍କର ରାୟ ସମ୍ପାଦକ, ଓ ମୁଦ୍ରିତ ହେଉ

Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୯ ଶ ସଂ ୪୭ ସଂଖ୍ୟା } ତା ୩୦ ଦଶ ମାହେ ନବେମ୍ବର ସନ ୧୮୯୫ ଇଂରାଜୀ । ମୁ। ମାର୍ଗଶିର ୫ ୧୭ ୫ ୧୫ ୧୩୦୨ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ପଶ୍ଚାଦ୍ଦେୟ ଟ ୩୲

ବିଲାଇର ଜଣେ ଧନୀ ଲୋକ ମଜୁରମାନଙ୍କର ଆଶ୍ରମଗୃହ ନିର୍ମାଣ ନିମିତ୍ତ ଲଣ୍ଡନ ନଗରରେ ୩୦ ଲକ୍ଷ ଏବଂ ଡବ୍ଲିନ ନଗରରେ ୨୫ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ବିଲାତରେ କେମନ୍ତ ଧନଲୋକ ଅଛନ୍ତି ଏବଂ ସେମାନଙ୍କର ହୃଦୟ କେମନ୍ତ ପ୍ରଶସ୍ତ ଏଥିରୁ ପାଠକମାନେ ଜାଣିପାରିବେ । ଯେଉଁ ଧନୀ ଗରିବଲୋକଙ୍କ କଷ୍ଟ ନିବାରଣ ନିମିତ୍ତ ଧନ ବ୍ୟୟକରେ ତାହାର ଧନଅର୍ଜିବା ସାର୍ଥକ ଏବଂ ସେହି ଏକା ମନୁଷ୍ୟ ।

ଶ୍ରୀଯୁକ୍ତ କମସ୍ ସାହେବ ଓଡ଼ିଶାର କମିଶ୍ନର ହେବେ ବୋଲି ଗତସମ୍ବାଦରେ ଅମ୍ଭେମାନେ ଲେଖିଥିଲୁଁ, ଏସମ୍ବାଦରେ କଥା ଉଠିଅଛି ଯେ ଶ୍ରୀଯୁକ୍ତ ଓଭସଲି ସାହେବ ପୁନର୍ବାର ଏଠାରେ କମିଶ୍ନର ହୋଇ ଆସୁଅଛନ୍ତି ଏବଂ ଏକଥା ଅଧିକସମ୍ଭବ ବୋଧ ହେଉଅଛି । ଅଦ୍ୟାପି ଏକ ଜନରବ ଏହି ଯେ ଶ୍ରୀଯୁକ୍ତ ଟ୍ରେଂଟ ସାହେବଙ୍କର ଏଠାକୁ ଆସିବାର ହେଉ ନାହିଁ । ଶ୍ରୀଯୁକ୍ତ ଫିଲିପସ୍ ସାହେବ ଏଠାରେ କଲେକ୍ଟର ହୋଇ ଆସୁଅଛନ୍ତି । କେଉଁ ଜନରବ ସତ୍ୟ ହେବ କ୍ରମେ ପ୍ରକାଶପାଇବ ।

ଓଡ଼ିଆ ଓ ନବସମ୍ବାଦରେ ଲେଖାଅଛି ଯେ ଯେଉଁ ଶିକ୍ଷକମାନେ ଇଞ୍ଜିନିୟରିଂ ସ୍କୁଲର ପ୍ରଧାନଶିକ୍ଷକ ମହାଶୟଙ୍କପାଖେ ପଢୁଥିଲେ ସେମାନେ ଏଣିକି ବୃତ୍ତି ପାଉ ନ ଥିଲେ । ମାନନୀୟ ଇନସ୍ପେକ୍ଟର ବ୍ରହ୍ମମୋହନ ବାବୁଙ୍କ ପ୍ରସ୍ତାବମତେ ସେମାନଙ୍କୁ ମାସିକ ଟ ୧ ଙ୍କା ଲେଖାଁଏ ବୃତ୍ତି ଦେବାର ଆଦେଶ ହୋଇଅଛି । ସହଯୋଗୀ ଯଥାର୍ଥ କହୁଅଛନ୍ତି ଯେ ମାସିକ ଏକଟଙ୍କା ବୃତ୍ତି ଦିଆଗଲେ ଭଣା ଅଟଇ ଅନ୍ତତଃ ଦୁଇଟଙ୍କା ଲେଖାଏଁ ଦିଆଯାଇଥିଲେ ଭଲ ହୋଇଥାନ୍ତା । ସମ୍ବାଦରେ ସ୍ପଷ୍ଟ ପ୍ରସ୍ତୁତ କରିବା ଆଶାରେ ଏ ନିୟମ ହୋଇଅଛି ମାତ୍ର ଗୁରୁଟ୍ରେନିଂ ସ୍କୁଲର ଶିକ୍ଷାସଙ୍ଗେ ଏଶିକ୍ଷା ସମାନ ହେବ ଏପରି ଅମ୍ଭମାନଙ୍କୁ ଜଣାଯାଉ ନାହିଁ ।

ପଞ୍ଜାବରେ ଜନରବ ଉଠିଅଛି ଯେ କର୍ଣ୍ଣେଲ ନିସବେଟ କାଶ୍ମୀରରୁ ସ୍ଥାନାନ୍ତରିତ ହେବେ ଏବଂ ଅନ୍ୟଜଣେ ଇଂରାଜ କାଶ୍ମୀରର ରେସିଡେଣ୍ଟ ହେବେ । ମହାରାଜା ପ୍ରତାପସିଂହଙ୍କୁ କାଶ୍ମୀରର ସିଂହାସନ ପୁନର୍ବାର ଦିଆଯିବ । ଏ ଜନରବ ସତ୍ୟ ହେଉ ଏହାହିଁ ଅମ୍ଭମାନଙ୍କର ପ୍ରାର୍ଥନା । ମହାରାଜାଙ୍କୁ ରାଜପଦ ଫେରିଦେଲେ କର୍ଣ୍ଣେଲ ନିସବେଟଙ୍କୁ ସ୍ଥାନାନ୍ତରିତ କରିବା ନିତାନ୍ତ ଅବଶ୍ୟକ, କାରଣ ଯେଉଁଲୋକ ତାହାଙ୍କ ଅମଲରେ ମହାରାଜା ପଦଚ୍ୟୁତ ହୋଇଅଛନ୍ତି ସେସ୍ଥଳେ ମହାରାଜା ଶାସନଭାର ପୁନର୍ବାର ପାଇଲେ ସୁଦ୍ଧା କର୍ଣ୍ଣେଲ ନିସବେଟଙ୍କ ସଙ୍ଗେ ତାହାଙ୍କର ମନ ମିଶିବ ନାହିଁ ।

କପ୍ତାନ ହିଏରସେ ପାୟୋନିଅରପତ୍ରିକାର ସମ୍ପାଦକ ଓ ଛାପାକାରର ନାମରେ କଲିକତାରେ ନାଲିସ କରି ହାଇକୋର୍ଟରେ ହାରି ଯାଇଥିଲେ । ତହିଁରେ ତାହାଙ୍କର ମନ ବୋଧ ନ ହେବାରୁ ପୁଣି ହାବଡା ମାଜିଷ୍ଟ୍ରେଟ କୋର୍ଟରେ ସାହେବଙ୍କ ନିକଟରେ ନାଲିସ କଲେ । ଏଠାରେ ମଧ୍ୟ ମୋକଦ୍ଦମାର ଦୋଷ ଗୁଣ ବିଚାର ବିନା କପ୍ତାନ ହିଏରସେ ହାରଗଲେ ଯେହେତୁ ମାଜିଷ୍ଟ୍ରେଟଙ୍କ ବିବେଚନାରେ ସମ୍ପାଦକ ଟେଲନ ସାହେବ ମୋକଦ୍ଦମା ସମ୍ପର୍କୀୟ ପ୍ରବନ୍ଧ ଲେଖିଥିବାର ପ୍ରମାଣ ହେଲା ନାହିଁ । ପ୍ରଥମମୋକଦ୍ଦମା ବିଫଳ ହେବା ପରେ ଦ୍ୱିତୀୟମୋକଦ୍ଦମା ନ କରିବାର ଭଲ ଥିଲା । ମାଜିଷ୍ଟ୍ରେଟଙ୍କ ରାଏ ଅଦ୍ୟାପି ଅମ୍ଭେମାନେ ଦେଖି ନ ଥିବାରୁ କପଟ ବିଚାର ହୋଇଅଛି କି ନାହିଁ କହିବାକୁ ଅକ୍ଷମ ହେଲୁଁ ।

ବିଲାତସ୍ଥ ଭାରତବର୍ଷୀୟ ସେକ୍ରେଟରୀ ଅବଶ୍ୟ ଘୋଷଣା ପ୍ରଚାର କରିଅଛନ୍ତି ଯେ ସନ ୧୮୯୬ ସାଲ ଅପ୍ରେଲ ମାସ ଆରମ୍ଭରୁ ସିଭିଲ ସରଭିସ ପରୀକ୍ଷା ଦେବାର ବୟସ ୨୧ ବର୍ଷଠାରୁ ୨୩ ବର୍ଷ ପର୍ଯ୍ୟନ୍ତ ଧାର୍ଯ୍ୟ ହେଲା । ସିଭିଲସରଭିସ କମିଶନ କରିବାରୁ ଭାରତବର୍ଷର ଏତକ ଲାଭ ହେବାର ବୋଲିବାକୁ ହେବ । ବୟସର ସୀମା ବର୍ତ୍ତମାନ ଊଣା ଥିବାରୁ ଏଦେଶୀୟ କେହି ଉକ୍ତ ପରୀକ୍ଷା ଦେଇପାରୁ

Digitized by srujanika@gmail.com

Split by PDF Splitter



ଜାହାନ୍ତି । ଉକ୍ତ ନୂତନ ନିୟମ ବିଧି ହେବାର ଫଳ ଲାଭ କରିବାକୁ ଭାରତବର୍ଷର ଯୁବାମାନେ ଅଗ୍ରସର ହେବେ । କିନ୍ତୁ ଗରିବଲୋକଙ୍କ ପକ୍ଷରେ ବିଲାତକୁ ଯାଇ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବଡ଼ ସହଜକଥା ନୁହେ । ଯେବେ ଦେଶୀୟଲୋକମାନେ ଏହି ପରୀକ୍ଷା ନିମିତ୍ତ ଛାତ୍ରବୃତ୍ତି ଦେବା ଉଦ୍ଦେଶରେ କେତେ ଧନ ପ୍ରଦାନ ପୂର୍ବକ ଗୋଟିଏ ପାଣ୍ଠି ସ୍ଥାପନ କରିପାରନ୍ତେ ତେବେ ଏହି ନିୟମର ଫଳ ଲାଭ କରିବାକୁ ଏଦେଶୀୟମାନେ ସମର୍ଥ ହେବେ । ଏଥିର ଉଦ୍ୟମ ଶୀଘ୍ର ହେବା ଆବଶ୍ୟକ ।

---

ଜାତୀୟମହାସମିତିର ଅଧିବେଶନ ଏକମାସରୁ ଊଣା ରହିଲା । ଏଥିକୁ ଆମ୍ଭେମାନେ ଅନେକ ସମ୍ବାଦପତ୍ରରେ ପାଠକଲୁଁ କି ବମ୍ବେଠାରେ ସଭା ବସିବାର ସମସ୍ତ ବନ୍ଦୋବସ୍ତ ପ୍ରାୟ ଶେଷ ହୋଇଅଛି । ଗତଥର ଏଲାହାବାଦରେ ୧୬୦ ଫିଟ ଦୀର୍ଘ ଓ ୧୦୦ ଫିଟ ପ୍ରସ୍ଥ ଅଧିବେଶନମଣ୍ଡପ ପ୍ରସ୍ତୁତ ହୋଇଥିଲା । ଏବର୍ଷ ପାଇଁ ବମ୍ବେରେ ଯେଉଁ ମଣ୍ଡପ ପ୍ରସ୍ତୁତ ହୋଇଅଛି ତହିଁର ଦୈର୍ଘ୍ୟ ୨୮୦ ଫିଟ ଏବଂ ପ୍ରସ୍ଥ ୧୨୦ ଫିଟ । ୮୦୦ ପ୍ରତିନିଧି ରହିବା ନିମିତ୍ତ ବସାଘର ଭଡ଼ା ହୋଇଅଛି ଏବଂ ଅନ୍ୟ ୫୦୦ ପ୍ରତିନିଧି ରହିବାଲାଗି ଡେରା ପଡ଼ାହୋଇଅଛି । ଏତଦ୍ଭିନ୍ନ ବନ୍ଦୋବସ୍ତ ହୋଇଅଛି ଯେ ବମ୍ବେର ଏବଂ ଦକ୍ଷିଣର ପ୍ରତିନିଧିମାନେ ଆପଣା୨ ଘରେ ଅଥବା ବନ୍ଧୁବାନ୍ଧବଙ୍କ ଘରେ ବସାକରି ରହିବେ । ସୁତରାଂ ଯେତେ ପ୍ରତିନିଧି ହେଲେ ସୁଦ୍ଧା ସ୍ଥାନ ଅନାଟ ହେବ ନାହିଁ । ଆମ୍ଭେମାନେ ଆଶା କରୁଁ କି ପ୍ରତିନିଧିମାନେ ଏ ସମ୍ବାଦରେ ନିଶ୍ଚିନ୍ତ ହୋଇ ଶୀଘ୍ର ଯାଇବାକୁ ମନ କରିବେ ।

---

### ଅକାଳଝଡ଼ ।

ଗତ ସପ୍ତାହରେ ଯେଉଁ ଭୟାନକ ଅକାଳଝଡ଼ ହୋଇଥିଲା ସେ ବିଷୟରେ ଆମ୍ଭେମାନେ କେତେଗୁଡ଼ିଏ ପତ୍ର ପାଇଅଛୁଁ । ତହିଁମଧ୍ୟରୁ କେବଳ ଦୁଇଖଣ୍ଡ ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ଜାଣିବେ ଯେ ଦକ୍ଷିଣାଞ୍ଚଳରେ ଏହି ଝଡ଼ ବିଶେଷ ପ୍ରବଳ ହୋଇଥିଲା ଓ ତହିଁସଙ୍ଗେ ଭାରି ତୋଫାନ ହୋଇଥିଲା । ପ୍ରକୃତରେ ଗଞ୍ଜାମଜିଲ୍ଲା ଗୋପାଳପୁରଠାରେ ବଡ଼ ତୋଫାନ ଆରମ୍ଭ ହେବାର ସମ୍ବାଦ ପ୍ରଥମେ ଆସିଥିଲା ତହିଁଉତ୍ତାରୁ ତାରଭାର ବନ୍ଦ ହୋଇବାରୁ ସବିଶେଷ ସମ୍ବାଦ ଅଦ୍ୟାବଧି ସମ୍ପୂର୍ଣ୍ଣରୂପେ ପ୍ରକାଶିତ ହୋଇ ନାହିଁ । ଯେ ସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ବୃଷ୍ଟି ପବନ ଓ ଲୁଣାଜଳ ଉଠିଯିବାଦ୍ୱାରା ଭୟାନକ କ୍ଷତି ହୋଇଅଛି । ଗଞ୍ଜାମଜିଲାରେ ଭାରି କ୍ଷତି ହୋଇଅଛି ପୁରୀଜିଲ୍ଲାରେ ପ୍ରାୟ ସେହିରୂପ । ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ସେଠାରେ ଘୋରବୃଷ୍ଟି ହୋଇଥିଲା ମାତ୍ର ପବନ ଠିକ କଟକ ପ୍ରାୟ ଥିଲା ତହିଁରୁ ଊଣା ସମ୍ବଲପୁର ପ୍ରଭୃତି ମଧ୍ୟପ୍ରଦେଶର ଅନେକ ସ୍ଥାନରେ ଭାରିବୃଷ୍ଟି ହୋଇଅଛି । ଏଥିରେ ଧାନଫସଲ ଯେତେ ନଷ୍ଟ ହେବାର ଭୟ ହୋଇଥିଲା ତେତେ ହୋଇ ନାହିଁ । ଏବର୍ଷର ଧାନଫସଲ ଯାହା ଅତି ଉତ୍କୃଷ୍ଟ ହୋଇଥିଲା ତାହା ରହିପାରିଲା ନାହିଁ ଅର୍ଥାତ ଅଧିକା ଫସଲ ନଷ୍ଟ ହୋଇ ସାଧାରଣ ଅବସ୍ଥାରେ ରହିଗଲା । ରବିଫସଲର ଘଡ଼ ବିଶେଷ ପରିମାଣରେ ହୋଇଅଛି । ଯେବେ ଅକାଳରେ ଏତେ ଅଧିକ ବୃଷ୍ଟି ହୋଇ ନ ଥାନ୍ତା ତେବେ ଏବର୍ଷ ଯେମନ୍ତ ପ୍ରଚୁରଧାନ ସେ୨ ପ୍ରଚୁର ରବି ପାଇବାର ଆଶା ଦେଖା ଯାଇଥିଲା ତହିଁରେ ଦୁଇତିନବର୍ଷର ଅନ୍ନକଷ୍ଟର ଦୁଃଖ ପାସୋରି ଯାଇଥାନ୍ତା ମାତ୍ର ଦୁର୍ଭାଗ୍ୟଦୋଷରୁ ତାହା ଘଟିଲା ନାହିଁ । ଏଣେ ଫସଲର ଭଲଅବସ୍ଥା ଶୁଣି ବମ୍ବେଇ ଗୃହସ୍ଥମାନେ ଜମାଗତ ଆସି ଏଥିମଧ୍ୟରେ ଚାଉଳ ଓ ଅନ୍ୟାନ୍ୟ ଫସଲ ଖରିଦ ଆରମ୍ଭ କରିଅଛନ୍ତି ଏବଂ ଏଥିପାଇଁ ଅଦ୍ୟାବଧି ଶସ୍ୟ ସୁଲଭ ହୋଇ ନାହିଁ ।

---

### ସଦାବର୍ତ୍ତ ମଠର ବ୍ୟବସ୍ଥା ।

ଭାରତବର୍ଷରେ ସଦାବର୍ତ୍ତ ଓ ଧର୍ମାର୍ଥ ସମ୍ପତ୍ତି ତହିଁର ରକ୍ଷକ ମହନ୍ତମାନଙ୍କଦ୍ୱାରା ଅପବ୍ୟୟିତ ହେଉଥିବାର ସମସ୍ତଙ୍କୁ ଜଣା ଅଛି ଏବଂ ସମୟ୨ରେ ଲୋକମାନେ ଏହି ଅପବ୍ୟୟ ନିବାରଣାର୍ଥେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିଥିଲେହେଁ ଅଦ୍ୟାବଧି କିଛି ଫଳ ହୋଇ ନାହିଁ । ସିଂହଳଦ୍ୱୀପରୁ ଜଣେ ପତ୍ରପ୍ରେରକ ଷ୍ଟେଟ୍ସମ୍ୟାନପତ୍ରିକା ଯୋଗେ ଏ ବିଷୟରେ ଗୋଟିଏ ସୁନ୍ଦର ପରାମର୍ଶ ଦେଇ ଅଛନ୍ତି । ପରାମର୍ଶଟି ଏହି କି ସିଂହଳ ଅର୍ଥାତ ଲଙ୍କାଦ୍ୱୀପରେ ବୌଦ୍ଧଧର୍ମାର୍ଥ ମନ୍ଦିରମାନଙ୍କର ରକ୍ଷା ବିଷୟରେ ସେଠା ଗବର୍ଣ୍ଣମେଣ୍ଟ ଯେପରି ଗୋଟିଏ ଆଇନ ଜାରି କରିଅଛନ୍ତି ଭାରତବର୍ଷର ସଦାବର୍ତ୍ତ ସମ୍ପତ୍ତିରେ ସମ୍ପର୍କ ରଖୁଥିବା ବ୍ୟକ୍ତିମାନେ ସେହିପରି ଗୋଟିଏ ଶସ୍ତ ଆଇନ ଜାରି କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରନ୍ତୁ । ଲଙ୍କାର ଆଇନମତେ ପ୍ରଦେଶୀୟ ଓ ଜିଲ୍ଲା କମିଟୀମାନ ଗଠିତ ହୋଇ ସଦାବର୍ତ୍ତ ଓ ଧର୍ମାର୍ଥ ସମ୍ପତ୍ତିମାନଙ୍କର କାର୍ଯ୍ୟ ନିର୍ବାହ ଏବଂ ତତ୍ତ୍ୱାବଧାନର ଭାର ସେମାନଙ୍କ ହସ୍ତରେ ଅର୍ପିତ ହୋଇଅଛି । କମିଟୀର ମେମ୍ବରମାନେ ନିର୍ବାଚନ ପ୍ରଣାଳୀମତେ ମନୋନୀତ ହୁଅନ୍ତି ଏବଂ ବ ୨୧ ବର୍ଷରୁ ଅନ୍ୟୂନ ବୟସର ବୌଦ୍ଧଧର୍ମାବଲମ୍ବୀମାନେ ମତ ଦେବାକୁ ସକ୍ଷମ ହୋଇଅଛନ୍ତି । ଏହି ଆଇନରେ ଆଉ ଗୋଟିଏ ସୁନ୍ଦର ବିଧି ଏହି ଯେ ଅଦାଲତଦ୍ୱାରା ଅଡିଟରମାନେ ନିଯୁକ୍ତ ହୋଇ ପ୍ରତ୍ୟେକ ମଠର ହିସାବ ତଦାରଖ କରନ୍ତି । କମିଟୀମାନଙ୍କର ଅଧିକାର ଅଛି ଯେ ମନ୍ଦିରର ଦୈନିକ ଓ ଯାତ୍ରାଯାତ୍ରାର ବ୍ୟୟ ଏବଂ ବାର୍ଷିକ ମରାମତି ଖର୍ଚ୍ଚ ଯୋଗାଇବା ଉତ୍ତାରୁ ଉଦ୍ବର୍ତ୍ତ ଟଙ୍କାର କୌଣସି ଅଂଶ ସାଧାରଣ ଶିକ୍ଷାକାର୍ଯ୍ୟରେ ବ୍ୟୟ କରିପାରିବେ ।

ଉପରଲିଖିତ ପ୍ରସ୍ତାବଟି ଅତି ସୁନ୍ଦର ଏବଂ ଯୁକ୍ତିଯୁକ୍ତ ବୋଧ ହେଉଅଛି । ସନ ୧୮୬୩ ସାଲର ୨୦ ଆଇନରେ ଧର୍ମାର୍ଥ ମନ୍ଦିର ଓ ସମ୍ପତ୍ତିର କାର୍ଯ୍ୟ ନିର୍ବାହ ବିଷୟରେ ଅଦାଲତକୁ କେତେକ କ୍ଷମତା ଦିଆଯାଇଅଛି ଯେବେ ଏହି ଆଇନ ସଂଶୋଧିତ ହୋଇ ପ୍ରତ୍ୟେକ ଜିଲ୍ଲାରେ କମିଟୀ ବସିବାର ଏବଂ ଅଦାଲତରୁ ମଠର ହିସାବ ବୁଝିବା କାରଣ ଜଣେ୨ ଅଡିଟର ଅର୍ଥାତ ହିସାବ ପରୀକ୍ଷକ ନିଯୁକ୍ତ ହୋଇ ଅନ୍ତତଃ ବର୍ଷରେ ଥରେ ଲେଖାଏଁ ପ୍ରତ୍ୟେକ ମଠର ହିସାବ ତଦାରଖ ହୁଏ ଏବଂ ତଦାରଖରେ ଅନ୍ୟାୟ୍ୟ କାର୍ଯ୍ୟ ପ୍ରକାଶ ପାଇଲେ ତହିଁର ପ୍ରତିକାର ସକାଶେ ଅଦାଲତଙ୍କୁ ଉପଯୁକ୍ତ କ୍ଷମତା ଦିଆଯାଏ ତେବେ ଅବଶ୍ୟ ଅନେକ ଅପବ୍ୟୟ ନିବାରିତ ହେବ ଏବଂ ସର୍ବସାଧାରଣଙ୍କର ଉପକାର ହେବ । ସାଧାରଣ ଉପକାର ନିମିତ୍ତ ପ୍ରାଚୀନକାଳରୁ ଦାତାମାନେ ଦାନ କରିଥିବା ସମ୍ପତ୍ତିମାନ ବ୍ୟକ୍ତିବିଶେଷର ଇଚ୍ଛାନୁସାରେ ଅପବ୍ୟୟିତ ହେଉଅଛି ଓ ସର୍ବସାଧାରଣ ତହିଁର ସାହାଯ୍ୟରୁ ବଞ୍ଚିତ ହେଉଅଛନ୍ତି ଗବର୍ଣ୍ଣମେଣ୍ଟ ଏହା ଦେଖି ଶୁଣି ଉଦାସୀନ ରହିଅଛନ୍ତି ସାମାନ୍ୟ ଦୁଃଖର ବିଷୟ ନୁହଇ । ପ୍ରଜାର ଧର୍ମବିଷୟରେ ଗବର୍ଣ୍ଣମେଣ୍ଟ

Digitized by srujanika@gmail.com

Split by PDF Splitter



ହସ୍ତକ୍ଷେପ କରୁଦେବ ନାହିଁ ବୋଲି ଯେ ଧର୍ମାର୍ଥ ସମ୍ପତ୍ତିମାନ ଅପବ୍ୟୟିତ ହେଉଥିବ ଏବ ତହିଁରେ ସମ୍ପର୍କ ରଖୁଥିବା ବ୍ୟକ୍ତିମାନଙ୍କୁ ତାହା ନିବାରଣାର୍ଥେ ଆବଶ୍ୟକୀୟ ସମତା ଦେବେ ନାହିଁ ଏହା କପର ରାଜଧର୍ମ ଅମ୍ଭେମାନେ ବୁଝି ପାରୁ ନାହୁଁ ।

---

ବଙ୍ଗଳାର
ଅବକାରୀ ଶୁଳ୍କ ।

ଗତବର୍ଷର ବିବରଣ ପ୍ରକାଶିତ ହୋଇଅଛି । ଉକ୍ତ ବର୍ଷର ଏମନ୍ତ କ୍ରମାର ଶାସନର ଫଳାଫଳ ପ୍ରୀତିଜନକ ଅଟଇ । କାରଣ ମାଦକ ଦ୍ରବ୍ୟର ବ୍ୟବହାର ନିବାରଣ ପ୍ରତି ଗବର୍ଣ୍ଣମେଣ୍ଟ ବିଶେଷ ଚେଷ୍ଟିତ ଥିବାର ଦେଖାଯାଏ । ଏହି ଚେଷ୍ଟାର ଫଳସ୍ୱରୂପ ଏହା ଦେଶୀୟ ମଦ୍ୟର ଆୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଊଣା ପଡି ଯାଇ ଏବଂ ଗଞ୍ଜ ଓ ବିଲାତି ମଦ୍ୟର ଆୟ ବି ୬୨ ହଜାର ଊଣା ପଡ଼ି ଅଛି । ମାତ୍ର ଏଥିରେ ମୋଟ ରାଜସ୍ୱ ଊଣା ହୋଇ ନାହିଁ କାରଣ ତାଡ଼ିରେ ୬୧ ହଜାର ପାଚୁଇରେ ୧୪ ହଜାର ଗଞ୍ଜେଇରେ ୬୩ ହଜାର ଏବଂ ଅଫିମରେ ୬୯ ହଜାର ଟଙ୍କା ଆୟ ବୃଦ୍ଧି ହୋଇଅଛି । ସୁତରାଂ ପୂର୍ବବର୍ଷଠାରୁ ଗତବର୍ଷର ଆୟ ପ୍ରାୟ ୬୭ ହଜାର ଟଙ୍କା ବୃଦ୍ଧି ହୋଇଅଛି । ଦେଶୀୟ ମଦ୍ୟର ଆୟ ଊଣା ହେବାର କାରଣ ଖୋଲାଭାଟି ଉଠି ଯିବା ଅଟଇ । ଚଳିତବର୍ଷ ନିମିତ୍ତ ଯେଉଁ ବନ୍ଦୋବସ୍ତ ହୋଇଅଛି ତହିଁରେ ଅଧିକ ୭ ଲକ୍ଷ ଟଙ୍କା ଆୟ ଊଣା ହେବାର କଥା । ବଙ୍ଗୀୟ ଛୋଟ ଲାଟ ସ୍ପଷ୍ଟ କହୁଅଛନ୍ତି କି ଖୋଲାଭାଟି ସବୁ ଉଠାଇ ଦେବା ଗବର୍ଣ୍ଣମେଣ୍ଟ ନିଶ୍ଚିତରୂପେ ସ୍ଥିର କରିଅଛନ୍ତି କେବଳ ଯେଉଁ ସ୍ଥାନମାନଙ୍କରେ ସଦର ଭାଟି ପ୍ରଥା ଜାରି ହେବା କଠିନ ହେବଇ ସେହି ସବୁ ସ୍ଥାନରେ ଆପାତତଃ ଖୋଲାଭାଟୀ ରହିବ ମାତ୍ର ଏହି ଖୋଲାଭାଟୀ ସବୁ ଏପରି ସଂସ୍କାର ହେବ ଯେ ତହିଁରୁ ପୂର୍ଣ୍ଣ ରାଜସ୍ୱ ଆଦାୟ ହେବ ଓ ସସ୍ତା ମଦ ବିକ୍ରୟ ହୋଇ ପାରିବ ନାହିଁ । ଏହି କଥାଟି ଅବକାରୀ ମହକୁମାର ପ୍ରଧାନ ମଙ୍ଗଳକର କାର୍ଯ୍ୟ ଅଟଇ ଏବ ଏଥି ସକାଶେ ମାନ୍ୟବର ଛୋଟ ଲାଟ ବାହାଦୁର ସାଧାରଣଙ୍କର ଧନ୍ୟବାଦର ଯୋଗ୍ୟ ଅଟନ୍ତି ସନ୍ଦେହ ନାହିଁ । ମଦ୍ୟର କାଟତି ଊଣା ହେବାରୁ ତାଡ଼ିର ଖର୍ଚ୍ଚ ବୃଦ୍ଧି ହେବାର କଥା ଓ ଫଳେ ତାହାହିଁ ହୋଇଅଛି ଅତଏବ ତାଡ଼ିର ଆୟ ବୃଦ୍ଧି ହୋଇଅଛି । ତାଡ଼ି ନିଚ ଶ୍ରେଣୀ ଲୋକଙ୍କର ବ୍ୟବହାରରେ ଆସଇ ଏବ ମଦ୍ୟ ଅପେକ୍ଷା ଅଳ୍ପ ଅନିଷ୍ଟକର ସୁତରାଂ ଏହି ବୃଦ୍ଧି ହେଲେ ଦୁଃଖର କାରଣ ନୁହଇ । ଗଞ୍ଜେଇର ରାଜସ୍ୱ ବୃଦ୍ଧି ହୋଇଅଛି ସତ୍ୟ ମାତ୍ର ତହିଁର ଖର୍ଚ୍ଚ ଊଣା ପଡ଼ିବା ସନ୍ତୋଷଜନକ ଅଟଇ । ଅଫିମର ଅବସ୍ଥା ମଧ୍ୟ ସେହିପରି ଅଟଇ ଅର୍ଥାତ୍ ଊଣା ଖର୍ଚ୍ଚ ସଙ୍ଗେ ମାସୁଲ ବୃଦ୍ଧି ହୋଇଅଛି । ତଥାପି ଅସୁଦ୍ୱାସ୍ଥ ଏ ପ୍ରଦେଶରେ ଅନେକ ଅନିଷ୍ଟ ଘଟୁଅଛି ମାତ୍ର ଗବର୍ଣ୍ଣମେଣ୍ଟ ପୁନଃ୨ ଟିକସ ବୃଦ୍ଧି କରୁଥିବା ସ୍ଥଳେ ଯେବେ ଲୋକେ ନ ଛାଡ଼ିବେ ତେବେ ଆୟତ୍ତ କାହାର ଅଛି ?

ଅବକାରୀ ମହକୁମାର ବ୍ୟୟ ପୂର୍ବବର୍ଷଠାରୁ ୮ ହଜାର ଟଙ୍କା ବୃଦ୍ଧି ହୋଇଅଛି । ସଦର ଭାଟୀର ତତ୍ତ୍ୱାବଧାରଣ ନିମିତ୍ତ ଅଧିକା କାନ୍‌ଷ୍ଟେବଲ ଓ ସବ୍‌ଡେପୁଟୀ ନିଯୁକ୍ତ କରିବା ଏ ବୃଦ୍ଧିର କାରଣ ଅଟଇ ଏବଂ ଏହାକୁ ମଧ୍ୟ ସନ୍ତୋଷଜନକ ବୋଲିବାକୁ ହେବ । ଏଥିଉତ୍ତାରୁ ଅଧିକ ମହକୁମା ଖର୍ଚ୍ଚ ବୃଦ୍ଧି ହେବ ବୋଲି ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି ଯେହେତୁ ଆଉ କେତେକଣ ଅବକାରୀ ଡେପୁଟୀ କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ହେବେ । ଏଥିରୁ ଜଣାଯାଏ ଯେ ଏ ମହକୁମାର ଦୋଷସଂସ୍କାର ନିମିତ୍ତ ଗବର୍ଣ୍ଣମେଣ୍ଟ ଦୃଢ଼ସଙ୍କଳ୍ପ କରିଅଛନ୍ତି ।

---

ସାଧାରଣ ପୁସ୍ତକାଗାରର
ଆବଶ୍ୟକତା ।

ଅମ୍ଭେମାନେ ଗତବର୍ଷ ଉଚ୍ଚଶିକ୍ଷାସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିଥିଲୁଁ । ପ୍ରୋକ୍ତପ୍ରବନ୍ଧରେ ଏଠା ରେଭେନ୍‌ସାକଲେଜରେ ଗୋଟିଏ ଏମ୍ କ୍ଲାସ ଫିଟାଇବା ଅଥବା କଲିକତା ପଠନାର୍ଥେ ଏଠା କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ବ୍ୟୟ ଯୋଗାଇବାସକାଶେ ବୃତ୍ତିସ୍ଥାପନ ବିଷୟ ଉଲ୍ଲିଖିତ ଥିଲା । ଗବର୍ଣ୍ଣମେଣ୍ଟ ଉଚ୍ଚଶିକ୍ଷା ବିସ୍ତାର କରିବାକୁ ପ୍ରସ୍ତୁତ ଅଛନ୍ତି କିନ୍ତୁ ଦେଶୀୟ ଲୋକଙ୍କ ସାହାଯ୍ୟ ଅବଶ୍ୟକ କରନ୍ତି । ଓଡ଼ିଶାର ଶିକ୍ଷା ଅନ୍ୟାନ୍ୟଦେଶାପେକ୍ଷା ନିକୃଷ୍ଟ ତଥାପି ଅତୀତ ଅଳ୍ପବର୍ଷ ମଧ୍ୟରେ ଶିକ୍ଷାସ୍ରୋତ ପ୍ରବଳବେଗରେ ଧାବିତ ହୋଇଅଛି । ଅତଏବ ଶିକ୍ଷାର ସୀମା ନାହିଁ କିନ୍ତୁ ଶିକ୍ଷା ଯୋଗାଇବା ଉପାୟ ନ ଥିବା ହେତୁରୁ ଓଡ଼ିଶାସମ୍ବନ୍ଧରେ ଏଠା ରେଭେନ୍‌ସାକଲେଜ ଉଚ୍ଚଶିକ୍ଷାର ଶେଷସୀମା ହୋଇଅଛି । ଅମ୍ଭେମାନେ ରାଜା, ଜମିଦାର, ଧନୀ ଓ ଦେଶହିତୈଷୀମାନଙ୍କୁ ଏମ୍ ଏ କ୍ଲାସର ପଠନୋପାୟ ସକାଶେ ଯଥାସାଧ୍ୟ ସାହାଯ୍ୟ ପ୍ରଦାନାର୍ଥେ ଲେଖିଥିଲୁଁ ଓ ଲେଖୁଅଛୁଁ । କେବଳ ଏମ୍ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ ଶିକ୍ଷା ସମାପ୍ତ ହେବ ନାହିଁ । ଉଚ୍ଚଶିକ୍ଷା ପ୍ରଦାନର ପ୍ରଧାନ ଅଙ୍ଗ ପୁସ୍ତକ । ସ୍ୱକଷ୍ୟାତ ଛାତ୍ରମାନଙ୍କ ପୁସ୍ତକ ଯେତେ ପାଠ କରିବ ବିଦ୍ୟାବୃଦ୍ଧି ସେତେ ବୃଦ୍ଧି ହେବ । ବିଦ୍ୟାଳୟର ଛାତ୍ରମାନେ ଶିକ୍ଷକମାନଙ୍କଠାରୁ ଅଧ୍ୟୟନସମ୍ପର୍କରେ ଯଥାସାଧ୍ୟ ସାହାଯ୍ୟ ପ୍ରାପ୍ତ ହୋଇ ଥାଆନ୍ତି । ଇଂରାଜୀଭାଷାର ନାନାପ୍ରକାର ପଠନୋପଯୋଗୀ ପୁସ୍ତକ ଅଛି ଓ ଉକ୍ତପୁସ୍ତକମାନ ସମସ୍ତଶ୍ରେଣୀର ପାଠାର୍ଥୀମାନେ ପ୍ରାପ୍ତ ହେବାକୁ ସକ୍ଷମ ହୁଅନ୍ତି ନାହିଁ । ବାଲ୍ୟକାଳରୁ ସେମାନେ ଅତିକଷ୍ଟରେ ଓ ଅନେକେ ଅନ୍ୟର ସାହାଯ୍ୟରେ ବୃତ୍ତିବୃତ୍ତିର ପରଗୃହଲାଭ କରି ସ୍ୱଦେଶର ପୂଜ୍ୟ ହୋଇଛନ୍ତି । କିନ୍ତୁ ଉଚ୍ଚଶିକ୍ଷା ଯାହା ବର୍ତ୍ତମାନ ସେମାନେ ପ୍ରାପ୍ତ ହୋଇଛନ୍ତି ତାହା କେବଳ କେତେକ ନିର୍ଦ୍ଦିଷ୍ଟ ପୁସ୍ତକ ପଠନର ଫଳ । ଶିକ୍ଷା ଗମ୍ଭୀରତର ହେବାକୁ ହେଲେ ଭିନ୍ନ ଗ୍ରନ୍ଥକାରମାନଙ୍କ ପୁସ୍ତକ ପଠନର ଆବଶ୍ୟକ । ଅନ୍ୟାନ୍ୟଦେଶର ଛାତ୍ରମାନେ ଭିନ୍ନ ପୁସ୍ତକ ପାଠ କରନ୍ତି ଓ ସେମାନଙ୍କର ଉକ୍ତ ପୁସ୍ତକସବୁ ପ୍ରାପ୍ତିପକ୍ଷରେ ଅସୁବିଧା ନାହିଁ । ଅନ୍ୟାନ୍ୟଦେଶମାନ ଓଡ଼ିଶାପରି ବିଦ୍ୟାପକ୍ଷରେ ନିର୍ଦ୍ଧନ ନୁହନ୍ତି ଓ ସେସମସ୍ତସ୍ଥାନର ବିଦ୍ୟୋତ୍ସାହୀ ଲୋକମାନେ ବିଦ୍ୟୋନ୍ନତିପକ୍ଷରେ ବିଶେଷ ସାହାଯ୍ୟ ଓ ମନୋଯୋଗ ପ୍ରଦାନ କରିବା ଶିକ୍ଷାର ହ୍ରାସ ନ ହୋଇ ଦିନକୁ ଦିନ ବୃଦ୍ଧି ହେଉଅଛି । ସ୍ଥାନେ୨ ପୁସ୍ତକାଗାର ସ୍ଥାପିତ ହେବାରୁ ଓ ବିଦ୍ୟୋତ୍ସାହୀ ଓ ଧନଶାଳୀମାନଙ୍କ ନିକଟରେ ପୁସ୍ତକ ପ୍ରାପ୍ତ ହେବାରୁ ଶିକ୍ଷାର୍ଥୀମାନେ ଉତ୍ତମଶିକ୍ଷା ପ୍ରାପ୍ତ ହୁଅନ୍ତି । ଏତଦ୍ଦେଶରେ ଶିକ୍ଷା ପ୍ରଥମସୋପାନରେ ଉପସ୍ଥିତ ହୋଇଅଛି ଓ ବିଦ୍ୟାଚର୍ଚ୍ଚା ଅଧିକ ନାହିଁ ଓ ମଧ୍ୟ ଧନୀ ବିଦ୍ୟୋତ୍ସାହୀ ଲୋକ ପ୍ରାପ୍ତ ହେବା କଠିନ ସୁତରାଂ ବିଦ୍ୟାଳୟ ବ୍ୟତୀତ ଅନ୍ୟାନ୍ୟସ୍ଥାନରେ ଅତିଅଳ୍ପ ପୁସ୍ତକ ପ୍ରାପ୍ତ ହୁଅଇ ଏଠା କଲେଜରେ ମଧ୍ୟ ବିସ୍ତର ପୁସ୍ତକ ନାହିଁ ଓ ଯାହା କିଛି ଅଛି ତାହା ସମସ୍ତପାଠାର୍ଥୀ ପ୍ରାପ୍ତ ହୋଇ ପାରନ୍ତି ନାହିଁ । ବିଦ୍ୟାଚର୍ଚ୍ଚା ବୃଦ୍ଧି

Digitized by srujanika@gmail.com

Split by PDF Splitter



ହେବା ସହାୟତା ଅଭାବରେ ଯୋଗ୍ୟ ପୁସ୍ତକାଗାର ରହିବାର ଅସମ୍ଭବ । ସାଧାରଣ ଯୋଗ୍ୟ ପୁସ୍ତକାଗାର ସ୍ଥାପନ କରିବାକୁ ଚେଷ୍ଟା କଲେ ସହଜରେ ହୋଇପାରେ । ପ୍ରବାଦ ଅଛି "ପାଞ୍ଚ ସାଥିଙ୍କ ଲାଠି ଏକ ଜଣଙ୍କ ବୋଝ" ଓ ଏପ୍ରବାଦଟି ଯଥାର୍ଥ ଅଟେ । ଏହି ପ୍ରବାଦାନୁସାରେ କଟକସ୍ଥ ଧନୀ ଜମିଦାର ରଜା ଓ ମହାରଜାମାନେ ଯଥାସାଧ୍ୟ ସାହାଯ୍ୟପ୍ରଦାନ କଲେ ଏନଗରରେ ଯୋଗ୍ୟ ପୁସ୍ତକାଗାର ଅନାୟାସରେ ସ୍ଥାପିତ ହୋଇପାରେ । ସାଧାରଣ ସ୍ଥାପିତ ପୁସ୍ତକାଗାରରେ ସମସ୍ତ ଶ୍ରେଣୀର ପାଠାର୍ଥୀ ସହଜରେ ପୁସ୍ତକ ପାଠ କରିବାକୁ ସମର୍ଥ ହେବେ । ଅମ୍ଭେମାନେ ଆଶା କରୁଁ ଏହି ଅଭାବପୂର୍ଣ୍ଣ କରିବା ସକାଶେ ସାଧାରଣ କୃପାକଟାକ୍ଷ ହେଲେ ଅଚିରକାଳରେ ଅଭାବ ଦୂରୀଭୂତ ହେବ ଅମ୍ଭେମାନେ ଜାଣୁ ଯେ ଏଠାରେ ଦୁଇ ତିନିଥର ଏଥିର ଉଦ୍ୟମ ହୋଇ ବିଫଳ ହୋଇଅଛି ମାତ୍ର ଶିକ୍ଷିତ ଲୋକଙ୍କ ସଂଖ୍ୟା ଦିନ୍‌ଦିନ୍ ବୃଦ୍ଧି ହେଉଥିବାରୁ ଆଶା ହେଉଅଛି କି ଯାହା ପୂର୍ବେ ଅସାଧ୍ୟ ଥିଲା ବର୍ତ୍ତମାନ ସିଦ୍ଧ ହୋଇ ପାରିବ । ଶିକ୍ଷିତ ଲୋକଙ୍କର ଏଥିରେ ବିଶେଷ ଯତ୍ନ ଓ ଚେଷ୍ଟା କରିବାର ଆବଶ୍ୟକ । କହିବା ଯତ୍ନ ହେଉଥିଲେ ଅଳ୍ପଦିନରେ ନ ହେଉ ଦୁଇ ତିନିବର୍ଷରେ ଏକସ୍ଥକାର କାର୍ଯ୍ୟ ହୋଇ ପାରେ ।

---

## ସାପ୍ତାହିକସମ୍ବାଦ ।

ଶୁଣାଯାଏ ଯେ ଶ୍ରୀଯୁକ୍ତ ମେଟକାଫ ସାହେବ କମିଶନର ଇସ୍ତଫା ଦେଉଅଛନ୍ତି । ସୁତରାଂ ବସନ୍ତରୁ ପେନ ନେବାନ୍ତି ।

ଏ ନଗରରେ ଓଲାଉଠା ପ୍ରାଦୁର୍ଭାବ ରହିଅଛି ଏବଂ ଚତୁର୍ଦ୍ଦିଗରେ ବସନ୍ତରୋଗର ମଧ୍ୟ ପ୍ରଭାବ ବଢ଼ିଅଛି ।

### କଲିକତା—ଗେଜେଟ ।

ଅସିଷ୍ଟାଣ୍ଟ ଇଞ୍ଜିନିୟର ମିଃ ଜେ, ପି, କାମ୍ପ ଓଡ଼ିଶା ଡିଭିଜନରେ ଅବସ୍ଥାପିତ ହୋଇଅଛନ୍ତି ।

ଅସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ଅନ୍ନଦାପ୍ରସାଦ ସରକାର ଷ୍ଟାହୂକ ଓଡ଼ିଆ ଭାଷାର ନିମ୍ନତର ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଏକଜିକ୍ୟୁଟିଭ ଇଞ୍ଜିନିୟର ବାବୁ ଅମୃତଲାଲ ବସୁରୌଥିଘ କାହାବୁଲ ମହାନଦୀ ବିଭାଗରେ ଅବସ୍ଥାପିତ ହୋଇଅଛନ୍ତି ।

ପୁରୀ ମିଉନିସିପାଲଟୀର କମିଶନର ବାର୍ତ୍ତଲ ପୁନଃ ନବୋଦୟରେ ମୃତ ବାବୁ ଅଯୋଧ୍ୟାନାଥ ରାୟଙ୍କ ସ୍ଥାନରେ ବାବୁ ଅର୍ଜୁନ ମହାନ୍ତି କମିଶନର ପଦରେ ନିର୍ବାଚିତ ହୋଇଅଛନ୍ତି ।

କାଶୀମବଜାରର ବିଖ୍ୟାତ ମହାରାଣୀ ସ୍ୱର୍ଣ୍ଣମୟୀ ସି, ଆଇ, ଇ, ସ୍ୱତଃପ୍ରଣୀତ ଉତ୍ସାହ ପ୍ରଦାନାର୍ଥେ କଲିକତାସ୍ଥ ସ୍କୁଲ କଲେଜରେ ଅବୈତନିକ ବୃତ୍ତି ସ୍ଥାପନାର୍ଥେ ପଞ୍ଚଦଶ ହଜାର ବାର୍ଷିକ ୫୦୦୦ଟଙ୍କା ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ନ୍ୟସ୍ତ କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଯୋଗ୍ୟ ଦାନ ଗ୍ରହଣ କରି ମହାରାଣୀଙ୍କୁ ତାଙ୍କ ବଦାନ୍ୟତାନିମନ୍ତେ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

---

ଯୋଗମଲର ନାନାସ୍ଥାନରେ ଓଲାଉଠା ଲାଗିବାର ସମ୍ବାଦ ଆସିଅଛି । କେନ୍ଦୁପାଟଣା ଓ ସାଲେପୁରରେ ଅନେକଲୋକ ମରୁଅଛନ୍ତି । ଶେଷଲିଖିତଗ୍ରାମର ଏକଜଣ ଭୂସ୍ୱାମୀଙ୍କର ୧୪ ଣ ମରିବାର ଶୁଣିଅଛୁଁ ।

ବାଲେଶ୍ୱରର ପୋଲିସମିଷ୍ଟର ଅଗାମି ବୁଧବାରଠାରୁ ଛୁଟି ନେବେ ଏବଂ ତହିଁନିମିତ୍ତ ଅମ୍ଭମାନଙ୍କ ନିଜସାହେବ ଅଗାମି ସୋମବାର ଏଠାରୁ ଯାତ୍ରା କରିବେ ।

ସମ୍ବାଦଦାତାମାନେ ପାଠକଙ୍କୁ କ ବାଲେଶ୍ୱର ନୃସିଂହନାଥ ଏବଂ ଦଣ୍ଡୀଚଉଣାରେ ଓଲାଉଠା ବହୁତ ପ୍ରବଳ ହୋଇଅଛି । ଜଗନ୍ନାଥସଡ଼କର ଅନ୍ୟାନ୍ୟ ଚଟିମାନଙ୍କରେ ମଧ୍ୟ ଏ ରୋଗ ପ୍ରବଳ ହୋଇଅଛି ।

ସମ୍ବଲପୁର ଡିଷ୍ଟ୍ରିକ୍ଟର ସେହି ଚପରାସି ଡାକ୍ତରସାହେବଙ୍କ ବେତନଟଙ୍କା ନେଇ ପଳାଇଥିଲା ସେ କାମଣ୍ଡା ଏଷ୍ଟେଟରେ ଜଣେ କନେଷ୍ଟବଲ କର୍ତ୍ତୃକ ଧରା ପଡ଼ିଅଛି ଏବଂ ତାହାଠାରୁ ଟଙ୍କା ବାହାର ହୋଇଅଛି । ଟ ୬୭୮ ଙ୍କା ମଧ୍ୟରୁ କେବଳ ଟ ୧୪୮ ଙ୍କା ମଦ୍ୟପାନ ଇତ୍ୟାଦିରେ ଖର୍ଚ୍ଚ କରିଥିଲା ।

ଜଣେ ଡାକ୍ତର ପରୀକ୍ଷାକରି ଠିକ କରିଅଛନ୍ତି ଯେ, ଯେଉଁମାନେ ଅନେକଦିନ ପର୍ଯ୍ୟନ୍ତ ନିକ୍ଷିନ ପରିଶ୍ରମର କାର୍ଯ୍ୟ କରନ୍ତି, ସେମାନେ ପ୍ରାୟ ମୋଟା ହୋଇଥାନ୍ତି ।

ବିଶ୍ୱସ୍ତସୂତ୍ରରୁ ଅବଗତ ହୋଇଅଛୁଁ ଯେ ଏବର୍ଷର ଏଲ୍, ଏ ଓ ବି, ଏ ପରୀକ୍ଷାମାନ ମାର୍ଚ୍ଚମାସ ତା ୧୦ ରେ ଆରମ୍ଭ ହେବ । ପ୍ରେସିଡେନ୍ସି କଲେଜରେ ପାଠ୍ୟପୁସ୍ତକମାନ ଶେଷ ହୋଇ ନ ଥିବାରୁ ଏପରି ଘଟିଅଛି କେହି୨ କହୁଅଛନ୍ତି । ପ୍ରବେଶିକା ପରୀକ୍ଷା ପୂର୍ବ ନିର୍ଦ୍ଦିଷ୍ଟ ସମୟରେ [ ଫେବ୍ରୁଆରି ତା ୨୦ ] ହେବ ।

ଉତ୍କଳବାସୀ ଶ୍ରୀ ରମାନାଥ 'ସାମନ୍ତସ୍ୱ' ଦୈନିକ ପତ୍ରରେ ଯୋଗିଏ ଉତ୍କଳପତ୍ର ଲଗିଥିବାରୁ ଅମ୍ଭେମାନେ ଅବଗତ ହୋଇଥିଲୁଁ ଏବଂ ସେ ଅପଣା କାର୍ଯ୍ୟରେ ଦକ୍ଷତା ଦେଖାଇଥିବାର ଶୁଣି ଅମ୍ଭମାନଙ୍କ ମନରେ ଗର୍ବ ଜାତ ହୋଇଥିଲା । ଶୁଣି ଦୁଃଖିତ ହେଲୁଁ ଯେ ସେ ଅପଣା କର୍ମ ଇସ୍ତଫା ଦେଇ ଅଛନ୍ତି ।

ରାଜପୁତ୍ର ଓ ରାଜବଧୂ ଅର୍ଥାତ୍ ଅମ୍ଭମାନଙ୍କର ଭବୀ ରାଜା ଓ ରାଣୀ ଇଜିପ୍ଟ ଓ ଇଟାଲୀ ଭ୍ରମଣ କରି ସ୍ୱଦେଶରେ ଲଣ୍ଡନରେ ଉପସ୍ଥିତ ହୋଇ ଅଛନ୍ତି ।

ପାରସ୍ୟ ନଗରରେ ରାଜବିରୋଧ ଆନ୍ଦୋଳନର ଉଦ୍ୟମ ଅନୁମାନ ହେଉଅଛି ।

ଡାଲ୍ଫୁଲଲର ପାଶ ଅଗାମୀ ତା ୪ ରଖରେ ହେବାର ଧାର୍ଯ୍ୟ ହୋଇଅଛି ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ଅଗାମୀ ମାସରେ କଲିକତାରେ ପ୍ରବେଶ ହୋଇ ତା ୧୦ ରଖରେ ଲେଭିଠକ କରିବେ ।

ସୁନ୍ଦରବନର ଏକ ସ୍ଥାନରେ ଜଣେ ଦେହଟ ଯୋଗାଏ ଜଳବୃହତ କେକଡ଼ା ମାଛ ଧରି ଅଛି । ମରକଙ୍ଗର ଜାହାଜର କପ୍ତାନ ସେ ମାଛକୁ ଟ ୪୯ ଙ୍କାରେ କିଣି ଓଜନ କରିବାରେ ମ ୧୧୦ ର ହେଲା । କାଠର ଲୁଣର ଏଥିରୁ ଅଙ୍କ ଲଭ୍ୟ ସେ ଅଜାତାର ପ୍ରାପ୍ତ ହୁଅଇ । ମାତ୍ର କେଶିକା ଲୋକ ମେଠରେ ନ ଦେବାରୁ କେହି ଧରିବାର ଚେଷ୍ଟା କରନ୍ତି ନାହିଁ ।

ଜର୍ମ୍ମାନର ପାର୍ଲେନ ଜମିଦାର ବୈଠକ ଶେଷ ହୋଇଅଛି ସମ୍ରାଟ ହେଲନ ସାହେବ ଓଲନ୍ଦାଜମାନଙ୍କୁ ବଡ଼ ପ୍ରିୟ ହେଉ କହିଲେ କି ସେ ଏବଂ ତାହାଙ୍କ କାଳି ସେମାନେ ପ୍ରବୃତ୍ତ କଥା କାହାର କରି ସବୁ ଆରମ୍ଭ ଗୋଟାଏ କରିବ ସେ ଉତ୍ତମାତ୍ର ତ୍ରୁଟି କରିବେ ନାହିଁ । ଦୁଇ ମାସ ଭିତରୁ ସଦୋଷ ବାହାରିବାର ସମ୍ଭାବନା ହେଉଅଛି ।

ଇଂଲଣ୍ଡସ୍ଥ ସ୍ପେନ ନଗରର ଧର୍ମୋପଦେଶକଙ୍କ ବକ୍ତୃତାରେ ମିସେସ୍ ବେସାଣ୍ଟ ଅପବାଦର ନାଲିସ କରି ଅଛନ୍ତି ତାଙ୍କ ଦୋଷାରୋପ କରନ୍ତି ସେ ଉପଦେଶପ୍ରଦାନ କରିଥିଲେ ଯେ ସଙ୍ଗିକୁ ଏକ ପାପ ଓ ଅନ୍ୟ ଇତ୍ୟାଦିର ଗୋଟିଏ ଧର୍ମ ଅଟେ ମୋକଦ୍ଦମାର ବିଗ୍ଭର ଲଣ୍ଡନ ଅବସ୍ଥିତ କରିଥିଲ । ଜୁରିମାନଙ୍କ ମତ ଅନୈକ୍ୟ ହୋଇଅଛି ।

ମିଃ ବ୍ରାଡଲାଙ୍କ ଶରୀର କଷ୍ଟରୁ ଆରୋଗ୍ୟ ହୋଇଅଛି ଭାରତବର୍ଷକୁ ଆସିଲେ ବୋମ୍ବେଇର ଜାତୀୟ ମହାସମିତିରେ ଏକଦିନ ନିମନ୍ତେ ଯୋଗଦାନ କରିବେ । ଜାତୀୟମହାସମିତି ତାଙ୍କ ବକ୍ତୃତାର ଗ୍ରହଣ କରିଅଛନ୍ତି ।

ଅଷ୍ଟ୍ରିଆ ଓ ଜର୍ମ୍ମାନ ଦେଶର ଭୂତନାଥମାନଙ୍କର କଥୋପକଥନ ସ୍ୱଦେଶାନୁରାଗ ଛାପି ହୋଇଅଛି । ସେମାନେ ପ୍ରିନ୍ସ ବିସ୍ମାର୍କ ଏବଂ ସମ୍ରାଟଙ୍କ ସିଦ୍ଧାନ୍ତ କଲେ । ପ୍ରିନ୍ସ ବିସ୍ମାର୍କ ରୁଷିଆର ସମ୍ରାଟ ପୂର୍ବରୁ ପତ୍ରଦ୍ୱାରେ ଅବଗତ କରିଥିଲେ । ବର୍ତ୍ତମାନ ସେ ଓ ସମ୍ରାଟ ନ ଲିଖିତ ମଧ୍ୟ ପର୍ଯ୍ୟନ୍ତଙ୍କ ସିଂହାସନଚ୍ୟୁତରେ ସମ୍ମତିପ୍ରଦାନ କରିଅଛନ୍ତି ।

ଲର୍ଡ କ୍ରସ ଇଷ୍ଟଇଣ୍ଡିଆ କୋମ୍ପାନୀର ଏକଅଧିବେଶନରେ କହିଅଛନ୍ତି ଯେ ଷ୍ଟେଟସେକ୍ରେଟେରୀ ଲେଜିସ୍ଲେଟିଭ କାଉନ୍‌ସିଲର ସଭ୍ୟପଦରେ କୌଣସି ଦେଶୀୟ ଲୋକଙ୍କୁ ନିଯୁକ୍ତ କରିବାର ଆବଶ୍ୟକ ଜ୍ଞାନ କଲେ ନିଯୁକ୍ତ କରି ପାରନ୍ତି ଏ ଗୋଟିଏ ସୁସମ୍ବାଦ ଅଟଇ ।

ଭରତ ନହରନସମସ୍ତରେ ରୋଷକରେ ହିନ୍ଦୁ ମୁସଲମାନଙ୍କର ଯେଉଁ ବିବାଦ ହୋଇଥିଲା ତହିଁରେ ନ ୩୪ ଣ ହିନ୍ଦୁ ଅଗ୍ନିନିକ୍ଷେପୀଶ୍ରେଣୀରୁ ହୋଇଥିଲେ । ସେମାନଙ୍କ ମଧ୍ୟରୁ ନ ୭ ଣ ଡେପୁଟୀ କମିଶନରଙ୍କ ନିକଟରେ ପୁନର୍ବିଚାର ନିମିତ୍ତ ଦେଖିବ ନିଜ ହୁକୁମ କରିଅଛନ୍ତି । ସେମାନଙ୍କ ଉପର ରୋଷକରୁ ଅନ୍ୟ କୌଣସି ଜିଲ୍ଲାକୁ ମହାଦଣ୍ଡ ଉପାୟ କୈଫିୟତ ପଞ୍ଜାବ ଚିଫ୍‌କୋର୍ଟରେ ଦରଖାସ୍ତ କରିବାକୁ ଅନୁମତିପ୍ରଦାନ କରିଅଛନ୍ତି । ଅବଶିଷ୍ଟ ନ ୨୧ ଜଣ ବନ୍ଦୀଙ୍କୁ ବିଲାତ ଚିଫ୍‌କୋର୍ଟକୁ ପ୍ରେରଣ କରିବାକୁ ହୁକୁମ ହୋଇଅଛି ।

ପାର୍ଲିମେଣ୍ଟର ସଭ୍ୟ ମିଃ କେନ୍ ଏବଂ, ଗଡ଼ଲି ଲର୍ଡ ଭାରତବର୍ଷକୁ ଆସିବାପାଇଁ ଯାତ୍ରା କରିଅଛନ୍ତି ।

ଇଉରୋପର କୌଣସି ନଗରରେ ଗୋଟିଏ ବାଳକ ଜନ୍ମ ଗ୍ରହଣ କରିଲେ ସୁଦ୍ଧା ଏ ବି ସି ଡି ଚିହ୍ନିପାରୁ ନ ଥିଲା ଜଣେ ଡାକ୍ତର ଦେଖି କହିଲେ ଯେ ତାହା ନାକରେ ଗୋଟିଏ ବ୍ରଣ ହୋଇଅଛି । ଅସ୍ତ୍ରକରଣ କାଟିଦେବାର ଦୁଇ ସପ୍ତାହ ମଧ୍ୟରେ ସମସ୍ତବର୍ଣ୍ଣମାଳା ଶିଖି ପାରିଥିଲା ନାକ ପୀଡ଼ାରେ ମସ୍ତିଷ୍କ ବିକୃତ ହେବାର ଗୋଟିଏ ଉଦାହରଣ ।

Digitized by srujanika@gmail.com

କୌଣସି ଇଷ୍ଟଇଣ୍ଡିଆ ପତ୍ରିକା ଲେଖିଅଛନ୍ତି ଯେ, ସୁଭିକ୍ଷ ହୋଇଥିଲେ ସେ ଅଞ୍ଚଳର ଲୋକେ ସ୍ଥାନାନ୍ତର ହୋଇ ଯିବେ ନାହିଁ। ଇତ୍ୟାଦି କାରଣରେ ଦୁର୍ଭିକ୍ଷ ନିବାରଣ ନିମନ୍ତେ ସେଠାରେ ସ୍ଥାୟୀ ଉପାୟ କରାଯାଇ ନାହିଁ। ହିନ୍ଦୁ ଯୋଗିମାନେ ମଧ୍ୟ ପୃଥିବୀ ବଡ଼ ଉପଯୋଗୀ ଅଟନ୍ତି।

ଇତସ୍ତତଃ ସମାଜସ୍ଥାନରେ ଧନ ଜନ ଅସ୍ଥିର ହେଉଅଛି। ରାଜା ମହାରାଜାମାନେ ସ୍ଥାନରେ ହସ୍ତକ୍ଷେପ କରିବାରୁ ବିବାହ ଓ ଶ୍ରାଦ୍ଧର ବ୍ୟୟ ହ୍ରାସପାଇ ଆସୁଅଛି, କନ୍ୟାମାନଙ୍କର ବ ୧୪ ବର୍ଷରୁ କମରେ ଓ ବାଳକମାନଙ୍କର ବ ୧୮ ବର୍ଷରୁ କମରେ ବିବାହ ହେଉ ନାହିଁ। ଅଲ ଦେଶୀୟ ରାଜାମାନେ ଏହିପରି ବିବାହର ଦାୟରେ ଓ ବାଲ୍ୟବିବାହର ପ୍ରତିରୋଧରେ ଉଦ୍ୟୋଗ ହେବାକୁ କହିଅଛନ୍ତି।

## ପ୍ରଶ୍ନ-ସମ୍ବାଦ।

ଅତିବର୍ଷା ଓ ତୋଫାନରେ ପ୍ରାୟ ୧୦୦ ବର୍ଷର ବୃକ୍ଷ ଉପାଡ଼ି ଓ ମାର୍କଣ୍ଡେୟପୁଷ୍କରିଣୀର ଦକ୍ଷିଣଦିଗ ପଥରକାନ୍ଥ ଭାଙ୍ଗି ଜଳ ପୁଷ୍କରିଣୀମଧ୍ୟରେ ପଡ଼ିଅଛି।

ଏଠା ମିଉନିସିପାଲିଟିର ଭେଇସ୍‌ଚେୟାରମାନ ଅନୁସନ୍ଧାନରେ ବୁଝି ଅଛନ୍ତି ଯେ ୧୦୧୮ ଘର ଭୁଷିଯିବାରେ ୫୩୬୦ ଟଙ୍କା କ୍ଷତିଗ୍ରସ୍ତ ହୋଇଅଛି।

ବାବୁ ଶ୍ରୀ ନରହରି ମୁଖର୍ଜୀ ରାୟବାହାଦୁର ଏଠାରୁ ସପରିବାର ହୋଇ ଦର୍ଶନୋପଲକ୍ଷେ ଗତମାସ ତା ୧୨ ରିଖରେ ଆସି ଏଠାରେ ପହୁଞ୍ଚି ଏଠାରେ ରହି ଶ୍ରୀମନ୍ଦିରରେ ଭକ୍ତ ଦର୍ଶନ ପଞ୍ଚତୀର୍ଥ ଓ ବ୍ରହ୍ମଣଭୋଜନପ୍ରଭୃତି କାର୍ଯ୍ୟମାନ କରି ପ୍ରସ୍ଥାନ କରିଅଛନ୍ତି। ଏହି ପୁରାନରାଜାଙ୍କ ସହିତ ସାକ୍ଷାତ କରିଥିଲେ। ପଣ୍ଡାମାନଙ୍କର ପଣ୍ଡା ଥିଲେ ଏଥିପାଇଁ ଶ୍ରୀଯୁତ ଡାଃ ମେକେଞ୍ଜିଙ୍କ ଅନରାରୀ ସହାୟକ ସ୍ୱରୂପ ବିଶେଷ ସାହାଯ୍ୟ ପାଇ ତାଙ୍କଠାରେ ଅତ୍ୟନ୍ତ ପ୍ରୀତ ହୋଇଥିବା ସମ୍ବନ୍ଧେ ତାଙ୍କୁ ଏକପତ୍ର ଲେଖିଅଛନ୍ତି। ମେକେଞ୍ଜିଙ୍କବାବୁ ଉପଯୋଗୀ ଅଟନ୍ତି।

ରଥଯାତ୍ରାର ଖଞ୍ଜଣା ପ୍ରାୟ ବ ୧୦ ବର୍ଷ ଠିକ ଭାବରେ ଦାଖଲ ହୋଇ ଆସୁଥିଲା। ଏହି ଥର ଖଞ୍ଜଣା ଶେଷରେ ବାବୁମହାଶୟଙ୍କ ସନ୍ତୁରେ ଖଞ୍ଜଣା ଉସୁଲ ହୋଇ ଖଞ୍ଜଣା ଦାଖଲ ହେଲା ପରେ କେତେକ ଟଙ୍କା ଉଦ୍ବର୍ତ୍ତ ହୋଇ କମିସନରଙ୍କ ଜମା ହୋଇଅଛି। ବଡ଼ ସୁଖର ବିଷୟ।

ଶ୍ରୀଜଗନ୍ନାଥ ମନ୍ଦିର ଅଳ୍ପ ସମୟରେ ଯାତ୍ରୀ ଓ ଯାତ୍ରୀମାନଙ୍କର ଦର୍ଶନ ଓ ପିଣ୍ଡିଦାନ ସୁବିଧା ମୁତ ହରିକୃଷ୍ଣ ବାବୁ ଯାହା କରିଥିଲେ ତାହା ଉଲ୍ଲେଖରୂପେ ଉଚିତ ନାହିଁ। ବର୍ତ୍ତମାନ ମେକେଞ୍ଜିଙ୍କ ବାବୁ ଏଥିର ଯେଉଁପ ସୁବିଧା କରିଅଛନ୍ତି ତହିଁରେ ଯାତ୍ରୀମାନଙ୍କର କେତେକ ଓ ଯାତ୍ରିମାନଙ୍କର ଦର୍ଶନ ଏବ ପିଣ୍ଡଦାନ ପ୍ରଭୃତି ଅଦାୟର ସୁବିଧା ହେବାରେ ସାଧାରଣ ତୁଷ୍ଟ ଅଛନ୍ତି କେବଳ ମନ୍ଦିରରେ ସମସ୍ତେ ସାଧାରଣ ଦର୍ଶକମାନେ ଯେପରି ସିଂହାସନ ଉପରୁ ଯାଇ ଦର୍ଶନ କରୁଥିଲେ ତାହା ନ ହୋଇ କେବଳ ପିଣ୍ଡିକା ଦେବା ଯାତ୍ରୀମାନେ ଉଠନ୍ତୁ ଯାଉଅଛନ୍ତି ସାଧାରଣ ଦର୍ଶକମାନେ ଉପରେ ଉଠି ଦର୍ଶନ କରିବାରେ ଦର୍ଶକମାନଙ୍କର ଦେଖେ ସନ୍ତୋଷ ହେଉ ନାହିଁ। ଅତଏବ ସ୍ଥଳରେ ଏ ବିଷୟ ଅଲୋଚନା ହୋଇ ମନ୍ଦିର ମହାରାଣୀଙ୍କ ସମ୍ମୁଖରେ ଲେଖିଅଛନ୍ତି। କିନ୍ତୁ ରାଣୀ ଏପର୍ଯ୍ୟନ୍ତ ଉତ୍ତର ଦେଇ ନାହାନ୍ତି। ବୋଧହୁଏ ରାଣୀ ଏଥିର ସୁବିଧା କରିବେ।

ଡାଃ ମେକେଞ୍ଜିଙ୍କ ବାବୁ ଯେତେଦୂର ସୁବିଧା କରୁଅଛନ୍ତି ତହିଁରେ ସାଧାରଣ ସନ୍ତୁଷ୍ଟ ହୋଇ ବାବୁଙ୍କୁ ଧନ୍ୟବାଦ ଦେଉଅଛନ୍ତି।

## ବୌଦ୍ଧ-ସମ୍ବାଦ।

ଗତ ଅଶ୍ୱିନଠାରୁ ଅଦ୍ୟବଧି ଏହି ପ୍ରକାର ଉପଦ୍ରବ ହୁଏ ଉପସ୍ଥିତ ହୋଇଅଛି ଯେ ତହିଁରେ ପାଠକମାନେ ଦେଖିବା ଲୋକମାନେ ପ୍ରାୟ ଏକମାସରୁ ନୂନ ସମୟରେ ହୃଦୟଙ୍କ ହେବାର ଦେଖାଯାଇ ନାହିଁ; ଯେଉଁମାନେ ପଡ଼ନ୍ତି ତା ଛାଡ଼ିଏ ହଜରେ ମୁକ୍ତ ହେଉଅଛନ୍ତି ସେମାନେ ପୁନଶ୍ଚ ଏକାଠିକ କମ୍ପ ଦେଇ ଜ୍ୱରରେ ପୀଡ଼ିତ ହୋଇ ଅତ୍ୟନ୍ତ କଷ୍ଟଭୋଗୀ ହେଉଅଛନ୍ତି ଏବଂ ଯେଉଁମାନେ ଏଥି ନିର୍ମଳଶିଷ୍ଟ ହୋଇ ଜ୍ୱରମୁକ୍ତ ହେଉଅଛନ୍ତି ସେମାନଙ୍କ ମଧ୍ୟରୁ ଗୋଟିଏ ହୁଇ ଲୋକମାନଙ୍କରେ ପୂର୍ବଦେହ ପାଇବାର ଅସମ୍ଭବ। ପରିଶେଷରେ ଅସ୍ମାନଙ୍କର ଶ୍ରୀ ଯୁବରାଜ ଯେ ବ ପିତା ମାତାଙ୍କର ଉତ୍ସଙ୍ଗଗତ ହୋଇଥିଲେ ଓ ସର୍ବସାଧାରଣ ପ୍ରଜାବର୍ଗର ନୟନରଞ୍ଜନର ପୂର୍ଣ୍ଣଚନ୍ଦ୍ର ସେ ଏହି ଦୁର୍ନିବାର ପିଶାଚମୁଖରେ ପତିତ ହୋଇ ସର୍ବସାଧାରଣଙ୍କୁ ଅପାର ଶୋକସାଗରରେ ନିମଗ୍ନ କରି ପରଲୋକ ଗମନ କରିଅଛନ୍ତି।

ସମ୍ପ୍ରତି କେତେକ ସ୍ଥାନରେ ଉତ୍ତାପସନ୍ତାପ ପାରୁଗ୍ଳ ଦେଖାଯାଉଅଛି ମାତ୍ର ଏଥିରେ କାହାର ବିଶେଷ ଅନିଷ୍ଟ ହୋଇ ନାହିଁ। କିନ୍ତୁ ଯେଉଁମାନେ ଅସ୍ପୃଶ୍ୟ ସନ୍ତାନମାନଙ୍କୁ ଟୀକା ଦେଇ ନାହାନ୍ତି ସେମାନେ ଅତ୍ୟନ୍ତ ଭୀତ ଓ ଚିନ୍ତିତ ଅଛନ୍ତି।

ଗତମାସ ତା ୧ ରିଖରେ ଏଠାରେ ଗୋଟିଏ ଭୂମିକମ୍ପ ହୋଇ ଯାଇଅଛି ଯେଉଁମାନେ ଖଟ ଉପରେ ବସିଥିଲେ ସେମାନେ ଖଟ ଦୋହଲିବାର ଯେଉଁମାନେ ଠିଆ ହୋଇଥିଲେ ସେମାନେ ଜାନୁ କମ୍ପିବାର ଅଉ କେତେକ ଲୋକ ଘର କାନ୍ଥ ଉପରେ ଏକପ୍ରକାର ଶବ୍ଦ କରିବାର ଅନୁଭବ କରିଅଛନ୍ତି ଏ ଭୂମିକମ୍ପ ଅତି ଅଳ୍ପ ସମୟରେ ହୋଇଅଛି।

ଗତମାସ ତା ୧୧ ରିଖଠାରୁ ତା ୧୬ ରିଖ ପର୍ଯ୍ୟନ୍ତ ଏ ପ୍ରଦେଶରେ ପ୍ରତ୍ୟହ ବର୍ଷା ହେବାରୁ କୃଷକମାନେ ବଡ଼ ଚରିତାର୍ଥ ହୋଇଅଛନ୍ତି ଏଥିରେ ଧାନ ଓ ଉଚ୍ଚ ଫସଲର ବିଶେଷ ଲାଭ ହୋଇଅଛି।

ଜଳାଧାର ଥିବା ସ୍ଥଳମାନଙ୍କରେ ଗତ ବୃଷ୍ଟିଜନ୍ୟ ଦୁର୍ଭିକ୍ଷ ବାଧା ବିଶେଷରୂପେ ହୋଇ ନାହିଁ ଏଥିପାଇଁ ସର୍ବାଙ୍କର ଅନୁମତିକ୍ରମେ ଅସ୍ମାନଙ୍କର ଦେଓ୍ୱାନବାବୁ ଏ ବର୍ଷରେ ଅନେକଗୋଟି ସ୍ଥାନରେ ମହାଜନଙ୍କର ଜଳପଥ ସ୍ୱରୂପ ଅନେକଗୋଟି ଜଳାଶୟରେ ଅନେକଗୋଟି ବନ୍ଧ ପ୍ରସ୍ତୁତ କରାଉଅଛନ୍ତି ଏ କାର୍ଯ୍ୟଗୁଡ଼ିକ ଉତ୍ତମରୂପେ ନିର୍ବାହିତ ହେଲେ ଅନାବୃଷ୍ଟି ସମୟରେ ପ୍ରାୟ ଶ ଅଂଶ ଗ୍ରାମ ନିରାପଦ ହେବ ଅତଏବ ଶ୍ରୀ ଜଗଦୀଶ୍ୱର ଦେଓ୍ୱାନବାବୁଙ୍କର ଏହି ଉଦ୍ୟମକୁ ସଫଳ କରନ୍ତୁ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକା

ସମ୍ପାଦକ ମହାଶୟ ସମୀପେଷୁ-

ମହାଶୟ!

କଟକ ଜିଲ୍ଲାର ଅନ୍ତର୍ଗତ ମାହାଙ୍ଗାଗ୍ରାମରେ ଆଜକୁ ବ ୧୦ ବର୍ଷ ପୂର୍ବେ ଗୋଟିଏ ମିଡ଼ିଲ୍‌ଭର୍ଣ୍ଣାକ୍ୟୁଲର ସ୍କୁଲ ଥିଲା। ତାହା ଅନେକ ଅସୁବିଧା ହୋଇ ଉଠି ଯିବାରୁ ଏଠାର ବାଳକମାନଙ୍କର ଅନେକ କ୍ଷତି ହୋଇଥିଲା। ବିଶେଷତଃ ଗରିବ ବାଳକମାନଙ୍କର ବିଶେଷ କ୍ଷତି ହେଉଥିବାରୁ ଅମ୍ଭେମାନେ ପୁନର୍ବାର ବହୁପରିଶ୍ରମ କରି ଏ ଗ୍ରାମରେ ଗୋଟିଏ ମାଇନର ସ୍କୁଲ ଖୋଲି ଅଛୁଁ ଓ ତହିଁର କାର୍ଯ୍ୟ ସୁନ୍ଦରରୂପେ ଚଳୁଅଛି। ବର୍ତ୍ତମାନ ବିଶେଷତଃ ଅମ୍ଭେମାନେ ସର୍ବସାଧାରଣରେ ଜଗଦୀଶ୍ୱରରେ ପ୍ରାର୍ଥନା କରୁଅଛୁଁ ଯେ ଯଦି କେହି ଅପଣାର ବିଦ୍ୟୋତ୍ସାହିତା ଓ ବଦାନ୍ୟତା ପ୍ରକାଶ କରି ଏହି ସ୍କୁଲକୁ କିଛି ସାହାଯ୍ୟ କରନ୍ତେ ତାହା ହେଲେ ସେମାନେ କଟକ ପ୍ରିଣ୍ଟିଂ କମ୍ପାନୀର ଆସିଷ୍ଟାଣ୍ଟ ସେକ୍ରେଟେରୀ ମାନ୍ୟବର ଶ୍ରୀଯୁକ୍ତ ବାବୁ ଅକ୍ଷୟକୁମାର ଘୋଷଙ୍କ ନିକଟରୁ ଜମା କରନ୍ତୁ ସରକାରଙ୍କ ନିକଟରୁ ଅନୁଗ୍ରହ କରି ପଠାଇବେ ଏ ଉପରୁ ପୁଣ୍ୟ କାର୍ଯ୍ୟ ତାହା ବର୍ତ୍ତମାନ କାହାରିକୁ ବୁଝାଇ ଦେବାକୁ ହେବ ନାହିଁ। ଉପସଂହାର ସ୍ଥଳରେ ଅମ୍ଭେମାନେ ସର୍ବସାଧାରଣରେ ଜଣାଉଅଛୁଁ ଯେ ଏ ସ୍କୁଲ ପ୍ରତି ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ଲାଲ ଓ ବାବୁ ଲାଲ ଚନ୍ଦ୍ରମଣି ବସୁ ବାବୁ ଲକ୍ଷ୍ମଣନାଥ ବସୁ ଓ ବାବୁ କୃଷ୍ଣମୋହନ ଲାଲ ଓ ବାବୁ ରଘୁନାଥ ଘୋଷ ଓ ବାବୁ ବୃନ୍ଦାବନଚନ୍ଦ୍ର ଅମ୍ଭଙ୍କୁ ବିଶେଷ ସାହାଯ୍ୟ କରି ଉଦାରତା ଓ ବିଦ୍ୟୋତ୍ସାହିତା ଦେଖାଇଅଛନ୍ତି। ଇତି।

ଆପଣଙ୍କର ଏକାନ୍ତ ବଶମ୍ବଦ

| | |
|---|---|
| ୨୬।୧୦।୯୯<br>ପୋଃ ମାହାଙ୍ଗା<br>। ଜି। କଟକ | ଶ୍ରୀ ଲାଲ ମାଲମଣି ବସୁ<br>ମାହାଙ୍ଗା ସ୍କୁଲର<br>ସମ୍ପାଦକ |

---

ମହାଶୟ,

ଏହି କେତେକ ଅଞ୍ଚଳର ବିଷୟ ଆପଣଙ୍କ ଉତ୍କଳଦୀପିକାରେ ସ୍ଥାନ ଦେଇ ମୁଦ୍ରାଙ୍କିତ ଯୋଗ କଲେ ଅମ୍ଭର ପରିଶ୍ରମ ସଫଳ ହୋଇ ଚରିତାର୍ଥ ହେବୁଁ ଗତମାସ ତା ୧୬ ରିଖ ପ୍ରାରମ୍ଭ ତା ୧୯ ରିଖ ପର୍ଯ୍ୟନ୍ତ ବୃଷ୍ଟି ହେଲା କେବଳ ତା ୧୯ ରିଖ ପ୍ରାତଃକାଳରୁ ଘୋର ବୃଷ୍ଟି ଓ ବାୟୁର ଆରମ୍ଭ ହୋଇ ରାତ୍ର ଶେଷପର୍ଯ୍ୟନ୍ତ କିଛି କ୍ଷମା ହେଲା। ଏହି ବୃଷ୍ଟି ଯୋଗେ ଖାଦ୍ୟ ଫସଲ ଯେ ନଷ୍ଟ ହେଲା ତାହା ଲେଖିବା ସାଧାରଣ ପ୍ରକାଶ ଅଛି, ସମ୍ପ୍ରତି ତା ୨୦ ରିଖ ପ୍ରାତଃକାଳରେ ଏହି ଶୋଚନୀୟ ଦେଖି ଓ ଶୁଣି ନିବେଦନ କଲୁଁ। ଅନେକ ଲୋକଙ୍କ ଦୁର୍ଦ୍ଦଶା ଓ ଗୋ ମହିଷ ମେଷ ଛାଗାଦି

ଖାଦ୍ୟଦ୍ରବ୍ୟ ଓ ବସ୍ତ୍ରର ଅଭାବରୁ ପୀଡ଼ିତ ହୋଇ ଅଗଣନୀୟ ପ୍ରାଣତ୍ୟାଗ କଲେ କିନ୍ତୁ ଅନ୍ନାଭାବରୁ ଏହି ଜିଲ୍ଲାରେ ପ୍ରାୟ ସର୍ବତ୍ର ଦୁର୍ଦ୍ଦଶା ଘଟିଅଛି ଏପରି ଆଲୋଚନା ପୂର୍ବକ ଲୋକଗଣଙ୍କ ପ୍ରାୟ ୫୦୦ ପାଞ୍ଚଶହ ପ୍ରାଣତ୍ୟାଗ କରିଥିବେ ଏହି ଉଚିତ ତା ୨୦ ରିଖ ସର୍କାର ଡାକ ମଧ୍ୟ ବନ୍ଦ ହୋଇଅଛି । କାରଣ ସଡ଼କ ଇତ୍ୟାଦି ଭଗ୍ନାବସ୍ଥା ହୋଇ ଜଳାଇତ୍ୟାଦିବର୍ଦ୍ଧନପୂର୍ବକ ନୌକା ଅଚଳ ଏଥି ସମୟରେ ଜଗଦୀଶ୍ୱରଙ୍କର କି ଇଚ୍ଛା ଆଉ ଏବା ବୃଷ୍ଟି ଶେଷ ହୋଇ ନାହିଁ ।

ବଶମ୍ବଦ

ତା ୨୦ ରିଖ ନଭେମ୍ବର ୧୮୮୯ ମସିହା ମୁ। ବୋଇଲଣି କଟକ ଜିଲ୍ଲା — ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଗ୍ରାମ ପୋଷ୍ଟମାଷ୍ଟର ଏବଂ ସ୍କୁଲମାଷ୍ଟର ବୋଇଡାଣୀ

ମହାଶୟ !

ଅନ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ପ୍ରଦାନକରି ବାଧିତ କରିବାହେବେ ।

ଗତମାସ ତା ୧୭ ରିଖ ପୂର୍ବାହ୍ନ ଘ ୧୧ଟା ସମୟରେ ମେଘମାନେ କ୍ରମେ କ୍ରମେ ଗଗନମଣ୍ଡଳକୁ ଆଚ୍ଛାଦିତ କରି ବର୍ଷଣର ଆରମ୍ଭ କଲେ, ଓ ଗତ ଘ ୧୨ ଘଣ୍ଟା ସମୟରେ ଉକ୍ତ ମନ୍ଦବୃଷ୍ଟି ପ୍ରବଳ ଝଡ଼ ରୂପରେ ପରିଣତ ହୋଇ ସନ୍ଧ୍ୟା ଉପସ୍ଥିତ ହେବାରୁ ଗଗନମାର୍ଗକୁ ସୁରକ୍ଷିତ କଲେ । ପରଦିବସ ପ୍ରାତଃକାଳରୁ ବୃଷ୍ଟିପତନ ବହୁତ ପରିମାଣରେ ବୃଦ୍ଧି ହେବାର ଦେଖି ଗ୍ରାମ ଲୋକଙ୍କ ଅଥବା ବୃଦ୍ଧ ହୋଇଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ଦିବସ ଅପରାହ୍ନ ସନ୍ଧ୍ୟା ସମୟରୁ ପୂର୍ବାପେକ୍ଷା ବାତ୍ୟାର ଅବିଶ୍ରାନ୍ତ ଭାବରେ ସମସ୍ତ ବସ୍ତୁ ପତିତ ହୋଇ ଜଳସାଧାରଣଙ୍କର ଚିତ୍ତରେ ଭୟଙ୍କର ଆଶଙ୍କା ଜନ୍ମାଇଦେଲା । ତା ୧୯ ରିଖରେ ପୂର୍ବଦିବସାପେକ୍ଷା ଅଧିକତର ବାୟୁପ୍ରବାହ ଅଶନିର ଶବ୍ଦ ଓ ବଜ୍ରାଘାତର ଭୟଙ୍କର କଳକଳଧ୍ୱନିଦ୍ୱାରା ପରିପୂର୍ଣ୍ଣ ହୋଇ ପ୍ରାଣିମାନଙ୍କର ହୃତ୍କମ୍ପ ଜାଇକଲା, ଉକ୍ତଦିନ ଲୋକମାନେ ପ୍ରାଣିମାନେ ଜୀବନର ଆଶା ପରିତ୍ୟାଗ କରି ଜଗଦୀଶ୍ୱରଙ୍କ ନିକଟରେ କ୍ରନ୍ଦନସ୍ୱରରେ ପ୍ରାଣ ରକ୍ଷାକରିବାର ପ୍ରାର୍ଥନା କଲେ; କିନ୍ତୁ ସମସ୍ତ ପ୍ରାର୍ଥନା ବିଫଳ ପ୍ରାୟ ହୋଇ ଅବଶେଷରେ ମେଘମାନେ ବାୟୁର ସହାୟ ପାଇ ବଜ୍ରଗମ୍ଭୀର ଶବ୍ଦାଦାନପୂର୍ବକ ଜନସାଧାରଣଙ୍କୁ କବଳିତ କରିବାକୁ ଲାଗିଲେ ଉକ୍ତ ପ୍ରଭଞ୍ଜନାକୁଳିତ ଝଟିକାସ୍ରୋତର ଜଳପ୍ଲାବନ ଉଠିଥିବା ହୋଇ ସମସ୍ତ କ୍ଷେତ୍ର ଧାନ୍ୟଫସଲ ନଷ୍ଟ କଲା । ପ୍ରବଳ ବାୟୁ ଓ ଜଳ୍ପାର ଲକ୍ଷଣାଦି ଏତଦ୍ଦୁଭୟଦ୍ୱାରା କ ଦେବାଳୟ, କ ଧର୍ମ, କ ଧର୍ମଶାଳା, କ ଦରିଦ୍ର ସମସ୍ତଙ୍କର ଗୃହ ଗୋ, ମହିଷ, ମେଷାଦି ଓ ବୃକ୍ଷଲତା ଯାବତୀୟ ଉପକରଣ ସହିତରେ ବିନଷ୍ଟ ହୋଇଅଛନ୍ତି । ପରଦିବସ ମୃତ୍ତିକା ମଧ୍ୟରୁ ଉକ୍ତ ଗ୍ରାମମାନଙ୍କର ଭଗ୍ନାଙ୍ଗ ଶବମାତ୍ର ମିଳୁଅଛି । ଜଳ୍ପା ମଧ୍ୟସ୍ଥିତ ଏଂବ ନୌକା ଓ ପକ୍ଷୀ ନଷ୍ଟ ହୋଇଅଛନ୍ତି ଯେ ସେମାନଙ୍କର ସଂଖ୍ୟା କରିହେବ ନ ପାରେ ପୁଣି ଅତି ଦୁଃଖର ସହିତ ଅବଗତ କଲୁଁ ଯେ ଜଳ ଅତିକ୍ରୋଧ୍ୟ ଉଲଙ୍କ ସମୁଦ୍ରକୂଳରେ ଦୁଇଖଣ୍ଡ ନୌକା ଉପରୁ ବଂଶକସ୍ତ୍ରଦ୍ରବ୍ୟ ବାଲୁକା ରାଶିଉପରେ ଚୂର୍ଣ୍ଣୀଭୂତ ହୋଇ ଜଳ ମଧ୍ୟସ୍ଥ ଉନଜଣ ଲୋକ ପ୍ରାଣତ୍ୟାଗ କରିଅଛନ୍ତି ଏବଂ ଏହିପରି ଦୁର୍ଘଟଣା ଚତୁଃପାର୍ଶ୍ୱସ୍ଥ ଅନେକ ସ୍ଥାନରେ ଘଟିଥିବାର ଶୁଣା ଯାଉଅଛି । ଅତ୍ରସ୍ଥ ମାଇନରସ୍କୁଲ ଗୃହଟି ସମସ୍ତ ଉପକରଣାଦି ସହିତରେ ବିନଷ୍ଟ ହୋଇଥିବାରୁ ବାଳକମାନଙ୍କର ଅଧ୍ୟୟନ କାର୍ଯ୍ୟରେ ବଡ଼ ବ୍ୟାଘାତ ଘଟୁଅଛି । ଏ ଅନୁନ୍ନତ ପ୍ରଦେଶ, ଏଥିରେ ପୁଣି ଏବଂବିଧ ଏତଦ୍ଦୁର ଜୋପଦ୍ରଷ୍ଟି ! ଅଦ୍ୟାବଧି ଏ ସ୍ଥାନରେ ମୃତ ପଶୁପକ୍ଷିମାନଙ୍କର ପୁତିକା ଗନ୍ଧଦ୍ୱାରା ମାର୍ଗରେ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇଅଛି । ଏହି ଘଟଣାରେ ଲୋକମାନେ ପ୍ରାୟ ଗୃହଶୂନ୍ୟ ପର୍ଯ୍ୟନ୍ତ ଅନାହାରରେ ରହିଥିଲେ ଏପରି ଦୁର୍ଘଟଣା ପ୍ରାୟ ଅନ୍ୟ କୌଣସି ସମୟରେ ଏ ସ୍ଥାନୀୟ ଲୋକମାନଙ୍କୁ ଭୋଗ କରିବାକୁ ହୋଇ ନ ଥିଲା । ଏଠାକାର ପ୍ରଜାମାନଙ୍କର ଧାନ୍ୟଫସଲ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଜୀବନ ଉପାୟ ନ ଥିବାରୁ କେବଳ ଉକ୍ତ ଫସଲ ଉପରେ ନିର୍ଭରକରି କାଳାତିପାତ କରନ୍ତି କିନ୍ତୁ ବର୍ତ୍ତମାନ ଉକ୍ତ ଫସଲର ସର୍ବନାଶ ହୋଇଥିବାରୁ ସେମାନେ ହାହାକାର ଯୁଦ୍ଧ କରୁଅଛନ୍ତି । ତା ୧୯ ରିଖ ଦିବସ ପ୍ରବଳ ବାୟୁ ପ୍ରବାହ ଓ ଝଡ଼ଦ୍ୱାରା ଜଳ୍ପା ଉଠିଥିବା ହୋଇ ଧାନ୍ୟଫସଲମାନ ନଷ୍ଟ କରିବାକୁ ଆରମ୍ଭ କରୁଥିବା ସମୟରେ ଏ ସ୍ଥାନର ଶ୍ରମଦାନ କାର୍ଯ୍ୟଦକ୍ଷ ପ୍ରଜାବତ୍ସଳ, ଶ୍ରୀଯୁକ୍ତ ରାଜା ବାହାଦୁର ଜଳ୍ପାମୁଖରୁ ଫସଲ ରକ୍ଷାକରିବାପାଇଁ ନିଜେ ପଦବ୍ରଜରେ ଦ୍ୱାରେ ଦ୍ୱାରେ ଭ୍ରମଣକରି ପ୍ରଜାମାନଙ୍କୁ ଆପଣା ପୁତ୍ର ଭାବ ପ୍ରଦର୍ଶନ ବାକ୍ୟଦ୍ୱାରା ବହୁକଷ୍ଟରେ ସେମାନଙ୍କୁ କେଉଁ ବନ୍ଦୋବସ୍ତ କରାଇବାର ଅନେକ ଉଦ୍‌ଯୋଗ କରିଥିଲେ । କିନ୍ତୁ ସେହି ସମୟରେ କରୁଣାଦେବୀ ରାଜା ବାହାଦୁରଙ୍କର ଚେଷ୍ଟା ସମସ୍ତ ଚେଷ୍ଟା ବିଫଳ କଲେ । ପ୍ରଜାମାନେ ଅର୍ତ୍ତନାଦକରି ଆପଣା ପ୍ରାଣ ରକ୍ଷାନିମିତ୍ତ ସ୍ୱସ୍ୱଗୃହକୁ ଫେରିଆସିଲେ କିନ୍ତୁ ସେଥିରେ ମଧ୍ୟ ନିସ୍ତାର ନାହିଁ । "କାରଣ ପ୍ରାୟ ସମସ୍ତଗୃହ ସମୂଳୋତ୍ପାଟିତ !!! ହାୟ, କ ଦୁଃଖଜନକ ବ୍ୟାପାର ! କ ଭୟାନକ ଦୁର୍ଘଟଣା ! ! କ ଭୟଙ୍କର ଅର୍ତ୍ତନାଦ ! ! ! ଏ ବିପଦରୁ ଉଦ୍ଧାର ପାଇବାର ଉପାୟ ଆମ୍ଭମାନଙ୍କର ଦୟାଳୁ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ବ୍ୟତୀତରେ ଆଉ କିଛି ଦେଖାଯାଉ ନାହିଁ କାରଣ ଏ ସ୍ଥାନର ଶ୍ରୀଯୁକ୍ତ ରାଜା ବାହାଦୁରଙ୍କର ଅଧିକ ଦିନରୁ ବମ ଅର୍ଥ ପ୍ରଦର୍ଶନ ପ୍ରଜାସାହାଯ୍ୟ ଛାଡ଼ିବାକୁ ଚାହିଁ ଗତବର୍ଷ ଧାନ୍ୟଫସଲ ପ୍ରାୟ ଅଠପଣ ଅଦାୟ ହୋଇଥିବାରୁ ପ୍ରଜାମାନେ କଷ୍ଟଭୋଗ କରୁଥିବାର ଦେଖି ଦୟାଶୀଳ ରାଜା ଗତ ଅଗ୍ରହାୟଣଠାରୁ ଅଦ୍ୟପର୍ଯ୍ୟନ୍ତ ଧାନ ଓ ଟଙ୍କା ସାହାଯ୍ୟଦ୍ୱାରା ସମସ୍ତ ରାଜକୋଷ ଶୂନ୍ୟ କରିଅଛନ୍ତି ଅତଏବ ମହାମାନ୍ୟ ଭାରତୀୟ ଗର୍ଭ୍ଣମେଣ୍ଟ ଏହିଠାରେ ଚତୁଃପାର୍ଶ୍ୱରେ ଥିବା ବିଭାଗ ମହାମାନ୍ୟ କରାଇବା ବିଷୟରେ ପ୍ରଚାର ନ କଲେ ସ୍ଥାନୀୟ ପ୍ରଜାମାନଙ୍କର ଜଳ୍ପାମୁଖରୁ ରକ୍ଷାପାଇବାର କୌଣସି ଉପାୟ ନାହିଁ । ବିଶେଷ ଅବଂ ବିଶେଷ । ଇତି

୨୩।୧୧।୮୯ ମସିହା ପାରିକୁଦ — ବଶମ୍ବଦ ଶ୍ରୀ ଜୟକୃଷ୍ଣ ମିଶ୍ର

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀଧର ପଟ୍ଟନାୟକ | ବନସ୍ପୁ | ୫ ୮୯ |
| ମୁନସି ରସଦ ହୋସେନ ଗାଲିବଜା ଅସ୍ତିନ | | ୫ ୮୯ |
| ବାବୁ ବୃନ୍ଦାବନ ପଣ୍ଡା ଲମ୍ବା | . | ୫ ୮୯ |
| ଧର୍ମସିଂହ ମହାଜନ କୌଦ | . | ୨ ୮୯ |


## ବିଜ୍ଞାପନ ।



ନାନାପ୍ରକାର ଶ୍ରେଷ୍ଠ ବଡ଼ ମୂଲ୍ୟଘଡ଼ି


Digitized by srujanika@gmail.com

ଯୁକ୍ତିମତରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ଵ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ-ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

କଟକ }　ଶ୍ରୀ ଗୌରୀଶଙ୍କର ରାୟ
୧୫।୧୧।୯୫ }

---

# ବିଜ୍ଞାପନ ।

## ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଅଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଅଡ଼ିଗଲ ପର ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ବଳତା ଏକାବେଳକେ ଆରୋଗ୍ୟ ହୁଅଇ ।

ଏକଶିଶିର ମୂଲ୍ୟ ଟ ୧　ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

---

## ଶ୍ଳେଷ୍ମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଶ୍ଳେଷ୍ମଯୁକ୍ତ ସ୍ଥାନରେ ଲଗାଇ ଦେଲ ମାତ୍ରକେ ତତ୍‌କ୍ଷଣାତ୍ ବିନା ଯନ୍ତ୍ରଣାରେ ଶ୍ଳେଷ୍ମମାନ ସେ ସ୍ଥାନରୁ ଛାଡ଼ିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ୀ ନଖ, କେଶ ପ୍ରଭୃତି ସ୍ଥାନରୁ ଶ୍ଳେଷ୍ମ ଉଠାଇଦେବା ଅତି ସହଜ ଅଟେ ।

ଏକଶିଶିର ମୂଲ୍ୟ ଟ ୦ ୪　ପ୍ୟାକିଂ ଟ ୦ ⁄
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ତହିଁ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମ୍ମା
ନ ୬୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ
କଲିକତା ।

---

# ଦ୍ୱିଭାଷୀ ।

## ( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅତ୍ୟାବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ-ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

ଆୟୁର୍ବ୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ସହ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବ୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ-ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

---

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼ି, ଡାମିଜ, କୋଟ, ଦେଶୀ ଓ ବିଲାତୀଯୋଡ଼ା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ବାବଦେ ଶତକଡ଼ା ୫ ମା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ ବା ପୁରାତନ, ରୋଗି ପୁରୁଷ ବା ସ୍ତ୍ରୀ, ରୋଗିର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ସେମାନେ ଏଣିକି ମାତ୍ର କଲିକତାରୁ ବା ଅମୃତସରରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ ଯଦ୍ୟପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଲଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores }　ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ନବଧଦ୍ରବ୍ୟ ଓ ଔଷଧାଳୟ }　ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ ।

କ୍ରିମିନାଶକ ଚୂର୍ଣ୍ଣ—ଏକଡ଼ିବିର ଟ ୦।୵ ଡାକମାସୁଲ ଟ ୦ । ଏକଥରେ ଗୃହତିଡ଼ିବା ନେଲେ ଡାକମାସୁଲ ଟ ୦ । ଯଥା । ଏ ଚୂର୍ଣ୍ଣକୁ କ୍ରିମିଯୁକ୍ତ ସ୍ଥାନମାନଙ୍କରେ ଲଗାଇଲେ କ୍ରିମିମାନ ଛୁଡ଼ିଯିବ ଅଧଘଣ୍ଟାକ ମଧ୍ୟରେ ।

ଦଦ୍ରୁନାଶକ ମଲମ—ଏକଡ଼ିବିର ଟ ୦।୵ ଡାକମାସୁଲ ଉପରଲେଖିତମତେ ଅଟେ ଏ ମଲମ ଲଗାଇଲେ ଚକଗୁଡ଼ାଇଥିବା ସମସ୍ତ ଦାଦୁ ଭଲହୁଅଇ ଏଥିରେ ଜ୍ୱାଳା ଓ ଫୋଟକାହୁଏ ନାହିଁ । ଦେଲୁଯେବଲରେ ଫଟାଯିବ ନାହିଁ ।

ବିରସାବଜାର } ଶ୍ରୀପଙ୍କୀରତ୍ରିପାଠୀ କବିରାଜ ।
କଟକ

# ମେହରୋଗ ।

ଆଉ୭ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରଅଛି ସେମାନଙ୍କର ତତ୍କାଳ ଚିକିତ୍ସା କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ନିମନ୍ତେ ଜୀବନର ମାୟା ପରିତ୍ୟାଗ କରନ୍ତୁନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଅତି ବୃଦ୍ଧ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧ ବ୍ୟବହାରରେ ପରିଣତ ନ ହେଲେ ଆଉ ଗତି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତିକାକାରରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନଂ ୩ ମ୍ବର ଭବନରେ ସ, ନେ, ଗଡ଼ କମ୍ପାନିଙ୍କଠାରେ ଏବଂ କଟକ ବିରସାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସବୁକୁ କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଓ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୦ ପଣି ଫାଇ | ୦ ୧୪ ଟ ୧୭୵ | ୦ ୧୯ ଟ ୦ ୵୭ |
| ୧୨ ପଣି | ,, | ଟ ୧୵ | ,, ଟ ୦ ୵୩ |
| ୧୨ ପଣି | ,, | ଟ ୨୲ | ,, ଟ ୦ ୵ |
| ୨୨ ପଣି ଡବଲଫୁଲସ୍କେପ,, | | ଟ ୪୲ | ,, ଟ ୦ ୵୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉପରିଲିଖିତ ଦୋକାନରେ ଏଥିସଙ୍ଗେ ଅନ୍ୟାନ୍ୟ ଦ୍ରବ୍ୟ ବିକ୍ରୟ ହେଉଅଛି ତନ୍ମଧ୍ୟରୁ ସାଧାରଣ ନିମନ୍ତେ ଏକତ୍ର ତୋଳା ଓ କଲମ ଓ ରେସମାଓଡ଼େଇର ଲୁଗା ଓ ମେସିନରି ଓ ସମସ୍ତ ପ୍ରକାରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଅଛି । ଉପଯୁକ୍ତ ଅଛି ଜେଲରେ ଫେସନ ଉପଯୋଗୀ ଚାକନ୍ ସର୍ବାଦି ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଉଚିତ ଦର ସର୍ବପ୍ରକାର ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ଉକ୍ତ ଜିନିଷମାନ ବିକ୍ରୟ ହେବା ଏବଂ ଆପଣା ମଫସଲ ସକାଶେ ଡଜନ ଦରରେ ଗ୍ରାହକ ହେବେ ଏହି ଗ୍ରାହକକୁ ସେ ଦରରେ ଟ ୦୵୭ ହିସାବରେ ଦଣ୍ଡା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଗ୍ରାହକଙ୍କର ମୂଲ୍ୟ ଦାମ ଉପରେ ହେବ । ଖର୍ଚ୍ଚ ହେଲେ ଜିନିଷର ପୂରା ମୂଲ୍ୟ ତାଙ୍କ ଦେବାକୁ ହେବ ।

ଜିନିଷ ।

ନଳର ଜେଲଣା ଓ
ଚନ୍ଦ୍ରିକେ ସ୍ୱର ଲେଖେ
ଯନ୍ତ୍ରେ ।
ନକ୍ସେଦାଣ୍ଡ
ଇରେସିନ୍ ପେନ୍ସିଲ ଜଳକା
ନୌକ ସ୍ୱାଦା ଓ ଲାଲ
ରଙ୍ଗର ।
ଚନ୍ଦ୍ର ଅର୍ଥାତ ନକସା
କରିବା କାଗଜ ସେନ୍
ଟ୍ରିଲ ଓ କଲମ ।
ପେନ୍ସିଲ କାଟିବା ଛୁରି ।
ନାନା ପ୍ରକାରର ଚଉଁ
କାଗଜ ଓ ଲଫାଫା
କେସ ଦଣ୍ଡ
ବିଲକ ଛଡ଼ ।
କଲମ ସାକୁର ।
ତାଗାଚ ସାବାନ ଶଳ୍ପ ରେ
ଦ୍ରୁଷା ଶସ୍ତାର ହୁଏ ।
ଅକ୍ଷୋଉ ରେଜ—ଅର୍ଥାତ
ସୁନ୍ଦରୀ ଚୁଡ଼ି ।
ଅଣ୍ଡ ତୁଷ ।
ଔଷଧ ମୁଦ ଉଚନ୍ତୀଁ
ନାସି ଓ ଅଙ୍କ ।
ଦ୍ରୋଣେଷ୍ଟାଲ ।
ବାଉ ଡିଶର ଓ
କଡ଼ ଉଡ଼ିଳ ଓ ଦ୍ୱାତା
ଛଲ୍ଲା
ଲଙ୍କର୍ ତୁଲଫଲହୁଳ
ଏକଗଲ ତୁଶ
କେଲସର ଡପୋଲ ସବ
ଡେକସଲ୍ଟ ଅଲ
ଏ, ସୋଷର ସସ୍ତେଟ
ଭାନ୍ନିଭ ଓ ବ୍ରୁରୁଶ ।
ତଳଳ ଅକରୋଟ
ଏଡ଼କ ଡାକଣ ।
ଅଷ୍ଟମେଟ୍ ପେନ୍ସିଲ
ଥିଲ ଏ ପେନସିଲର
ଲେଡ଼ ଉଠର ସେଷ
ଭକ୍ ଲଗାଇ ସେହି
ପେନ୍ସିଲ୍ ଲେଖା ଯ
ଉରେ ବେଉ ଉଗାଉ
ଦେବେଲୋଡ଼ଙ୍କା ବର
ନ ଉଠେ ।
ଫୋର୍ଟଲିନର ଓ ଟିକ୍ଲରର
କେସ୍ମିଜ-ଲେଡ ଓ ତାଳର
ଉଲେ ଉଲେ
ଚଲାକ ବାଢ ଆଦି
ନେଟ୍ବାରକେସ୍ ସର
ଓ ଶୁଣିଲେ ଜଣା
ହେବ ।
ଅଇନା ଉଲ୍ଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ,,
ମୋଜା ଓ ମୋଜାଜଳ
ଡଜନ ୪ଙ୍କ ଡଜନରେ
ଉଲନ୍ଟାଇଲ ଜଲ ଓ
ସୁତଳା
ଡେମେଷ୍ଟଲେଇ ।
ଜଣେ ଓ ଫାଇକଟେକୋଁ
ଟିଓ
ଉଲୁଶନ୍ଟେଇସେ ଉଚ
କାଟିବାର ଆରୋ
ମସ୍କରମା
ଲେଡ଼ ଡୁ ସେନ୍ସିଲ
ଜନାଚସୀ ଶାଶୀ ଓ ଲୋଡ
ଓ ଉଚ
ମଦବୃତାଇସ ଓ ଥିଏଂ
ପାଠ ପାଷ୍ଟେଲ ଓ
ଶାଡ଼ୀ ।
ଚିତ୍ତିଂ କାଡ
ଏବିମୋଲ ଅଥତ ଉଷା
ହିକ କପାଉ ଅଭର
ଉପର କହିବା ଜଗରେ
ଦରକାର ହୁଏ ।

# ପିତାଗର ।

ଏ ତାଲର କେଉଣସି ପାନରେ ଉର୍ଦ୍ଧ ନିଅଁରେ ଉଲଲାଇ ଦୋପାଲ୍ଲିରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ଉପର ମଦ୍ରିଙ୍ଗ ଅରେ ଲେପିଦେଲେ ମଜବୁତ ହେବ ଓ ଭଲ ଥଲନ ନାହିଁ ।

ଚଟିଲ ଚମଡ଼ା ଓ ଖାଡରେ ଲଗାଇବାର କାଳ ମଧ୍ୟ ଅଛି ।

ଅର୍ଦ୍ଧେନ୍ଦୁ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵୬ |
| ଅଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୪ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାହାର ଖର୍ଚ୍ଚ ଟ ୦।୵ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

☞ ଏହି ଉତ୍କଳଦୀପିକା କଟକ ମଫସଲ ବରସାବଜାର କଟକ ପ୍ରିଣ୍ଟିଂକମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୪ ଭା | ସଂ ୪୭ ସଂଖ୍ୟା | ତା ୭ ରଣ ମାହେ ଚୈତ୍ରର ସନ ୧୮୮୫ ସାଲ । ମା । ମାର୍ଚ୍ଚିର ତା ୨୪ ... ୧୮୭୯ ସାଲ ... | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲ | ଶଣ୍ଡାଦେୟ ଟ ୬୲

କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାମାନଙ୍କର ଦିନ ସ୍ଥିର ହୋଇଅଛି । ଏଲ୍, ଏ ଏବଂ ବି, ଏ, ପରୀକ୍ଷାମାନ ଆଗାମି ମାର୍ଚ୍ଚମାସ ତା ୧୦ ରୁଖରେ ଏବଂ ପ୍ରବେଶିକା ପରୀକ୍ଷା ଆଗାମି ଫେବ୍ରୁଏରି ମାସ ତା ୨୪ ରୁଖରେ ଆରମ୍ଭ ହେବ । ପୂର୍ବ ନିର୍ଦ୍ଧାରିତ ତା ୧୭ ରଖ ଫେବ୍ରୁଏରୀରେ ଶିବରାତ୍ରି ପର୍ବ ପଡ଼ିବାରୁ ଏପରି ହୋଇଅଛି ।

---

ଆମ୍ଭେମାନେ ଗତସପ୍ତାହରେ ଶ୍ରୀଯୁକ୍ତ ଟ୍ୱିଟ ସାହେବଙ୍କର ଏଠାକୁ ଫେରିଆସିବା ବିଷୟରେ ଗୋଟିଏ ଜନରବ ପ୍ରକାଶ କରିଥିଲୁଁ । ମାତ୍ର ସପ୍ତାହ ବାହାରିବା ପୂର୍ବେ ଅର୍ଥାତ ଗତ ପୂର୍ବ ଶୁକ୍ରବାର ଟ୍ୱିଟ ସାହେବ ଏଠାରେ ପହଞ୍ଚି କଲେକ୍ଟରୀର ଭାର ନେଇଅଛନ୍ତି ଏବଂ ଏକଟିଂ କଲେକ୍ଟର ମାଗ୍ରଥର ସାହେବ ପ୍ରସ୍ଥାନ କରିଅଛନ୍ତି ।

---

ଆମ୍ଭେମାନେ ଦୁଃଖରସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ସିରସ୍ତାଦାର ବାବୁ ଭଗବାନପ୍ରସାଦ ଦତ୍ତଙ୍କୁ କମିଶ୍ନର ସାହେବ ଅଯୋଗ୍ୟତା ଦୋଷରେ ବରଖାସ୍ତ ହେବାର ଆଦେଶ ଦେଇଅଛନ୍ତି । ଏ କାର୍ଯ୍ୟହେତୁ ସେ ଏବଣ୍ଡ ଲଭିଲେ ଆମ୍ଭେମାନେ ବୁଝି ନ ଥିବାରୁ କଷ୍ଟ କରୁ ନ ପାରୁଁ କେବଳ ଅଯୋଗ୍ୟତା ଦୋଷ ହେଲେ କାହିଁକି ଏପରି କଠିନଦଣ୍ଡ ଆମ୍ଭମାନଙ୍କୁ ଅନୁଚିତ ବୋଧ ହେଉଅଛି । ସିରସ୍ତାଦାରୀର ଅଯୋଗ୍ୟ ହେଲେ ପେସକାରୀ କିମ୍ବା ମୋହରରୀ କର୍ମକୁ ଅବନତ କରିବା ନ୍ୟାୟ ଓ ଦୟାପୂର୍ଣ୍ଣ କାର୍ଯ୍ୟ ହୋଇଥାନ୍ତା ।

---

ଏଠା ଏକଟିଂ ମାଜିଷ୍ଟ୍ରେଟ ମାଗ୍ରଥର ସାହେବଙ୍କ ମିସଲରୁ ମୋକଦ୍ଦମା ଉଠାଇ ନେବା କାରଣ ବାବୁ କାନ୍ତିଚନ୍ଦ୍ର ରାଏ ଏବଂ ଚୌଧୁରୀମାନେ ହାଇକୋର୍ଟରେ ମୋସନ କରିଥିଲେ । ଉକ୍ତ ମୋସନ ମଞ୍ଜୁର ହୋଇ କାନ୍ତିବାବୁଙ୍କ ମୋକଦ୍ଦମା ବାଲେଶ୍ୱର ମାଜିଷ୍ଟ୍ରେଟଙ୍କୁ ଏବଂ ଚୌଧୁରୀମାନଙ୍କ ମୋକଦ୍ଦମା ଏଠା କଏଣ୍ଟ ମାଜିଷ୍ଟ୍ରେଟଙ୍କୁ ସୁପର୍ଦ୍ଦ ହେଲା । ଚୌଧୁରୀଙ୍କ ନାମର ମୋକଦ୍ଦମା ଏଥିମଧ୍ୟରେ ଦରପେସ ହୋଇ ପ୍ରମାଣ ନ ହେବାରୁ ଡିସମିସ ହୋଇଅଛି । ଏବଂ ଚୌଧୁରୀମାନେ ଖଲାସ ପାଇଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେଉଁମାନେ ଅକାରଣ ଏତେ ଲାଞ୍ଛନା ଓ ଅପମାନରେ ପକାଇଲେ ସେମାନଙ୍କୁ ଚୌଧୁରୀମାନେ ଉପଯୁକ୍ତ ଶିକ୍ଷା ଦେବେ ।

---

ଗତ ସୋମବାର ସନ୍ଧ୍ୟାସମୟରେ ଏଠା ନ୍ୟୁକଲସଭାର ଏକ ଅଧିବେଶନ ହୋଇ କଲେକ୍ଟର ଅସ୍ଥାୟୀ ଭାଇସଚେୟାର ଶ୍ରୀଯୁକ୍ତ ମ୍ରାଉନଲ ସାହେବଙ୍କୁ ବହୁମାନଠାରେ ଖଣ୍ଡିଏ ଅଭିନନ୍ଦନ ପତ୍ର ଦେବାର ସ୍ଥିର ହେଲା । ଉକ୍ତ ଅଭିନନ୍ଦନ ପତ୍ର ଏଠା ଭାଉଟସିଡ଼ିନର ଗୋଟିଏ ରୂପାବାକ୍ସରେ ପ୍ରଦତ୍ତ ହେବ ଏବଂ ଏଥିର ବ୍ୟୟ ପ୍ରାୟ ଏକଶହ ଟଙ୍କା ସାଧାରଣ ଚାନ୍ଦାଦ୍ୱାରା ସଂଗୃହୀତ ହେବ । ସଭାରେ ଟ ୩୬୲ ଙ୍କା ଚାନ୍ଦା ସ୍ୱାକ୍ଷରିତ ହେଲା । ଭାରତବର୍ଷର ଅନ୍ୟାନ୍ୟ ସଭାସମିତିମାନ ଏହିପରି ସାହେବମହୋଦୟଙ୍କର ଅଭ୍ୟର୍ଥନା କରିବାର ଉଦ୍ୟମ କରିଅଛି ଏବଂ ଆମ୍ଭେମାନେ ଏଥିରେ ବଡ଼ ଆନନ୍ଦିତ ହୋଇଅଛୁଁ କାରଣ ଆମ୍ଭମାନଙ୍କ ମଙ୍ଗଳନିମିତ୍ତ ଯେ ବ୍ୟକ୍ତି ଏତେ କାର୍ଯ୍ୟ କରୁଅଛନ୍ତି ତାହାଙ୍କଠାରେ କୃତଜ୍ଞତା ପ୍ରକାଶ ନ କଲେ ଆମ୍ଭେମାନେ ମନୁଷ୍ୟନାମର ଯୋଗ୍ୟ ହେବୁ ନାହିଁ ।

---

ଘୋଟନାଗପୁରର କୋଲମାନେ ମାତି ଅଛନ୍ତି । ସେମାନେ ମିଳକର ଜମିଦାରଙ୍କ କଚେରୀଘର ପୋଡ଼ି ଦେଇ ଅଛନ୍ତି ଏବଂ ବଙ୍ଗାଳୀମାନଙ୍କ ଅନେକ ଲୋକଙ୍କୁ ଆହତ କରିଅଛନ୍ତି । କଥିତ ହୁଅଇ ଯେ ଜମିଦାର ଅଧିକତ୍ତ୍ୱ ଖଜଣା ବୃଦ୍ଧି ଏବଂ ବେଠିରେ ଅସ୍ତ୍ର ବ୍ୟସ୍ତ କରିବାରୁ ସେମାନେ ଆତ୍ମରକ୍ଷାର୍ଥେ ଏପରି କରିଅଛନ୍ତି ଏବଂ ତାହାଙ୍କୁ ଶାନ୍ତ କରିବାପାଇଁ ସୈନ୍ୟ ପ୍ରେରିତ ହୋଇଅଛନ୍ତି । ଘୋଟନାଗପୁର ଅଞ୍ଚଳରେ କୋଲମାନଙ୍କ ସଂଖ୍ୟା ପ୍ରାୟ ଲକ୍ଷଲୋକ । ଏମାନେ ଅଜ୍ଞ ଓ ବଡ଼ ସରଳପ୍ରକୃତିର ଲୋକ । କ୍ଲେଶସମାଜ ଯଥାର୍ଥ କହି ଅଛନ୍ତି କି ସ୍ଥାନୀୟ ହାକିମମାନେ

Digitized by srujanika@gmail.com

Split by PDF Splitter



ପୂର୍ବରୁ ସତର୍କ ଥିଲେ ଏପରି ଘଟି ନ ଥାନ୍ତା । ଜମିଦାରଙ୍କର ଏକଦଳର ଅତ୍ୟାଚାରରେ ଏପରି ଘଟି ନ ଥିବ ଏବଂ କ୍ରମାଗତ ଅତ୍ୟାଚାର ହେଉଥିବା ପ୍ରତ୍ୟକ୍ଷ ଯେବେ ସ୍ଥାନୀୟ ହାକିମମାନେ ତାହା ଜାଣି ନ ପାରନ୍ତିଲେ ତେବେ ଅହରହ ମୋଫସଲ ଭ୍ରମଣ କରି ତତ୍ରସ୍ଥ ସମସ୍ତ ଅବସ୍ଥା ବୁଝିବାର ଫଳ କଣ ? ପ୍ରକୃତରେ ଅନେକ ହାକିମ ଦେଶୀୟଲୋକଙ୍କ ସଙ୍ଗରେ ମିଶି ଅଭ୍ୟନ୍ତରୀଣ ଅବସ୍ଥା ଜାଣିବାକୁ ଚେଷ୍ଟା କରନ୍ତି ନାହିଁ ଏବଂ ସେହିହେତୁ ପ୍ରଜାଙ୍କର କଷ୍ଟ ଦୂର ଏବ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ପୂର୍ତ୍ତି ହୁଅଇ ନାହିଁ ।

---

ନାଗପୁର ମହାସମିତିର ଅସନ୍ତା ବୈଠକନିମିତ୍ତ କମେଟିରେ ଯେ ସମସ୍ତ ଆୟୋଜନ ହୋଇଅଛି ପାଠକମାନଙ୍କୁ ଜଣାଇ ଅଛୁଁ । ଯେ ସମସ୍ତ ପ୍ରତିନିଧି ଏଥର ସଭାରେ ଉପସ୍ଥିତହେବେ ସେମାନଙ୍କୁ ଜଣପ୍ରତି ଅଠ ଟଙ୍କା ଲେଖାଏଁ ମହାସମିତିର ଖର୍ଚ୍ଚନିମିତ୍ତ ଫି ଦେବାକୁ ହେବ ଯେଉଁମାନେ ଦେଶୀୟ ଷ୍ଟାଇଲରେ ଭୋଜନ କରିବେ ସେମାନେ ସମିତି ବସିବାର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ମୋଟରେ ଗ୍ଦ ଟଙ୍କା ଲେଖାଏଁ ଦେବେ କିନ୍ତୁ ଯେଉଁମାନେ ଇଂରାଜୀ ଷ୍ଟାଇଲରେ ଭୋଜନ କରିବେ ତାହାଙ୍କୁ ଜଣପ୍ରତି ଦିନକୁ ଦୁଇଟଙ୍କା ଲେଖାଏଁ ଦେବାକୁ ହେବ । ପ୍ରତିନିଧିମାନେ ଆପଣା ବାସନ ଓ ବିଛଣା ସଙ୍ଗରେ ନେଇ ଯିବେ କିନ୍ତୁ ଅଧିକ ପରିମାଣରେ ନେବାର ପ୍ରୟୋଜନ ନାହିଁ କାରଣ କମେଟିରେ କଡ଼ାକଡ଼ି ସମୟରେ ସୁଦ୍ଧା ଅଧିକ ଶୀତ ହୁଅଇ ନାହିଁ । ଏକଜଣରୁ ଅଧିକ ଚାକର ନେବାକୁ ହେବ ନାହିଁ ଏବଂ ଯେ ତାହା ନ ନେଇ ଚଳିପାରିବ ସେ ତାହା କରିବ । ଚାକରମାନେ ଆପଣା ଖୋରାକ କିଣି ଖାଇବେ ଅଥବା ଦୁଇଟଙ୍କା ଖର୍ଚ୍ଚ ଦେଲେ ସମିତି ଯେତେଦିନ ବସିବ ସେତେଦିନ ଖାଇବାକୁ ପାଇବେ । ପ୍ରତିନିଧି ଭିନ୍ନ ଅନ୍ୟ କାହାରିକି ପୂର୍ବରୁ ସମ୍ବାଦ ନ ପାଇଲେ ଅଭ୍ୟର୍ଥନା କମିଟୀ ସ୍ଥାନ ଦେବେ ନାହିଁ ଏବଂ ପ୍ରତ୍ୟେକ ପ୍ରତିନିଧି ଦୁଇଖଣ୍ଡ ସାର୍ଟିଫିକେଟ ନେଇ ଯିବେ ଯେ ଏକଖଣ୍ଡ ପୂର୍ବରୁ ପଠାଇ ଦେବେ ଏବଂ ଏକଖଣ୍ଡ ଆପଣା ସଙ୍ଗରେ ନେଇଯିବେ ।

---

ଆମ୍ଭେମାନେ ଅନେକ ସନ୍ତୁଷ୍ଟ ହେଲେର ତାର ସମ୍ବାଦରେ ପାଠ କଲୁଁ କି ଶ୍ରୀଯୁକ୍ତ ବ୍ରାଡ଼ଲସାହେବ କମେଟିକୁ ଯାତ୍ରା କରୁଅଛନ୍ତି ଏବଂ ମହାସମିତିର ଅଧିବେଶନ ସମୟରେ ସେଠାରେ ଉପସ୍ଥିତ ହେବେ । ତାହାଙ୍କ ଶରୀର ଆରୋଗ୍ୟ ହୋଇଅଛି ମାତ୍ର ଅତ୍ୟନ୍ତ ଦୁର୍ବଳ ଅଛନ୍ତି । ତାହାଙ୍କ ଡାକ୍ତରମାନେ କମେଟିରେ ଏକସପ୍ତାହରୁ ଅଧିକ ନ ରହିବାପାଇଁ ତାହାଙ୍କୁ ବିଶେଷ କରି କହିଅଛନ୍ତି । ସୁତରାଂ ସେ ଅଧିକ ଦିନ ରହିବେ ନାହିଁ କମ୍ବା ଭାରତବର୍ଷର ଅନ୍ୟ କୌଣସି ସ୍ଥାନକୁ ଯିବେ ନାହିଁ । ଭାରତବର୍ଷର ବ୍ୟବସ୍ଥାପକ ସଭାମାନଙ୍କର ଉନ୍ନତି ଏବଂ ସେସବୁରେ ନିର୍ବାଚନପ୍ରଣାଳୀ ପ୍ରବର୍ତ୍ତିତବା ବିଷୟରେ ସେ ଟିଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରୁଅଛନ୍ତି । ତନ୍ତ୍ର ପାଣ୍ଡୁଲିପି ମହାସମିତିରେ ପାଠ କରିବା ଏବଂ ତହିଁ ସମ୍ପର୍କରେ ମତାମତ ସଂଗ୍ରହ କରିବା ତାହାଙ୍କର ଏଦେଶକୁ ଆଗମନର ପ୍ରଧାନ ଉଦ୍ଦେଶ୍ୟ ଅଟଇ । ଏଥିରୁ ପାଠକମାନେ ବୁଝିବେ ଯେ ସେ ଆମ୍ଭମାନଙ୍କର ହିତଚିନ୍ତାରେ କେମନ୍ତ ମନୋଯୋଗୀ ଅଟନ୍ତି । ପରର ହିତସାଧନ ନିମିତ୍ତ ସ୍ୱେଚ୍ଛାପୂର୍ବକ ଉଠି ଦୁର୍ବଳଶରୀରରେ ସାତସମୁଦ୍ର ପାର ହୋଇ ବିଲାତରୁ ଏଦେଶକୁ ଆସିବା ସାମାନ୍ୟ କଥା ନୁହଇ । ନିତାନ୍ତ ସାଧୁ ଓ ପରୋପକାରୀ ଭିନ୍ନ ଅନ୍ୟ କାହାର ପକ୍ଷରେ ଏହା ସମ୍ଭବ ନୁହଇ । ଆମ୍ଭମାନଙ୍କ ପ୍ରତି ତାହାଙ୍କର ଏପରି ସ୍ନେହ ଓ ଅନୁରାଗ ସେ ହେତୁ କୃତଜ୍ଞତା ଓ ଧନ୍ୟବାଦର ପାତ୍ର ତାହା ବର୍ଣ୍ଣନାତୀତ । ପରନ୍ତୁ ବ୍ରାଡ଼ଲସାହେବ ଭାରତବର୍ଷର ଦୁଃଖ ପାର୍ଲିମେଣ୍ଟସଭାରେ ପ୍ରକାଶ କରିବାରେ ଏକନିଷ୍ଠ କ୍ରମାଗତ ଯେଉଁ ଯତ୍ନ ଓ ପରିଶ୍ରମ କରିଅଛନ୍ତି ତହିଁର ତୁଳନା ନାହିଁ । ଏହାଙ୍କଠାରେ କୃତଜ୍ଞତା ଓ ସ୍ନେହ ପ୍ରକାଶ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ ହେଉଅଛି ।

---

ବଙ୍ଗପ୍ରଦେଶର ସନ ୧୮୮୮।୮୯ ସାଲର ଇନକମଟାକ୍ସ ବିବରଣୀର ରିପୋର୍ଟରୁ ଜଣାଯାଏ ଯେ ସନ ୧୮୮୭।୮୮ ରେ ଟ ୪୭,୩୬,୨୧୯ ଙ୍କା ଏବଂ ସନ ୧୮୮୮।୮୯ ରେ ଟ ୩୯,୧୬,୭୮ ଙ୍କା ଉସୁଲ ହୋଇଥିଲା । ସୁତରାଂ ୧ଲକ୍ଷ ୭୭ ହଜାର ଟଙ୍କା ଅଧିକା ପ୍ରାପ୍ତ ହୋଇଅଛି ଏବଂ ଖର୍ଚ୍ଚ ମଧ୍ୟ ଗତବର୍ଷଠାରୁ ଏକହଜାର ଟଙ୍କା ଉଣା ପଡ଼ିଅଛି । ଉସୁଲକାର୍ଯ୍ୟ ମଧ୍ୟ ଉତ୍ତମ ହୋଇଅଛି ଏବଂ ବାକି ସାମାନ୍ୟ ପଡ଼ିଅଛି । ଆପତ୍ତିର ସଂଖ୍ୟା ଗତବର୍ଷଠାରୁ ଉଣାଥିଲା ଅର୍ଥାତ୍ ଗତବର୍ଷ ୧୯୧୭୪ରୁ ଏବର୍ଷ ୧୬୭୭୦ ହୋଇ ଥିଲା । ଏଥିରୁ ଗତବର୍ଷପର ଏବର୍ଷ ମଧ୍ୟ ପ୍ରତ୍ୟେ ଅର୍ଦ୍ଧେ ଅର୍ଥାତ୍ ଶତକରା ୫୧ ମଞ୍ଜୁର ହୋଇଥିଲା ଏବଂ କଟକ ରଙ୍ଗପୁର ବୀରଭୂମ ଓ ଯଶୋର ଜିଲ୍ଲାମାନଙ୍କରେ ୫୦ ରୁ ଅଧିକ ମଞ୍ଜୁର ହୋଇଥିଲା । ଦେଶୀୟ ସାମାନ୍ୟ କାରବାରମାନେ ସାବଧାନ ହେସାବ ରଖିବାକୁ ଅପାରଗ ହେଲେ ଆପତ୍ତିର ସନ୍ତୋଷଜନକ ପ୍ରମାଣ ଦେବା ଅନେକଙ୍କପକ୍ଷରେ ଅସମ୍ଭବ ଏବଂ ଆପତ୍ତିରେ ଫଳଲାଭର ଅଳ୍ପ ସମ୍ଭାବନା ଥାଇ ଖରଚର ଭୟ ଥିବାରୁ ଅନେକ ଲୋକ ଆପତ୍ତି କରନ୍ତି ନାହିଁ । ଏସ୍ଥଳେ ଅର୍ଦ୍ଧେ ଆପତ୍ତି ମଞ୍ଜୁର ହେବାରୁ ସ୍ପଷ୍ଟ ଜଣାଯାଉଅଛି ଯେ ବନ୍ଦୋବସ୍ତକାର୍ଯ୍ୟ ଭଲ ହୋଇ ନାହିଁ ଓ ଅନେକ ଲୋକଙ୍କର କଷ୍ଟ ହୋଇଅଛି । ଗବର୍ଣ୍ଣମେଣ୍ଟ ମଧ୍ୟ ଏଥିରେ ଅସନ୍ତୋଷ ପ୍ରକାଶ କରି ଅଛନ୍ତି । ବୋର୍ଡ଼ରେବିନ୍ୟୁ ଯଥାର୍ଥ କହିଅଛନ୍ତି ଯେ ଇନକମଟିକସ ଅପ୍ରୀତିକର ଥିବାପକ୍ଷରେ କରି ସନ୍ଦେହ ନାହିଁ କିନ୍ତୁ ଯାହାଙ୍କ ଉପରେ ଟିକସ ଧାର୍ଯ୍ୟ ହୋଇଅଛି ସେମାନେସୁଦ୍ଧା ପ୍ରକାଶ୍ୟରୂପେ ଅସନ୍ତୋଷ ପ୍ରକାଶ କରି ନାହାନ୍ତି । ଯେସ୍ଥଳେ ଟଙ୍କା କଷ୍ଟ ଓ ଖର୍ଚ୍ଚରେ ଅସନ୍ତୋଷ ପ୍ରକାଶକରିବାର ଉପାୟ ନାହିଁ ଓ ଯେଉଁ କଷ୍ଟ ହେଲେସୁଦ୍ଧ ସରକାରଙ୍କ ବିରୋଧୀ କହିବା ମନୋ ଦୁଃଖ ମନରେ ରଖିବା ଲୋକଙ୍କର ସ୍ୱଭାବସିଦ୍ଧ ସେସ୍ଥଳେ ପ୍ରକାଶ୍ୟ ଅସନ୍ତୋଷ ହାକିମମାନେ କପରି ଜାଣିବେ ? ଏପରି ଲୋକଙ୍କ ପ୍ରତି ଅଧିକ ଦୟା ପ୍ରକାଶ କରିବାର ଉଚିତ ଅଟଇ ।

---

ବ୍ରହ୍ମର ରାଜପୁତ୍ର ମିନସୁନଙ୍କର ଇଂରାଜଙ୍କ ନଜରବନ୍ଦରୁ ପଳାଇବାର ବୃତ୍ତାନ୍ତ ଗୋଟିଏ ଚମତ୍କାର ଉପନ୍ୟାସ ଅଟଇ । ପାଠକମାନେ ଜାଣନ୍ତି ଯେ ସେ ଇଂରାଜଙ୍କ ଅଧିକାରରୁ ବାବାଉସାଇ ପଣ୍ଡିଚେରୀରେ ରହିଥିଲେ । ସେଠାରେ ତାହାଙ୍କୁ ଜଗିବା ହାରଭ ଏପରିକୃତ ପ୍ରକାଶ୍ୟ ଏବଂ ଗୁପ୍ତପହରା ନିଯୁକ୍ତ ହୋଇଥିଲା ଯେ ସେ କୌଣସିରୂପେ ତନ୍ମଧ୍ୟରୁ ଅନ୍ତର ହୋଇ ପାରୁ ନ ଥିଲେ । କିନ୍ତୁ ରାଜକୁମାର ସ୍ୱଦେଶର ନେତା ଏବଂ ରାଜ୍ୟଲାଭର ଲାଳସା

Digitized by srujanika@gmail.com

Split by PDF Splitter



ଷରିତ୍ୟାଗ କରି ନ ପାରି ପଳାଇବାର ଉପାୟ ଚିନ୍ତା କରୁଥିଲେ । ସେ କେତେଗୁଡ଼ିଏ କଡ଼ି କାଠର ବାକ୍ସ ପ୍ରସ୍ତୁତ କରି ତହିଁ ମଧ୍ୟରେ କେତୁକ ବୁରିତ କରି ନାନା ସ୍ଥାନକୁ ଆପଣା- ବନ୍ଧୁମାନଙ୍କ ନିକଟକୁ ପଠାଇବାର ଆରମ୍ଭ କଲେ । ବାକ୍ସର ଗୁରୁପାଙ୍କରେ ପିଞ୍ଜିରା ପରି ଜଣା ଥାଏ ଓ ପହଞ୍ଚିବାଲୋକମାନେ ତାହା ଦେଖି ପାରନ୍ତି । ଏଥି ମଧ୍ୟରେ ସେହିପରି ଖୋଲାଏ ବାକ୍ସର ଭିତରେ ଏକ ଷ୍ଟେସ- ଡୋଠରୁ କରି ଆପେ ତହିଁରେ ଲୁଚିଲେ ବୃହୁପାଶ ଛିଦ୍ରରେ ନେତ୍ର ଦେଖି ଯାଉ- ଥିବାରୁ କାହାର ସନ୍ଦେହ ହେଲା ନାହିଁ । ପୋଷ୍ଟମାନେ ସେ ବାକ୍ସକୁ ନେଇଗଲେ । ହେଲେନ ନାମକ ଫରାସିଜାହାଜ ସେ ସମ- ୟରେ ମାର୍ସେଲିସ୍ ନଗରକୁ ଯାଉଥିଲା । ସମ୍ଭବତଃ କପ୍ତାନ ଏହା ପାଇଥିଲେ । ରାଜକୁମାର ଜେହଲବାକସରେ ଜାହାଜରେ ଚଢ଼ାଇଗଲେ । ଏଣେ ତାହାଙ୍କ ବାସଗୃହରେ ପ୍ରହରୀମାନେ ନିୟମିତ କାର୍ଯ୍ୟରେ ଲାଗିବା ଏବଂ ଅହରହ ତାହାଙ୍କ କୋଠରୀକୁ ଦେଖିବା ଆସିବାରେ ବ୍ୟସ୍ତ ଏବଂ ପଶାବାଲ ନିତ୍ୟଘଣ୍ଟା ଟାଣିବାରେ ନିଯୁକ୍ତ । ଏହିପରି ତା ୧୨ ନ ଗତ ହେଲା ପରେ ରାଜକୁମାର ପଳାଇଅଛନ୍ତି ବୋଲି ଜଣାଗଲା । କଥିତ ହୁଅଇ ରାଜକୁମାର ହୃଦବ ବ୍ରହ୍ମକୁ ନ ପାଇ ବର୍ତ୍ତମାନ ଇଙ୍ଗ୍ଲଣ୍ଡରେ ଅଛନ୍ତି । ଭବିଷ୍ୟତ ପ୍ରିବାଜ ହସ୍ତୀବାଦାହାଙ୍କ କଏଦଖାନାରୁ ପଳ- ପୂର୍ଣ୍ଣ ଷୋଡ଼ଶାଇରେ ପଳାଇଥିବାର ଇତିହାସରେ ଲେଖାଅଛି । ବର୍ତ୍ତମାନ ଘଟନା ତହିଁରୁ ଉନ୍ନ- ତ୍ତାର ଜଣାଯାଉଅଛି ।

---

ଗତ ମାସର ୧୫ ରେଖରେ ଯେଉଁ ତୋଫାନ ହୋଇଥିଲା ତାହା ତହିଁପୂର୍ବ ତା ୧୩ ରଖରେ ଅଣ୍ଡାମାନଦ୍ୱୀପ ପଶ୍ଚିମରେ ବଙ୍ଗସାଗରରେ ଉତ୍ପନ୍ନ ହୋଇ ଧୀରେ ଧୀରେ ପଶ୍ଚିମଦକ୍ଷିଣରେ ମାନ୍ଦ୍ରାଜ- ଉପକୂଳକୁ ଅଗ୍ରସର ହେଉଥିଲା । ଏବଂ ଅନୁ- ମାନ ହେଉଥିଲା ଯେ ସେହିସିଧାରେ ଭୂମିଭ- ଗରେ ପ୍ରବେଶ କରିବ । ତା ୧୬ ରଖ ପର୍ଯ୍ୟନ୍ତ ଏହି ଅବସ୍ଥା ଥିଲା ଏବଂ ସେପର୍ଯ୍ୟନ୍ତ ତୋଫାନ ସମୁଦ୍ରମଧ୍ୟରେ ରହିଥିଲା । ତା ୧୮ ରଖ ପ୍ରାତଃ- କାଳରୁ ତୋଫାନ ଉତ୍ତର ଦଗକୁ ଗତି ଅର- ମ୍ଭକଲା ନୋଲେର ଓ ମସଲିପଟ୍ଟାନ ସମାନରେ ... ତା ୧୯ ରଖରେ ଭିଜାଗପଟ୍ଟାନରେ ପ୍ରବେଶ ହେଲା । ତା ୨୦ ରଖ ଶେଷ ରାତ୍ରିରେ ଏହାର କେନ୍ଦ୍ର ଗୋପାଳପୁର ଓ ପୁରୀ ମଧ୍ୟରେ ଉପକୂଳକୁ ସ୍ପର୍ଶକଲା । ସେଠାରୁ ଉତ୍ତରକୁ କ୍ରମା ଓଡ଼ିଶାଭିତରେ ଅଧିକଦୂର ଗମନ କରିବାର ଜଣାଯାଇ ନାହିଁ ଏବଂ ମଧ୍ୟପ୍ରଦେ- ଶକୁ ଅବଧି ଏ ତୋଫାନ ଯାଇ ନାହିଁ । ଏହି ତୋଫାନ ହେତୁରୁ କ୍ରମାଗତ ମାନ୍ଦ୍ରାଜ ନୋଲେର ମସଲିପଟ୍ଟାନ କୋକନଦା ଭିଜାଗ- ପଟ୍ଟାନ ବମଲିପଟ୍ଟାନ ଏବଂ ସମସ୍ତ ଓଡ଼ିଶା ଓ ଗଞ୍ଜାମର ଉପକୂଳ ସ୍ଥାନମାନଙ୍କରେ ଝଡ ବର୍ଷା ଏବଂ ଶେଷରେ ଗୋପାଳପୁରଠାରୁ ଉତ୍ତରକୁ ବାଲେଶ୍ୱର ପର୍ଯ୍ୟନ୍ତ ଘୋରବୃଷ୍ଟି ହୋଇଥିଲା । ବତାସର ବଳ ତୋଫାନପର ହୋଇଥିଲେହେଁ ନିତାନ୍ତ ଅଧିକ ନ ଥିଲା ଅର୍ଥାତ ଘଣ୍ଟାପ୍ରତି ୨୦ ରୁ ୨୨ ମାଇଲ ଥିଲା । ଏଥିପୂର୍ବ ସୁନାମୀ- ତୋଫାନରେ ବତାସର ବଳ ଘଣ୍ଟାପ୍ରତି ପ୍ରାୟ ଏକଶତ ମାଇଲ ଥିଲା । ସୁତରାଂ ଏ ତୋଫା- ନରେ ବତାସର ବଳ ପୂର୍ବଠାରୁ ଊଣା ମାତ୍ର ବର୍ଷା ଅଧିକ ଥିଲା । ଯଥା ତା ୧୯ ରଖ ସକାଳ ଆଠଘଣ୍ଟାଠାରୁ ତା ୨୦ ରଖର ସେହି ସମୟ- ପର୍ଯ୍ୟନ୍ତ ଏକଦିନରେ ପୁରୀରେ ୧୧ ଇଞ୍ଚ ଗୋପାଳପୁରରେ ୭.୭୩ କଳିଙ୍ଗପଟ୍ଟନରେ ୭ ଇଞ୍ଚ ଏବଂ କଟକରେ ୫.୭୭ ଇଞ୍ଚ ବୃଷ୍ଟି ହୋଇ- ଥିଲା । ଏ ତୋଫାନ ଏବଂ ଏଥିପୂର୍ବର ଗୋଟିଏ ତୋଫାନର ଶାଖା ହେତୁରୁ ଛୋଟନାଗପୁର ଦକ୍ଷିଣ ପଶ୍ଚିମ ବଙ୍ଗଳା ଏବଂ ପୂର୍ବବଙ୍ଗଳାରେ ବିଶେଷ ଏବଂ ବଙ୍ଗପ୍ରଦେଶର ଅନ୍ୟାନ୍ୟ ସ୍ଥାନରେ ଅଳ୍ପବୃଷ୍ଟି ହୋଇଅଛି । ଗତମାସ ତା ୨୨ ରଖ ପର୍ଯ୍ୟନ୍ତ ମେଘର ବଳ ଜଣା ଯାଉଥିଲା କିନ୍ତୁ ତା ୨୩ ରଖରେ ଆକାଶ ପରିଷ୍କାର ହୋଇଗଲା । ଏହି ସପ୍ତାହମଧ୍ୟରେ ପୁରୀରେ ୧୩.୭ କଟକରେ ୯.୨୮ ଏବଂ ବାଲେଶ୍ୱରରେ ୪.୫୫ ଇଞ୍ଚ ଜଳ ବୃଷ୍ଟି ହୋଇଥିଲା । ଏଥିରୁ ପ୍ରକାଶ ଯେ କ୍ରମାଗତ ଉତ୍ତ- ରକୁ ବୃଷ୍ଟି ଊଣା ହୋଇଥିଲା ।

---

## ସମାଜ-ସଂସ୍କାର ।

ସମ୍ବଲପୁର ହିତୈଷିଣୀରେ ଅନେକସହୃଦ ପାଠକଙ୍କ ମାଙ୍ଗଲ୍ୟ ଓ ଦୁର୍ବଳକାର୍ଯ୍ୟ ଘଟିତ ବ୍ୟବହାର ମର୍ଯ୍ୟାଦା ବିଷୟକ ପ୍ରଚଳିତ ନିୟମ- ମାନ ବଦଳେଇବା କରିବା କାରଣ ବାମଣ୍ଡା- ରାଜକୁମାର ସ୍କୁଲରେ ଯେଉଁ ବକ୍ତୃଳେକମାନେ ଏକ ସଭା କରି ତଳଲିଖିତମତେ ବନ୍ଦୋବସ୍ତକୁ ଜନସାଧାରଣ ଚଳିବାର ସ୍ଥିରକଲେ । ଯଥା ।

“କ୍ରିୟାକର୍ତ୍ତା ଆପଣାର ଅର୍ଥାନୁ ଏବଂ ଶକ୍ତ୍ୟନୁସାରେ ସ୍ୱୀୟ ଭଦ୍ରଲୋକଙ୍କ ମଧ୍ୟରୁ ଯାହାଙ୍କୁ ଇଚ୍ଛା ନିମନ୍ତ୍ରଣ କଲେ ଧୋତ ତଦର ନ ପଠାଇ ଶୁଦ୍ଧ ହଳଦୀଗୁଣ୍ଡା ପଠାଇବେ । ଆମନ୍ତ୍ରିତ ବ୍ୟକ୍ତିମାନେ କ୍ରିୟାକର୍ତ୍ତା ଗୃହରେ ଉପସ୍ଥିତ ହୋଇ ତାଙ୍କ କାର୍ଯ୍ୟରେ ସହାନୁଭୂତି ଦେଖାଇ ପାନ ତମାଖୁ ଇତ୍ୟାଦିଦ୍ୱାରା ସନ୍ତୁଷ୍ଟ ହେବେ । କ୍ରିୟାକର୍ତ୍ତା ସ୍ୱଶକ୍ତିକୁ ଚାହିଁ ଇଚ୍ଛା ଥିଲେ ସେମାନଙ୍କ ଭୋଜନାଦିର ବ୍ୟବସ୍ଥା କରିବେ ଏବଂ ଆମନ୍ତ୍ରିତ ବ୍ୟକ୍ତିମାନେ ଇଚ୍ଛାନୁସାରେ ବଦାନ ସ୍ୱରୂପ ଏବଂ ଅଶୁଭକାର୍ଯ୍ୟ ହୋଇଥିଲେ ବେଭାରସ୍ୱରୂପ କିଛି ଦେବେ ।”

ସହଯୋଗୀ ଉପରଲିଖିତ ବ୍ୟବସ୍ଥାକୁ ଅନୁମୋଦନ କରି ଅନ୍ୟାନ୍ୟ ସ୍ଥାନରେ ସଭା ସମିତି କରି ଏହିପରି ନିୟମମାନ ଚଳାଇବାକୁ ପରାମର୍ଶ ଦେଇଅଛନ୍ତି ଏବଂ ତହିଁସଙ୍ଗେ ଯଥାର୍ଥ କହିଅଛନ୍ତି ଯେ ସମାଜର ଯେ କୌଣସି କାର୍ଯ୍ୟ ହେଉ ଯେବେ ତଦ୍ୱାରା ସମସ୍ତଙ୍କର କଷ୍ଟ ବା ଅସୁବିଧା ହେଲା ତେବେ ସାଧାରଣର ରୁଚି ଓ ସୁବିଧାକୁ ଲକ୍ଷକରି ତାହା ବଦଳାଇବା ଉଚିତ ଅଟଇ ମାତ୍ର ପୂର୍ବରୁ ଚଳି ଆସୁଅଛି ବୋଲି ସାଧାରଣର କଷ୍ଟ ଓ ଅସୁବିଧାକୁ ଲକ୍ଷ ନ କରି ସମାଜଶିଷ୍ଟସ୍ୱରୂପ ଦେଖାଦେଇ ତାହା ସ୍ଥିର- ରଖିବା ଆପତ୍ତି ନିତାନ୍ତ ଅଜ୍ଞତାର କାର୍ଯ୍ୟ ଅଟଇ । ଆମ୍ଭେମାନେ ଏମନ୍ତର ସମ୍ପୂର୍ଣ୍ଣ ପୋଷକତା କରି କହୁଅଛୁଁ ଯେ ମଙ୍ଗଳ ଓ ଦୁର୍ବଳ କାର୍ଯ୍ୟରେ ବନ୍ଧୁବାନ୍ଧବ ଓ ଭଦ୍ରଲୋକଙ୍କ ନେଉଡ଼ିବାର ତାତ୍ପର୍ଯ୍ୟ ଏହି କି ସମସ୍ତେ ମିଶି କାର୍ଯ୍ୟଗ୍ରାହିର କାର୍ଯ୍ୟକୁ ଆପଣାର କାର୍ଯ୍ୟପରି ମଣି ଯେପରି ତାହା ସୁନ୍ଦର ଓ ନିର୍ବିଘ୍ନରେ ନିର୍ବାହ ହେବ ତହିଁର ସାହାଯ୍ୟ କରିବେ । କାର୍ଯ୍ୟଗ୍ରାହିର କାର୍ଯ୍ୟ ଉପରେ ଆପଣା ସେବା ତାହାଠାରୁ ନେଉଡ଼ିବା ଏବଂ ତହିଁରେ କିଛି ତ୍ରୁଟି ହେଲେ ମନ ଊଣାକରିବା କଦାପି କର୍ତ୍ତବ୍ୟ ନୁହଇ ଏବଂ କାର୍ଯ୍ୟଗ୍ରାହୀ ଆପଣାର କାର୍ଯ୍ୟ କରିବ କି ଯେଉଁମାନଙ୍କୁ ତହିଁର ସାହାଯ୍ୟସକାଶେ ନେଉଡ଼ିଅଛି ସେମାନଙ୍କ ସତ୍କାର କରିବ ଦୁଇପ୍ରକାର ଦାୟରେ ପଡ଼ି ଅଧିକତର ବ୍ୟସ୍ତ ହୁଅଇ । ଏପରି ଦେଖାଯାଉଅଛି ଯେ ତତ୍ତ୍ୱ ସଭ୍ୟମାନ କେବଳ ବୃଥା ମଦ୍ୟ ବା ଭୂଷାବଶ୍ୟ- ବାରେ ବ୍ୟତିବ୍ୟସ୍ତ ଓ ଶ୍ରାନ୍ତ ହୋଇ କଷ୍ଟ

Digitized by srujanika@gmail.com

ଯାଇଅଛି । ବଙ୍ଗଦେଶରେ ଯେଉଁ ସଂସ୍କାର ଆରମ୍ଭ ହୋଇଅଛି ତାହା କାର୍ଯ୍ୟରେ ପରିଣତ ହେଲେ ବଡ଼ ଆନନ୍ଦର ବିଷୟ ହେବ । ବାମଣ୍ଡାର ରାଜା ସ୍ୱୟଂ ବିଦ୍ୱାନ୍ ଏବଂ ସାଧାରଣହିତାକାଂକ୍ଷୀ ତାହାଙ୍କ ରାଜ୍ୟରେ ଏ ସଂସ୍କାର ପ୍ରଥମେ ଆରମ୍ଭ ହୋଇଥିବାରୁ ଆମ୍ଭମାନଙ୍କର ବଡ଼ ଭରସା ହେଉଅଛି ଯେ ତାହା ସଫଳ ହେବ ଏବଂ ପ୍ରତିବାସି ରାଜ୍ୟମାନ ତହିଁର ଅନୁକରଣ କରିବେ । ରାଜାଙ୍କର ସହାନୁଭୂତି ଓ ଉତ୍ସାହଦାନ ତାହାଙ୍କ ପ୍ରଜାବର୍ଗଠାରେ ବିଫଳ ହେବ ନାହିଁ । ଏହି ସମାଜସଂସ୍କାର ବିଷୟରେ ଆମ୍ଭମାନଙ୍କର ଅନେକ ବକ୍ତବ୍ୟ ଅଛି ଏବଂ ବାମଣ୍ଡାରାଜାଙ୍କର ସହାନୁଭୂତି ଦେଖି ଉତ୍ସାହିତ ହେବାରୁ କ୍ରମେ ତାହା ପ୍ରକାଶ କରିବାକୁ ମନସ୍ଥ କରୁଅଛୁଁ । ସମ୍ପ୍ରତି ରାଜାମହୋଦୟଙ୍କୁ ଅନୁରୋଧ ଯେ ସଂସ୍କାର ଅଭିପ୍ରାୟ ବିଜ୍ଞାପନଦ୍ୱାରା ଆପଣା ରାଜ୍ୟମଧ୍ୟରେ ପ୍ରଚାର କରି ସମସ୍ତଙ୍କ ମତାନୁସାରେ କାର୍ଯ୍ୟ କରିବାକୁ ଅନୁରୋଧ କରନ୍ତୁ ତାହା ହେଲେ ଅବଶ୍ୟ ଫଳଲାଭ ହେବ ।

---

## ଜିଲ୍ଲାସମିତିର କାର୍ଯ୍ୟ ବିବରଣ ।

ସନ ୧୮୮୮।୮୯ ସାଲ ବାବଦ ବଙ୍ଗପ୍ରଦେଶର ଜିଲ୍ଲାସମିତି ଅର୍ଥାତ୍ ଡିଷ୍ଟ୍ରିକ୍ଟ ବୋର୍ଡ଼ମାନଙ୍କର କାର୍ଯ୍ୟ ସମ୍ବନ୍ଧରେ ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରୁ ନିମ୍ନଲିଖିତ କଥାମାନ ସଙ୍କଳିତ ହେଲା ।

ବଙ୍ଗଳାର ୩୮ଜିଲ୍ଲାର ବୋର୍ଡ଼ରେ ସର୍ବସୁଦ୍ଧା ୭୮୫ ମେମ୍ବର ଅଛନ୍ତି ତହିଁମଧ୍ୟରୁ ୪୭୩ ସରକାରଦ୍ୱାରା ଏବଂ ୩୧୨ ନିର୍ବାଚନଦ୍ୱାରା ନିଯୁକ୍ତ ହୋଇଅଛନ୍ତି । ସରକାରୀ ସୁଦ୍ଧା ୨୦୫ ଏବଂ ବେସରକାରୀ ଲୋକ ୫୮୦ ଅଛନ୍ତି । ନିର୍ବାଚିତ ମେମ୍ବରଙ୍କ ମଧ୍ୟରେ ଭୂମ୍ୟଧିକାରୀ ଶତକଡ଼ା ୨୯.୮ ଉକିଲ ୨୭.୮ ସରକାରୀ ଚାକର ୧୭.୭ ମୁକ୍ତାର ୨.୩ ଏବଂ ବ୍ୟବସାୟୀ .୭ ମାତ୍ର । ଲୋକାଲ ବୋର୍ଡ଼ର ସଂଖ୍ୟା ୧୦୭ ଏବଂ ଏଥିରେ ଥିବା ୧୨୦୧ ମେମ୍ବରମଧ୍ୟରୁ ୯୧୯ ନିର୍ବାଚିତ ଅଟନ୍ତି । ନିର୍ବାଚିତ ସଭ୍ୟଙ୍କମଧ୍ୟରୁ ଶତକଡ଼ା ୫୧ ଜମିଦାର ୨୪.୪ ଉକିଲ ଏବଂ ୩.୮ ବାଣିଜ୍ୟବ୍ୟବସାୟୀ ଅଟନ୍ତି ।

ଏହା ୨୪ପରଗନାରେ ବର୍ଷମଧ୍ୟରେ ହୋଇଥିବା ୧୨ ଥର ସଭାରେ ସମସ୍ତ ସଭ୍ୟ ଉପସ୍ଥିତ ହୋଇଥିଲେ । ଏପରି ଆଉ କୌଣସିଠାରେ ହୋଇ ନାହିଁ । ଅନ୍ୟ କେତେକ ଜିଲ୍ଲାରେ ଉପସ୍ଥିତ ସଂଖ୍ୟା ଉତ୍ତମ ଓ କେତେକ ଜିଲ୍ଲାରେ ଅଧମ ଥିଲା । ଅଧମ ଜିଲ୍ଲାମଧ୍ୟରେ କଟକର ନାମ ଅଛି । ଏଠାରେ ସଭ୍ୟସଂଖ୍ୟା ଊଣା ଏବଂ ତହିଁମଧ୍ୟରୁ ଅଳ୍ପଲୋକ ଉପସ୍ଥିତ ହୋଉଥିଲେ । ଲେଫ୍ଟେନାଣ୍ଟ ବିବେଚନାରେ ଜିଲ୍ଲାବୋର୍ଡ଼ର ମାସରେ ଏକଥର ସଭା ହେବା ନିତାନ୍ତ ଆବଶ୍ୟକ । ଏହାର ନାମ ହେବ ସାଧାରଣସଭା ଏବଂ ପ୍ରତିମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ସଭା ହେବ ଏବଂ ବର୍ଷାରମ୍ଭରେ ସେ ତାରିଖ ଧାର୍ଯ୍ୟହେବ । ଆବଶ୍ୟକସ୍ଥଳେ ଏଥିର ଅତିରିକ୍ତ ବିଶେଷ ସଭା ହେବ । ଲୋକାଲବୋର୍ଡ଼ର ସଭାମାନ ଅନେକସ୍ଥଳରେ ଭଲ ହୋଇ ନ ଥିଲା ଅର୍ଥାତ୍ ଅଳ୍ପଥର ହୋଇଥିଲା ଏବଂ ଅଳ୍ପସଭ୍ୟ ଉପସ୍ଥିତ ନ ଥିଲେ । ଗସ୍ତଖର୍ଚ୍ଚାର ଓଜରକରି କୌଣସି ଲୋକାଲ ବୋର୍ଡ଼ର ସଭ୍ୟ ଉପସ୍ଥିତ ହୋଇ ନ ଥିବାର ଜଣେ କମିଶନର ଲେଖିଥିବାରୁ ଲେଫ୍ଟେନାଣ୍ଟ କହୁଅଛନ୍ତି କି ଏପରି ଓଜର ଶୁଣାଯିବ ନାହିଁ । ଜିଲ୍ଲା ସମିତିର ସଭ୍ୟମାନେ ଅନେକ ଦୂରରୁ ଆସିବାର ସମ୍ଭାବନା ଥିବାରୁ ସେମାନଙ୍କ ପକ୍ଷରେ ଗସ୍ତଖର୍ଚ୍ଚା ଦିଆଯାଇଅଛି ମାତ୍ର ଲୋକାଲବୋର୍ଡ଼ର ସଭ୍ୟମାନେ ସବଡିଭିଜନର ସଦରମୁକାମର ନିକଟରେ ଥାନ୍ତି ସେମାନେ ଗସ୍ତଖର୍ଚ୍ଚାର ଓଜର କରି ନ ପାରନ୍ତି ।

ଗ୍ରାମ୍ୟସମିତି କୌଣସିଠାରେ ବସି ନାହିଁ ଏବଂ ଏ ବିଷୟରେ ନାନା ଅସୁବିଧା ଘଟିବାରୁ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି । ଗ୍ରାମ୍ୟସମିତି ବସିବାର ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟ ଶୀଘ୍ର କରିବେ ।

ସନ ୧୮୮୮।୮୯ ରେ ଜିଲ୍ଲାସମିତିର ମୋଟ ଆୟ ଟ ୫୫,୬୯,୬୨୦୯ ଙ୍କା ଓ ବ୍ୟୟ ଟ ୫୫,୪୭,୦୩୨୯ ଙ୍କା ହୋଇଥିଲା । ପୂର୍ବର ବାକି ମିଶି ବର୍ଷଶେଷରେ ତହବିଲ ବାକି ଟ ୧୮।୮୬୯୮ ଙ୍କା ଥିଲା । ପ୍ରଧାନ ଆୟ ରୋଡ୍‌ସେସ୍ ଟିକସ ଏହା ନିୟମକରିବାର ଭାର ସମିତି ହାତରେ ନାହିଁ । କଲେକ୍ଟରମାନେ ଉସୁଲ କରନ୍ତି ଓ ସମୟରେ ଅନେକ ବାକି ପଡ଼ଇ । ଏହି ଆୟ ବର୍ଷରେ ୩୦ ହଜାର ଟଙ୍କା ଲେଖାଏଁ ବଢ଼ିବାର କଥା ।

ଘାଟିବାବଦ ଆୟ କେତେକ ଜିଲ୍ଲାରେ ଅଧିକ ଓ କେତେକ ଜିଲ୍ଲାରେ ଊଣା ହୋଇଅଛି । ମାତ୍ର ମୋଟରେ ଲେଫ୍ଟେନାଣ୍ଟ ବିବେଚନା କରନ୍ତି କି ଜିଲ୍ଲାସମିତିମାନେ ଭଲକାର୍ଯ୍ୟ କରୁଅଛନ୍ତି । ଏହି ଆୟ ବୃଦ୍ଧି ହୋଇଅଛି ଏବଂ ଆହୁରି ବୃଦ୍ଧି ହେବାର ଆଶା ଅଛି । ଘାଟଗାମ ମାସୁଲର ଆୟ ମଧ୍ୟ ମୋଟରେ ସନ୍ତୋଷଜନକ ଥିଲା ଏବଂ ଏଥିର କାର୍ଯ୍ୟ ଭଲ ହୋଇଅଛି ।

ଶିକ୍ଷା ଓ ଚିକିତ୍ସାସମ୍ବନ୍ଧରେ ଶୁଭସମ୍ବାଦ ଏହି କି ସ୍କୁଲ ଫିସ ୧୫ ଲକ୍ଷରୁ ୧୯ ଲକ୍ଷକୁ ବୃଦ୍ଧି ହୋଇଅଛି । ଚିକିତ୍ସାଳୟରେ ରୋଗୀ ପ୍ରାୟ ୨୫ ହଜାର ବଢ଼ିଅଛି ମାତ୍ର ସ୍କୁଲରେ ଛାତ୍ର ଊଣା ପଡ଼ିଅଛି । ଏକଜଣ ସାହେବ କହୁଅଛନ୍ତି କି ଅନୁଶାସନପ୍ରଣାଳୀ ହେତୁ ଲୋକେ ପଢ଼ାପ୍ରାପ୍ତ ହେବା ଦେବାକୁ ଇଚ୍ଛା କରୁ ନାହାନ୍ତି ।

ଜିଲ୍ଲାସମିତିର ପ୍ରଧାନ ଖର୍ଚ୍ଚ ପୂର୍ତ୍ତକାର୍ଯ୍ୟ, ଗତବର୍ଷ ମୋଟରେ ପ୍ରାୟ ୩୬ ଲକ୍ଷ ଖର୍ଚ୍ଚ ହୋଇଥିଲା । ରଙ୍ଗପୁରର ସମିତି କେତେଗୁଡ଼ିଏ ପୁଲଇତ୍ୟାଦି ନୂଆକାର୍ଯ୍ୟ କରି ସୁଖ୍ୟାତି ଲଭିଅଛି । ଗବର୍ଣ୍ଣମେଣ୍ଟ ସ୍ୱୀକାର କରିଅଛନ୍ତି ଯେ ସରକାର ସମିତିମାନଙ୍କୁ ଋଣଦେବା ବିଷୟରେ ଯେଉଁ ନିୟମ କରିଅଛନ୍ତି ତାହା କଠିନ ହୋଇଥିବାରୁ ସଡ଼କଇତ୍ୟାଦି ସକାଶେ ଟଙ୍କା ଋଣ ନେଇ ପାରୁ ନାହାନ୍ତି । ଲେଫ୍ଟେନାଣ୍ଟ ଏହି ନିୟମସମ୍ପର୍କରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିବେ । ହାଜିପୁର ସମିତି ଆପଣା ଦାୟିତ୍ୱରେ ବଜାରରୁ ଟଙ୍କା ଋଣ କରି କାର୍ଯ୍ୟ ଚଳାଉଅଛନ୍ତି । ଅନ୍ୟାନ୍ୟ ସମିତିକି ଏଥିର ଅନୁକରଣ କରିବାକୁ ଲେଫ୍ଟେନାଣ୍ଟ ଉପଦେଶ ଦେଇଅଛନ୍ତି । ଗ୍ରାମ୍ୟସଡ଼କ ସମ୍ପର୍କରେ ଲେଫ୍ଟେନାଣ୍ଟ ଅନେକ ସଦୁପଦେଶ ଦେଇଅଛନ୍ତି । ବଡ଼ ବଡ଼ ସଡ଼କ ସଙ୍ଗେ ଗ୍ରାମ୍ୟସଡ଼କମାନ ମିଶାଇବା ନିତାନ୍ତ ଆବଶ୍ୟକ ।

ଶିକ୍ଷା ସମ୍ବନ୍ଧରେ ପ୍ରାଥମିକ ଶିକ୍ଷାର ବ୍ୟୟ ବୃଦ୍ଧି ହେବା ପ୍ରତ୍ୟକ୍ଷେ ସ୍କୁଲ ସଂଖ୍ୟା ଊଣା ପଡ଼ିବାରୁ ଲେଫ୍ଟେନାଣ୍ଟ ଦୁଃଖ କରିଅଛନ୍ତି । ଓଡ଼ିଶାରେ ଅନାବୃଷ୍ଟି ହେତୁ ପାଠଶାଳା ସଂଖ୍ୟା ଊଣା ପଡ଼ିଅଛି । ସ୍କୁଲ ସବ୍‌ଇନ୍‌ସପେକ୍ଟରମାନେ ଜିଲ୍ଲା ସମିତିର ସଭ୍ୟ ହେବା ବିଷୟରେ ଲେଫ୍ଟେନାଣ୍ଟ ଭାବିତ କରିଅଛନ୍ତି ଆଉ ସମିତିର ସଭାପତିମାନଙ୍କୁ ବିଶେଷ ଅନୁରୋଧ କରିଅଛନ୍ତି କି ପ୍ରାଥମିକ ଶିକ୍ଷାର ଟଙ୍କା ଉତ୍ତମରୂପେ ଏବଂ ସମ୍ପୂର୍ଣ୍ଣରୂପେ ଖର୍ଚ୍ଚ କରିବେ ଏବଂ ଅନ୍ୟ କୌଣସି ପ୍ରକାର ସ୍କୁଲରେ ସେ ଟଙ୍କା ଖର୍ଚ୍ଚ ହେବ ନାହିଁ ରଙ୍ଗପୁର ସମିତି କେତେଗୁଡ଼ିଏ ଶିଳ୍ପବିଦ୍ୟାଳୟ ପିଣ୍ଡାଇ ବଢ଼େଇ କମାରକାର୍ଯ୍ୟ ଏବଂ ଜରିପ କରିବା ଜମାବ ଓ ଲେବଲମାପ ଶିକ୍ଷା ଦେବା

Split by PDF Splitter
Digitized by srujanika@gmail.com

Split by PDF Splitter



ବନ୍ଦୋବସ୍ତ ହେଉଥିବାରୁ ଗେଁଟ୍ଲୋଟ ସନ୍ତୁଷ୍ଟ ହୋଇ ଅଛନ୍ତି ଏବଂ ଅନ୍ୟାନ୍ୟ ଜିଲ୍ଲାରେ ଏପରି ହେଲେ ସେ ସନ୍ତୁଷ୍ଟ ହେବେ ବୋଲି କହୁ-ଅଛନ୍ତି ।

ଉଡ଼ିଷ୍ୟା ବିଷୟରେ ଅତି ଅଳ୍ପଟଙ୍କା ବନ୍ଦୋ-ବାସ୍ତରେ ଖର୍ଚ୍ଚ ହୁଅଇ ଅର୍ଥାତ୍ ୨୫ ହଜାର ମାତ୍ର । ପୁଣି ଗ୍ରାମ୍ୟମାନଙ୍କର ସ୍ୱାସ୍ଥ୍ୟରକ୍ଷା ପ୍ରତି ଅତେବୀ ଦୃଷ୍ଟି ପଡ଼ ନାହିଁ । ଏଥିରେ ଗେଁଟ୍ଲୋଟ ଦୁଃଖ ପ୍ରକାଶ କରି କହୁଅଛନ୍ତି ଗ୍ରାମ୍ୟସମିତି ନ ବସିଲେ ଏଥିର ବନ୍ଦୋବସ୍ତ ହୋଇ ପାରିବ ନାହିଁ । ଏଥିର ବିଗ୍ରହ ଲାଗିଅଛି ।

ଦୁର୍ଭିକ୍ଷର ସାହାଯ୍ୟ ବିଷୟରେ ଗେଁଟ୍ଲୋଟ କହୁଅଛନ୍ତି ଯେ ଜିଲ୍ଲା ସମିତିମାନେ ଶାସନ-କାର୍ଯ୍ୟର ଏକ ଅଙ୍ଗ ସ୍ୱରୂପ । କୌଣସିଠାରେ ଅନ୍ନକଷ୍ଟ ଉପସ୍ଥିତ ହେଲେ ତହିଁର ସାହାଯ୍ୟ କରିବାକୁ ଆଦ୍ୟରେ ବାଧ୍ୟଅଛନ୍ତି । ଗବର୍ଣ୍ଣମେଣ୍ଟ ତାହାଙ୍କ ଦାୟିତ୍ୱଦୃଷ୍ଟିରେ ଆବଶ୍ୟକୀୟ ଟଙ୍କା ଯୋଗାଇବେ ଏବଂ ସମିତିମାନେ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ମିଶି ଦୁର୍ଭିକ୍ଷ ସଙ୍ଗରେ ଯୁଝିବେ ।

ସ୍ଥାନାଭାବ ହେତୁରୁ ଗବର୍ଣ୍ଣମେଣ୍ଟଙ୍କର ନର୍ଦ୍ଧାରଣର କେବଳ ପ୍ରଧାନ କଥାମାନ ପ୍ରକାଶ କଲୁଁ ମାତ୍ର ଆମ୍ଭେମାନେ ଆଶା କରୁଁ କି ଜିଲ୍ଲା ଓ ସ୍ଥାନୀୟସମିତିର ସଭ୍ୟମାନେ ଏହି ନର୍ଦ୍ଧାରଣକୁ ଆଦ୍ୟନ୍ତ ପାଠ କରିବେ ।

# ସାପ୍ତାହିକସମ୍ବାଦ ।

ଏ ନଗରରୁ ଅବଧି ଓଲଉଠା ଛାଡ଼ି ଯାଇ ନାହିଁ । ଶୀତ ବଳକ୍ଷଣ ପଡ଼ୁଅଛି ।

ଏଠା ସିଭିଲ ସର୍ଜନ ଡାକ୍ତର ହ୍ୱିଟାର୍ଟ ସାହେବ ଉଡ଼ସ୍ତା-ହରୁ ଜ୍ୱରରୋଗରେ ଅତ୍ୟନ୍ତ ପୀଡ଼ିତ ଥିଲେ । ମୁଣର ବିଷୟ ପୀଡ଼ା କିଛି ଊଣା ହୋଇଅଛି । ସୁବର ଡାକ୍ତର ସାହେବ ଏଠାକୁ ଅସି ଚିକିତ୍ସା କରୁଅଛନ୍ତି ।

କଥିତ ହୁଅଇ ଏଠା ଜଜ ସାହେବ ଆଗାମିମାସ ଅନ୍ତ-ସ୍ଥରେ ବଦଳୀ ହେବେ ଏବଂ ବର୍ତ୍ତମାନର ଜଜ କାମ୍ବଲ ସାହେବ ଏଠାକୁ ଆସିବେ ।

ବନ୍ଦୋବସ୍ତ ସଂକ୍ରାନ୍ତ କାର୍ଯ୍ୟର ଉପଦେଶ ପାଇବା ନିମିତ୍ତ ମୋଫସଲର ପଟ୍ଟାଦାରମାନେ ଚଳିତ ହୋଇ ଆସିଅଛନ୍ତି ।

## କଲିକତା ଗେଜେଟ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ବସୁ ଫରିଦପୁର ଡିଷ୍ଟ୍ରିକ୍ଟର ସବଡିଭିଜନରେ ଅବସ୍ଥାପିତ ହେଲେ ।

ମିଃ ଏଚ୍, ଜେ, ବୋଷ ଜଏଣ୍ଟମାଜିଷ୍ଟ୍ରେଟଙ୍କ ପ୍ରଥମ-ଶ୍ରେଣୀରେ ନିଯୁକ୍ତ ହୋଇ ନଦୀୟା ଡିଷ୍ଟ୍ରିକ୍ଟର ସବଡିଭିଜନକୁ ସ୍ଥାନାନ୍ତରିତ ହେଲେ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଅଲ୍, ବର୍ଟିସ୍ ଦ୍ୱିତୀୟଶ୍ରେଣୀକୁ ଉନ୍ନତ ପାଇଲେ ।

ଛୋଟନାଗପୁରର କମିସ୍ନର ମିଃ ସି୍ଃ ଏଚ୍ ଗ୍ରାଣ୍ଟ ଓଡ଼ିଶାବିଭାଗର କମିଶ୍ନର ପଦରେ ନିଯୁକ୍ତ ହେଲେ ଓ ତାଙ୍କ କାର୍ଯ୍ୟରେ ମିଃ ଡବ୍ଲିଉ ଏଚ ଗ୍ରିମଲି ବାହାଲ ହେଲେ ।

ମିଃ ଜି, ଟଏନବି ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟପଦକୁ ଉନ୍ନତ ହେଲେ ।

ମିଃ, ଅର୍, ସି, ଦତ୍ତ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟ ପଦକୁ ଉନ୍ନତ ହେଲେ ।

ମିଃ ଜେ, ଜି, ଗୁପ୍ତ ତୃତୀୟଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇ ଅଛନ୍ତି ତଥାପି ଅନ୍ୟାଜ୍ଞା-ପର୍ଯ୍ୟନ୍ତ ବୋର୍ଡର ଜୁନିୟର କାର୍ଯ୍ୟ କରୁଥିବେ ।

ଓଡ଼ିଶାବିଭାଗର କମିଶ୍ନର ମିଃ ଜେ, ଏ, ଡପ୍‌କିନ୍ସ ପାଞ୍ଚ-ମାସ ମାଜିଷ୍ଟ୍ରେଟ କାର୍ଯ୍ୟରେ ନିଯୁକ୍ତ ହେଲେ ।

ଗଡ଼ଜାତ ପୋଲିସର ଅଣିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଜି, ଏ, ପାଣ୍ଡେନ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଅବସ୍ଥାପିତ ହେଲେ ।

ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଜି, ଦ, ଘୋଷ ଦ୍ୱିତୀୟଶ୍ରେଣୀରେ ନିଯୁକ୍ତ ହେଲେ ।

ମୋକ୍ତାର ଓ ଓକାଲତି ପରୀକ୍ଷାର ପରୀକ୍ଷକ ସଭାର ସେକ୍ରେଟେରୀ ମିଃ ଏଚ୍, ଟି, ହ୍ୱାଇଟ ଛୁଟୀ ନେବାରୁ ତାଙ୍କ କାର୍ଯ୍ୟରେ ମିଃ ଗୋର୍ଡନ ଲଥ୍ ନିଯୁକ୍ତ ହେଲେ ।

ମୃତ ବାବୁ ଉମାକାନ୍ତ ବଡ଼ପଣ୍ଡାଙ୍କ ସ୍ଥାନରେ ବାବୁ ଚନ୍ଦ୍ର-ମଣି ପଟ୍ଟନାୟକ ଯାଜପୁର ମିଉନିସିପାଲିଟିର କମିଶ୍ନର-ପଦରେ ନିଯୁକ୍ତ ହୋଇ ଅଛନ୍ତି ।

---

ଆଗାମୀ ଜାନୁଆରିମାସ ତା ୨୦।୨୧ ଦିନରେ ଶିବପୁର-ଇଞ୍ଜିନିୟରିଂ କଲେଜର ମିକାନିକଲ ଏପ୍ରେଣ୍ଟିସ ଡିପାର୍ଟମେଣ୍ଟରେ ପ୍ରବେଶାର୍ଥିଯୁବମାନଙ୍କର ପରୀକ୍ଷା ହେବ ।

ଗତ ମାସ ତା ୩୦ ଦିନ ସକାଳ ସ ୯ ଘଣ୍ଟା ସମୟରେ ମହାମାନ୍ୟ ଗବର୍ଣ୍ଣରଜେନରଲ ଯଥାସମାରୋହରେ କଲିକତାରେ ପ୍ରବେଶ ହୋଇଅଛନ୍ତି ।

କଲିକତା ପୋଷ୍ଟଅଫିସରେ ଏକ ତାମାସାଜନକ ଘଟନା ହେଉଥିବାର ସମ୍ବାଦ ମିଳଇ । ଜଣେ ଉତ୍ତର ପଶ୍ଚିମାଞ୍ଚଳର ଲୋକ ଡାକରେ ପୁଳିନ୍ଦା କରିକରି ଟ ୧୫୦୦ ଙ୍କା ପଠାଇଥିଲା । ସେହି ପୁଳିନ୍ଦା ଯାହାଠାକୁ ପଠାଯାଇଥିଲା ତାକୁ ଦେଖାରେ ସେ ଦେଖିଲା ଯେ ଟଙ୍କା ବଦଳରେ କେବଳ ଖଡ଼ଖଣ୍ଡ ପୁଳିନ୍ଦାରେ ଅଛି । ଏବିଷୟର ଏତଦର ଦେବାକୁ ବର୍ତ୍ତମାନେ ଡାକଏଲବାରେ ତଦନ୍ତ ଘଟିଲା ମାତ୍ର କିଛି ସନ୍ଧାନ ମିଳିଲା ନାହିଁ । ପରେ ପୋଷ୍ଟମାଷ୍ଟର ଜଣେ ପରୀକ୍ଷାସ୍ୱରୂପ ଏକ ପୁଳିନ୍ଦାରେ ପାଞ୍ଚୋଟି ଟଙ୍କା ଓ ଦଶ-ଟଙ୍କିଆ ଖଣ୍ଡିଏ ନୋଟ ଭର୍ତ୍ତିକରି ପୁଳିନ୍ଦାକୁ ସତମତ କରକରି ଡାକରେ ପକାଇ ଦେଲେ । ସେହି ଅଫିସର ଦରଣୀ ଜ ଯାହାର ଡଟ ପତ୍ର ପଠାଇବାର କାମ ସେ ଉକ୍ତ ପୁଳିନ୍ଦା-ମଧ୍ୟରୁ ନୋଟ ଓ ଟଙ୍କା ବାହାରକରି ତେଲ ଆପଣା ଅଧକ୍ଷଙ୍କ ଜାଲପୁଳିନ୍ଦା ଭଳିମତ୍ରେ ବନ୍ଦହୋଇ ନ ଥିବାର କହି ପୁ-ଳିନ୍ଦା ପଠାଇଥିବା ଲୋକକୁ ଫେରାଦେଲା କାରଣ ପଶ୍ଚାତରେ ଶ୍ରୀମେ ପୋଷ୍ଟମାଷ୍ଟର ଯାଏ ସେ କଥା ଜାଣନ୍ତୁ ପୋଷ୍ଟମାଷ୍ଟର ତତ୍କ୍ଷଣାତ ତହିଁର ଅନୁସନ୍ଧାନ କରି ଦନ୍ତ ଦରଣୀର ଅଲ୍ମାରୀ ମଧ୍ୟରେ ଉକ୍ତ ନୋଟ ଓ ଟଙ୍କା ବରାମଦ କଲେ । ଦ-ରଣୀ ଉପରେ ସୁଦ୍ଧାଂ ଉପରେତ୍ତ ଟ ୧୫୦୦୦ ଙ୍କା ଶ୍ଳେଷ କରିଥିବାର ସନ୍ଦେହ ହେବାରୁ ପୁଣି ତହିଁର ତଦନ୍ତ ଅଧୀନ ହୋଇଅଛି ।—ଏ ସାହସ ଟି ଅତି କୌତୁକଜନକ ।

କଲିକତାସହର ବଣିଆପୋଲଠାରେ ଓଲଉଠା ଲାଗି-ଥିବାର ସମ୍ବାଦ ମିଳଇ । ଉକ୍ତ ସ୍ଥାନରେ ଗୋଟିଏ ମଇଳା-ପୁଷ୍କରଣୀ ଥିବାରୁ ତାହାହିଁ ଓଲଉଠାର କାରଣ ବୋଲି ସମସ୍ତେ ଅନୁମାନ କରୁଅଛନ୍ତି । ମଇଳାପୁଷ୍କରଣୀ ଓ ମଇଳା-ଜଳ ବ୍ୟବହାର ଏଠାର ଓଲଉଠାର କାରଣ ବୋଲି ଅନେକେ ସ୍ଥିର କରୁଅଛନ୍ତି ।—ସବୁଠାରେ ମିଉନିସିପାଲିଟି ଏବିଷୟରେ ଯତ୍ନଶୀଳ ହେବା ଉଚିତ ।

ଗତ ତୋଫାନ ଯୋଗେ ମାନ୍ଦ୍ରାଜ ଅର ପିନାଙ୍ଗ ମଧ୍ୟରେ ଥିବା ତାର ଛିଣ୍ଡି ଯାଇଥିବାରୁ ଅନେକ ଅସୁବିଧା ଘଟିଥିବାର ସମ୍ବାଦ ମିଳଇ ।

ବିଲାତ ପାର୍ଲିଆମେଣ୍ଟର ଆଗାମୀ ଅଧିବେଶନ ଫ୍ରେବ୍ରୁ-ୟାରୀ ମାସ ୧୧ ଦିନ ଖୋଲିବାର ସ୍ଥିର ହୋଇଅଛି ।

ସନ୍ଦେଶ ପ୍ରିନ୍ସଅଲବର୍ଟ ଭିକ୍ଟର ଆଗାମୀ ମାର୍ଚ୍ଚମାସସୁଦ୍ଧା ବିଲାତକୁ ଫେରିଯିବେ ।

ଗ୍ଲାସଗୋ ବିଶ୍ୱବିଦ୍ୟାଳୟରେ ଗତ ନବେମ୍ବରମାସ ତା ୨୧-ଦିନରେ ଛାତ୍ର ଶିକ୍ଷକମଧ୍ୟରେ ଭୟଙ୍କର ଦଙ୍ଗା ହୋଇ ଯାଇ-ଥିବାର ସମ୍ବାଦ ମିଳଇ । ଉପାଧିପ୍ରଦାନରେ ପୂର୍ବଶ୍ରାବ୍ୟ ପିଲ୍ଲମାନଙ୍କ ଉପସ୍ଥିତ ହେବାକୁ ନ ଦେବାରୁ ଏପରି ଘଟଣା ଘଟିଅଛି । ପିଲ୍ଲମାନେ ଏକମେଳ ହୋଇ ଅଧ୍ୟକ୍ଷ ଏବଂ ଅଧ୍ୟା-ପକଙ୍କୁ ଧକ୍କାମାରି ଘଉଡ଼ାଇଦେଇ ସ୍କୁଲର ଦ୍ୱାର ଓ ଅଲମାରୀ ଭାଙ୍ଗି କାହାରକୁ ପାଣିପକାଇ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଲଗାଇ ଦେଲେ ।—ବିଲାତ ପିଲାଏ ତ କମ୍ ଦୁଷ୍ଟ ନୁହନ୍ତି ।

ହାଇଦରାବାଦ ନିଜାମଙ୍କ ପ୍ରଧାନ ଅଶ୍ୱରକ୍ଷକ ରିଲେଟି-ସାହେବଙ୍କ ଖାତାପତ୍ରର ଉତ୍ତମବନ୍ଦୋବସ୍ତ କରିଥିବା ହେତୁ କୁମାର ଏଲ୍‌ବର୍ଟଭିକ୍ଟର ଗୋଟିଏ ଘଡ଼ି ଓ ପତ୍ନୀଙ୍କୁ ମଣି-ଖଚିତ ଅଲଙ୍କାର ପ୍ରଦାନ କରିଅଛନ୍ତି ।—ଉତ୍ତମ ।

ପାରସ୍ୟଦେଶରେ ଓଲଉଠା ଲାଗିଥିବାର ସମ୍ବାଦ ମିଳଇ ।

କଇଁଲାହଡ଼ାର ଜମିଦାରବାସୀ ଦୟାଳୁ ବାବୁ ଶ୍ରୀନାଥ ଘୋଷ, ଜାନକୀନାଥ ଘୋଷ ଓ ସୀତାନାଥ ଘୋଷ ତାହା-ଙ୍କ ଗ୍ରାମରେ ଡାକ୍ତରୀ ସମ୍ବନ୍ଧୀୟ ଗୋଟିଏ ହସ୍ପିଟାଲ ସ୍ଥାପ-ନାର୍ଥ ଟ ୩୦୦୦୦ ଙ୍କା ଦାନ କରିଥିବାର ସମ୍ବାଦ ମିଳଇ । ଏ ଦାନ ପ୍ରଶସ୍ତ ଅଟେ ।

କଥିତ ହୁଏ ଅଳ୍ପଦିନ ମଧ୍ୟରେ ଭୂମିଧ୍ୟାସମ୍ରାଟଙ୍କ ଜ୍ୟେଷ୍ଠ-ପୁତ୍ରଙ୍କର ଅଷ୍ଟ୍ରିଆଙ୍କ ଯୁବରାଜଙ୍କ କନ୍ୟାସହିତରେ ପରିଣୟ-ସମ୍ବନ୍ଧ ବଦୋବସ୍ତ ହେବ ।

କାଙ୍ଗଡ଼ାଜୋପଲଠାରୁ ଆସିଥିବା ଗତମାସ ତା ୨୬ ଦି-ନର ତାରବାର୍ତ୍ତାରୁ ପ୍ରକାଶ ଯେ ଇଣ୍ଡିଆନାମକ ଜାହାଜ ୫୦୦ ଜଣ ମୁରକାରୀୟ ଯାତ୍ରୀଙ୍କ ନେଇ ଯାଉଥିବା ସମ-ୟରେ ଲାଲସାଗରରେ ବୁଡ଼ିଗଲା । ଏମାନଙ୍କ ମଧ୍ୟରୁ କେବଳ ୬୩ ଜଣ ଲୋକ ବଞ୍ଚିଅଛନ୍ତି ।—କି ଭୟଙ୍କର ଦୁର୍ଘଟନା ।

ଢାକାଇର ଉକ୍ତ ଗତ ମାସ ତା ୨୪ ଦିନରେ ଗୋ-ଲମାଲ । ସେଠାର ପ୍ରଜା ବାହାର କଲେ ଯେ ସୁନେଇସି ପ୍ରଜାମାନଙ୍କ ବ୍ୟବହାରକୁ ଶାନ୍ତିର ସମ୍ଭାବ୍ୟ ଲକ୍ଷଣ ପ୍ରକାଶ ପାଏ । ତଥାଚ କେତେଗୁଡ଼ିଏ ବିଷୟ ଅଦ୍ୟାପି ମୀମାଂସିତ ହୋଇ ନାହିଁ ଏବଂ ସେ ହେତୁ କେତେକ ସମସ୍ତଙ୍କୁ ଗେ ବିଚାରାଧୀନ ସେନା ଓ ନୌସେନା ରହିବା ଉଚିତ ।—ଏସବୁ ଅସ୍ମାନଙ୍କୁ ଶାନ୍ତିର ଚିହ୍ନ ବୋଲି ଜଣାଯାଉ ନାହିଁ ।

ମିଶରଦେଶରେ ପୁଣି ସୁଦାନିମାନ ବିଦ୍ରୋହରେ ପ୍ରବୃତ୍ତ ହେବାର ସମ୍ବାଦ ମିଳଇ । ସାଥିମାନଙ୍କ ଇଂରେଜମାନେ ଶେଷଥର ଉତ୍ତମରୂପେ ପରାସ୍ତ କରିଥିଲେ । ସେହି ମାର ଖାଇବା ଅଶାରେ ମଧ୍ୟ ଆପଣାର ସେନାଦଳ ପୁଷ୍ଟକର ସୁଦା-ସନ୍ଧାରେ ତତ୍ପର ହୋଇ ଆସୁଅଛନ୍ତି ।—ଅତଏବ ସମ୍ଭାବ୍ୟ ପ୍ରକାଶ ପାଇବ ।

Digitized by srujanika@gmail.com

Split by PDF Splitter



ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ଯେ ବଙ୍ଗୀୟ ପ୍ରଧାନ-ଇନ୍ସପେକ୍ଟର ମହକୁମାର କୌଣସି କର୍ମସ୍ଥ ପ୍ରଧାନସେକ୍ରେଟରୀ ତଥା ଆପଣାବିଭାଗର ପ୍ରଧାନକର୍ମଚାରୀଙ୍କ ଲିଖିତ ଅନୁମତି ବିନା କୌଣସି ସମ୍ବାଦପତ୍ରର ସମ୍ପୃକ୍ତ ସମ୍ବାଦଦାତା ହୋଇ ପାରିବେ ନାହିଁ ।

ଆମେରିକାରେ ଗୋଟିଏ ଛଅବର୍ଷ ବୟସର ଘୋଡ଼ା ମି ୨୧ ସେକେଣ୍ଡରେ ଏକମାଇଲ ବାଟ ଦୌଡ଼ିଯିବାର ଦେଖି ଉତ୍ତ୍ରକ୍ଷଣାତ୍ ଏକବ୍ୟକ୍ତି ସାଢେ ତିନିଲକ୍ଷଟଙ୍କାରେ ତାହାକୁ କ୍ରୟ କଲା । ମାତ୍ର ଆଜିକାଲି ବାଘର କଥା ସବୁ ଆଶ୍ଚର୍ଯ୍ୟ !

ଲଣ୍ଡନନଗରରେ ମୁସଲମାନମାନଙ୍କର ଗୋଟିଏ ମସଜିଦ ହୋଇଅଛି ଏବଂ ତତ୍ରବାସିମାନେ ଗୋଟିଏ ଧର୍ମଶାଳା ସେଠାରେ ପ୍ରସ୍ତୁତ କରାଇବାର ଉଦ୍ୟମରେ ଅଛନ୍ତି । ଗୋଟିଏ ହିନ୍ଦୁଦେବାଳୟ ହେବାର ଆବଶ୍ୟକ ।

## କୁଆଁପାଳ-ସମ୍ବାଦ ।

ଅତ୍ର ଗ୍ରାମର ଜଣେ ଜମିଦାର ବାବୁ କୃଷ୍ଣମୋହନ ବୋଷ ଶତାଧିକ ମୁଦ୍ରାବ୍ୟୟରେ ଏହି ଗ୍ରାମର ଶ୍ରୀଚନ୍ଦ୍ରଙ୍କ ମନ୍ଦିର ସଂସ୍କାର କରାଇ ଏଠାସ୍ଥ ସର୍ବସାଧାରଣଙ୍କ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ମୋଫସଲର ଜମିଦାରମଣ୍ଡଳୀ ଏହାଙ୍କ ଅନୁକରଣ କରି ନାନା ସ୍ଥାନରେ ଥିବା ପୁରାତନ କୀର୍ତ୍ତିମାନଙ୍କର ସଂସ୍କାର କଲେ ଅନେକ କୀର୍ତ୍ତି ରକ୍ଷା ପାଇବ । ବାବୁ ମହୋଦୟଙ୍କ ଧର୍ମଶୀଳକୁ ଧନ୍ୟ !

ଗୋଟିଏ ପାଗଳ ବଳିଷ୍ଠ ଯୁବା ଲୁଙ୍ଗିପିନ୍ଧି ହୋଇ ଏହି ଗ୍ରାମରେ ପ୍ରବେଶ କରି କେତେକ ଲୋକଙ୍କର ଛେଳି, କୁକୁଡ଼ା ପ୍ରଭୃତି ହତ କରିଅଛି । ଯୁବାର ବୟସ ପ୍ରାୟ ଏକ ଜଣ ମନୁଷ୍ୟଙ୍କୁ ବାନ୍ଧିବା ସକାଶେ ଚେଷ୍ଟା କରି ମଧ୍ୟ କୃତକାର୍ଯ୍ୟ ହୋଇ ପାରି ନାହିଁ । ଏପରି ଅନିଷ୍ଟକାରୀ ଜନ୍ତୁକୁ ଅବିଳମ୍ବ ବଧ କରିବାର ଉଚିତ !

ଅତ୍ର ଗ୍ରାମର ପ୍ରଧାନ ଜମିଦାର ଶ୍ରୀ ବାବୁ ଯୋଗେନ୍ଦ୍ରଚନ୍ଦ୍ର ଘୋଷ ନିଜ ଜ୍ୟେଷ୍ଠ ପୁତ୍ରର ବିବାହ ଉପଲକ୍ଷରେ ବହୁଦିନ ଏଠାରେ ଅବସ୍ଥାନ କରିବାର ଜନରବ ଶୁଣାଯାଏ । ଜନରବ ସତ୍ୟ ହେଲେ ଗ୍ରାମର ମଙ୍ଗଳ ହୋଇବାର ହେବ ।

## ତଣାବନ୍ଧ-ସମ୍ବାଦ ।

ଗତ ତୋଫାନରେ ଏଠାରେ ଅନେକ ପଶୁ ପକ୍ଷୀ ବିନଷ୍ଟ ହୋଇଅଛନ୍ତି । କେତେକ ଲୋକ ଏହି ଧନବାନ ନପାଳ ଠିକ ନିଜଦ୍ୱାରରେ ପଡ଼ି ରହି ଅଛନ୍ତି । ପଦୁଆଳୀ ଧାନ୍ୟକ୍ଷେତ୍ର ସବୁ ବୁଡ଼ି ତାହା ଉପରେ ୧ ହସ୍ତ ପରିମାଣରେ ଜଳ ଉଠିଅଛି । କୋଳଥ, ହରଡ଼, ଚଣା, ଗୋଲ ପ୍ରଭୃତି ଫସଲର ଆଶା ଏହାବେଳକେ ଦୂରଗତ ହୋଇଅଛି ।

ଏ ସ୍ଥାନର ମାଟି ବଡ଼ ଖରାପ ! ଏ ମାଟିରେ କେହିଁ ଶିକ୍ଷକ ଏକ ବର୍ଷରୁ ଅଧିକ ରହିବ ପାରନ୍ତି ନାହାନ୍ତି । ପ୍ରାୟ ସନ ୧୮୮୭ ସାଲଠାରୁ ଅଦ୍ୟପର୍ଯ୍ୟନ୍ତ ଏ ସ୍କୁଲରେ ୪ ଜଣ ଶିକ୍ଷକ ନିଯୁକ୍ତ ହୋଇ ସ୍ଥାନାନ୍ତର ହେଲେଣି । ପୁଣି ଏ ବର୍ଷ ହେଡ୍, ପଣ୍ଡିତ, ବାବୁ ଗୋପୀନାଥ ତ୍ରିପାଠୀ ଉପସ୍ଥିତ ହୋଇଅଛନ୍ତି । ପ୍ରତିବର୍ଷ ଏ ସ୍କୁଲର ଶିକ୍ଷକ ପରିବର୍ତ୍ତିତ ହେବାର କାରଣ କଣ ? ତାହା ବୁଝାଯାଉ ନାହିଁ ।

ସ୍କୁଲସମୂହର ଜଏଣ୍ଟ ଇନସ୍ପେକ୍ଟର ମହୋଦୟ ଏ ସ୍ଥାନରେ ଉପସ୍ଥିତ ହୋଇ ଅତ୍ରସ୍ଥ ଭର୍ଣ୍ଣାକ୍ୟୁଲର ସ୍କୁଲଟି କେବଳ ପରୀକ୍ଷା କରି ଓଲଦେଲୁଙ୍କ ଇତ୍ୟାଦି ଚାଟଶାଳୀ ପ୍ରଭୃତି ପରିଦର୍ଶନ ନ କରି ଶୀଘ୍ର ସ୍ୱେଚ୍ଛା ସ୍ଥାନାନ୍ତରେ ମୁକାମ ଅବସ୍ଥିତ କଲେ ।

ଏସ୍ଥାନରୁ ଓଲଦେଲ ମା ୩ ସରେ ନ ୪୮ ଣ ଗ୍ରାମକୁ ସ୍ୱୀୟସ୍ଥାନକୁ ପ୍ରତ୍ୟାଗତ ହୋଇଅଛନ୍ତି । ଏହାଙ୍କ ପଛକୁ କୁଚ-ଯୋଗ ଉପସ୍ଥିତ ।

ଲୁଣର ଦର ପୁଣି ବୃଦ୍ଧି ହୋଇଥିବାରୁ ଗରୀବଲୋକଙ୍କର କଷ୍ଟର ପରିସୀମା ରହୁ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ବିଷୟଟି ପତ୍ରିକାଗତ କରି ବାଧିତ କରିବା ହେବ ।

ସନ ୧୮୮୭ ମସିହା ଡିସେମ୍ବର ମାସଠାରୁ ବିଦ୍ୟାବୃତ୍ତିବର୍ଦ୍ଧିନୀସଭା ସ୍ଥାପିତ ସ୍କୁଲରେ ସ୍ଥାପିତ ହୋଇ ଏକବର୍ଷ ସାତମାସ ନିର୍ବିଘ୍ନରେ ସମ୍ପାଦିତ ହେଲା ପର ଉକ୍ତ ସଭାର ସମ୍ପାଦକ ଗଦାଧର ମିଶ୍ର ଏବଂ କେତେକ ମୁଖ୍ୟ ମେମ୍ବର-ମାନଙ୍କର ମୃତ୍ୟୁ ହେବାରୁ ସଭା ଅଳ୍ପ ପର୍ଯ୍ୟନ୍ତ ବନ୍ଦ ଥିଲା । ମାତ୍ର ଗତମାସ ତା ୩୦ ରଖ ଶନିବାର ଦିନ ସଭା ହୋଇଥିଲା । ତହିଁରେ ନିମ୍ନ ଲିଖିତ ବିଷୟମାନ ନିର୍ଦ୍ଧାରିତ ହୋଇଅଛି । ଯଥା ।

୧ । ସମ୍ପାଦକଙ୍କର ମୃତ୍ୟୁ ହେବାରୁ ଶ୍ରୀ ଦଇତାରି ମିଶ୍ର ସମ୍ପାଦକ ପଦରେ ନିର୍ବାଚିତ ହେଲେ । ଏବଂ ସହକାରୀସମ୍ପାଦକ ବିଷୟ ପ୍ରସ୍ତାବିତ ହେବାରୁ ମେମ୍ବର ସଂଖ୍ୟା ଅଧିକ ହେଲେ ଉକ୍ତ ବିଷୟର ବିଚାର ହେବା ସାବ୍ୟସ୍ତ ହେଲା ।

୨ । ଚନ୍ଦ୍ରାବଧାରକ ମହାଶୟ, ସଭା ଡିସ-ମ୍ବରମାସ ପ୍ରଥମ ଅଧିବେଶନଠାରୁ ହେବାରୁ ସମାଜଉତ୍ସବ, ବର୍ଷର ଏଗାର ମାସରେ ପଡ଼ୁଅଛି । ତାହା ନ କରି ବର୍ଷର ଅଦ୍ୟ ମାସରେ କଲେ ସୁବିଧା ହେବାର ପ୍ରସ୍ତାବ କରିବାରୁ ତାହା ସର୍ବମେମ୍ବରାନୁମୋଦିତ ହୋଇ ସନ ୧୮୯୦ ମସିହା ଜାନୁଆରୀ ମାସ ପ୍ରଥମ ଅଧିବେଶନଠାରୁ ସଭା ସଂସ୍ଥାପିତ ହେବାର ସ୍ଥିର ହେଲା ।

୩ । ସମ୍ପାଦକ ମହାଶୟ ପ୍ରସ୍ତାବ କଲେ ଯେ ପୂର୍ବେ ସଭାରେ ପଣ୍ଡିତମାନଙ୍କର ଯାଞ୍ଚ-ଗୋଷ୍ଠି ଅଷ୍ଟକ ( ପ୍ରଧାନ ପଣ୍ଡିତ ଶ୍ରୀ ଗୋପୀ-ନାଥ ମିଶ୍ରଙ୍କ ରଚିତ ) ସଂଗୃହୀତ ପୂର୍ବକ ପୁସ୍ତକା-କାରରେ ଛପା ହୋଇ ସଭାକୁ ବିନା ମୂଲ୍ୟରେ ବଣ୍ଟାଯିବା ହେବା ସ୍ଥିର ହୋଇଥିଲା । ତଦନୁରୂପ ଉକ୍ତଗୋଷ୍ଠି ଅଷ୍ଟକମଧ୍ୟ ସଂଗୃହୀତ ହୋଇ-ଅଛି । ଅତଏବ ବର୍ତ୍ତମାନ ଉକ୍ତଗୋଷ୍ଠି ଅଷ୍ଟକ ପୁନଃସଂଗୃହୀତ କରି ଏବଂ ମେମ୍ବରମାନଙ୍କଠାରୁ ପ୍ରତ୍ୟେକ କେତେକ ସମ୍ଭ୍ରାନ୍ତ ଧନୀ ବ୍ୟକ୍ତିଙ୍କଠାରୁ ଚାନ୍ଦା ଗ୍ରହଣ କରି ଅଳ୍ପଦିନ ମଧ୍ୟେ ତାହା ଯନ୍ତ୍ରସ୍ଥ କରାଯାଉ ଏ ବିଷୟ ସମସ୍ତ ମେମ୍ବର-ମାନଙ୍କର ଅନୁମୋଦିତ ହେବାରୁ ଶୁଭ-ଶ୍ଳୋକୋଚ୍ଚାରଣ ପୂର୍ବକ ସଭା ଭଗ୍ନ ହେଲା । ପାଠକାବଗତାର୍ଥ ନିବେଦନ କଲୁଁ । ଇତି ।

୨।୧୨।୮୯ ବିଦ୍ୟାବୃତ୍ତିବର୍ଦ୍ଧିନୀସଭା ପୁରୀ } ଶ୍ରୀ ରାମଚନ୍ଦ୍ର ପ୍ରହରାଜ-ଶର୍ମା ସଭାପତି

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋକୁଳାନନ୍ଦ ଚୌଧୁରୀ | ତଟକ ବଳାସ୍ତୁ | ଟ ୩୲ |
| " ହନୁମାନ ପ୍ରସାଦ ସମ୍ପାଦକ ଉତ୍ତଂଦୁକ ଅଗ୍ରିମ | | ଟ ୫୲ |
| ରାଜା ବଳେନ୍ଦ୍ର ନୟାଗଡ଼ | " | ଟ ୩୲ |
| ବାବୁ ଜଗନ୍ମୋହନ ରାଉତ | " | ଟ ୩୲ |
| " " " | ବଳାସ୍ତୁ | ଟ ୦୲ |
| " ମାଣିକଲାଲ ଓ ରାଜମହଲର ବଟକ ଅଗ୍ରିମ | | ଟ ୧୲ |
| " ଲଳନବିହାରୀ ଚୌଧୁରୀ | " " | ଟ ୨୲ |
| " ଗୋବିନ୍ଦ ମିଶ୍ର ଦାମୋଦରପୁର | " | ଟ ୧୲ |
| " ବାମଦେବ ମହାନ୍ତି କାନ୍ଥଗୋଲ ମହିଷୁଦନପୁର | " | ଟ ୩୲ |
| " ଦାମୋଦର ସାହୁ ବଟକ | " | ଟ ୧୲ |

## ବିଜ୍ଞାପନ ।

ଖାସମାହାଲ ଏଲାକା ନୟାଗଡ଼ ତାଲୁକ ଇଉକ ସକାଶେ ଟେଲ୍‌ମେନ୍ ଦରମାହା ସହିତ ମାସକୁ ଟ ୧୮୲ ଙ୍କା ବେତନରେ ଜ ୧୨ ଣ ଅମିନ ପ୍ରୟୋଜନ କମ୍ପାସ ସହିତ ଜରିବ ଜାଣୁ-ଥିବାବ୍ୟକ୍ତିମାନେ ପ୍ରାର୍ଥୀ ହୋଇ ପାରିବେ । ସାର୍ଟି-ଫିକଟ ନକଲ ସହିତ ଦରଖାସ୍ତମାନ କରିବାକୁ ଚଳିତମାସ ତା ୧୫ ରଖ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷର-କାରିଙ୍କଦ୍ୱାରା ଗୃହୀତ ହେବ ।

The 2nd Decr, 1889. } U. B. MAITRA. *Sub-Divl officer.*

ନାନାପ୍ରକାର ଶ୍ଲେଟ ବଡ଼ ଶୁନ୍ଧକଢ଼ି

Digitized by srujanika@gmail.com

Split by PDF Splitter



ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଯାଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାଇବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ନ ଚାଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

କଟକ ୧୬।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

# ବିଜ୍ଞାପନ ।

### ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଏ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଖଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ବଳତା ଏକାବେଳକେ ଅରୋଗ୍ୟ ହୁଏ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

### ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲେ ମାତ୍ରକେ ତତ୍‌କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଛାଡ଼ିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି ନଖ, ବେକ ପ୍ରଭୃତି ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜ ଅଟେ ।

ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ବହୁ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

କବିରାଜ ଶ୍ରୀ ଅଧରନାଥ ଶର୍ମା
ନ ୨୮ ନମ୍ବର ହରତୋଷର ଷ୍ଟ୍ରିଟ, ସିମୁଲିଆ
କଲିକତା ।

# ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଆୟୁର୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

### ପ୍ରାକୃତଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମସୁନ୍ଦର ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### କଟକେଷ୍ଟ ସୁବିଧା ।

ସହର ଓ ମଫସଲବାସିନାଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଲ-ଗାଡ଼ି, କାମିଜ, କୋଟ, ଟେବଲ ଓ କଲଗୀଯୋଡ଼ା, ନାନାପ୍ରକାରଲୁଗା, ଖେଳବାର କାର୍ଡ୍‌, ବଲ୍‌, ତାସ ଇତ୍ୟାଦି ଏବଂ ଅନ୍ୟର ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ବାବଦେ ଶତକରା ୫ ୬ ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, [illegible], ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଅବସ୍ଥା, ବୟକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହେବ । କେବଳ [illegible] ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ଅପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏଭଳି ମାତ୍ର କହୁଅଛୁଁ କି ଅମ୍ଭଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ ।

ଶ୍ଳେଷ୍ମନାଶକ ଚୂର୍ଣ୍ଣ—ଏକଡ଼ିବିଙ୍କ ଟ ୦।୫ ଡାକମାସୁଲ ଟ ୦। ଏକତ୍ରରେ ଦୁଇଡିବା ନେଲେ ଡାକମାସୁଲ ଟ ୦। ପଡ଼ିବ। ଏ ଚୂର୍ଣ୍ଣକୁ ଲେମ୍ବୁରସ ସ୍ତ୍ରୀକ ମାଳକରେ ଲଗାଇଲେ ଶ୍ଳେଷ୍ମମାନ ଛୁଟିଯିବ ଅଧଘଣ୍ଟା ମଧ୍ୟରେ।

ଦଦ୍ରୁନାଶକ ମଲମ—ଏକଡ଼ିବିଙ୍କ ଟ ୦।୧ ଡାକମାସୁଲ ଉପରଲେଖିତ ମତେ ଅଟେ ଏ ମଲମ ଲଗାଇଲେ ଉଠିଥିବା ସମସ୍ତ ଦାଦୁ ଭଲହୁଅଇ ଏଥିରେ ଜ୍ୱାଳା ଓ ଫୋଟକା ହୁଏ ନାହିଁ। ଦେଲୁପେବଲରେ ଫଠାଯିବ ନାହିଁ।

ବଡ଼ବାଜାର କଟକ } ଶ୍ରୀଫକୀରତ୍ରିପାଠୀ କବିରାଜ।

## ମେହରୋଗ ।

ଏ ଔଷଧରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ। ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ଟଙ୍କା ଧନର ଭଲ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ।

ଏହି ଔଷଧ ପଥ୍ୟରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ଆମ୍ଭେ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଶରୀର ଉପରିଭାଗରେ ଦେଖିବାକୁ ନ ହେଲେ ଅଛି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବକାଶରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଲ୍ପେଡସ୍କୋୟାର ନମ୍ବର ଭବନରେ ଏ, କେ, ଗଜ ଭଣ୍ଡାରଘରରେ ଏବଂ କଟକ ବଡ଼ବାଜାର ପ୍ରିଣ୍ଟିଂକମ୍ପାନିର ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି। ମୂଲ୍ୟ ଏକଶିଶିକୁ ଟ ୨୲ ମାତ୍ର। ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

## ବାଲିକାଗଞ୍ଜ ।

ଚଳନ୍ତିବର୍ଷ ବଢ଼ିରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସାଘରଠାରେ ବାବୁ ଅର୍ଦ୍ଧେନ୍ଦୁଶେଖର କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ଗଜ ଲମ୍ବା | ଦର ୧୬ ଟ ୨୲ | ଓ ୧୮ ଟ ୦ ୫୦ |
| ୧୮ ଗଜ ,, | ,, ଟ ୨୲ | ,, ଟ ୦ ୫୦ |
| ୧୨ ଗଜ ,, | ,, ଟ ୨ | ,, ଟ ୦ ୫ |
| ୨୨ ଗଜି ଉତ୍କଳଦୀପିକା ,, | ଟ ୩ | ,, ଟ ୦ ୫୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ତରଧାରବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚାଦରଦୋଶାଲା ଓ କମ୍ବଳ ଓ ରେଶମୀଓ ଗେଉର ଲୁଗା ଓ ଷ୍ଟୋକିଂସ ଓ ଜନ ତଙ୍ଗ ଇତ୍ୟାଦି ସୁବର୍ଣ୍ଣତର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି। ଉଦ୍ଭବିଲ ଆଉ କେତେକ ଫେରନ୍ତା ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ଭିନ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ। ଏତଦ୍ଭିନ୍ନ ଅମ୍ଭେମାନେ ବନ୍ଦୋବସ୍ତ ଶୀତ ନିମନ୍ତେ ସକାଶେ ଦୋକାନରେ ପ୍ରସ୍ତୁତ କରିଅଛୁଁ। କେହି ଖରଚ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ। ଶୀତ ଋତୁ ଆଗମନ ନିମନ୍ତେ ଦେବା ପର ଅପଣା ମଫସଲ ସକାଶେ ଦରା ଲୋଡ଼ିଲେ ଏକ ସହସ୍ର ଟଙ୍କା ୨୦୦ ହିସାବରେ ଦରାଦେଲେ ପାଇ ପାରିବେ। ମାତ୍ର ତାହାର ଅର୍ଦ୍ଧ ଖର୍ଚ୍ଚ ଗ୍ରାହକ ଙ୍କ ଉପରେ ଥିବ। ଅର୍ଦ୍ଧ ଦେଲେ ଶୀତଲ ପୁସ୍ତ ମୂଲ୍ୟ ଦାଙ୍କ ଦେବାକୁ ହେବ।

ଉଦ୍ଭବିଲ ।

ବଳର ଦେଶଣୀ ନ ରର୍କ୍କରେ ଘୃତ ଦେଲେ ସ୍ୱେଲେ।

ନରେବଣୀକ

କଶ୍ମୀରୀ ତେଲ ଜବଶା ଶେଜ ଶାଡ଼ୀ ଓ ହୋସ ଉତ୍ତମ।

ତହଁ ଅର୍ଥାତ୍ କବଶ ଜଟବା ବାଗର ଚୋଟିଲ ଓ କଲର।

ଗୋଳକିଲ ବାସ୍ତବା ଲବ।

ନାମା ପ୍ରକାରର ପଠଂ ନାକର ଓ ଲଗାଯା ରେଶମ ବସ୍ତ୍ର

ବିଲତ ଉଣ।

ବଗଡ ଗାଜୁନ।

ଗାଭାଚି ଗାବାନ ଅର୍ଦ୍ଧ ରେ ଲୁଗା ସଦଶୀର ହୁଏ।

ଥକୋର ରେଶ—ଅର୍ଥାତ୍ ସୁବର୍ଣ୍ଣ ଭୂଷଣ।

ଝଲର ଭୁଷ।

ଔଷଧର ସୁଷ ଜଣ୍ଡା।

ବର୍ଜିକ ଅର୍ଦ୍ଧ।

ଦୋରେକୋଗନ।

କାବ ବିଲସ ଓ ବର ଇକିଳ ଓ ସ୍ୱାବା ଗଜା

ଭର୍ଦ୍ଧ ବୁଲଫସକ୍ରୁଝ ଏକଖଳ ଜୁଗ

କେଲିସନ ଉଗୋର ଗ୍ରହ କେବଳୁ ଡଲେ

ଏ, ଗୋଳକ ଗହୋର ଭାଗିଚ ଓ କରୁଣା।

ଦସଙ୍କା ଗବଦୋନ ଏକନ ବାଇଲ।

ଅଷ୍ଟେମ୍ବର ପେଜ୍‌ବିଲ ଥିର ଏ ସେହେଲିକରେ ଲେଓ କଉଲ ପେର ଉର ଉହାର ଦେଉ ଜେନ୍‌ଡିଲ ଲେଖା ଗ ଗଲେ ଦେର ଉଗାର ତେଲୋଡର ଉ ଲଗ ଲ ଉଳେ।

ଗୋପଦୀରୁନ ଓ ଗଲଲର ହେଇଲ ମେଜ ଓ ଦଦର ଭଲେ ଉରେ

ନୂତାନ ଜାର ରଥାର ଲେଉଟାଲଲେଭଉ ଓ କୁର୍ଚ୍ଚିଲେ ବଳା ହେବ।

ଅଲଗା ବଜା

୧୨ x ୧୦ ଇଞ୍ଚ

୧୮ x ୧୨ ଇଞ୍ଚ

୧୭ x ୧୪ ,,

ଗୋଲା ଓ ଗୋଲାବଦ କଳମ ୪୨ ଜଳଗଣ ବଗଡ଼ି ଶାଇଜ ଚଲା ଓ ସ୍ୱବଲା

ଚେମେବ୍ରଲେଜ।

ଜଦ ଓ ଗାଲେବୋଟ ଫିତା

ଜଲହିଳ ଦେଇଲେ ଆଉ ଗାଡ଼ବାର ଖାଇ ମଲଗାମା

ରେଡ ଟୁ ପେନ୍‌ସିଲ

କଜାରଣୀ ଶାଳୀ ଓ ଜୋଡ଼ ଓ ହଜ

ମଲବୁଗାଲାଳ ଓ ଫିତା ଗାନ ଗାଳଗୋଲ ଓ ଶାଢ଼ୀ।

ଟ୍ରେଙ୍ଗ ବାର

ଏଣ୍ଟିମୋଣ ଅର୍ଥାତ୍ ରଜା-ଛିନ ଛଗାର ଅଗର ରଗର ଜଦର୍ଶ କଲେ ଉଲାର ହୁଏ!

## ପିତ୍ତଳର ।

ଏ ଛାଉଁକୁ କେଉଁଠାରେ ପାଟରେ ରଣ୍ଡି ଗର୍ଭ କେ ଜରକାଳ ବୋପାଲୁଳର ଫାଟରେ ଦେଲେ ପାଣିଗଲା ବଜ ହେବ, ଦଗଲ ମଞ୍ଜ ଅଲେ ଲେପିଦେଲେ ମଞ୍ଜୁଳ ହେବ ଓ ଭଲ ଧରିବ ନାହିଁ।

କଟିର ଜମଡ଼ା ଓ ଶାଢ଼ରେ ଲଗାଇବାର କାଳ ମଧ୍ୟ ଅଛି।

ଅର୍ଦ୍ଧେନ୍ଦୁଶେଖର କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୲ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଖର୍ଚ୍ଚ ଟ ୦୲ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେ ଓ ତ୍ରିଗୁଣ ଯଥାକ୍ରମେ ହେବ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କଠାରୁ ଅଗ୍ରିମ ଦିଆଯିବ।

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ପ୍ରିଣ୍ଟିଂକମ୍ପାନି ଗୋବିନ୍ଦଚନ୍ଦ୍ର ଓ ମୁଦ୍ରିତ।

Digitized by srujanika@gmail.com

Split by PDF Splitter

REGISTERED NO.

419

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୪ ଶ
ସଂ ୪୯ ସଂଖ୍ୟା

ତା ୧୪ ଏଣ୍ଡ ମାହେ ଡିସେମ୍ବର ସନ ୧୮୮୯ ଇଂରାଜୀ । ମୁ । ପୌଷ ତା ୧ ରୁ ୧୨ ସନ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩।୦

ଅସ୍ମାକଙ୍କର କଲେକ୍ଟରସାହେବ ଗତ ସପ୍ତାହରେ ମୋଫସଲଗସ୍ତ ଆରମ୍ଭ କରି ଛାଙ୍ଗିରେ ଥିଲେ । ସେଠାରେ ଶରୀର ଅସୁସ୍ଥ ହେବାରୁ ଚନ୍ଦ୍ରଶ୍ରୀ ସକାଶେ ଏଠାକୁ ଗତ ଲଭବାର ଫେରି ଆସିଲେ । ଆସ୍ତମ ଲଭ ସୁଣି ଗଡ଼ଗୁରୁବାର ଯାଇଅଛନ୍ତି । ସାନ ବନ୍ଦୋବସ୍ତସଂକ୍ରାନ୍ତ କାର୍ଯ୍ୟର ବନ୍ଦୋବସ୍ତ କରିବା ଏ ଗସ୍ତର ପ୍ରଧାନ ଉଦ୍ଦେଶ୍ୟ । ପଟ୍ଟୁଆରିମାନଙ୍କୁ ସର୍ଭେମାପ ଶିକ୍ଷା ଦେଇ ସେମାନଙ୍କଦ୍ୱାରା ସର୍ଭେ କରିବ କରାଇବାର ସ୍ଥିର ହୋଇଅଛି । ସାହେବ ମହୋଦୟ ମୋଫସଲରେ ପଟ୍ଟୁଆରିମାନଙ୍କୁ ଏ କାର୍ଯ୍ୟ ସଂକ୍ରାନ୍ତ ଉପଦେଶ ଦେବେ ଓ ଅନ୍ୟାନ୍ୟ ଆୟୋଜନ କରିବେ ।

---

ବାଲେଶ୍ୱରର ନୂଆ କଚେରୀଘରର କାର୍ଯ୍ୟ ଶେଷ ହେବାରୁ ଗତ ପକ୍ଷ ସୋମବାର ବଡ଼ ସମାରୋହ ପୂର୍ବକ ସକାଳ ଘ ୧୦ ଟା ସମୟରେ ଏକସଭା ହୋଇଥିଲା ଏବଂ ସେଠାରେ କାରକମାସ୍ତରସାହେବ କଲେକ୍ଟରସାହେବଙ୍କୁ ଚାବି ଘର ଅର୍ପଣ କଲେ । ଏ ଘରଟି ବଡ଼ ସୁନ୍ଦର ହୋଇଅଛି ଏବଂ ଏଥିରେ ପଞ୍ଚାବନ ହଜାର ଟଙ୍କା ବ୍ୟୟ ହୋଇଅଛି । ଏଥିରେ ଦୁଇ ଜଣ ଡେପୁଟୀ ମାଜିଷ୍ଟ୍ରେଟ ଏବଂ ମୁନସଫଙ୍କ ଅଫିସ ଓ ସେମାନଙ୍କ ଅମଲଙ୍କ ସ୍ଥାନ ଓ ରେକର୍ଡ଼ରୁମ, ଟ୍ରେଜେରୀ, କଚ୍ଛ ଓ ଷ୍ଟାମ୍ପ ବୋର୍ଡ଼ର ଅଫିସମାନ ବସିଅଛି । ଏପରି ଗୋଟିଏ କମିଟୀହଲ ହୋଇଅଛି ଏବଂ ମାମଲତକାରଙ୍କ ସକାଶେ ପ୍ରଶସ୍ତ ବାରଣ୍ଡା ହୋଇଅଛି ।

---

ମୋଫସଲ ବା ଖୋଲଗ୍ରାମର ଅପୂଃଶେଷ ହୋଇଅଛି । ବଙ୍ଗୀୟ ଲେଫ୍ଟନେଣ୍ଟ ଆଦେଶ କରିଅଛନ୍ତି ଯେ ଆଗାମୀ ଅପ୍ରେଲମାସ ଆରମ୍ଭଠାରୁ ପ୍ରେସିଡେନ୍ସୀ ଓ ବର୍ଦ୍ଧମାନ ଏହି ଦୁଇ ବିଭାଗରୁ ମୋଫସଲଗ୍ରାମ ଏକାବେଳକେ ଉଠି ଯିବ । ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ବର୍ତ୍ତମାନ ଆର୍ଥିକ ଅବସ୍ଥା ବଡ଼ ସଚ୍ଛଳ ନୁହଇ । ଏସମୟରେ ସ୍ୱଇଚ୍ଛାରେ ମାତ୍ର କ୍ଷତ କେବଳ ପ୍ରଜାଙ୍କର ହିତାର୍ଥେ ବହୁ ଅନିଷ୍ଟର ମୂଳ ମୋଫସଲଗ୍ରାମ ଉଠାଇ ଦେବାରେ କେମନ୍ତ ପ୍ରଶଂସା ଓ କୃତଜ୍ଞତାର ପାତ୍ର ହୋଇଅଛନ୍ତି ତାହା ଅମ୍ଭେମାନେ କହିବାକୁ ବାକ୍ୟ ପାଉ ନାହୁଁ । ଏଥିରୁ ଆଶା ହେଉଅଛି ଯେ କ୍ରମେ ଅନ୍ୟାନ୍ୟ ବିଭାଗରୁ ଲେଫ୍ଟନେଣ୍ଟ ଏହି କୁପ୍ରଥା ଉଠାଇ ଦେଇ ଗୋଟିଏ କୀର୍ତ୍ତି ରଖିଯିବେ ।

---

ଭାଗ୍ୟସ୍ମୃ ଭଲର ପାଣି ଚଳତ ମାସ ୪ ତାରିଖରେ ହେଲା ତାହାକୁ କ୍ଷମା ଦେବାକାରଣ ଯେତେ ଆବେଦନପତ୍ର ଗବର୍ଣ୍ଣମେଣ୍ଟରେ ହୋଇଥିଲା ଓ ବଡ଼ ବଡ଼ ଇଂରାଜୀ ସମ୍ବାଦପତ୍ରମାନେ ଯେତେ ତହିଁରେ ଯୋଗକଲା କରିଥିଲେ କଛି କାର୍ଯ୍ୟରେ ଆସିଲା ନାହିଁ । ଭାଗ୍ୟସ୍ମୃ ନିର୍ଭୟଚିତ୍ତରେ ପାଣିକାଠରେ ଚଢ଼ି ବେକ ବଢ଼ାଇ ଦେଲା । ତାହାର ମୃତ୍ୟୁ ପୂର୍ବେ ତାହାର ସ୍ତ୍ରୀ ପୁତ୍ର ପ୍ରଭୃତି ଓ ଆତ୍ମୀୟମାନେ ଜେଲଖାନାରେ ତାହା ସଙ୍ଗେ ସାକ୍ଷାତ କରିଥିଲେ ମାତ୍ର ସେ ଆପଣା ଅର୍ଜିତ ଧନ ସମସ୍ତ ଉଡ଼ାଇ ଦେଇଥିବାରୁ ସେମାନେ କିଛି ପାଇଲେ ନାହିଁ । ଭାଗ୍ୟସ୍ମୃର ପାଣିଦଣ୍ଡରେ କେବଳ ଗବର୍ଣ୍ଣମେଣ୍ଟଙ୍କ ଆଇନର ମହତ୍ୱ ରକ୍ଷା ହେଲା ମାତ୍ର ଦୟାପୂର୍ଣ୍ଣ ନ୍ୟାୟର ଗୌରବ ରକ୍ଷା ହେଲା ନାହିଁ ।

---

ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରେ ପାଠକଙ୍କୁ ଯେ ଦ ୧୫ ଇ ହେଲା ସେଠା ଇଂରାଜୀସ୍କୁଲର ନିକଟ ଏକଘରରେ ଜଣେ ମୁସଲମାନ ସ୍ତ୍ରୀ ରାତ୍ରି ଘ ୧ ଟା ସମୟରେ ବାଣ୍ଡ ଦୁଆର ବନ୍ଦ କରି ଘରେ ଶୋଇ ରହିଥିଲା । ତାହାର ସ୍ୱାମୀ ଆପଣା ଗୃହସ୍ଥାଳି ଓ ଖାଦ୍ୟ ବସ୍ତୁ ଘରକୁ ଯାଇଥିଲେ । ଚୋରମାନେ ସମସ୍ତ ବୃକ୍ଷ ପାଚେରୀ ଡେଇଁ ତାହାର ମୁହଁ ବାନ୍ଧି ଅଳଙ୍କାରାଦି ନେଲେ ଓ ସ୍ତ୍ରୀଲୋକ ନ ଦେଖାଇବାରୁ ଧରିବାର ଚୋର ତାହା ଗଳାରେ ଛୁରୀ ଲଗାଇ ଦେଲା । ଭାଗ୍ୟର କଥା ଯେ ସ୍ତ୍ରୀଟି ପ୍ରାଣରେ ଅଛି । ସେହି ସହରରେ ସ୍ତ୍ରୀଲୋକ ସରେ ରଜଦ୍ୱାର ହେଲା ଏବଂ ସ୍ତ୍ରୀ ଜଣେ ଚୋରକୁ ଚିହ୍ନିଥିବାରୁ ତାହାଙ୍କ କହିବା ଅନୁ-

Digitized by srujanika@gmail.com

ସାଟର ଅଲ୍ଲମ-ଚାଦର ବାଭୁଖାନ ପୁଲିସଦ୍ୱାରା ଧରା ଯାଇଅଛି ଏବଂ ମୋକଦ୍ଦମାର ତଦନ୍ତ ହେଉଅଛି । ବାଲେଶ୍ୱର-ଷ୍ଟେସନର ଦୈ ଗସ୍ଥ କହିଲ । ପୁଲିସ ଚାର୍ଜ ଦେବାର ଉଚିତ ।

---

ଭାରତବର୍ଷର ଅରଣ୍ୟରେ ଏକପ୍ରକାର ଅପୂର୍ବ ବୃକ୍ଷ ଦେଖାଯାଇଅଛି ଯେ ତହିଁରେ ଚୁମ୍ବକ ପଥରର ଗୁଣ ଅଛି । ହାତରେ ତହିଁର ପତ୍ର ଛୁଇଁଲେ ବିଦ୍ୟୁତ୍‌ଭାର ଥାଇଲେ ଯେପରି ଆଘାତ ଲାଗେ ସେହିପରି ଆଘାତ ହାତରେ ଅନୁଭବ ହୁଏ । ତହିଁ ନିକଟକୁ ଲୁମ୍ବାସ ନେଲେ ଲୁମ୍ବାସର କଣ୍ଟା ବଙ୍କିଯାଏ । ଏ ବୃକ୍ଷର ମହିମା ଦିବସର ସମୟାନୁସାରେ ନ୍ୟୂନାଧିକ ହୁଏ । ଦୁଇପ୍ରହର ସମୟରେ ପୂର୍ଣ୍ଣ ଗୁଣ ପ୍ରକାଶପାଏ ଯେପରି ଅନ୍ଧାର ପଡ଼ୁଥାଏ ସେହିପରି ଗୁଣ କମୁଥାଏ ସ୍ୱବରେ ଆଦୌ ନ ଥାଏ । ବର୍ଷା ବତାସ ସମୟରେ ଏ ବୃକ୍ଷ ସଙ୍କୁଚିତ ଭାବରେ ଥାଏ ଓ ପତ୍ର ଛୁଇଁଲେ ଆଦୌ ଆଘାତ ହାତରେ ଜଣାଯାଏ ନାହିଁ । ପତ୍ରପଙ୍କ୍ତି ବେଳେ ତହିଁର ସ୍ତବକ ଅବନତ ହୁଏ । ପକ୍ଷୀ ପୋକ ଏ ବୃକ୍ଷ ଉପରକୁ ଯାଆନ୍ତି ନାହିଁ ଓ ତହିଁରେ ବସିଲେ ହଠାତ ମୃତ୍ୟୁ ହେବ ବୋଲି ସେମାନେ ସ୍ୱଭାବିକ ଜ୍ଞାନଦ୍ୱାରା ଜାଣି ପାରନ୍ତି । ଜଗଦୀଶ୍ୱରଙ୍କ ସୃଷ୍ଟିରେ ଯେ କେତେ ଅଦ୍ଭୁତ ବ୍ୟାପାର ଅଛି ତାହା କିଏ କଳନା କରିବ । ଧନ୍ୟ ଜଗଦୀଶ !

---

ଡାକଘରମାନଙ୍କରେ ନିଯୁକ୍ତ ଥିବା ଚିଠି ପହଞ୍ଚାଉଥିବା କର୍ମଚାରୀ ଯାହାଙ୍କୁ ପୋଷ୍ଟମାନ ଓ ଭିଲେଜପୋଷ୍ଟମାନ ବୋଲାଯାଏ ସେମାନଙ୍କ ନିମିତ୍ତ ସରକାର ଏକ ସ୍ୱତନ୍ତ୍ର ପ୍ରକାର ପୋଷାକର ବ୍ୟବସ୍ଥା କରିଅଛନ୍ତି । ଏହି ପୋଷାକ ସେମାନଙ୍କର ପିନ୍ଧିବା ଉଚିତ । କିନ୍ତୁ ମୋଫସଲର ଅନେକ ସ୍ଥାନରେ ସେ ପୋଷାକ ବ୍ୟବହାର ହୁଅଇ ନାହିଁ ଏବଂ ସେ ପୋଷାକ ସେମାନଙ୍କ ନିଜ ଖର୍ଚ୍ଚରେ ଯୋଗାଇବାର ନିୟମ ଥିବାରୁ ଅଳ୍ପବେତନ କର୍ମଚାରୀମାନେ ଖର୍ଚ୍ଚକୁ ଡର ତାହା କିଣନ୍ତି ନାହିଁ । ଏଥିପାଇଁ ଭୁଆଁପାଳର ଜଣେ ପଞ୍ଚେସ୍ତ୍ରେରକ ପ୍ରସ୍ତାବ କରିଅଛନ୍ତି ଯେ ଏପରି ଅଳ୍ପ ବେତନ କର୍ମଚାରୀଙ୍କ ବ୍ୟବହାର ନିମିତ୍ତ ଶୀତ ଗ୍ରୀଷ୍ମ ଓ ବର୍ଷା ଏହି ତିନି ଋତୁର ଉପଯୋଗୀ ପୋଷାକ ସରକାର ନିଜବ୍ୟୟରେ ଯୋଗାଇବାର ଉଚିତ । ଆମ୍ଭେମାନେ ଏ ପ୍ରସ୍ତାବକୁ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଅଛୁଁ । ସରକାରୀ ଭିନ୍ନ ୨ ବିଭାଗର କର୍ମଚାରୀଙ୍କ ନିମିତ୍ତ ଭିନ୍ନ ୨ ପୋଷାକର ବ୍ୟବସ୍ଥା ଅବଶ୍ୟ ଉତ୍ତମ ଓ ପ୍ରଯୋଜନୀୟ ଅଟଇ । କିନ୍ତୁ ଗରିବ କର୍ମଚାରୀମାନେ ତାହା ଯୋଗାଇବାକୁ ଅକ୍ଷମ ଏବଂ ସେମାନଙ୍କ ବେତନରୁ କାଟିନେଲେ ସେମାନଙ୍କର କଷ୍ଟ ହୁଅଇ ଓ ଉଚିତ ପ୍ରତି ଦୋଷ ଘଟିପାରେ । ଏମାନଙ୍କୁ ପୋଷାକ ଯୋଗାଇବାରେ ସରକାରଙ୍କର ସାମାନ୍ୟ ଖର୍ଚ୍ଚ ପଡ଼ିବ କିନ୍ତୁ ଏଥିରେ ସାଧାରଣଙ୍କର ଅନେକ ଲାଭ ଅଛି ।

---

ଯେଉଁମାନେ କଲିକତାରୁ ଏଥର ମହାସମିତିରେ ଯୋଗ ଦେବା ଅଥବା ତାହା ଦେଖିବା କାରଣ ବମ୍ବେଇକୁ ଯିବେ ସେମାନଙ୍କ ଜାଣିବା ନିମିତ୍ତ କଲିକତାର ଖାଖାସଭା ପ୍ରକାଶ କରିଅଛନ୍ତି ଯେ ପ୍ରତିବର୍ଷ ବଡ଼ଦିନ ସମୟରେ ଏ ୧୫ ଦିନ ବମ୍ବେଇ ଓ କଲିକତାର ରେଲ୍‌ବାଟରେ ଯିବା ଆସିବା କାରଣ ପ୍ରଥମ ଓ ଦ୍ୱିତୀୟଶ୍ରେଣୀର ଆରୋହୀଙ୍କଠାରୁ ଅଧା ଭଡ଼ା ନିଆଯିବାର ନିୟମ ଅଛି ଏବର୍ଷ ମଧ୍ୟ ସେହିପରି ହେବ ଏବଂ ମହାସମିତି ବଡ଼ଦିନ ସମୟରେ ବସୁଥିବାରୁ ତହିଁର ଫଳ ପାଇବ । କଲିକତାରୁ ବମ୍ବେଇକୁ ରେଲଭଡ଼ା ପ୍ରଥମଶ୍ରେଣୀ ଟ ୧୧୨ଙ୍କା ଓ ଦ୍ୱିତୀୟଶ୍ରେଣୀ ଟ ୫୬ ଙ୍କା ସୁତରାଂ ଏହି ଟଙ୍କାରେ ଏକବ୍ୟକ୍ତି ଯାଇ ଆସି ପାରିବ । ତୃତୀୟଶ୍ରେଣୀର ଭଡ଼ା ଟ ୧୮।୵ କିନ୍ତୁ ଏ ଶ୍ରେଣୀର ଭଡ଼ା ଊଣା ହେବାର ନିୟମ ନ ଥିବାରୁ ଯିବା ଆସିବାକୁ ଟ ୩୬।୵ ପଡ଼ିବ । ଏମନ୍ତେ କଲିକତାରୁ ଜଣେ ଭଦ୍ରଲୋକ ଏକ ଚାକର ନେଇ ୨ୟଶ୍ରେଣୀ ରେଲଗାଡ଼ିରେ ଟ ୯୨।୵ ଖର୍ଚ୍ଚ ଦେଲେ ବମ୍ବେଇକୁ ଯାଇ ସେଠାରୁ ଫେରି ଆସି ପାରିବ । ଏପରି ଯେଉଁମାନେ ପ୍ରତିନିଧିସ୍ୱରୂପ ସମିତିକୁ ଯିବେ ସେମାନଙ୍କୁ ଫିସ ଟ ୮ ଙ୍କା ଦେବାକୁ ହେବ ଏବଂ ଅଉ ଟ ୨ ଙ୍କା ଦେଲେ ନିଜର ଓ ଜଣେ ଚାକରର ବସାଖର୍ଚ୍ଚ ଲାଗିବ ନାହିଁ । କଲିକତାର ପ୍ରତିନିଧିମାନେ ଚଳିତ ମାସ ତା ୨୧ ଋଖରେ ଯାତ୍ରା କଲେ ଭଲ ହେବ । ତା ୨୨ ଋଖରେ ବାହାର କୌଣସିଠାରେ ନ ଅଟକିଲେ ତା ୨୫ ଋଖ ପ୍ରାତଃକାଳରେ ବମ୍ବେଇରେ ପ୍ରବେଶ ହୋଇ ପାରିବେ ।

---

ସମ୍ବାଦବାହିକା ଲେଖିଛନ୍ତି ଯେ ଉଡ଼ିଶା କମିଶନର ହପକିନ୍ସ ସାହେବଙ୍କ ପ୍ରସ୍ତାବମତେ ବାଲେଶ୍ୱରର କଲେକ୍ଟର ସେ ଅଞ୍ଚଳର ଜମିଦାର ଅନାଥାଳୟ ଭୂମ୍ୟଧିକାରୀ ଏବଂ ସନ୍ତ୍ରାନ୍ତ ବ୍ୟକ୍ତିମାନଙ୍କୁ ଶସ୍ୟ ସଞ୍ଚୟ କରି ରଖିବା ନିମିତ୍ତ ପରାମର୍ଶ ଦେଇଅଛନ୍ତି । ସାହେବଙ୍କର ଉଦ୍ଦେଶ୍ୟ ଏହି ଯେ ଲୋକେ ଧାନ ସଞ୍ଚୟ କରି ରଖିଲେ ଦୁର୍ଭିକ୍ଷ ସମୟରେ ଅନକଷ୍ଟ ବାଧିବ ନାହିଁ । ପରାମର୍ଶଟି ଉତ୍ତମ ମାତ୍ର କାର୍ଯ୍ୟକରୀ ବୋଲି ବୋଧ ହେଉ ନାହିଁ ବଡ଼ ୨ ଜମିଦାର ଏବଂ ଚଷୁରଗୃହସ୍ଥମାନେ ଊଣା ଅଧିକ ଧାନ ସଞ୍ଚୟ କରିବାର ଏ ପ୍ରଦେଶରେ ଚଳନ ଅଛି । ମହାଜନମାନେ ମଧ୍ୟ ଆପଣା କାରବାର ଅନୁସାରେ ଧାନ ସଞ୍ଚୟ କରି ରଖନ୍ତି । କିନ୍ତୁ ସମସ୍ତେ ତାହା କରିବେ ଏପରି ଆଶା କରାଯାଇ ନ ପାରେ । ବିଶେଷତଃ କ୍ଷୁଦ୍ର ଭୂମ୍ୟଧିକାରୀମାନେ ଧନ ସଞ୍ଚୟ କରିବାକୁ ଅସମର୍ଥ ସଞ୍ଚୟ କରିବେ କେଉଁଠାରୁ ? ଗତ ନଅଙ୍କରୁ ଲୋକେ ଧାନକୁ ବିଲକ୍ଷଣ ଚିହ୍ନି ଅଛନ୍ତି ଏବଂ ଅଧିକାଂଶଲୋକ ଧାନ ରଖିବାକୁ ଇଚ୍ଛା କରନ୍ତି ମାତ୍ର ସଙ୍ଗତି ନାହିଁ । ଏପରି ପ୍ରଜାଙ୍କଠାରୁ ଖଜଣା ଭରଣାରେ ଧାନ ନେବାର ଭୂମ୍ୟଧିକାରୀଙ୍କର ଆଇନସଙ୍ଗତ ଅଧିକାର ନାହିଁ ବରଂ ଭାଗଶସ୍ୟ ପ୍ରଥା ସଙ୍କୋଚ କରିବା ସରକାରୀ ଆଇନର ଉଦ୍ଦେଶ୍ୟ ଅଟଇ । ଖାସମହାଲମାନଙ୍କରେ ଧାନ ଜମା ରଖିବା ସକାଶେ ସରକାରଙ୍କୁ ସଦୁପଯୋଗୀ ପରାମର୍ଶ ଦେଇ ଅଛନ୍ତି ଏବଂ ଆମ୍ଭେମାନେ ତହିଁରେ ସାୟ ଦେଉଅଛୁଁ । କଥାରେ ବୁଝାଇବାଠାରୁ କାର୍ଯ୍ୟରେ ଦେଖାଇବା ଭଲ । କମିଶନରସାହେବ ଜମିଦାରଙ୍କୁ ପରାମର୍ଶ ଦେବା ପୂର୍ବରୁ ସରକାରୀ ଖାସମହାଲମାନଙ୍କରେ ଧାନ ସଞ୍ଚୟର ନିୟମ କରିବା କାରଣ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କଲେ ବଡ଼ ଉତ୍ତମ ହେବ । ତାହା ହେଲେ ଜମିଦାରମାନେ ସେହି ଆଦର୍ଶରେ କାର୍ଯ୍ୟ କରିବେ ।

---

ସ୍ପଜଗୈଡ଼ିଙ୍କ ଅଭ୍ୟର୍ଥନାର ପ୍ରସଙ୍ଗ କରେଁ ତଥା କରିବା କାରଣ ଗତପୂର୍ବ ଶୁକ୍ରବାର କଲିକତା ଟାଉନ ହଲରେ ଏକ ବୃହତ୍ ସାଧାରଣ ସଭା ହୋଇଥିଲା ଏବଂ ମାନ୍ୟବର ଛୋଟଲାଟ ସର ଷ୍ଟୁଆର୍ଟ ବେଲି ସଭାପତିର ଆସନ ଗ୍ରହଣ କରିଥିଲେ । ପାଇଗୌଡ଼ିଙ୍କୁ ଭେଟି ଦେଶୀୟ ପ୍ରଣାଳୀରେ ନାନାପ୍ରକାର ଆମୋଦ-

ପ୍ରମୋଦ କଲିକତାର କଥା ପତ୍ରସ୍ଥ କରଗଲା। ଏବଂ କଂଗ୍ରେସ ବେଙ୍ଗଲଷ୍ଟ୍ରୀଟ ଓ ସମସ୍ତ ବଙ୍ଗଳା-ଭସ୍ମ କଲିକତା ଜାତୀୟ ଗୋଟିଏ କମିଟୀ ଗଠିତ ହେବାର ପ୍ରସ୍ତାବ କରି ଯୋଗାଡ଼ ପାଇଥିଲେ ଗଲେ। ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ଏ ପ୍ରସ୍ତାବର ସଂଶୋଧନ-ସ୍ୱରୂପ ପ୍ରସ୍ତାବ କଲେ ଯେ ଅଂଶାବଶେଷ କଟକରେ ଯୁବରାଜଙ୍କ ଶୁଭାଗମନ ଉପଲକ୍ଷରେ ଗୋଟିଏ ଚିରସ୍ଥାୟୀ କୀର୍ତ୍ତିସ୍ଥାପିତ କରିବା ଉଚିତ। ସଭାରେ ଅନେକ ସ୍କୁଲର ଛାତ୍ର ଥିଲେ ସେମାନେ ସୁରେନ୍ଦ୍ର-ବାବୁଙ୍କ ପକ୍ଷର ମତ ଦେବାରୁ ଅଧ୍ୟାପକଙ୍କର ସଂଶୋଧନ ପ୍ରସ୍ତାବ ଗ୍ରାହ୍ୟ ହେବାରୁ ଆମୋଦ ପ୍ରମୋଦର ପ୍ରସ୍ତାବ ଅଗ୍ରାହ୍ୟ ହେଲା। ପ୍ରଥମ ପ୍ରସ୍ତାବପକ୍ଷରେ କଲିକତାର ସମସ୍ତ ମାନ୍ୟଗଣ୍ୟ ବଡ଼ଲୋକ ଓ ଜମିଦାରମାନେ ଥିଲେ। ସେଥିରୁ ପରସ୍ତ ହେବାରୁ ବଡ଼ ଗୋଳମାଳ ଲାଗିଲା। ଏଣେ ଚିରସ୍ଥାୟୀ କୀର୍ତ୍ତିର ପ୍ରସ୍ତାବ ଧାର୍ଯ୍ୟ ହେଲା ମାତ୍ର ତାହା କାର୍ଯ୍ୟରେ ପରିଣତ କରିବାର କୌଣସି ବନ୍ଦୋବସ୍ତ ସଭାରେ ନ ହେବାରୁ କେବଳ କଥାରେ ଉଚିତକାର୍ଯ୍ୟରେ ଘଟିବ ନାହିଁ ପରି ହେଲା। କଲିକତା ନଗରରେ ଯୁବରାଜଙ୍କ ଶୁଭାଗମନ-ଉପଲକ୍ଷରେ ହୋଇଥିବା ସଭାର ଏପରି ଦୁରବସ୍ଥା ଦେଖି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ। ବାସ୍ତବିକ ଏହା ଲଜ୍ଜାର କଥା ଅଟଇ। ଯାହା ହେଉ ସୁଖର ବିଷୟ ଯେ କଲିକତାର ସ୍ତ୍ରୀ ପୁରୁଷ ଦେଶୀୟ ଓ ବିଦେଶୀୟ ସମସ୍ତେ ଯୁବରାଜଙ୍କୁ ଭକ୍ତି କରିବାର ଉପଯୁକ୍ତ ଆମୋଦପ୍ରମୋଦ ପ୍ରଦାନ କରିବାର ଉଦ୍ୟମ କରୁଅଛନ୍ତି ଏବଂ ଆଶା କରୁଅଛୁ ଯେ ସେମାନେ ସଫଳ ହେବେ ଏବଂ ଓଡ଼ିଶା-ବାସୀ ଯେପରି କାର୍ଯ୍ୟ କରୁଅଛନ୍ତି ସେହିପରି [illegible]।

---

ଶିବସାଗରର ତନତମାସ ତାଙ୍କୁ ଉକ୍ତ ଲିଖିତ ଗୋଟିଏ ଭାରସମ୍ବାଦ ସ୍ତମ୍ଭମାନରେ ପ୍ରକାଶିତ ହୋଇଅଛି। ତହିଁରେ ଲେଖାଅଛି ଯେ ସରକାର ଏଲିବା କର୍ମଚାରୀଙ୍କ ଅତ୍ୟାଚାର ବିଷୟରେ ତନତମାସ ତା ୧ ରଖରେ ସେଠାରେ ଗୋଟିଏ ବଡ଼ସଭା ହୋଇଥିଲା। ଯେଉଁମାନଙ୍କ ଉପରେ ଅତ୍ୟାଚାର ହୋଇଅଛି ଏବଂ ଯେଉଁମାନେ ଆଖିରେ ତାହା ଦେଖିଅଛନ୍ତି ସେମାନଙ୍କର କଥା ଶୁଣି ସଭା ଧାର୍ଯ୍ୟ କଲେ ଯେ ସବୁଦେ-କର୍ମଚାରୀମାନେ ଧାନ ଓ ଅଣ ଫସଲ ଓ ଫଳବାନ୍ ବୃକ୍ଷମାନଙ୍କର ବସ୍ତୁର ଘଡ଼ ଭର ପ୍ରଜାମାନଙ୍କୁ ବଡ଼ କଷ୍ଟ ଦେଉଅଛନ୍ତି, ପ୍ରତ୍ୟେକ ରଯ୍ୟତଠାରୁ ଜବରଦସ୍ତି କର ଟଙ୍କା ଓ ମୂଲ୍ୟ ନ ଦେଇ ରସଦ ନେଉଅଛନ୍ତି ଏବଂ ବେଠିରେ କୁଲି ଧରୁଅଛନ୍ତି ଏବଂ ଯେଉଁମାନେ ମୂଲ ନ ପାଇଲେ କାର୍ଯ୍ୟ କରିବାକୁ ମଙ୍ଗୁ ନାହାନ୍ତି ସେମାନଙ୍କୁ ଅପମାନ ଓ ମାଡ଼ପିଟ କରୁଅଛନ୍ତି। ସଭାର ବିବେଚନାରେ ଧାନଫସଲ ଉଠିଯିବା ଅର୍ଥାତ୍ ଆଗାମୀ ଜାନୁଆରି ମାସ ତା ୧୫ ରଖ-ପର୍ଯ୍ୟନ୍ତ ଜରିବକାର୍ଯ୍ୟ ସ୍ଥଗିତ ରଖିବା ଉଚିତ ଏବଂ ମୌଜାଦାର ମଣ୍ଡଳ ଅର୍ଥାତ୍ ପଧାନ ଓ ପଟ୍ଟାଦାରର ଅସାକ୍ଷାତରେ ଜରିବ ହେବା ଉଚିତ ନୁହଇ କାରଣ ଏମାନେ ଉପସ୍ଥିତ ନ ହେଲେ ସରହଦ-ସୀମାନା ଠିକ ହେବା କଠିନ ଏବିଷୟରେ ଆସାମର ପ୍ରଧାନ କମିଶନରଙ୍କ ନିକଟକୁ ଆବେଦନପତ୍ର ପଠାଯିବ। ଓଡ଼ିଶାରେ ସମ୍ପ୍ରତି ଆଗାମୀ ବନ୍ଦୋବସ୍ତ ଉପଲକ୍ଷରେ ସରଭେ କାର୍ଯ୍ୟ ଆରମ୍ଭ ହୋଇଅଛି ଏବଂ ଏଠାରେ ମଧ୍ୟ ଧାନ କଟା ଶେଷ ହୋଇ ନାହିଁ ଏବଂ ରସଦ ଓ କୁଲିବିଷୟରେ କି ନିୟମ ହୋଇଅଛି ସର୍ବସାଧାରଣଙ୍କୁ ଜଣା ନାହିଁ। ଆମ୍ଭେମାନେ ଆଶା କରୁଁ କି ଜିଲ୍ଲା ହାକିମମାନେ ଏ ବିଷୟରେ ସ୍ପଷ୍ଟ ଆଦେଶ ଜମିଦାର ଓ ପ୍ରଜାମାନଙ୍କ ଜାଣିବାକାରଣ ପ୍ରଚାର କରିବେ। ଖୋରଧା-ବନ୍ଦୋବସ୍ତ ଓ କଟକଜିଲାର ନାନ ଅଧିକୃତ ଜମିର ଜରିବ ସମୟରେ ବାଉଁଶାସ୍ତ୍ରୀଙ୍କର ଦୌରାତ୍ମ୍ୟ କଥା ଅନେକ ଶୁଣା ଯାଇଥିଲା ଏବଂ କେତେଗୁଡ଼ିଏ ମାମଲା ମୋକଦ୍ଦମା ମଧ୍ୟ ହୋଇଥିଲା। ଏଥର ସେପରି କିଛି ନ ଘଟିଲେ ବଡ଼ ସୁଖର ବିଷୟ ହେବ।

---

## ଶିକ୍ଷାର ଉଦ୍ଦେଶ୍ୟ।

ସହଯୋଗୀ ସାପଜ ଶିକ୍ଷିତସମ୍ପ୍ରଦାୟର ଦୁର୍ଦ୍ଦଶା ନାମକ ପ୍ରବନ୍ଧରେ ସେମାନଙ୍କର ନାନା ଦୁଃଖର କଥା ବର୍ଣ୍ଣନା କରି ଶେଷରେ ଏହି କଥା ଲେଖିଅଛନ୍ତି କି "ଲୋକ ସ୍ୱାତନ୍ତ୍ର୍ୟ ଏବଂ ଅନ୍ୟର ସ୍ୱାତନ୍ତ୍ର୍ୟ ସହିତ ଦେଶର ପ୍ରକୃତ ହିତାର୍ଥେ ଜନ୍ମଗ୍ରହଣ କରିଥାନ୍ତି ତାହା ହେଲେ ତାହାଙ୍କ ସଭ୍ୟମାନଙ୍କର କର୍ତ୍ତବ୍ୟ ବିଶେଷ ଚଳିଯିବାକି ସହିତ ଶିକ୍ଷିତସମ୍ପ୍ରଦାୟର ଆର୍ଥିକ ଅଭାବ ଦୂରୀଭୂତ କରିବା ପାଇଁ ବିଶେଷ ଉପାୟ ଉଦ୍ଭାବନା କରିବା"। ସହଯୋଗୀ ଏ-ବିଷୟରେ ଯାହାର ମତ ପ୍ରକାଶ କରିବାକୁ ଅଙ୍ଗୀକାର କରିଅଛନ୍ତି ଏବଂ ତଦ୍ୱାରା ସମାଜର ଅବଶ୍ୟ ଅନେକ ସାହାଯ୍ୟ ହେବ। କିନ୍ତୁ ଆମ୍ଭମାନଙ୍କ ମନରେ ଗୋଟିଏ ଭିନ୍ନ ସମସ୍ୟା ଉପସ୍ଥିତ ହୋଇଅଛି। ଅର୍ଥ ଉପାର୍ଜ୍ଜନ କି ଶିକ୍ଷିତ-ସମାଜର ଏକମାତ୍ର ବା ମୁଖ୍ୟ ଉଦ୍ଦେଶ୍ୟ? ଏବଂ ଏହା ଏମାନଙ୍କର ଆର୍ଥିକ ଅଭାବ କି ସର୍ବାପେକ୍ଷା ଅଧିକ? ଯେବେ ତାହା ହୁଏ ତେବେ ଏତେ ଅର୍ଥ ବ୍ୟୟ ଓ କଷ୍ଟ-ପଦ [illegible] ପରିଶ୍ରମ କରି ଶିକ୍ଷାଲାଭ କରିବା ଭ୍ରମ ବୋଲିବାକୁ ହେବ। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନ କାଳରେ ଅଧିକ ଅର୍ଥ ଉପାର୍ଜ୍ଜନ କରିବା ଆଶାରେ ଅନେକ ଲୋକ ଉଚ୍ଚଶିକ୍ଷା ଲାଭ କରିବାକୁ ପ୍ରବୃତ୍ତ ହେଉଅଛନ୍ତି ଏବଂ ଅନେକସ୍ଥଳରେ ସେ ଆଶା ବୃଥା ହେଉ ନାହିଁ। ଯେଉଁମାନେ ଉଚ୍ଚଶିକ୍ଷାରେ ଅଧିକ ଯୋଗ୍ୟତା ଲାଭ କରୁଅଛନ୍ତି ସେମାନେ ପ୍ରାୟ ବଡ଼ ବଡ଼ ଚାକିରୀ ପାଇ ଅଥବା ବ୍ୟବସାୟ କରି ଶେଷରେ ଅଧିକ ଉପାର୍ଜ୍ଜନ [illegible] ଦେଖାଇ ଧନବାନ୍ ହେଉଅଛନ୍ତି ମାତ୍ର ସମସ୍ତ ଶିକ୍ଷିତଲୋକ ଧନବାନ୍ ହେବେ ଏପରି ହୋଇ ପାରେ କି? ତାହା ନ ହେଲେ ଆର୍ଥିକ ଅଭାବର ଅର୍ଥ କଣ? ଶିକ୍ଷିତ ଲୋକମାନେ ଖାଇବା ପିନ୍ଧିବା ପାଇଁ କଷ୍ଟ ପାଉଅଛନ୍ତି ଏପରି ଅବସ୍ଥା ପ୍ରାୟ କୌଣସିଠାରେ ଘଟି ନାହିଁ। ଯେବେ ଘଟେ ତେବେ ତାହା ଶିକ୍ଷାର ଦୋଷ ବୋଲି ଆମ୍ଭେ କେବେ ବୋଲିପାରିବୁ ନାହିଁ। ଶିକ୍ଷିତ ଲୋକ ଅଧିକ [illegible] ଧନବାନ୍ ଲୋକ ଓ ଧନବାନ୍ ଲୋକର ଆର୍ଥିକ ଅବସ୍ଥା କୌଣସି କାଳରେ ବା ଦେଶରେ ଅଭ୍ୟାନ୍ତର ଲୋକାପେକ୍ଷା ଉତ୍କୃଷ୍ଟ ହେବା ସାଧାରଣ ଘଟଣା ନୁହେଁ ବରଂ ଲକ୍ଷ୍ମୀ ସରସ୍ୱତୀଙ୍କର ବିବାଦ ବୋଲି ପୂର୍ବକାଳରୁ ପ୍ରବାଦ ଶୁଣା ଅଛି। ଅର୍ଥବଶ୍ୟ ବିଦ୍ୟା ଗୋଟିଏ ସ୍ୱତନ୍ତ୍ର କଥା। ଯେଉଁମାନେ ସେପ୍ରକାର ବିଦ୍ୟାଶିକ୍ଷା କରି ସରକାରୀ କର୍ମଚାରୀ ଡାକ୍ତର ଉକୀଲ ଇଞ୍ଜିନିୟର ପୁସ୍ତକରଚକ ଇତ୍ୟାଦି ହେଉଅଛନ୍ତି ସେମାନେ ଆପଣା ଯୋଗ୍ୟତାନୁସାରେ ଫଳ ପାଉଅଛନ୍ତି ଏବଂ ଜନସମାଜର ପ୍ରୟୋଜନ ଅନୁସାରେ ସେମାନଙ୍କ ସଂଖ୍ୟାର ମଧ୍ୟ ସୀମା ଅଛି। କିନ୍ତୁ ଏଥିପାଇଁ କଏ କହିବ ଯେ ଜନସମାଜ ନିମିତ୍ତ ସେତିକ ବିଦ୍ୱାନର ଲୋଡ଼ା ତଦପେକ୍ଷା ଅଧିକ ଲୋକ ବିଦ୍ୱାନ୍ ହେବାର ଉଚିତ

Split by PDF Splitter 422



ନୁହଇ । ପ୍ରକୃତରେ ବିଦ୍ୟାର ଫଳ ଅର୍ଥ ନୁହଇ ଓ ବିଦ୍ୱାନ ଲୋକମାନେ ପ୍ରାପ୍ତ ଅର୍ଥକୁ ଅସ୍ଥା କରନ୍ତି ନାହିଁ । ଏହି ଦେଶର ପୂର୍ବକାଳର ଋଷିମାନଙ୍କର ଅବସ୍ଥା ମନେ କର ସେମାନେ ବନମଧ୍ୟରେ ସାମାନ୍ୟ କୁଟୀରରେ ବାସ କରି ଫଳ ମୂଳ ଖାଇ ବିଦ୍ୟାର ଉନ୍ନତି ଦ୍ୱାରା ଜନସାଧାରଣଙ୍କର କେତେ ମଙ୍ଗଳ କରି ଯାଇଅଛନ୍ତି ଏବଂ ଅଦ୍ୟାପି ଅନ୍ୟାନ୍ୟ ଦେଶର ବିଦ୍ୱାନ୍‌ମାନେ ଅତି ସାମାନ୍ୟ ଅବସ୍ଥାରେ ରହି ସଂସାରର କେତେ ଉପକାର କରୁଅଛନ୍ତି । ଅମ୍ଭମାନଙ୍କ ଧାରଣାରେ ଏଠା ଗ୍ରାଜୁଏଟମାନେ ଯେବେ ଆପଣାର ଛାତ୍ରମାନଙ୍କୁ ଏବଂ ଅପର ଲୋକଙ୍କୁ ପ୍ରକୃତ ବିଦ୍ୱାନ୍ କରିବାକୁ ସମର୍ଥ ହେବେ ତେବେ ବିଦ୍ୟାର ପ୍ରକୃତ ହିତସାଧନ ହେବ । ଅର୍ଥ ଅର୍ଜିବା ସାମାନ୍ୟ କଥା । ଅନେକ ସାମାନ୍ୟ ଶିକ୍ଷିତ ଲୋକ ପ୍ରଚୁର ଧନବାନ୍ ହେଉଅଛନ୍ତି ; ଏହି ପାଇଁ ପ୍ରାଥମିକ ଶିକ୍ଷା ଯଥେଷ୍ଟ ବୋଲି ଯାଇପାରେ । କିନ୍ତୁ ତାହା ଦ୍ୱାରାରେ ମନୁଷ୍ୟ ସମ୍ପ୍ରଦାୟର ଗୌରବ ରକ୍ଷା କରି ନ ପାରେ । ଆଜି କାଲି ଧନସ୍ପୃହା ଅତ୍ୟନ୍ତ ବଳବତୀ ହୋଇଅଛି ବୋଲି ବିଦ୍ୟାର ପ୍ରକୃତ ଉଦ୍ଦେଶ୍ୟ ଅନେକଙ୍କଠାରେ ବିସ୍ମୃତ ହେଉଅଛନ୍ତି ।

---

## ବଙ୍ଗଳାର ମିଉନିସିପାଲିଟୀ ।

ବଙ୍ଗଳାର ମିଉନିସିପାଲିଟୀମାନଙ୍କର ସନ ୧୮୮୮।୮୯ ସାଲର କାର୍ଯ୍ୟ ସମ୍ବନ୍ଧରେ ବଙ୍ଗଦେଶର ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଏକ ଦୀର୍ଘ ନିର୍ଦ୍ଧାରଣ ବାହାରିଅଛି ଏବଂ ତହିଁରେ ମିଉନିସିପାଲିଟୀର କାର୍ଯ୍ୟର ବାହୁଲ୍ୟ ସମାଲୋଚନା ହୋଇଅଛି । ମିଉନିସିପଲ କମିଶ୍ନରମାନଙ୍କର ଏହି ନିର୍ଦ୍ଧାରଣକୁ ମନୋଯୋଗସହିତ ପାଠ କରିବାର ଉଚିତ । ଅମ୍ଭେମାନେ ସ୍ଥାନାଭାବରୁ ତହିଁର ସଂକ୍ଷେପ ବିବରଣ ମାତ୍ର ସାଧାରଣ ପାଠକମାନଙ୍କ ଜାଣିବା ନିମିତ୍ତ ନିମ୍ନେ ପ୍ରକାଶ କଲୁଁ ।

ଏଥି ପୂର୍ବବର୍ଷ ୧୪୧ ମିଉନିସିପାଲିଟୀ ଥିଲା ଏବର୍ଷ ୧୪୨ ହୋଇଅଛି । ଏଥି ମଧ୍ୟରୁ କେବଳ ୩୦ ମିଉନିସିପାଲିଟୀ ଛଡ଼ା ଅନ୍ୟ ସମସ୍ତରେ ନିର୍ବାଚନପ୍ରଣାଳୀ ଚାଲୁଅଛି । ନିର୍ବାଚନକାର୍ଯ୍ୟରେ ଲୋକଙ୍କର ଯଥେଷ୍ଟ ମନୋଯୋଗ ଅଛି ଯେହେତୁ ଏକ ୨ ନିର୍ବାଚନରେ ଅନେକ କରଦାତା ମତ ଦେବାକୁ ଉପସ୍ଥିତ ହୋଇଥିଲେ । ନିର୍ବାଚିତ ଲୋକ ମଧ୍ୟରେ ସରକାରୀ କର୍ମଚାରୀଙ୍କଠାରୁ ବେସରକାରୀ ଲୋକଙ୍କ ସଂଖ୍ୟା ପ୍ରାୟ ପାଞ୍ଚଗୁଣ ଏବଂ ସରକାରୀ ନୌକର ଓ ଇଉରୋପୀୟଙ୍କ ସଂଖ୍ୟା କ୍ରମଶଃ ଊଣା ହୋଇଆସୁଅଛି । ୨୪ ମିଉନିସିପାଲିଟୀରେ ବର୍ଷ ମଧ୍ୟରେ ୨୦ ରୁ ଅଧିକ ସଭା ଥିଲା । ଏଥି ମଧ୍ୟରେ କଟକ ପୁରୀର ନାମ ଅଛି ମାତ୍ର ବାଲେଶ୍ୱରର ନାମ ନାହିଁ ଏବଂ କେତେକ ସ୍ଥଳରେ ଅର୍ଦ୍ଧେକ ଏବଂ କେତେକ ସ୍ଥଳରେ ତୃତୀୟାଂଶରୁ ଅଧିକ କମିଶ୍ନର ଉପସ୍ଥିତ ହୋଇଥିଲେ । ମୂଳରେ କମିଶ୍ନରମାନଙ୍କର ସଭାରେ ଉପସ୍ଥିତହେବା କାର୍ଯ୍ୟ ସନ୍ତୋଷଜନକ ହୋଇଅଛି ।

ଓଡ଼ିଶା ଷ୍ଟେଟନ୍‌ଗସ୍ତର ବିଭାଗରେ ମିଉନିସିପଲ ବେଞ୍ଚ ନାହିଁ । ଯେ ସମସ୍ତ ସ୍ଥଳରେ ଅଛି ସେଠାରେ ଭଲ କାର୍ଯ୍ୟ କମିଶ୍ନରମାନେ କରିଅଛନ୍ତି । ଟାକ୍ସ ବନ୍ଦୋବସ୍ତ କାର୍ଯ୍ୟ ସନ୍ତୋଷଜନକରୂପେ ହୋଇଅଛି ଏବଂ ଅନେକ ସ୍ଥଳରେ ଟିକସ ବୃଦ୍ଧି ହେବାରୁ ସ୍ପଷ୍ଟ ଜଣାଯାଉଅଛି ଯେ କମିଶ୍ନରମାନେ ଲୋକଙ୍କର ଟିକସ ଊଣା କରି ସୁନାମ ପାଇବାର ଚେଷ୍ଟା କରିବା କଥାର କୌଣସି ମୂଳ ନାହିଁ ।

ଆୟବ୍ୟୟ—ବଙ୍ଗଳାର ସମସ୍ତ ମିଉନିସିପାଲିଟୀର ମୋଟ ଆୟ ସନ ୧୮୮୭।୮୮ ରେ ଟ ୨୯୨୨୬୩୭ଙ୍କା ଏବଂ ସନ ୧୮୮୮।୮୯ ରେ ଟ ୩୦୪୯୭୭୨ଙ୍କା ଏବଂ ବ୍ୟୟ ଯଥାକ୍ରମେ ଟ ୨୯୨୫୩୮୪ଙ୍କା ଏବଂ ଟ ୩୦୪୨୯୯୦ଙ୍କା ଥିଲା । ପାଞ୍ଚବର୍ଷ ପୂର୍ବେ ମୋଟ ଆୟ ୨୬୨ ଲକ୍ଷ ଥିଲା ଏବଂ ସେହି ସମୟରୁ କ୍ରମାଗତ ବୃଦ୍ଧି ହେଉଅଛି । ଆୟବୃଦ୍ଧିର ପ୍ରଧାନ କାରଣ ଘର ଓ ସମ୍ପତ୍ତି ଟିକସ ଏବଂ ମଇଳା ପରିଷ୍କାର ଫିସ ଅଟଇ । ଅନ୍ୟାନ୍ୟ ଆୟମାନ ବୃଦ୍ଧି ହୋଇଅଛି କେବଳ ଲାଇସେନ୍ସ ଟାକ୍ସ ଓ ନଦୀଘାଟ ମାସୁଲ ଏବଂ ହାଟର ଆୟରେ ଊଣା ପଡ଼ିଅଛି । ପାଇଖାନା ଫିସ ଓଡ଼ିଶାରେ ଲଗି ନାହିଁ । କଟକରେ ସମ୍ପ୍ରତି ଏହା ପ୍ରଚଳିତ ହୋଇଅଛି ଏବଂ ପୁରୀରେ ଗତବର୍ଷଠାରୁ ଟ ୧୨୪୭୯ ଙ୍କା ଊଣା ପଡ଼ିଅଛି । ଘରଟିକସ ପାଟନା ଓ ଓଡ଼ିଶା ବିଭାଗ ଛଡ଼ା ଅନ୍ୟସବୁଠାରେ ବଢ଼ିଅଛି । ଓଡ଼ିଶାରେ ଟିକସ ବଢ଼ିବାର ଆଶା ନାହିଁ । କାରଣ ଲୋକଙ୍କ ଅବସ୍ଥାର ଉନ୍ନତି ନାହିଁ । ବ୍ୟବସାୟର ଲାଇସେନ୍‌ସ୍ଟାକ୍ସ ମଧ୍ୟ ଓଡ଼ିଶାରେ ଅଳ୍ପ ଅଳ୍ପ ହୁଅଇ । ମିଉନିସିପଲ ଅଇନ ସଂଗତ ଜରିମାନା କ୍ରମାଗତ ବୃଦ୍ଧି ହେଉଅଛି ।

ମିଉନିସିପାଲିଟୀର ଉନ୍ନତି କାର୍ଯ୍ୟ ତଥା ସାଧାରଣ ଅଟ୍ଟାଳିକା ଘାଟ ପୁଷ୍କରିଣୀ ଇତ୍ୟାଦି କରିବାରେ ବ୍ୟକ୍ତି ବିଶେଷ ଅନେକ ଟଙ୍କା ବ୍ୟୟ କରିବାର ଦେଖାଯାଏ । ଅଧିକ ଟଙ୍କା ଦେବାବ୍ୟକ୍ତିଙ୍କର ନାମ ଲେଖା ଅଛି ଏବଂ ଗବର୍ଣ୍ଣମେଣ୍ଟ ତହିଁରେ ସନ୍ତୋଷ ପ୍ରକାଶ କରିଅଛନ୍ତି ।

ବ୍ୟୟ ସମ୍ବନ୍ଧରେ ପ୍ରକାଶ ଯେ ଆଲୁଅ, ଜଳ, ସଡ଼କ ନିର୍ମାଣ ଓ ପରିଷ୍କାର ଶିକ୍ଷା, ଚିକିତ୍ସା ଇତ୍ୟାଦିରେ ବୃଦ୍ଧି ଏବଂ ଗୃହାଦି ନିର୍ମାଣ ଓ ଅନ୍ୟାନ୍ୟ ନୂତନ କାର୍ଯ୍ୟରେ ଊଣା ବ୍ୟୟ ହୋଇଅଛି । ମଫସ୍ୱଲମାନଙ୍କର ଶତକଡ଼ା ଟ ୧୧୯ ଙ୍କାରୁ ଅଧିକ ନୁହଇ ଏବଂ ପୂର୍ବେ ଯେପରି ବୃଦ୍ଧି ହେଉଥିଲା ଏବେ ସେପରି ହେଉ ନାହିଁ । ସାଧାରଣରୂପେ କୁହାଯାଇ ପାରେ ଯେ କରଦାତାଙ୍କ ହିତକାର୍ଯ୍ୟରେ କମିଶ୍ନରମାନେ ଖର୍ଚ୍ଚ ବଢ଼ାଇଅଛନ୍ତି । ପୁରୀରେ ମଇଳା ପରିଷ୍କାର କାର୍ଯ୍ୟ ଉତ୍ତମରୂପେ କରିବାର ଅଧିକ ଆବଶ୍ୟକତା ଥିବା ପ୍ରଯ୍ୟନ୍ତେ ସେଠାରେ ଟ ୮୦ ଙ୍କା ଊଣା ବ୍ୟୟ ହେବାର କୌଣସି ସନ୍ତୋଷଜନକ କାରଣ ପ୍ରଦର୍ଶିତ ହୋଇ ନାହିଁ ।

ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟ ପ୍ରତି ଅଧିକ ମନୋଯୋଗୀ ହେବାର ଆବଶ୍ୟକ ଏବଂ ଗବର୍ଣ୍ଣମେଣ୍ଟ ଏଥି ପାଇଁ ଋଣ ଦେବାକୁ ପ୍ରସ୍ତୁତ ଥିଲେ ସୁଦ୍ଧା କୌଣସିଠାରେ ଗୃହୀତ ହୋଇ ନାହିଁ । ଭାଗଲପୁରର କମିଶ୍ନରମାନେ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ନିମିତ୍ତ ଅଧଲକ୍ଷ ଟଙ୍କା ବାର୍ଷିକ ଶତକଡ଼ା ଟ ୬ ଙ୍କା ସୁଧରେ ପ୍ରକାଶ୍ୟରୂପେ ବଜାରରୁ ଋଣ କରିଅଛନ୍ତି ଏବଂ ତାହା ସଫଳ ହେବାରୁ ଲେପ୍ଟେନେଣ୍ଟ ସେମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି । ନାନା ସ୍ଥାନର କାର୍ଯ୍ୟ ସମାଲୋଚନା କରି ଲେପ୍ଟେନେଣ୍ଟ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ପାନୀୟ ଜଳ ଯୋଗାଇବା ଏବଂ ବର୍ଷାଜଳ ନିଷ୍କାସନ ହେବା କାର୍ଯ୍ୟ ନିମିତ୍ତ ମିଉନିସିପାଲିଟୀମାନେ ଟଙ୍କା ସରକାରରୁ ଋଣ ନେଇ ପାରିବେ । ମାତ୍ର ସମସ୍ତଙ୍କର ବୁଝିବାର ଉଚିତ ଯେ ପ୍ରଦେଶୀୟ ଫଣ୍ଡରୁ ଏ କାର୍ଯ୍ୟ ସକାଶେ କିଛି ଦିଆଯିବ ନାହିଁ ଏବଂ ଋଣ ଟଙ୍କାର ଅସଲ ଓ ସୁଧ ସମୁଦାୟ ମିଉନିସିପାଲିଟୀ ଅଦାୟ କରିବ ଏବଂ ଏଥି ପାଇଁ ଆବଶ୍ୟକ ହେଲେ ବିଶେଷ ଟିକସ ବସାଇ ପାରିବ ।

Digitized by srujanika@gmail.com

ରଣ ଉତ୍ତମଜଳ ଓ ବର୍ଷାଜଳ ବାହାର ହିବାର ନାଳ ବିନା ଖର୍ଚ୍ଚରେ କୌଣସି ନଗରରେ ହୋଇ ନ ପାରେ ।

ପୁରୀନଗରରେ ଜଳ ଯୋଗାଇବାର ଗୋଟିଏ ପ୍ରସ୍ତାବ ହୋଇଥିଲା ମାତ୍ର ତହିଁର ଖର୍ଚ୍ଚ ଉକ୍ତ କ୍ଷୁଦ୍ର ମିଉନିସିପାଲିଟୀକୁ ନିତାନ୍ତ ବଳାଇବା ଏବଂ ଦଶ ପନର ଫୁଟ ମାଟି ତଳେ ଉତ୍ତମ ପାନୀୟଜଳ ପ୍ରାପ୍ତ ହେବାର ସୁବିଧା ଥିବାରୁ ବର୍ତ୍ତମାନ ସେ ପ୍ରସ୍ତାବ ସ୍ଥଗିତ ରହିଲା । ସଫାଇନାଳ ସେ ସ୍ଥାନର ଅତି ପ୍ରୟୋଜନୀୟ କାର୍ଯ୍ୟ ଏବଂ ତହିଁ ନିମିତ୍ତ ୨୫ ହଜାର ଟଙ୍କା ଋଣ ନେବାର ପ୍ରାର୍ଥନା ହୋଇଅଛି ।

ଚିକିତ୍ସା ଓ ଶିକ୍ଷାର ବ୍ୟୟ କ୍ରମଶଃ ବୃଦ୍ଧି ହେଉଥିବାରୁ ଗବର୍ଣ୍ଣମେଣ୍ଟ ସନ୍ତୋଷ ହୋଇ କହୁଅଛନ୍ତି କି ଏହି ଦୁଇକାର୍ଯ୍ୟ ସକାଶେ ପୁଲିସର ବ୍ୟୟ ଶୁଭଲକ୍ଷ ଟଙ୍କାରୁ ସରକାର ମିଉନିସିପାଲିଟୀମାନଙ୍କୁ ମୁକ୍ତ କରିଅଛନ୍ତି ମାତ୍ର ସେପରିମାଣ ଟଙ୍କା ବ୍ୟୟ ହେଉ ନାହିଁ । ଶିକ୍ଷାସମ୍ବନ୍ଧରେ ଆହୁରି କହୁଅଛନ୍ତି କି ଇଂରାଜୀଶିକ୍ଷା ନିମିତ୍ତ କିଛି ବ୍ୟୟ କରିବା ସରକାର ନିଷେଧ କରୁ ନାହାନ୍ତି ମାତ୍ର ପ୍ରାଥମିକ ଶିକ୍ଷାରେ ଅଧିକାଂଶ ଟଙ୍କା ବ୍ୟୟ କରିବାକୁ ହେବ ଏବଂ ଯେଉଁଠାରେ ଏଥିର ବିପରୀତ ହେବ ବଙ୍ଗୀୟ କମିଶନରମାନେ ଆପଣା ଅଧିକାର ବ୍ୟବହାର କରିବେ ।

ପୁରୀ ଯାତ୍ରିକ ବସାଘରଟିକସ-ତହବିଲରେ ଗତବର୍ଷ ଶେଷରେ ୧୬ ହଜାର ଟଙ୍କା ଥିବାରୁ ତାହା ମିଶି ଏବର୍ଷର ଆୟ ଟ ୧୮୧୭୭।୶ ଏବଂ ବ୍ୟୟ ଟ ୧୪୧୯୩।୬ ହୋଇଥିଲା । ଜମାନା ଏକହଜାର ଟଙ୍କାରୁ ଅଧିକ ହୋଇଥିଲା । ଏହି ଆୟରୁ ପୁରୀ ଡାକ୍ତରଖାନାର ବ୍ୟୟର ଏବଂ ପିପିଲି ଡାକ୍ତରଖାନାର ସମ୍ପୂର୍ଣ୍ଣ ବ୍ୟୟ ନିର୍ବାହ ହୁଅଇ ବସାଘର ଆଇନର କାର୍ଯ୍ୟ ଏଠାରେ ବଡ଼ ସନ୍ତୋଷଜନକ ହୋଇଥିବାର ଲେପ୍ଟେନାଣ୍ଟ ଲେଖିଅଛନ୍ତି । ଗଞ୍ଜାମରେ ଯାତ୍ରି ବସାଘର ଟିକସ ଟ ୭୦୪୪ ଆୟ ହୋଇଥିଲା ଟ ୪୩୮।/୪ ବ୍ୟୟ ହୋଇଅଛି ।

ସମସ୍ତ କାର୍ଯ୍ୟ ସମାଲୋଚନାକରି ଲେପ୍ଟେନାଣ୍ଟ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ମିଉନିସିପାଲିଟୀମାନଙ୍କରେ ଉତ୍ତମ ଓ ସାଧୁକାର୍ଯ୍ୟମାନ ହେଉଅଛି । ଖର୍ଚ୍ଚ ପ୍ରତିବର୍ଷ ବୃଦ୍ଧି ହେଉଅଛି ଏବଂ କମିଶନରମାନେ ଆପଣା କାର୍ଯ୍ୟ ଅଧିକ ମନୋଯୋଗ ସହିତ କରୁଅଛନ୍ତି । ସ୍ଥାନେ ସ୍ଥାନେ ବାଦ ଅହଙ୍କାର ଓ ଜିଗୀଷା ମଧ୍ୟ ଘଟିଅଛି ଏବଂ ଏକାଧିକ ସ୍ଥଳରେ କମିଶନରମାନେ ଗରିବ କରଦାତାଙ୍କ ସୁବିଧା ଅପେକ୍ଷା ଆପଣାଶ୍ରେଣୀର ଲୋକଙ୍କ ସୁଖ ସ୍ୱଚ୍ଛନ୍ଦତା ପ୍ରତି ଅଧିକ ମନୋଯୋଗୀ ହୋଇଅଛନ୍ତି । ଅଧିକ ବହୁଦର୍ଶିତା ଲାଭ ସଙ୍ଗେ ସଙ୍ଗେ ଏ ଦୋଷମାନ ଘରିବାର ହେବ । ସ୍ୱାସ୍ଥ୍ୟ ଗବର୍ଣ୍ଣମେଣ୍ଟ ବୋର୍ଡ଼ ଗୋଟିଏ ପଦ କରିବାର ଆବଶ୍ୟକତା ଶୀଘ୍ର ଅନୁଭବ ହେଉଅଛି ।

---

## ସାପ୍ତାହିକସମ୍ବାଦ ।

କଥିତ ହୁଅଇ ଯେ, ଅସ୍ମାନଙ୍କ ନୂତନ କମିଶ୍ନର ଶ୍ରୀଯୁକ୍ତ ଓଇସନ ସାହେବ ଆଗାମୀ ସାତୁଆର ମାଘ ପ୍ରଥମ ସପ୍ତାହରେ ଏଠାକୁ ଆସିବେ ।

ଅସ୍ମାନଙ୍କର ଜଜ ସାହେବ ଏ ସପ୍ତାହ ଶେଷ ପର୍ଯ୍ୟନ୍ତ କଲେକ୍ଟରଙ୍କୁ ଫେରି ଆସିବାର କଥା ଅଛି ।

ଏ ସପ୍ତାହରେ ଏ ନଗରରେ ସଖ ଶୀତ ହୋଇଅଛି । ଓଲଉଠା ରୋଗ ଅଛି । ମାତ୍ର କୁଳରେ ଅନେକ ଲୋକ ବାନ୍ତି ।

ନ ୮ ସ୍ଥିର ବର୍ଷେ ମହିଳା ଏଠାରେ ପହଞ୍ଚି ସାତକାଜ ଦେଇ ନିସ୍ତ ବଳୁନ୍ତି ବର୍ଷେ ଜଳବର୍ଷଣ ଆରମ୍ଭ କଟକାବଧି ଏମାସ ତା ୧୨ ଘଣ୍ଟାରେ ମେଘମଳ ଘଟିଲା । ପ୍ରଥମେ ତାଇରେକଲକାଇ ପାର୍ଶ୍ୱରେ ଲୁଣିଷଗ୍ର ବର୍ଷେ ଓ କଠୋତସ୍ତ ହେବାର ସ୍ଥିର ହୋଇଅଛି ।

ରଙ୍ଗାବପୁର ବର୍ଷାତ ଚୌଧୁରିଙ୍କ ନାମରେ କେତେକ ନାମସ ଉଦ୍ଧାର ହୋଇଥିବାର ଏଥିପୂର୍ବେ ଲେଖିଥିଲୁଁ । ଗତ ସପ୍ତାହରେ ଅଉ ଗୋଟିଏ ମାମଲାର ମୁକଦ୍ଦମା ପ୍ରଥମଶ୍ରେଣୀରେ ଏକପ୍ରକାର କହୁ ହୁଏ ଉତ୍ତରଦାତାରେ ଠିକ ତହିଁର ଦଖଲତ କହୁଅଛନ୍ତି ମାମଲ ଡିସମିସ୍ ହେଲା ଓ ମୂଳରେ ଟିଆକଥା କହିବା ଅପରାଧରେ ଫଉଜଦାରୀ ସୋପର୍ଦ୍ଦ ହେଲ ମାତ୍ର ଅନେକଦିନ ଅପରିବେଷ୍ଟିତ ସଭାରେ ରାସସ ପାଇଲା । ଅଉ ଗୋଟିଏ ମକଦ୍ଦମାର ଏକନା ସୁରଲସକାରେ ଶୁଣାଣ ସ୍ଥଗିତ ରହିଅଛି ତହିଁର ବିଷୟ ପରେ ଜଣା ହେବ ।

ଶୁଣିଲେ କାହିଁ ଅଛନ୍ତି ଏଥର ବଙ୍ଗଳା ଯାତ୍ରାକାର ଆସିଅଛନ୍ତି । ଗତ ଶନିବାର ଗୋପାଳଜୀଉ ମଠ ଅଗଣାରେ ସେମାନେ ସୁନ୍ଦର ରଇସେବା ଯାତ୍ରା କରିଥିଲେ ଏବଂ ଦର୍ଶକମଣ୍ଡଳୀ ତହିଁରେ ତୃପ୍ତ ହୋଇଥିଲେ । ଅନ୍ୟେମାନେ ଆଶା କରନ୍ତି ଏ ନଗରରେ ସେମାନେ ସମୁଚିତ ଉତ୍ସାହ ପାଇବେ । ବାସ୍ତବରେ ଏହାଙ୍କ ଯାତ୍ରା ଦେଖିବାର ଯୋଗ୍ୟ ଅଟଇ ।

ବୃଦ୍ଧ ଯାତ୍ରିମାନଙ୍କ ସୁବିଧାର୍ଥେ କଟକରେ ଗୋଟିଏ ଧର୍ମଶାଳା ନିର୍ମାଣାର୍ଥେ ବଉକପୁର ଜମିଦାର ଜଣେ ମାନ୍ୟଅଙ୍କ ବାବୁ ଲୁତନିମୁଖଡ଼ାଙ୍କ ଟ ୮୦୦୦ ଟଙ୍କା ଓ ସୁହାର ବାଡ଼ି ଦାନ ପ୍ରଦାନ କରିଅଛନ୍ତି । ତାହାଙ୍କ ଇଚ୍ଛା ଯେ ଉକ୍ତ ସ୍ୱତ କଟକର ମାଜିଷ୍ଟ୍ରେଟଙ୍କ ଅଧୀନରେ ରହିବ । ଗୋପାଳ ବାହାଦୁର ଉକ୍ତ ଦାନ ସ୍ଥାପନ କରି ବାବୁ ଲୁତନିମୁଖଡ଼ାଙ୍କୁ ଅନେକ ଧନ୍ୟବାଦ ପ୍ରଦାନ କରିଅଛନ୍ତି ଓ ତାଙ୍କ ପ୍ରସ୍ତାବମତେ କଟକର ମାଜିଷ୍ଟ୍ରେଟଙ୍କ ଅଧୀନରେ ସ୍ୱତ ରହିବାର ମଞ୍ଜୁର ପ୍ରଦାନ କରିଅଛନ୍ତି ।

ମନ୍ଦିରଶେଷରେ ଦର୍ମନ ଏକ ବର୍ଷରେ ସ୍ଥାନରେ ଦଶ ଲକ୍ଷ ଛତ୍ର ଅଛି । ଏହି ଦେଶାଳରେ ଜଣେ ମନୁଷ୍ୟର ସହାୟରେ ୨୦ ଶ କୋଟି ଦେମଣ୍ଡପର ଲୋଆ ହେବ ନାହିଁ ।

ହାଇବସ୍ତବାରକ ଘରେ ମ ପାଞ୍ଚହଜାର ଟଙ୍କା ବୃତ୍ତି ସ୍ଥାପନ କରିଅଛନ୍ତି । ଯେ ସମସ୍ତ ପ୍ରତିଭାଶାଳୀ ମୁସଲମାନ ଅର୍ଥାଭାବରୁ ଉଚ୍ଚଶିକ୍ଷା ଲାଭ କରିବାକୁ ଅସମର୍ଥ ହେବେ ସେମାନେ ଉକ୍ତ ବୃତ୍ତି ପାଇବେ । ସମସ୍ତ ଭାରତବର୍ଷର ମୁସଲମାନମାନେ ଏଥିର ଅଧିକାରୀ ଅଟନ୍ତି ।

ବରପେଠ୍ରୁ ଅସନ୍ତ ଜାନୁ ଆରୀ ତା ୩ ଘଣ୍ଟାରେ କଲିକତାରେ ପହଞ୍ଚି ଏକସପ୍ତାହ ରହିବ ତ ସ୍ଥିର ହୋଇଅଛି । ତହିଁ ଉତ୍ତାରୁ ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି ଭ୍ରମଣକରି ମାର୍ଚ୍ଚ ମାସ ଶେଷରେ ବମ୍ବେକୁ ପ୍ରତ୍ୟାଗମନ କରିବେ ।

ଚୀନର ସମ୍ରାଟ ଅଂଶମତିବା ଭ୍ରମଣକରିବାର ଅନୁମତି ପ୍ରଦାନ କରିଅଛନ୍ତି ।

ଜେରୁସିଲେମର ଏବେଠାରୁ କେବଳ ଲାଭ ରେ ବ୍ୟବହାର ହେଉଥିଲା । ସମ୍ପ୍ରତି ତହିଁର ଗୋଟିଏ ନୂତନ ଉପକାରିତା ଜଣା ଯାଇଅଛି । ଅଳ୍ପଜଳରେ ଦୋଷ ଓ ସାବନ ଦେଇ ଅଳ୍ପ ଉତ୍ତପ୍ତ କରି ତହିଁରେ ଜେରୁସିଲେମ ପକାଇ ତହିଁରେ ଲୁଗା ସିଝାଇଲେ ଲୁଗାର ମଇଳା ଅପେ ଛାଡ଼ିଯିବ । ପଥର ବା କାଠରେ ପିଟିବାର ଦରକାର ନାହିଁ ଧୋବାମାନଙ୍କର ଏଥିରେ ବଡ଼ ଅସୁବିଧା ହେବ ।

ଦକ୍ଷିଣ ଜର୍ମାନର ଏକବାଳକ ଲେଖିଅଛନ୍ତି କି ଏକ ଜଣ ସ୍ତ୍ରୀ ରାତ୍ରି ସମୟରେ ଆପଣା ଗୃହଦ୍ୱାରକୁ ଯାଉଥିଲା ବାଟରେ ଦୁଇଟି ଭାଲୁ ତାହାକୁ ପଛରୁ ଧରିଲେ ଅନ୍ନ କ ଥିବାରୁ ଲୁଗାଖଣ୍ଡ ସେମାନଙ୍କ ଆଗକୁ ପକାଇ ଦେଇ ପଳାଇଲା । କୋଷାଏ ଲୁଗା ତାହା ଛିଣ୍ଡାଇ ତୋଡ଼ି ତାହାର ଅନ୍ତର କଲା ମାତ୍ର ସେ ପଳାଇଥିବାରୁ ତାଙ୍କ ଅଙ୍ଗଲେଶ ରକ୍ଷା ପାଇଲା । ଭଲୁକଙ୍କ ଭାଗରେ କୌଣସି ଆହାର ରହି ନ ପାରିଲେ କେବଳ ଦୁଃଖରେ ଫେରି ଯେ ଅନ୍ୟଦିଗକୁ ସେମାନେ ଚାଲିଗଲେ ।

ଜୁଲୁଭାଷାରେ ମାଲିକଙ୍କ ନାମକ ଏକଜଣ ସ୍ତ୍ରୀ ଅପରାଧ ନବଜାତ ଶିଶୁକୁ ଦେଖିବା ଛଳନାରେ ତାହାର ଅନ୍ନାଭାବ ଜଣେ ବୃଦ୍ଧା ସ୍ତ୍ରୀକୁ ଡାକିଲା । ତୁହିଁ ସଙ୍ଗ ହୋଇ ଅସୁସ୍ଥ ବାଳକେ ସେ ଶିଶୁର ଦେହକୁ କୌଣସି ଛଳନାରେ ବୁଢ଼ୀକୁ ସ୍ତ୍ରୀ ନେଇ ସେ ତାକୁ ଘରେ ପକାଇ ଦେଇ ତାହା ଷଡ଼ଯନ୍ତ୍ରରେ ତଡ଼ିକରି ଦୁଃଖରେ ତାହାର ଗୋଡ଼ିକାଟି ଦେଲା । ଓ ତାହାର ଦେହରେ ଥିବା ୧୦୦୦ ଟଙ୍କାର ଅଳଙ୍କାର ଓ ତ ହାତରେ ଥିବା ନଗଦ ପୋଷ ଟ ୧୨୬ ଟଙ୍କା ନେଇ ପଳାଇଲା । ତହୁଁ ଅଲଗା କେହୁ ସେ ଘରକୁ ଯାଇ ଶବ ଦେଖି ପୋଲିସରେ ଜଣାଇବାରୁ ପୁଲିସ ସାହେବ ଉକ୍ତ ବିଷୟର ଅନେକ ଅନୁସନ୍ଧାନ ଓ ଯତ୍ନପୂର୍ବକ ଅପରାଧୀକୁ ଧରି କରି କେତେକ ମାଲିକମାନ ଦେଲେ । ଅପରାଧୀ ସାତିବର୍ଷ ପାଇଲା ।

ସୈଦକ ପ୍ରଦେଶରେ ଜଣେ ପଠାଣ ବୃଦ୍ଧି ଡିଙ୍ଗାପୋଲିସଙ୍କୁ ସାଇଡ଼ିଟ କହିଥିବା ଅପରାଧରେ ଡେପୁଟି ମାଜିଷ୍ଟ୍ରେଟଙ୍କ ଆଗରେ ଦଣ୍ଡ ପାଇଅଛି ଓ ତାହା ଉପରେ ଶତେକ ଅର୍ଥଦଣ୍ଡ ହୋଇଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ବମ୍ବେ ସହର ଦାରିଦ୍ର୍ୟଅନୁସନ୍ଧାନ ସୂଅଙ୍କର ସକଳ ସ୍ଥାନରେ ଲେଖିଥିବାରୁ କୌଣସି ସମ୍ବାଦପତ୍ର ସୂନ୍ନ ଅଷ୍ଟ- ଇଣ୍ଡିଆବାଉଣ୍ଣମାନ ବର୍ଣ୍ଣ ଲେଖିଅଛନ୍ତି । ତାହା ସବୁ ଜନ୍ମ ଲେଖା- ଯାଏ, ଯଥା—ହବସେ ସେବ ଭଜନବ୍ରତେ ଖଣ୍ଡ ନ ହେଲେ ଭୋଜନ କରିବା ଅବଭୋଜନ ନୂତନ ମୂଳକର ଫଳ, ବଳ୍ପ, ମାଛ, ଲୁଣ, ଖଣ୍ଡା, ଦିଠା ଓ ପିଠା ଅଧିକ ପଦେ ମଣରେ ଖାଇବା କ୍ଷାନ୍ତ ସମସ୍ତେ ଅଣ୍ଡା ପାଣି ପାନ କରିବା, ଭୋଜନା- ନ୍ତେ ଅଶପ୍ତ ପଦକ୍ରମ ମଧ୍ୟାହ୍ନଭୋଜନ ଭଣ୍ଡରେ ଅବେକ୍ଷଣ ଶୌଚ ସେବନ ନକରିବା ।

ଇଂରେଜଙ୍କ ସୈନ୍ୟସଂଖ୍ୟା ଜ ୨୧୧୧୦୭ ଣ ଅଟଇ । ଏଥିମଧ୍ୟରେ ଜ ୮୦୦୩ ଣ ଲଣ୍ଡ ଭର୍ତ୍ତି ସମ୍ପ୍ରତି । ଯଥା, କାମ୍ବାଜ ବଣିକ ପଦାତି, ଜ ୧୬୮୬୦ ଣ ସର୍ଜ୍ଜିଣ୍ଡ, ଜ ୩୪୬୩ ଣ କାବାବର ( ଦେଶୀୟ ପଦାତି ) ଏବଂ ଜ ୧୮୭୮୬୮ ଣ ସେନା ଅଛନ୍ତି । ଏମାନେ ଜନ୍ମଭୂମିମାନରେ ସ୍ଥାପିତ ହୋଇ- ଅଛନ୍ତି ଯଥା ।—

| | |
|---|---|
| ବଙ୍ଗଦେଶରେ | ଜ ୧୦୭,୧୦୩ ଣ ୨୬ |
| ଇଂଲଣ୍ଡରେ | ଜ ୭୫୨୧୦ ଣ |
| ସ୍କଟଲଣ୍ଡରେ | ଜ ୩୭୩୧ ଣ |
| ଆୟର୍ଲଣ୍ଡରେ | ଜ ୨୭୧୭୨ ଣ |
| ଓ | |
| ଉପନିବେଶ ଓ ମିଶରଦେଶରେ | ଜ ୩୧୦୧୩ ଣ |
| ଭାରତବର୍ଷରେ | ଜ ୬୩୧୮୯ ଣ |
| ଓ | ଜ ୨୧୧,୦୧୪ ଣ |

ଏମାନଙ୍କ ମଧ୍ୟରେ ଜ ୧୭୨୭୧୨ ଣ ଖ୍ରୀଷ୍ଟିଆନ ଓ ଅବଶିଷ୍ଟ ଜ ୪୮୩୧୩ ଣ ରହିଛନ୍ତି ହିନ୍ଦୁ ମୁସଲମାନ ପଦାତି ଅଟନ୍ତି ଖ୍ରୀଷ୍ଟିଆନଙ୍କ ମଧ୍ୟରେ ଇଂରେଜଙ୍କ ସଂଖ୍ୟା ପ୍ରାୟ ସମୁଦାୟ ସ୍କଟସଂ ହାରତବର୍ଷୀୟଙ୍କ ସଂଖ୍ୟା ଅଳ୍ପ ଭାଗ ଏହା ଅପେକ୍ଷାକୃତ ଅଳ୍ପ ଅଟଇ ।

ପାଟଣା ଜିଲ୍ଲା ଅନ୍ତର୍ଗତ ଏକ ସ୍ଥଳର ହେଡମାଷ୍ଟର ମୌଲବୀ ଉଦ୍ଦିନ ଅଛି ଗଳାରେ ବଢଣ ଓ ଅପରେଶା ଶୀକାର କରୁଅଛନ୍ତି । ସେଠାରେ ମୁସଲମାନଙ୍କର୍ମ ପ୍ରସ୍ତୁତ କରିବାର ଚାଳିଶ ଲୁଭିତ୍ୟ ଅଟେ ।

ମହାମାନ୍ୟ ବଡଲାଟ ସଂପ୍ରେରଣରେ ବାଲଗ୍ରାମପଞ୍ଚାୟତର ଅଧିବେଶନ ଏମାସ ମଧ୍ୟଭାଗରେ ଆରମ୍ଭ ହେବ ।

ଜର୍ମ୍ମାନ ଦେଶର ସମ୍ରାଜ୍ଞୀ ଜୁମାର ବନ୍ଧୁଜନଙ୍କ ସୂଜା- ଗାଡ଼ିରେ ଅପେ ଅଲ୍ପରେ ନାହିଁ ଓ ଲାଟଗାଇଙ୍କ ପ୍ରାୟ ସାଅଣ୍ଟ ପାନ୍ତି । ତାଙ୍କ ଦେଶରେ ନାଟଶାଳ [ ଥିଏଟର ] ବଶେଷ ପ୍ରଚଳିତ ଅଛି କେବେ ବେ ଲଣ୍ଡ ଜ ୧୪ ଣ ମଧ୍ୟରେ ଦୁଇଥର ସ୍ୱଦେଶ ଦେଖିଛନ୍ତି ଓ ଏହା ସଙ୍ଗୀତଶାଳାରେ ହୋଇଥିବାରୁ ବାଧ୍ୟ ହୋଇ ଯାଇଥିଲେ । ସକଳ ତାଙ୍କର ସର୍ବସ୍ୱ ।

ନେପାଳର ବାଳକ ମହାରାଜା ତାଙ୍କ ପୁଅଙ୍କ ସହିତ ବଡ଼ାଇବାକୁ ବ୍ରହ୍ମଚର୍ଯ୍ୟ ବନାରୁ ହୋଇଅଛନ୍ତି । ବର୍ତ୍ତମାନ ମହାରାଜାଙ୍କ ପିତବ୍ୟଙ୍କରେ ପାର୍ଲୋମେଣ୍ଟରୀ ହେଲେ ।

କଲିକତାର କଲକୋଟ କମିଟିର ବର୍ତ୍ତମାନ କୋର୍ଟ ଅଫ୍ ଓ୍ୱାର୍ଡ୍‌ସର ଅଧୀନ । କଲେକ୍ଟର ସଙ୍କଟ ଶୀଘ୍ର ସୁଦ୍ଧା ରୂପା ଓ ଚାଉଳ ପ୍ରାୟ ୨୨ ହଜାର ଟଙ୍କାର ଗ୍ରାଡକ ମଧ୍ୟ ପାଇଅଛନ୍ତି ଏବଂ ସମୁଦାୟରୁ ମାଡ୍ରାଜରୁ ମିସ୍ତ୍ରିସକାର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପରୀକ୍ଷାର୍ଥେ ପ୍ରେରଣ କରା ହୋଇଅଛି । ପରୀକ୍ଷାରେ ଶ୍ରେଣୀମହାର ବଜାୟ ହେବ ।

କଲିକତାରେ ସାହାର ମଲ୍ଲକୁନିମଧ୍ୟ ଲୋକଙ୍କ ବାସୋ- ପଯୋଗୀ ହୋଇ ଉଠିଅଛି ଅନ୍ନ ସାହାଯ୍ୟରେ ଅନେକ

ଅଷ୍ଟିନେଜ ଜୁ ଗଜର କର ହେଉଅଛି । ଯେଉଁମାନେ କଳକତାରେ କୌଣସିପ୍ରକାର ସେଠାରେ ଓବ୍ୟକ୍ତିଙ୍କୁ ପ୍ରସ୍ତୁତ କରିବାକୁ ଆରମ୍ଭ କରିଅଛନ୍ତି, ଗୃହୋପଯୋଗୀ ସ୍ଥାନ କ୍ରମଶଃ ବୃଦ୍ଧି ପାଉଅଛି ବ ୩୦ ଣ ମଧ୍ୟରେ ଗୋ ୪୩ ଟା ଓବ୍ୟକ୍ତି ପ୍ରସ୍ତୁତ ହୋଇଅଛି, ତନ୍ମଧ୍ୟରେ ୧୩ ହଜାର ଲୋକ ବାସ କରୁଅଛନ୍ତି । ୧ ଠାରୁ ବ ୭ ଥରେ ୧ ଲକ୍ଷ ୬୦ ହଜାର ଘର କରିଅଛି ୧ ଲକ୍ଷ ଫଳଦ୍ରବ୍ୟ ଘର ଅଛି ।

ହାଇକୋର୍ଟର ଜଜ ମାନ୍ୟବର ଶ୍ରୀଯୁକ୍ତ ରମେଶ୍ଚନ୍ଦ୍ର ମିତ୍ର ଛମାସ ପର୍ଯ୍ୟନ୍ତର ଛୁଟି ନେଇଅଛନ୍ତି । ଶୀଘ୍ର ଅସୁସ୍ଥ ହେବାରୁ କାର୍ଯ୍ୟରୁ ଅବସର ଗ୍ରହଣ କଲେ । ଶୁଣା ହେଉଅଛି ତାଙ୍କ ସ୍ଥାନରେ ଜଣେ ମୁସଲମାନ ନିଯୁକ୍ତ ହେବେ ।

ଜଣେ ଲୋକ ଇଂରେଜ ହିନ୍ଦୁସ୍ଥାନର ସାଇ ସେଠାରେ ମୃତ୍ପାତ୍ର ସ୍ଥାନ ଗାଡ଼ିରେ ବହନ କରାଇବା ସମୟରେ ବାଟରେ ଏକ ଭଠାଟାଲି ପଡ଼ିଲା । ଦୋକାନ ସବାରେ ଯେତେବେଳେ ଉଠିଲେ ଓ ଗାଡ଼ି ଅଟକିଲା । ତହୁଁ ସେ ଇଂରେଜ ଗାଡ଼ିକୁ ବାହାର ଦୋକାନ ଠାବ ପାଇଲେ ବୁଝିନ ବେ କାରଣରେ ମାତ୍ର ଛଗାବାନରେ ଶ ମାନ ଅନ୍ତର୍ଗତ କୂଅରେ ଜିଲରେ ପଡ଼ ବୁଡ଼ ଗଲେ । ଦୋକାନଥର ଅବଗତରେ ମସ୍ତକ ଚୂର୍ଣ୍ଣ ହୋଇ ଯାଇଥିଲା । ସେଥିରୁ କେତେକଣ ପଥ- ଭଳେ ଘଟି ଭଳିଲା, ଶବ ମିଳିଲା ନାହିଁ । କ ଦୁଃଖର ବିଷୟ ! ମଦ୍ୟପ କେତେ ଅନର୍ଥ କରୁଅଛି ! ସାବଧାନ !

ପ୍ରେରିତପତ୍ର ।

ନେତ୍ରୋକ୍ତଙ୍କ ମତାମତ ଜନ୍ୟରେ ଆମ୍ଭେ- ମାନେ ଦାୟୀ ନୋହୁଁ ।

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ

ମହାଶୟ !

ଆମ୍ଭ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଅନେକ ବନ୍ଧୁଲୋକ ଆମ୍ଭ ବସା- ଠାରେ ହୋଇଥିବା ବଙ୍ଗଳାଯାତ୍ରା ଦେଖି ତାଙ୍କୁ ଅଛି ଆମ୍ଭ ଦୋଷରୁ ଅପମାନିତ ହେବାର କହୁ- ଅଛନ୍ତି । ଏଥିରେ ଆମ୍ଭର ଉତ୍ତର ଏହି ଯେ ସେ ଯାତ୍ରା ଆମ୍ଭେ କରାଇ ନାହୁଁ ଅର୍ଥାତ୍ ଆମ୍ଭର ସେଥିରେ ଏକ ପଇସା କିମ୍ବା ଖର୍ଚ୍ଚ ହୋଇ ନାହିଁ । ତାହା ବାବୁପୁରର ମହାଶୟ ଶ୍ରୀଯୁକ୍ତ ସାଧୁ କାନ୍ତ ବସୁ ତାଙ୍କ ଗୃହରେ କୌଣସି ବିଶେଷ ଅସୁବିଧା ହେବାରୁ ଆମ୍ଭ ଗୃହଠାରେ କରାଇଥିଲେ; ଏବଂ ସମୁଦାୟ ବନ୍ଦୋବସ୍ତ ମାନଙ୍କରେ ତାଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଥିଲା । ଏବିଷୟରେ ମଧ୍ୟ ଯେଉଁମାନେ ନିମନ୍ତ୍ରଣପତ୍ର ପଢ଼ିଥିଲେ ସେମାନେ ନିଃସନ୍ଦେହ ଜାଣିଥିବେ । ନିବେଦନମିତି ।

ତା ୧୧ ଇଶ ଡିସେମ୍ବର ଗୁରୁବାର
ଇଃ, ଶ୍ରୀ କାଳୀକୃଷ୍ଣ ସରକାର
ଆଲମଚନ୍ଦ୍‌ବଜାର, କଟକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋପୀନାଥ ମିଶ୍ର | ଅଠମଲ୍ଲିକ ଭଦ୍ରମ୍ବ | ଟ ୬ ୯ |
| „ ହରେକୃଷ୍ଣ ନାୟକ | ବାଲେଶ୍ୱର ଅଫିସ | ଟ ୬॥୵ |
| „ ଜଗନ୍ନାଥ ଦାସ | କେନ୍ଦ୍ରାପଡ଼ା „ | ଟ ୩ ୯ |
| „ ମୁରଲୀଧର ମହାନ୍ତି | କଟକ „ | ଟ ୯ ୯ |
| „ ରାମଚରଣ ବନ୍ଦ୍ୟା | „ „ | ଟ ୩ ୯ |
| ଅଧିକାରୀ ଶ୍ରୀ ଗୋବିନ୍ଦ ରାମାନୁଜ ଦାସ ପ୍ରଭୃ „ | | ଟ ୩ ୯ |
| ବାବୁ ଜଗନ୍ନାଥର ଘୋଷ | କଟକ „ | ଟ ୩ ୯ |
| ରାଜା କୃଷ୍ଣ ମୟୂର | ଭଞ୍ଜ | ଟ ୧୦॥ |

# ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜଣାଇ ଅଛି ଯେ ଆମ୍ଭମାନ କାରଖାନାରେ ଉତ୍କୃଷ୍ଟ ଜିନିଷମାନ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି, ଯାହାର ନେବାକୁ ଆବ- ଶ୍ୟକ ହେବ ସେ ସେହିପଦାର୍ଥ ସବୁ ଦେଖି ମୂଲ୍ୟ ଦେଇ ନେଇ ପାରିବ । ଇତି ।

ତପଶୀଲ ।

ପିତ୍ତଳର ପ୍ଲେଟ୍, ଗ୍ଲାସ ବାସନମାନ ଗିଲ୍ଟ ଓ ପିତ୍ତଳର ଘଣ୍ଟି ଏବଂ ମେଜ ଓ କୁଲାଇ ଦେଲ ।

ଆକ୍ସନ ଟେଲ ଓ କମ୍ପାନୀ ।
ଶ୍ରୀ ଚନ୍ଦ୍ରଶେଖର ଦାସ ।

ଖାସମାହାଲ ଏଲାକା ଜାଗୃତ ଚାଲୁର କରିବ ସଙ୍କଟ ଜେନ୍‌ମେଲ୍ ଦରମାହା ସହିତ ମାସକୁ ଟ ୧୮୯ ଙ୍କା ବେତନରେ ଜ ୧୬ ଣ ଅସିଲ ପ୍ରୟୋଜନ କମିଶନ ସହିତ ଉଠବ କରି- ବାକୁ ଜାଣିଥିବାବ୍ୟକ୍ତିମାନେ ପ୍ରାର୍ଥୀ ହୋଇ ପା- ରିବେ । ସାର୍ଟିଫିକେଟ ନକଲ ସହିତ ଦରଖାସ୍ତମାନ ଚଳିତମାସ ତା ୧୫ ଇଶ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷର- କାରୀଙ୍କଦ୍ୱାରା ଗୃହୀତ ହେବ ।

The 2nd Decr, 1889. } U. B. MAITRA. Sub-Divl officer.



ନାନାପ୍ରକାର ଘୋଟ ବଡ଼ ଘଣ୍ଟାଘଡ଼ି

Digitized by srujanika@gmail.com

ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଣ୍ଠିଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚାଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

କଟକ
୧୬।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

## ବିଜ୍ଞାପନ ।

ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଏଇ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥାଇ ପଡ଼ିବା ରକ୍ତ ପ୍ରସ୍ରାବ ଅଡ଼ିଜଳ ପରି ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ପ୍ରସ୍ରାବଦ୍ୱାର ଫୁଲିବା ଓ ଦୁର୍ବଳତା ଏକାବେଳକେ ଆରୋଗ୍ୟ ହୁଏଇ ।

ଏକଶିଶିର ମୂଲ୍ୟ ଟ ୧ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଲୋମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଲୋମଯୁକ୍ତ ସ୍ଥାନରେ ଲଗାଇ ଦେଲ ମାତ୍ରକେ ତତ୍କ୍ଷଣାତ୍ ବିନା ଯନ୍ତ୍ରଣାରେ ଲୋମମାନ ସେ ସ୍ଥାନରୁ ଛାଡ଼ିଯିବ । ଏହି ଚୂର୍ଣ୍ଣଦ୍ୱାର ଦାଢ଼ୀ ନଖ, ଦେହ ପ୍ରଭୃତ ସ୍ଥାନରୁ ଲୋମ ଉଠାଇଦେବା ଅତି ସହଜ ଅଟେ ।

ଏକଶିଶିର ମୂଲ୍ୟ ଟ ୦ ୳ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଭଲ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

ବୈଦ୍ୟରାଜ ଶ୍ରୀ ଅଧରନାଥ ଶର୍ମା
ନ ୬୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମୁଲିଆ
କଲିକତା ।

## ଦ୍ୱିଭାଷୀ ।

( ନୂତନ ପୁସ୍ତକ )

ମାଇନର ଭର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଅବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଆୟୁର୍ବେଦୋକ୍ତ
ନୂତନ

ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, କାଳୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ୍, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବହୁପ୍ରକାର ଖେଳଣା, କଳ-ଗାଡ଼ି, କାମିଜ, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅବିଳମ୍ବରେ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ଜନ୍ୟେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେ ଦିନ ହେଲା, ରୋଗି ପୁରୁଷ କି ସ୍ତ୍ରୀ, ରୋଗିର ଅଭରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଇଡଳ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହୁଅଛୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି କଣ୍ଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଦ୍ରବ୍ୟଦୋକାନ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ ।

କ୍ଲେମନାଶକ ଚୂର୍ଣ୍ଣ—ଏକଡ଼ିବାର ଟ ୦।

ଡାକମାସୁଲ ଟ ୦। ଏକବରେ ଚୂରିଡବା ହେଲେ ଡାକମାସୁଲ ଟ ୦। ଯଉତ। ଏ ଚୂର୍ଣ୍ଣକୁ କ୍ଲେମଯୁକ୍ତ ସ୍ଥାନମାନଙ୍କରେ ଲଗାଇଲେ କ୍ଲେମମାନ ତ୍ରିତଦିନ ଅଧଘଣ୍ଟାକ ମଧ୍ୟରେ ।

ଦଦ୍ରୁ ନାଶକ ମଲମ—ଏକଡ଼ିବାର ଟ ୦।୵ ଡାକମାସୁଲ ଉପରଲେଖିତମତେ ଅଟେ ଏ ମଲମ ଲଗାଇଲେ ତତକ୍ଷଣାତ ସମସ୍ତ ଦାଦୁ ଭଲହୁଅନ୍ତି ଏଥିରେ ଜ୍ୱାଳା ଓ ଫୋଟକାହୁଏ ନାହିଁ । ଭେଲୁପେବଲରେ ପଠାଯିବ ନାହିଁ ।

ବଉଶାବଜାର } କଟକ } ଶ୍ରୀପତ୍ମାରତ୍ନିପାଠୀ କବିରାଜ ।

# ମେହରୋଗ ।

୩୬ଘଣ୍ଟାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକାର୍ଷ ଦେଶିଶକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକପକ୍ଷ ସେବା କଲେ ନୂତନ ରୋଗ ଏବଂ ତିନ ବର୍ଷର ପୁରା ହେଲେ ସୁଦ୍ଧାଜନ୍ମରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ତାଙ୍କୁ ଜଣାଉଅଛୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶାସ୍ତ୍ର ଉପଯୁକ୍ତରେ ପ୍ରସ୍ତୁତ ନ ହେଲେ ଔଷଧ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅବେଶଣ୍ଟୋଲ ନଂ ୩୩ ଭବନରେ ଏ, ସେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ବଉଶାବଜାର ଗ୍ରେଣ୍ଟ କମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଡିବି ଟ ୧।୦ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

# ବାଲିକାଗିଜ ।

ଭଲଭଲ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜୁନଦାସ ବର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୫ ଗଜି ଥାନ | ୦ ୧୮ ଟ ୨।୵ | ୦ ୧୮ ଟ ୦ ।୵ |
| ୧୨ ଗଜି | „ „ ଟ ୨। | „ ଟ ୦ ।୵ |
| ୧୨ ଗଜି | „ „ ଟ ୨। | „ ଟ ୦ ।୵ |
| ୨୨ ଗଜି ଡବଲପ୍ରିଣ୍ଟେଡ୍ „ | ଟ ୩। | „ ଟ ୦ ।୵ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ତରପୂର୍ବକୋଣର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ଦେଶୀ ତାତିଙ୍କର ଲୁଗା ଓ ଷ୍ଟୋନମାନ ଓ ନାନା ଦେଶ ଜିନିଷ ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଶିବକୁମାର ଅଭ୍ଯ ବୋତେଲ ଫେସ୍ତ ତିନ୍‌ସାର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଗଲାରୁ ଆସିଥିବା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାହାକୁ ବିକ୍ରୟ କରାଯିବ । ଯେ ଉକ୍ତ ଜିନିଷମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ନେବା ଇଚ୍ଛା କରିବେ ଏକ ପଇସାକୁ ଦି ବଡ଼ ଟ ୦।୵ ହିସାବରେ ବଢ଼ାଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଭାର ଉପରେ ରହିବ । ଖଡ଼ି ହେଲେ ଆଉଥରେ ପୁଣ ମୂଲ୍ୟ ନାହିଁ ଦେବାକୁ ହେବ ।

ଜିନିଷର ।

| | |
|---|---|
| ବଳର କେଶଣା ଓ ଚନ୍ଦ୍ରରେ ଷଡ଼ ବେଲେ ସବେ। | ବର୍ତ୍ତି ଅଛ । |
| କଲେଇଣ୍ଟାଡ | ବୋଟେଲାଇଟ । |
| ଫ୍ରେଞ୍ଚ ଟେଲ କଟା ଯେତ ସବା ଓ ଢୋଲ ସଜନ । | କାଚ ଦିଶବ ଓ କଚ ଭଣ୍ଡିକ ଓ ଗଲାସ |
| ରୂପାଂ ଅର୍ଥାତ୍ ଜଗଳ କରିବା କାଗଜ ପେନ୍ସିଲ ଓ କଲମ । | ସଲ୍ମା |
| ସେନ୍ଦ୍ରିଲ ଜାହାଜ ସବୁ । | ଭଜର୍ଦ ବୁଲଫସନ୍ଦର ଏକପଟ ହୁସ |
| ଡାକ୍ ଚଦାରର ଫର୍ଦ କାଗଜ ଓ ଲଫାଫା ଲେଖ ନେ | କେଲସର ଫଟୋର ସବୁ ଦେବଲିଷ୍ଟ ଅଦଲ |
| ତୈଲ ହୁଅ । | ଏ, ଗୋପକ ଜକ୍ସନ |
| ଚଉଷ ସାବୁନ । | କାମିଜ ଓ କୁର୍ତ୍ତା ବଣ୍ଟା ଅଲଗୋଟ ଏକଣ କାଗଜ |
| ଲାକାର ସାବାର ପଟି ରେ ବୁଷା ଓଦଶାର ହୁଏ। | ଅନ୍ତର୍ଜେଷ୍ଟର ପେନ୍ସିଲ ଥିବା ଏ ପେନ୍ସିଲରେ ଲେଖି ଉଠାଇ ଯେଉଁ |
| ଅନୋନ ରେଶ—ଅର୍ଥାତ୍ ଖୁବଣୀ ଟୁଣ୍ଡ । | କବୁ ଉଠାଇ ନେବୁ ସେନ୍ଦ୍ରିଲ ଲେଖା ହ ଅଲେ ରେଡ ଡଗାର |
| ଅଗେ ଦୁଅ । | ଟେଲୋଳିକ ଲ ବସ ନ ଉଠେ । |
| ଓଁକାର ବୁଙ୍ଗ ବଲା ।। | |

| | |
|---|---|
| ପୋର୍ଟମ୍ୟାଣ୍ଟ ଓ ବିଲଢର ବେଞ୍ଚ ମେଳ ଓ ଡବଲ ତଳେ ଗଡ଼େ | ଲଇ ଓ ସାଢ଼ଭଗୋଲ ଗୋଡ଼ା |
| ୮ ଭାଗ ବାଡ ଅର୍ଥାତ୍ ଲେଖିବାଟେବଲ ଘଲ ଓ ଶୁଝିଲେ କଲା ହେବ । | ଲଚିତ ଡେଇରେ ଜତ କାଠକାଠ ଜାତି ମଳିଯାମ |
| ଶଲଜା ଭଣ୍ଡା | ଲେଉ ଟୁ ବ୍ରେମ୍ବିଲ ଲକ୍ଷ୍ମୀଭରୀ ଶାଢ଼ୀ ଓ ଯୋଡ଼ ଓ ଜନ୍ମ |
| ୧୨ × ୧୦ ଇଞ୍ଚ | ମଲମଲଭାଙ୍କ ଓ ଗିଡ଼ା ପାଠ ଗାଉଗୋଠ ଓ ସାରୀ । |
| ୧୪ × ୧୨ ଇଞ୍ଚ | ଚିର୍ଣ୍ଣ କାନ୍ତା |
| ୧୬ × ୧୪ „ | ଏକିମୋସ ଅର୍ଥାତ୍ ଭଗାରିଜ ଗୁଆଲ ଅଷ୍ଟର |
| ଶୋରା ଓ ଶୋରାଭଡ଼ ଝିଡନ ଧୂପ ଜଳାଇବା ଚଣ୍ଡାଶାଳ କଲା ଓ ବୁଦ୍ଧା | ଚଷ୍ଟର ବନ୍ଧା ଜନରେ ଚରିବାର ଛୁଏ । |
| ଡେମେଷ୍ଟ୍ରେଲ । | |

# ପିଚାଗାର ।

ଏ ତାରକୁ କେଉଁଠି ପାଦରେ ଦଶଙ୍କରେ ଭଲକାଇ ହୋଇଯାଇବର ଫାଟିଲେ ଦେଲେ ପାଣିଗଲା ବନ୍ଦ ହେବ, ପଲର ମହି ଅଲେ ଲେପିଦେଲେ ମଜବୁତ ହେବ ଓ ପଇ ଖସିବ ନାହିଁ ।

ବଗିର ଚନ୍ଦ୍ରା ଓ ସାଜରେ ଲଗାଇବାର ଜାତ ମଧ୍ୟ ଅଛି ।

ଅରୁନବନ୍ଧୁ ବର କମ୍ପାନ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପାଇଁ
ଧାଡ଼ିପ୍ରତି ଟ ୦।୵
ଅଷ୍ଟମ୍ବର ଟ ୨୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତାର ଖର୍ଚ୍ଚ ଟ ୦।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେ ଓ ତୃତୀୟ ଯଥାକ୍ରମେ ଦେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ କଲେକ୍ଟରୀ କାଛ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୬ ଶ
ସ ୪୯ ସଂଖ୍ୟା

ତା ୨୯ ଶେ ମାହେ ଡିସେମ୍ବର ସନ ୧୮୯୧ [illegible]

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

ଢାକାପ୍ରକାଶର ସମ୍ପାଦକ ହାଜତ ଓ ଫାଟକରେ ଯାଇ ଗୋଟିଏ ଉପକାର ସାଧନ କରିଅଛନ୍ତି । କାରାଗାରମଧ୍ୟରେ ଖାନାର ଜାତ ଉଷାର ସୁବ୍ୟବସ୍ଥା ନାହିଁ ଓ ହାଜତଘରର ବ୍ୟବସ୍ଥା ମଧ୍ୟ ଅତୀବ କଦର୍ଯ୍ୟ । ସମ୍ପାଦକମହାଶୟ ସ୍ୱୟଂ ଭୁକ୍ତଭୋଗୀ ହୋଇ ଘଟନାକୁ ସ୍ୱପତ୍ରିକାଦ୍ୱାରରେ ପ୍ରକାଶ କରିବାରୁ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକୃଷ୍ଟ ହୋଇଅଛି । ଗବର୍ଣ୍ଣମେଣ୍ଟ ଦେଶୀୟର ରକ୍ଷା କରିବା ପ୍ରତି ଦୃଷ୍ଟି ରଖିଥିଲେ ସମସ୍ତେ କୃତଜ୍ଞତାପାଶେ ବଦ୍ଧ ହେବେ ।

---

ଏଡୁକେଶନ ଗେଜେଟରେ ସାମାଜିକ ପ୍ରବନ୍ଧନାମରେ ଅନେକ ଗୁଡ଼ିଏ ପ୍ରବନ୍ଧ ପର୍ଯ୍ୟାଲରୁ ବାହାରୁଅଛି ଏବଂ ତହିଁରେ ଅନେକଗୁଡ଼ିଏ ସାରକଥା ପ୍ରକାଶ ହୋଇଅଛି ଯାହାକି ସ୍ୱଦେଶାନୁରାଗିଙ୍କର ଉତ୍ତମରୂପେ ଚିନ୍ତା କରିବାର ଆବଶ୍ୟକ । ଭାରତବର୍ଷର ଭବିଷ୍ୟତ୍ ଉନ୍ନତିର ସମ୍ବନ୍ଧରେ ହିନ୍ଦୁଙ୍କର ଅବସ୍ଥା ଯେରୂପ ବର୍ଣ୍ଣିତ ହୋଇଅଛି ପାଠକମାନଙ୍କ ଜାଣିବା କାରଣ ସ୍ଥାନାନ୍ତରେ ଉଦ୍ଧୃତ ହେଲା । ଭରସାକରୁଁ ତାହା ପାଠକରିବାରୁ ଅନେକେ ସୁଖକର ବୋଧକରିବେ ।

---

ବଙ୍ଗବାସୀ ଲେଖିଅଛନ୍ତି ଯେ ବର୍ଦ୍ଧମାନର ବର୍ତ୍ତମାନ ଜଜ ବାହାଦୁରଙ୍କର କଚେରିକୁ ଅସିବାର ନିର୍ଦ୍ଦିଷ୍ଟ ସମୟ ନ ଥିଲା । ଇଚ୍ଛାମତ ଯେତେବେଳେ ଇଚ୍ଛା ତେତେବେଳେ ସେ କଚେରି କରୁଥିଲେ ସମ୍ପ୍ରତି ହାଇକୋର୍ଟର ଜଜ ମାନ୍ୟବର ପ୍ରିନ୍ସପ୍ ବାହାଦୁର ବର୍ଦ୍ଧମାନର ଅଦାଲତ ଦର୍ଶନାର୍ଥେ ଯାଇଥିଲେ । ସେ ପ୍ରାୟ ଜଜ ସାହେବଙ୍କର ଏତଦ୍ବିଷୟ ଅବଗତ ହୋଇ ଆସିଥିଲେ । ବର୍ତ୍ତମାନ ଜଜ କାମ୍ବେଲସାହେବ ପ୍ରତ୍ୟହ ଯଥାସମୟରେ ଆସି ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛନ୍ତି । ଆଗାମୀ ମାସରେ ଏହି ଜଜ ବାହାଦୁର ଏଠାରୁ ଅସିବାର କଥା ଅଛି ।

---

କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାର କଳଙ୍କ ଦିନକୁଦିନ ବୃଦ୍ଧି ହେଉଅଛି ଗତ ଏମ୍ ଏ ପରୀକ୍ଷାର ସଂସ୍କୃତ ପରୀକ୍ଷାର ପ୍ରଶ୍ନ ମାଘପୁସ୍ତକରୁ ପ୍ରଦତ୍ତ ନ ହୋଇ ୧୮୯୦ ସନର ପରୀକ୍ଷାର ପାଠ୍ୟ "ଭୈରବୀ"ରୁ ପ୍ରଦତ୍ତ ହୋଇଥିଲା । ପରୀକ୍ଷାର୍ଥୀମାନେ ପ୍ରଶ୍ନ ଦେଖି ଅବାକ୍ ଓ ହତାଶ ହେଲେ । ସେମାନେ ରେଜିଷ୍ଟ୍ରାର ଟନି ସାହେବଙ୍କୁ ଜଣାଇବାରେ ସେ ପରୀକ୍ଷକଙ୍କୁ ଉକ୍ତ ବିଷୟ ଜଣାଇଲେ । ପରୀକ୍ଷକ ମହୋଦୟ ତତ୍ପରରେ କେତେକ ପ୍ରଶ୍ନ ପ୍ରସ୍ତୁତ କରି ପରୀକ୍ଷାର୍ଥୀମାନଙ୍କୁ ପ୍ରଦାନ କଲେ । କିନ୍ତୁ ପରୀକ୍ଷାର୍ଥୀମାନେ ନୂତନ ପ୍ରଶ୍ନ ଗ୍ରହଣ କରିବାକୁ ଅସ୍ୱୀକାର କଲେ । ବର୍ତ୍ତମାନ ପରୀକ୍ଷକଙ୍କର ଏହି ଭ୍ରମ ନିମନ୍ତେ ଦାୟୀ କିଏ ହେବ ? ପରୀକ୍ଷକ ନିର୍ବାଚନ ପକ୍ଷରେ ସୁବିଚାର ଓ ସୁନିୟମ ନ ହେଲେ ଏହିପ୍ରକାର କୁଫଳ ଫଳୁଥିବ ।

---

ଓଲାଉଠାରୋଗର ପ୍ରଥମ ଅବସ୍ଥାରେ ଏକ ଆଉନ୍ସ ଅର୍ଥାତ୍ ଅର୍ଦ୍ଧ ଛଟାଙ୍କି ପାଣିରେ ୪୦ ଟୋପା ଷ୍ଟ୍ରଙ୍ଗ ଏସିଟିକ ଏସିଡ୍ ଓ ୧୦ ଟୋପା ସ୍ପିରିଟ ଅବ ନାଇଟର ମିଶ୍ରିତ କରି ରୋଗୀକୁ ଖୁଆଇବାକୁ ହେବ । ଉପର ୨ ଘଣ୍ଟା ପର୍ଯ୍ୟନ୍ତ ରୋଗୀକୁ ଜଳ ସୁଦ୍ଧା ଖାଇବାକୁ ଦେବାର ନୁହେ । ଆବଶ୍ୟକ ହେଲେ ୨ ଘଣ୍ଟା ପରେ ପୁନର୍ବାର ସେହି ଔଷଧ ଖୁଆଇବ । କିନ୍ତୁ ବ୍ରାଣ୍ଡି ବା ହୁଇସ୍କି ଏକାବେଳକେ ନିଷେଧ । ଦ୍ୱିତୀୟ ଅବସ୍ଥାରେ ରୋଗୀ ପ୍ରକୃତିସ୍ଥ ନ ହେବା ପର୍ଯ୍ୟନ୍ତ ଦୁଇ ୨ ଘଣ୍ଟା ଅନ୍ତର ୩୦ ଟୋପା ଲେଖାଏଁ ସ୍ପିରିଟ ଅବ କେମ୍ଫାର ଦେବାର ଆବଶ୍ୟକ ସେହି ସଙ୍ଗେ ୨ ଉତ୍ତେଜକ ଔଷଧ ପ୍ରୟୋଗ କରିବା ବିଧେୟ । ପ୍ରଥମ ଅବସ୍ଥାରେ ତିନଗାର ଏବଂ ଦ୍ୱିତୀୟ ଅବସ୍ଥାରେ ଅଦାର ଅର୍କ ମାଲିସ କରିବ ଏବଂ ଗରମଜଳ ବୋତଲରେ ପୂରାଇ ସେକିବ । ଡାକ୍ତର ଏମ୍ ସିନାଟେମୀ ଏହି ପ୍ରକ୍ରିୟାଦ୍ୱାରା ୪୦ ଜଣ ରୋଗୀଙ୍କର ଚିକିତ୍ସା କରି ତନ୍ମଧ୍ୟରୁ ୩୮ ଜଣଙ୍କୁ ଆରୋଗ୍ୟ କରିଅଛନ୍ତି ।

---

Split by PDF Splitter

Digitized by srujanika@gmail.com

Split by PDF Splitter



ମହାଙ୍ଗାଗ୍ରାମରେ ବ ୧୦ ବର୍ଷ ହେବ ଭର୍ଣ୍ଣାକ୍ୟୁଲର ସ୍କୁଲ ଉଠି ଯାଇଥିବାରୁ ସେଠାରେ ବର୍ତ୍ତମାନ ଗୋଟିଏ ନୂତନ ମାଇନରସ୍କୁଲ ସ୍ଥାପନ ହେବା ବିଷୟରେ ଉକ୍ତସ୍କୁଲର ସମ୍ପାଦକ ବାବୁ ଶ୍ରୀ ଗଙ୍ଗା ନାଲମଣିଙ୍କ ଏକ ପ୍ରେରିତପତ୍ର ପ୍ରେରଣ କରିଥିଲେ ଓ ତାହା ଗତ ମାସର ଶେଷ ସପ୍ତାହର ଦୀପିକାରେ ପ୍ରକାଶିତ ହୋଇଅଛି ସମ୍ପାଦକ ମହାଶୟ ସାଧାରଣ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ପ୍ରତ୍ୟେକ ମୋଫସଲରେ ଶିକ୍ଷାସ୍ରୋତ ଯେତେ ବୃଦ୍ଧି ହୁଏ ତେତେ ଉତ୍ତମ ଓ ଉନ୍ନତିର ଶୁଭଚିହ୍ନ ଓ ଦେଶର ମଙ୍ଗଳାକାଂକ୍ଷୀମାନଙ୍କର ଉନ୍ନତିପାଇଁ ଯଥୋଚିତ ସାହାଯ୍ୟ ପ୍ରଦାନ କରି ବିଧେୟ । ସମ୍ପାଦକମହାଶୟଙ୍କର ଉଚିତ ଯେ ଉକ୍ତ ସ୍କୁଲର ବ୍ୟୟ ନିର୍ବାହାର୍ଥେ ତତ୍ର ଗ୍ରାମବାସୀମାନେ କେତେ ପରିମାଣରେ ସାହାଯ୍ୟ କରିଅଛନ୍ତି ଓ ବାକି ଅନ୍ୟାନ୍ୟମାନଙ୍କଠାରୁ କେତେ ସାହାଯ୍ୟ ଗ୍ରହଣ କଲେ ସ୍କୁଲ ଚଳପାରିବ ତାହା ଉଲ୍ଲେଖ କରିବେ । ଆମ୍ଭେମାନେ ଆଶା କରୁଁ ବିଦ୍ୟୋତ୍ସାହୀମାନେ ଅବଶ୍ୟ କିଛି କିଛି ସାହାଯ୍ୟ କରି ସ୍ୱ ସ୍ୱ ବଦାନ୍ୟତା ପ୍ରକାଶ କରିବେ ।

---

ତାନ୍ତ୍ୟାଙ୍କୁ ବଧ୍ୟଭୂମିକୁ ଆନୀତ କରିବା ସମୟରେ ଗୋରା ସୈନିକମାନେ ପହରା ଦେଉଥିଲେ ଓ ପାର୍ଶ୍ୱରେ ସ୍ୱଜାତି ଭିନ୍ନ ସମ୍ପ୍ରଦାୟ ଥିଲେ । ତାଙ୍କୁ ମନର ଶେଷ ଆକାଂକ୍ଷା କଣ ପଚାରିବାରେ ସେ ଉଚ୍ଚସ୍ୱରରେ କହିଲା "ମୁଁ ଅସଭ୍ୟ, ସାମାନ୍ୟ ଭିଲ ମାତ୍ର, ବାଲ୍ୟକାଳଠାରୁ ଯୁଦ୍ଧ କେବଳ ମୋର ବ୍ୟବସାୟ । ଏଣୁ ମୃତ୍ୟୁକାଳରେ ମୋର ଶେଷ ଅନୁରୋଧ ଏହି ଯେ ସମ୍ମୁଖସ୍ଥ ଏହି ଯୋଦ୍ଧୃବର୍ଗଙ୍କ ହସ୍ତରେ ମୋତେ ନିହତ କରି ଦେଉ" ଏହା କହି ଜଣେ ଗୋରା ସୈନ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା "ଯେବେ ମୋର ମୃତ୍ୟୁ ନିଶ୍ଚୟ ହେବେ ଏହାଙ୍କ ବନ୍ଧୁକ ନିକ୍ଷିପ୍ତ ଗୁଳିଦ୍ୱାରା ମୋତେ ନିହତ କରା ହେଉ" ସେନାପତି କହିଲେ ତୁମ୍ଭର ଆକାଂକ୍ଷା ପୂର୍ଣ୍ଣ ହେଲା ନାହିଁ ଏଥିକୁ ସେ ଉତ୍ତର କଲା "ତେବେ ମୋର କିଛି କହିବାର ନାହିଁ" କେହି କେହି କହନ୍ତି ଯାହାଙ୍କର ଶେଷ ଆକାଂକ୍ଷା ପୂର୍ଣ୍ଣ କରିବାର କ୍ଷମତା ନାହିଁ ସେମାନେ ମୃତ୍ୟୁମୁଖରେ ପତିତ ବ୍ୟକ୍ତିଙ୍କୁ ଆକାଂକ୍ଷା କଥା କହି ବିଦ୍ରୂପ କରନ୍ତି କାହିଁକି ?

---

ଆମ୍ଭେମାନେ ପୁସ୍ତକାଗାରର ଆବଶ୍ୟକତାସମ୍ବନ୍ଧରେ ଯେଉଁ ପ୍ରବନ୍ଧ ସାଧାରଣଙ୍କ ବିଜ୍ଞପ୍ତ୍ୟର୍ଥେ ପ୍ରକାଶ କରିଥିଲୁଁ ତାହା କାହାର କର୍ଣ୍ଣରେ ଅସିଅଛି କି ନା ଏତେଦିନଯାଏ ଆମ୍ଭେମାନେ କିଛି କହି ନ ପାରୁଁ । ସହଯୋଗୀ ସମ୍ବଲପୁରହିତୈଷିଣୀ ପତ୍ରିକା ଆମ୍ଭମାନଙ୍କ ପ୍ରବନ୍ଧ ସମର୍ଥନରେ କହିଅଛନ୍ତି ଯେ "ପୁସ୍ତକାଳୟ ସ୍ଥାପନବିଷୟରେ ରାଜା ଜମିଦାର ଧନୀଲୋକମାନଙ୍କର ତ୍ୟାଗସ୍ୱୀକାର କରିବା ଉଚିତ ତାହା କଲେ ସେ ଦାନ ସଦାନ ହେବ ବୃଥାକାର୍ଯ୍ୟରେ ସହସ୍ର ସହସ୍ର ଟଙ୍କା ବିନଷ୍ଟ ହୋଇ ଯାଉଥିବା ସ୍ଥଳେ ଯେଉଁ କାର୍ଯ୍ୟରେ ବ୍ୟୟ କଲେ ଦେଶର ସମ୍ପତ୍ତି ଦୃଢ଼ତର ହେବ, ଦେଶର ପ୍ରତ୍ୟକ୍ଷ ଉପକାର ସାଧିତ ହେବ ସେପରି କାର୍ଯ୍ୟରେ ତ୍ୟାଗସ୍ୱୀକାର ଅବଶ୍ୟ କରଣୀୟ ଏ ବିଷୟରେ ଶିକ୍ଷିତଲୋକମାନଙ୍କର ଅଧିକତର ଯତ୍ନ ଆବଶ୍ୟକ କରେ ଚେଷ୍ଟା କଲେ ଆଜି ନ ହେଉ ଦୂର ଭବିଷ୍ୟତରେ ଉଦ୍ଦେଶ୍ୟ ସିଦ୍ଧିର ସମ୍ଭାବନା ଯେହେତୁ " ଶନୈଃ ପନ୍ଥା, ଶନୈଃ କନ୍ଥା, ଶନୈଃ ପର୍ବତଲଂଘନଂ । " ଆମ୍ଭେମାନେ ଆଶା କରୁଁ ଶିକ୍ଷିତ ଯୁବକମାନେ ଏ ବିଷୟରେ ମନୋଯୋଗୀ ହେବେ । ସାଧାରଣ ପୁସ୍ତକାଗାର ଅଭାବରୁ କେତେଦୂର କଷ୍ଟ ଅନୁଭବ ହୁଏ ତାହା ଆଧୁନିକ ଶିକ୍ଷିତ ଯୁବକମାନେ ଅନୁଭବ କରୁଥିବେ । ଅନୁଭବୀ ଯୁବକମାନେ ଏ ବିଷୟରେ ତତ୍ପର ଓ ସଚେଷ୍ଟ ହୋଇ ସାଧାରଣ ସମ୍ମୁଖରେ ଭିକ୍ଷାପାତ୍ର ଅନସୂନ କଲେ ପ୍ରତ୍ୟେକ ଦେଶହିତୈଷିଲୋକେ କିଛି କିଛି ଭିକ୍ଷା ଦାନ କରି ସେମାନଙ୍କର ଓ ସେମାନଙ୍କ ପୁତ୍ର ପୌତ୍ରାଦିଙ୍କର ବିଶେଷଅଭାବ ଦୂର କରିବେ । ଆଶା କରୁଁ ଏଠାର ଗ୍ରାଜୁଏଟ୍ ଓ ଅଣ୍ଡରଗ୍ରାଜୁଏଟ ସଭା ଏ ଭାର ଗ୍ରହଣ କରିବାକୁ ଅଗ୍ରଗାମୀ ହେବେ ।

---

ଯୁବରାଜ ଆଲବର୍ଟ ଭିକ୍ଟରଙ୍କର ଅଭ୍ୟର୍ଥନା-ସମ୍ପାଦନାର୍ଥେ ନିଯୋଜିତ କମିଟୀର ସମ୍ପାଦକଦ୍ୱୟ ବାବୁ ରାଜକୁମାର ସର୍ବାଧିକାରୀ ଓ ଏସ୍, ଇ, ଜେ କ୍ଲାର୍କଙ୍କ ନିକଟକୁ ଭାରତସଭାର ସମ୍ପାଦକ ବାବୁ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଏକ ପତ୍ର ଲେଖିଅଛନ୍ତି ତହିଁରୁ ପ୍ରକାଶ ଯେ ଟାଉନହଲରେ ନିର୍ଦ୍ଧାର୍ଯ୍ୟ ପ୍ରଥମ ପ୍ରସ୍ତାବ ଓ ସଂଶୋଧିତ ଦ୍ୱିତୀୟପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଦଶ ସହସ୍ର ଟଙ୍କା ସେମାନଙ୍କ ନିକଟକୁ ପ୍ରେରଣ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ନିକଟରୁ ଉତ୍ତର ପ୍ରାପ୍ତ ହେଲେ ପ୍ରୋକ୍ତ ଟଙ୍କା ପ୍ରେରଣ କରିବେ ଓ ମଧ୍ୟ ଅନ୍ୟର ପଶ୍ଚାତ୍ ପଠାଯିବ । ଉପରୋକ୍ତ ପତ୍ରରୁ ସ୍ପଷ୍ଟ ପ୍ରତୀୟମାନ ଯେ ଭାରତସଭା କୁଷ୍ଠରୋଗର ଆଶ୍ରମସ୍ଥାନ ନିର୍ମାଣର ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାରେ ଚେଷ୍ଟିତ ଅଛନ୍ତି । କିନ୍ତୁ ଉପରୋକ୍ତ ସମ୍ପାଦକ ଦ୍ୱୟ ଟଙ୍କା ଗ୍ରହଣ କରିବାକୁ ଅସ୍ୱୀକାର କରିଅଛନ୍ତି କାରଣ ସେମାନେ କହନ୍ତି ଟାଉନହଲଗୃହରେ କୌଣସି କମିଟୀ ସଂଗଠିତ ହୋଇ ନାହିଁ ।

ଷ୍ଟେଟ୍ସମ୍ୟାନରୁ ପ୍ରକାଶ ପାଉଅଛି ଯେ ସୁରେନ୍ଦ୍ର ବାବୁଙ୍କ ସଂଶୋଧିତ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ସ୍କୁଲବାଳକମାନଙ୍କମଧ୍ୟରୁ ଏକଜଣ ଏକସହସ୍ର ଟଙ୍କା ପ୍ରଦାନ କରିଅଛନ୍ତି ଓ ଅନ୍ୟ ସ୍କୁଲର ଏକଶ୍ରେଣୀର ବାଳକମାନେ ଟ ୨୦୦୧ଙ୍କା ଚାନ୍ଦା କରିଅଛନ୍ତି ଓ ଅନ୍ୟ ଏକଶ୍ରେଣୀର ସ୍କୁଲବାଳକମାନଙ୍କଠାରୁ ତିନିସହସ୍ର ଟଙ୍କା ପାଇବାର ଆଶା ଅଛି । ଏତଦ୍ବ୍ୟତୀତ ମାନ୍ୟବର ମହର୍ଷି ଦେବେନ୍ଦ୍ରନାଥ ଠାକୁର ଯେ କି ଆଦି ବ୍ରହ୍ମସମାଜର ନେତା ଓ ବଙ୍ଗପ୍ରଦେଶର ଦେଶୀୟସମାଜର ଜଣେ ଅତୀବ ମାନନୀୟ ସଭ୍ୟ ସେ ଯୁବରାଜଙ୍କ ଭ୍ରମଣର ଚିରସ୍ଥାୟୀ ସ୍ମାରକଚିହ୍ନସ୍ୱରୂପ ପ୍ରସ୍ତାବିତ କୁଷ୍ଠରୋଗିମାନଙ୍କର ଆଶ୍ରମ ସାହାଯ୍ୟାର୍ଥେ ଦୁଇହଜାର ଟଙ୍କା ଚାନ୍ଦା ପ୍ରଦାନ କରିଅଛନ୍ତି ।

---

ବର୍ତ୍ତମାନର ମୃତା ମହାରାଣୀ ବୋର୍ଡଙ୍କ ଅନୁମତିରେ ପୋଷ୍ୟପୁତ୍ର କରିଥିବାରୁ ସେଥିରେ ରାଜମାତା ଅସମ୍ମତା ହୋଇ ତାହା ରହିତ କରିବା କାରଣ ଦେବାନୀ ଅଦାଲତରେ ନମ୍ବର ମାମଲା କରିଥିବାର ପାଠକମାନେ ଜାଣନ୍ତି । ଏମାମଲାରେ ଯେ ପର୍ଯ୍ୟନ୍ତ ବ୍ୟୟ ହେବ ଅନୁଲକ୍ଷିତ କେତେକ ବାବଦରୁ ଅନାୟାସେ କଳନା ହୋଇପାରେ । ବର୍ତ୍ତମାନ ରାଜସମ୍ପତ୍ତି ବର୍ତ୍ତମାନ କୋର୍ଟ ଅଫ ୱାର୍ଡସ ଅଧୀନରେ ଥିବାରୁ ଏ ମାମଲାର ସବୁ ସଞ୍ଚାଳ କରିବା ସକାଶେ ସରକାର ଗୋଟିଏ କମିଶନ ନିଯୁକ୍ତ କରିଅଛନ୍ତି । କମିଶନରଙ୍କ ବେତନ ମାସିକ

Digitized by srujanika@gmail.com

Split by PDF Splitter



ଟ ୭୫୦୦୦୯ଙ୍କା ଅଟଇ ଓ ଏମାନେ ଛମାସ-
ନ୍ତା ଯେ ବର୍ତ୍ତମାନ ନିଯୁକ୍ତ ହୋଇଅଛନ୍ତି ବେ
ତନେ ଆଉ କେତେକ ଲାଗିବ। ବାରିଷ୍ଟର
ଜାନ୍ସିଧା ସାହେବ ମକଦ୍ଦମା ଚଳାଇବେ ସେ
ପ୍ରତିଦିନ ଏକସହସ୍ର ଟଙ୍କା ପାଇବେ। ଜଣେ
ପ୍ରମାଣ ସଂଗ୍ରହ କରିବା ସକାଶେ ନିଯୁକ୍ତ ହୋଇ-
ଅଛନ୍ତି ସେ ପ୍ରତିଦିନ ଟ ୩୦୦ ଙ୍କା ପାଇବେ
ଓ ଜଣେ ସାକ୍ଷୀ ଜବାନବନ୍ଦୀ ଲେଖିବା ପାଇଁ
ନିଯୁକ୍ତ ହୋଇଅଛନ୍ତି ସେ ପ୍ରତିଦିନ ଟ୧୫୦ଙ୍କା
ଲେଖାଏଁ ପାଇବେ। ଏହା ଛଡ଼ାଇ ଅନ୍ୟର
କେତେ ଖର୍ଚ୍ଚ ବ୍ୟୟ ହେବ। ଶୁଣିବାରେ
ରାଜମାତାଙ୍କ ବାରିଷ୍ଟର ତିନିଲକ୍ଷ ଟଙ୍କା ନେବାର
ଚୁକ୍ତି ହୋଇଅଛି। ବୋଧ ହୁଏ ଏ ମକଦ-
ମାରେ ଉଭୟପକ୍ଷ ଅର୍ଥଶୂନ୍ୟ ହୋଇଯିବେ।
ଦେବାଳୀ ମକଦ୍ଦମାର ଏହାଇ ଗୋଟିଏ ବଡ଼
ଦୋଷ ଯେ ଉଭୟପକ୍ଷ ବଡ଼ ଖର୍ଚ୍ଚାନ୍ତ ହୋଇ-
ଯାନ୍ତି ଓ କେଉଁ ୨ ସ୍ଥଳେ ସର୍ବନାଶ ଘଟେ। ଏ
ହେତୁ ପ୍ରବାଦ ଅଛି ଯେ ଦେବାଳୀ ଅଦାଲତର
ଡିଗ୍ରୀ ଡିସମିସ ସମାନ   ଏହା ସ୍ଥିରହବାର କ
ଛୁ ଉପାୟ ହେବ ନାହିଁ। ଯାହା ହେଉ
ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଧର୍ମ୍ମ-
ଶାଳ ମୋକଦ୍ଦମା ରଫା ହେବାର ବନ୍ଦୋବସ୍ତ
ଲାଗିଅଛି ଏବଂ ଏଥିପାଇଁ ଲାହୋରରେ ବସିବା
କମିଶ୍ନର କାର୍ଯ୍ୟ ସ୍ଥଗିତ ଅଛି। ଆମ୍ଭମାନଙ୍କ
ଗେଟେଲାଟ ରଫା ବିଷୟରେ ବଡ ମନୋଯୋଗୀ
ଅଛନ୍ତି। ସଫଳ ହେଲେ ବଡ଼ ଯଶ ଲଭିବେ।
ଏଥି ଉତ୍ତାରୁ ଅବଗତ ହେଲୁଁ ଯେ ରଫା
ହୋଇଅଛି। ଗତପୂର୍ବ ସୋମବାରଦିବସ ମହା-
ରାଣୀ ଚୁକ୍ତିପତ୍ରରେ ଦସ୍ତଖତ ମୋହର କରି
ଦେଇଅଛନ୍ତି। ନାବାଳଗ ବିଜୟିକୁମାର ମହ-
ତାପ ବାହାଦୂରଙ୍କୁ ଶୀଘ୍ର ରାଜଟୀକା ପ୍ରଦାନ
ହେବ। ଶୁଭସ୍ୟ ଶୀଘ୍ରଂ।

---

## ଓଡ଼ିଶାର ସାନ ବନ୍ଦୋବସ୍ତ।

ଓଡ଼ିଶା ପ୍ରଦେଶର ପ୍ରଚଳିତ ବନ୍ଦୋବସ୍ତ
ସନ ୧୮୩୭ ସାଲରେ ଆରମ୍ଭ ହୋଇ ପ୍ରାୟ
ସ୍ନ ୧୮୪୫ ସାଲରେ ଶେଷ ହୋଇଥିଲା ଓ
ତହିଁର ବ ୩୦ ର୍ଷ ମିଆଦ ସନ ୧୮୩୭ ସାଲରୁ
ସ୍ନ ୧୮୬୭ ସାଲ ପର୍ଯ୍ୟନ୍ତ ଥିଲା। ମିଆଦ ଶେଷ
ସମୟକୁ ଓଡିଶାରେ ଦୁର୍ଭିକ୍ଷ ବିପତ୍ତିମାନ ଥିବା
ଓ ନାନା କାର୍ଯ୍ୟ ଆରମ୍ଭ ହୋଇଥିବାରୁ ତହିଁ-
ଯୋଗେ ଭୂମିର ଉନ୍ନତି କ ପରିମାଣରେ ହେବ
ତାହା ଜଣାଯାଇ ନ ଥିବାରୁ ସେ ବନ୍ଦୋବସ୍ତର
ମିଆଦ ଆଉ ବ ୩୦ ର୍ଷ ବୃଦ୍ଧି ହେଲା। ଏ
ମିଆଦ ଶେଷ ହେବାକୁ ଆଉ ବ ୮ ର୍ଷ ବାକି
ଥିବାରୁ ଗବର୍ଣ୍ଣମେଣ୍ଟ ଏହି ସମୟରୁ ସାନ-
ବନ୍ଦୋବସ୍ତର କାଯ୍ୟାରମ୍ଭ କରିବାର ସ୍ଥିର
କରିଛନ୍ତି କାରଣ ମିଆଦ ଶେଷ ସମୟକୁ
ବନ୍ଦୋବସ୍ତ ସମାପ୍ତ ହୋଇଥିବ। ବର୍ତ୍ତମାନ
ଏଥିର କାର୍ଯ୍ୟ ଏ ଜିଲରେ ଆରମ୍ଭ ହୋଇଛି।
ବନ୍ଦୋବସ୍ତ ଅତି ଗୁରୁତର କାର୍ଯ୍ୟ ଅଟେ କି? ଏଥି-
ଉପରେ ଗବର୍ଣ୍ଣମେଣ୍ଟ, ଜମିଦାର ଓ ପ୍ରଜା
ସମସ୍ତଙ୍କର ଲାଭାଲାଭ ବିଶେଷରୂପେ ନିର୍ଭର
କରଇ। ଓଡିଶାରେ କୃଷିବ୍ୟବସାୟୀ ପ୍ରାୟ
ସମସ୍ତେ, କୃଷି ଅବା ଭୂମି ସଙ୍ଗେ ସମ୍ପର୍କ ନାହିଁ
ଏ ବଳ ଲୋକ ଅତି ବିରଳ। ମୁଳାଷ୍ଟବଣିଆ
ଇତ୍ୟାଦି ଶିଳ୍ପ ବ୍ୟବସାୟୀମାନେ ମଧ୍ୟ ବର୍ତ୍ତମାନ
କୃଷି ସକାଶେ ଧସ୍ତପଡ଼ା ହେଉଛନ୍ତି ଓ ସେମାନ-
ଙ୍କ ହସ୍ତେ ପଣେ ଥିବାରୁ ପ୍ରଚୁର ସଲାମି
ଜମିଦାରଙ୍କୁ ଦେଇ ଓ କର ବୃଦ୍ଧି କରାଇ
ଚଷାମାନଙ୍କଠାରୁ ଚଷଜମି ଛଡ଼ାଇ ନେଉ-
ଛନ୍ତି। ଅତଏବ ବନ୍ଦୋବସ୍ତରେ ଏ ପ୍ରଦେଶର
ପ୍ରାୟ ସମସ୍ତ ଲୋକଙ୍କର ସମ୍ପର୍କ ଥିବାରୁ
ତହିଁଉପରେ ଦେଶର ମଙ୍ଗଲ ନିର୍ଭର କରଇ
ବୋଇଲେ ଅତ୍ୟୁକ୍ତି ହେବ ନାହିଁ। ଏ ହେତୁ
ଏ କାର୍ଯ୍ୟଟି ଅତି ଯଥାର୍ଥ ଓ ସୁଶୃଙ୍ଖଳରୂପେ
ହେବାର ଉଚିତ। ଏଥିର କି ବ୍ୟବସ୍ଥା ଗବର୍ଣ୍ଣ-
ମେଣ୍ଟ କରୁଛନ୍ତି ଏହା ସାଧାରଣ ଆନ୍ଦୋଳନର
ବିଷୟ ହେଉଅଛି। ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ
ଅବଗତ ନୋହୁଁ କିନ୍ତୁ ଯେତେଦୂର ଶୁଣିଛୁଁ
ତାହା ନମ୍ନେ ପ୍ରକାଶ କରୁଅଛୁଁ।—

ବର୍ତ୍ତମାନର ବ୍ୟବସ୍ଥା ଉଲ୍ଲେଖ ପୂର୍ବେ ପୂର୍ବ-
ବନ୍ଦୋବସ୍ତର ବ୍ୟବସ୍ଥା ଉଲ୍ଲେଖ କରିବାର
ଆବଶ୍ୟକ କାରଣ ତହିଁ ତୁଳନାରେ ବର୍ତ୍ତମାନ
ବ୍ୟବସ୍ଥାର ତାରତମ୍ୟ ଜଣାଯିବ। ପୂର୍ବ ବ-
ନ୍ଦୋବସ୍ତରେ ଅନେକ ଗୁଡ଼ିଏ ଡିପୋଟୀ
କଲେକ୍ଟର ନିଯୁକ୍ତ ହୋଇଥିଲେ ସେମାନେ
ରାଜସ୍ୱ କର୍ମର ଅନୁଭବୀ ଏବଂ ପ୍ରାୟ ସମସ୍ତେ
ଏ ଦେଶୀୟ ଲୋକ ଥିବାରୁ ଏ ଦେଶର
ଅବସ୍ଥା ନୀତି ଗତିକୁ ଉତ୍ତମରୂପେ ଅବଗତ
ଥିଲେ। ଏହି ବଳ ବ୍ୟକ୍ତି ଏ କାର୍ଯ୍ୟ ସକାଶେ
ଆବଶ୍ୟକ। ଏମାନଙ୍କ ଉପରେ ପ୍ରତି ଜିଲାରେ
ଜଣେ ଖାସ ଡିପୋଟୀକଲେକ୍ଟର ଥିଲେ।
ତାଙ୍କ ଉପରକୁ କଲେକ୍ଟର କମିଶ୍ନର ଖାସ-
କମିଶ୍ନର ଓ ସର୍ବୋପରେ ସଦର ବୋର୍ଡ ଥିଲେ।
ଏମାନେ ସମସ୍ତେ ରାଜସ୍ୱକର୍ମରେ ଅନୁଭବୀ
ଓ ଦେଶର ଅବସ୍ଥାରୁ କଥିତ ପରିମାଣରେ
ଅବଗତ। ସୁତରାଂ ଏମାନଙ୍କ ଦ୍ୱାରା ବନ୍ଦୋବସ୍ତ-
କାର୍ଯ୍ୟ ଯଥାର୍ଥରୂପେ ହେବାର ସମ୍ଭବ ଓ ବାସ୍ତ-
ବରେ ଅତି ଉତ୍ତମ ହୋଇଅଛି। ଶୁଣିବାରେ
ବର୍ତ୍ତମାନ ବନ୍ଦୋବସ୍ତର ସମୁଦାୟ ଭାର ଭାରତ-
ବର୍ଷୀୟ ଗବର୍ଣ୍ଣମେଣ୍ଟରୁ କୃଷିବିଭାଗର ସେକ୍ରେ-
ଟରୀ ଫିନ୍ଲେକ ସାହେବଙ୍କ ହସ୍ତେ ନ୍ୟସ୍ତ
ହୋଇଅଛି ସେ ଏଥିର ସବୁ ବ୍ୟବସ୍ଥା କରୁଛନ୍ତି।
ଦୁଇବର୍ଷ ପୂର୍ବେ ସେ ଏଠାକୁ ଆସି ବନ୍ଦୋବସ୍ତ-
ସମ୍ବନ୍ଧ କେତେକ ବିଷୟ ସଂଗ୍ରହ କରି ଯାଇ-
ଥିଲେ ଓ କାନୁନଗୋଇ ପଟ୍ଟଓ୍ୟାରୀଙ୍କ ଦ୍ୱାରା କ
ସକାଶେ ଜରିବ ବନ୍ଦୋବସ୍ତକାର୍ଯ୍ୟ ବିନା ଖର୍ଚ୍ଚା-
ରେ ନ ହେବ ଏଥିର ତର୍କବିତର୍କ କରିଥିଲେ।
ସଦର ବୋର୍ଡ଼ଙ୍କ ସଙ୍ଗେ ପରାମର୍ଶ ହେଉଛି
କିନ୍ତୁ ଫିନ୍ଲେକ ସାହେବଙ୍କ ପ୍ରସ୍ତାବମାନ
ପ୍ରବଳ ହେଉଛି। ଏ ମହାତ୍ମା କୃଷିବିଭାଗର ସେ-
କ୍ରେଟରୀ ହେଲେହେଁ ରାଜସ୍ୱକାର୍ଯ୍ୟରେ ବିଶେଷ
ଅନୁଭବୀ ଏବଂ ଓଡିଶାର ଅବସ୍ଥା ଓ ନୀତି-
ଗତିରୁ ଅବଗତ ଥିବାର ସମ୍ଭବ ନୁହେ। ଏଣୁ
ଏହାଙ୍କ ଦ୍ୱାରା ଏ ଗୁରୁତର କାର୍ଯ୍ୟ ସୁଶୃଙ୍ଖଳରୂପେ
ହେବାର ଯେମନ୍ତ ଆଶା ହେଉ ନାହିଁ ଓ ତାଙ୍କର
କାର୍ଯ୍ୟଗତିରୁ ତାହାର ପ୍ରମାଣମାନ ହେଉଛି
କାରଣ ଅଯୋଗ୍ୟ କାନୁନଗୋଇ ପଟ୍ଟଓ୍ୟାରୀଙ୍କ
ଦ୍ୱାରା ସର୍ଭେ ଜରିବ ଓ ବନ୍ଦୋବସ୍ତ କରାଇ
ଅଳ୍ପ ବ୍ୟୟରେ ଏ କାର୍ଯ୍ୟ ସମାଧା କରିବା ପ୍ରତି
ତାଙ୍କର ବିଶେଷ ଦୃଷ୍ଟି ରହିଛି। ତାଙ୍କ ଅଧୀନ-
ରେ ପରଲ ସାହେବ ଓ ଜଣେ ଡିପୋଟୀ
ଓ କେତେକ ଜଣ ସବଡିପୋଟୀ ତାଙ୍କ ସାହା-
ଯ୍ୟାର୍ଥେ ରହିବେ। ଫିନ୍ଲେକ ସାହେବଙ୍କ
ତତ୍ତ୍ୱାବଧାରଣରେ ସମସ୍ତ କାର୍ଯ୍ୟ ହେବ ଓ
ଜିଲାର କଲେକ୍ଟରଙ୍କର କିଛି କର୍ତ୍ତୃତ୍ୱ ଏଥିରେ
ରହିବ ନାହି ବୋଲି ଶୁଣାଯାଏ। ଏହା ଅତି
ଅନୁଚିତ। ଜିଲାର ସମୁଦାୟ ରାଜସ୍ୱକର୍ମର
କର୍ତ୍ତା ଓ ସ୍ଥାନୀୟ କଲେକ୍ଟର ଅଟନ୍ତି, ସେ
ଏଥିରେ ଅନୁଭବୀ ଓ ଜିଲାର ଅବସ୍ଥା ଅବଗତ
ଓ ମଧ୍ୟ ବନ୍ଦୋବସ୍ତ ଶେଷ ହେଲେ ତାହା
ତାଙ୍କଦ୍ୱାରା ଜାରି ହେବ ଏଣୁ ତହିଁ ସଙ୍ଗେ
ତାଙ୍କର ବିଶେଷ ସମ୍ପର୍କ ଥିବାତ ବର୍ତ୍ତମାନ ଏ-
କାର୍ଯ୍ୟରେ ତାଙ୍କର କିଛି କର୍ତ୍ତୃତ୍ୱ ରହୁ ନାହି
ଏ ବ୍ୟବସ୍ଥା କିପରି ଅଟେ ପାଠକମାନେ ବିଚାର
କରନ୍ତୁ। ଅତଏବ ଏ କାର୍ଯ୍ୟ ତତ୍ତ୍ୱାବଧାରଣର
ଯେ ପ୍ରସ୍ତାବ ବର୍ତ୍ତମାନ ହୋଇଛି ତାହା ଆମ୍ଭ-
ମାନଙ୍କ ବିବେଚନାରେ ଉତ୍ତମ ହୋଇ ନାହି।

Digitized by srujanika@gmail.com

Split by PDF Splitter



ବରଷା କରି ଗବର୍ଣ୍ଣମେଣ୍ଟ ମୁଦ୍ରାର ମୂଲ୍ୟ ଏହା ସ୍ଥିର ରଖିବେ ଲଣ୍ଡନଠାରେ ଏକାର୍ଯ୍ୟରେ ଭାଷା ଡଲେକ୍ଟରଙ୍କର ବହୁ କର୍ତ୍ତବ୍ୟ ରହିବାର ଅତି ଆବଶ୍ୟକ । (କ୍ରମଶଃ)

---

ଭାରତ ।

ଇଂରାଜଙ୍କ ଅଧିକାରରେ ଭାରତବର୍ଷୀୟ ଶିଳ୍ପିଜାତିର ବଡ଼ ଦୁର୍ଦ୍ଦଶା ଘଟିଅଛି । ପୂର୍ବେ ଯେଉଁମାନେ ଜନ୍ମ କର୍ମ ଜାତି ଅଥବା ବଂଶଗତ ବ୍ୟବସାୟଦ୍ୱାରା ଅତି ସଚ୍ଛଳ ଅବସ୍ଥାରେ ରହୁଥିଲେ, ସେମାନେ ସମସ୍ତେ ଆଜି ଆପଣା ଆପଣା ବ୍ୟବସାୟଦ୍ୱାରା ଜୀବିକା ଅର୍ଜ୍ଜନ କରି ପାରୁ ନାହାନ୍ତି । ବିଲାତୀ ଏବଂ ସୂତାର ଅନବାଣ ହେବାରୁ ଏବଂ ବିଲାତି ଛୁରୀ, କଞ୍ଚି, କୋଡ ପ୍ରଭୃତି ଆସିବାରୁ ଆଉ ଲୁହା, ପିତ୍ତଳ, ଏବଂ ଚମ୍ଭାର ଦ୍ରବ୍ୟ ବିଲାତରୁ ଆସିବାରୁ, ଏ ସ୍ଥାନର ଅନେକ ବ୍ୟବସାୟୀଙ୍କର ବ୍ୟବସାୟ ଲୋପ ହୋଇଅଛି ।

ସେହି ସବୁ ଲୋକେ ଏବଂ ଅନ୍ୟାନ୍ୟ ବ୍ୟବସାୟର ଅନେକାନେକ ଲୋକ ଆପଣା ଆପଣା ବ୍ୟବସାୟ ତ୍ୟାଗ କରି ସମସ୍ତେ ଏକମାତ୍ର କୃଷିକାର୍ଯ୍ୟ ଉପରେ ଯାଇଁ ପଡ଼ୁଅଛନ୍ତି । ସମସ୍ତ ଭାରତବର୍ଷବ୍ୟାପକ ମନୁଷ୍ୟ ଗଣନା ଦୁଇଥର ସମ୍ପନ୍ନ ହୋଇଅଛି; ପ୍ରଥମ ଥର ୧୮୭୧ ମସିହାରେ, ଦ୍ୱିତୀୟ ଥର ୧୮୮୧ ମସିହାରେ । ଏହି ଦୁଇଥରରେ ମନୁଷ୍ୟମାନଙ୍କ ବ୍ୟବସାୟ ସମ୍ବନ୍ଧରେ ବଙ୍ଗଳା ପ୍ରଦେଶରେ ଯେପରି ଦେଖାଯାଇଅଛି, ତହିଁରୁ ବୋଧହୁଏ ଯେ କୃଷିକାର୍ଯ୍ୟ କେବଳ ଭାରତବାସିଙ୍କର ଏକମାତ୍ର ଅବଲମ୍ବନ ହେବାର ଉପକ୍ରମ ହୋଇଅଛି ।

| | | |
|---|---|---|
| ୧୮୭୧ ମସିହାରେ ରାଜକାର୍ଯ୍ୟରେ ଏବଂ ଲୋକଙ୍କ ବ୍ୟବସାୟରେ ଶତକଡ଼ା | | ୩.୦୮ ଥିଲା । |
| ୧୮୮୧ ମସିହାରେ | ... ... | ୨.୮ ହୋଇଅଛି । |
| ୧୮୭୧ ମସିହାରେ | ଗୃହସ୍ଥାଲିରେ | ୫.୪୩ ଥିଲା । |
| ୧୮୮୧ ମସିହାରେ | ... ... | ୪.୨୫ ହୋଇଅଛି । |
| ୧୮୭୧ ... | ... କୃଷିକାର୍ଯ୍ୟରେ | ୫୨.୬୧ ଥିଲା । |
| ୧୮୮୧ ... | ... | ୫୧.୮୧ ହୋଇଅଛି । |
| ୧୮୭୧ ... | ବାଣିଜ୍ୟକାର୍ଯ୍ୟରେ ... | ୭.୦୦ ଥିଲା । |
| ୧୮୮୧ ... | ... | ୫.୧୧ ହୋଇଅଛି । |
| ୧୮୭୧ ... | ଶିଳ୍ପକାର୍ଯ୍ୟରେ ... | ୧୧.୩୫ ଥିଲା । |
| ୧୮୮୧ ... | ... | ୧୧.୮୫ ହୋଇଅଛି । |
| ୧୮୭୧ ... | ଶ୍ରମଜୀବକାର୍ଯ୍ୟରେ | ୧୩.୩୯ ଥିଲା । |
| ୧୮୮୧ ... | ... | ୧୧.୭୨ ହୋଇଅଛି । |
| ୧୮୭୧ ... | ଅନିର୍ଣ୍ଣେୟଦଶାରେ ... | ୩.୦୩ ଥିଲା । |
| ୧୮୮୧ ... | ... | ୪.୮୫ ହୋଇଅଛି । |

ଅତଏବ ସ୍ପଷ୍ଟ ଦେଖା ଯାଏ ଯେ, କୋଡ଼ିଏ ବର୍ଷ ମଧ୍ୟରେ ରାଜସ୍ୱ, ଗୃହସ୍ଥ୍ୟ ଏବଂ ବାଣିଜ୍ୟକାର୍ଯ୍ୟରୁ ଶତକଡ଼ା ୨.୩୨ କମିଅଛି, ଏବଂ ଶ୍ରମଜୀବଙ୍କ ସଂଖ୍ୟାରୁ ମଧ୍ୟ ଶତକଡ଼ା ୧.୬୪ କମି ଯାଇଅଛି, କିନ୍ତୁ କୃଷକମାନଙ୍କ ସଂଖ୍ୟା [illegible] ବଢ଼ିଅଛି ଏବଂ ଶିଳ୍ପର ସଂଖ୍ୟା ମଧ୍ୟ ୦.୫୦ ବୃଦ୍ଧି ପାଇଅଛି । ଅତଏବ ଭାରତବର୍ଷର ଲୋକମାନେ କ୍ରମେ କ୍ରମେ ହୀନ ଅବସ୍ଥାକୁ ଓହ୍ଲାଇ ଆସୁଅଛନ୍ତି । ଏହା ଏକା ଭାରତବର୍ଷର ପ୍ରକୃତ ଅବସ୍ଥା । ଏହା ଏକା ବୈଦେଶିକ ଅଧିକାରର ଫଳ । ଏହି ମହାଅନର୍ଥ ନିବାରଣ କରିବା ଉଦ୍ଦେଶ୍ୟରେ ସୁଦୂରଦର୍ଶୀ ଏବଂ ଉଦାରମତ ବ୍ୟକ୍ତିମାନେ କେହି ବା ଏଠାରେ ଚିରସ୍ଥାୟି ବନ୍ଦୋବସ୍ତର, କେହି ବା ସ୍ୱଦେଶୀୟ ଉଦ୍ୟମାନର, କେହି ବା ସ୍ୱାୟତ୍ତ ଶାସନଶକ୍ତି ପ୍ରଦାନର ଚେଷ୍ଟା କରୁଅଛନ୍ତି । ସେ ସବୁ ଉପାୟ ଏକାନ୍ତ ନିଷ୍ଫଳ ହୋଇ ନାହିଁ—କିନ୍ତୁ ଯଥେଷ୍ଟ ସୁଫଳ ହୋଇ ନାହିଁ । ବର୍ତ୍ତମାନ ଯେମନ ଉପାୟ ଭାଗ ଖୋଜି ଅଛୁ । ଭାରତବର୍ଷର ଯେ ଏତେଦୂର ଦରିଦ୍ରାବସ୍ଥା ହୋଇଅଛି, କେତେ ବର୍ଷ ପୂର୍ବେ ଇଂଲଣ୍ଡବାସୀଙ୍କର ତାହା ସ୍ପଷ୍ଟରୂପେ ଅନୁଭୂତ ନ ଥିଲା । ଭାରତବର୍ଷ ସୁନାର ଘର ବୋଲି ସମସ୍ତଙ୍କର ବୋଧ ଥିଲା । ଏବେ ବେଳେ ଇଂରାଜମାନେ ଏହି ଦେଶର ପ୍ରକୃତ ଅବସ୍ଥା ବୁଝି ପାରୁଅଛନ୍ତି, ଏହା କମ ନୁହେ । କିନ୍ତୁ ଯେତେବେଳେ ଦେଶର ଅବସ୍ଥା ସମ୍ବନ୍ଧରେ ତାଙ୍କର ଏତେଦୂର ଭ୍ରମ ହୋଇଅଛି, ତତେବେଳେ ଭାବରେ ଦେଶର ପରିଣତି ଏପରି ପରିବର୍ତ୍ତିତ ହେବାର ସମ୍ଭାବନା, ଯହିଁରେ ଏହାର ଦାରିଦ୍ର୍ୟଦଶା ଅନ୍ତ ହେବ ନାହିଁ; ପ୍ରତ୍ୟୁତ ଯହିଁରେ ଭାରତବାସିଙ୍କର ଏପରି ସଙ୍କଟ ଅବସ୍ଥା ହେବ ଯେ, ଇଂଲଣ୍ଡରୁ ପ୍ରେରିତ ଶିଳ୍ପଜାତ ଏଠା ଅପେକ୍ଷା ଅଧିକ ଦର ପରିମାଣରେ ଭାରତବାସିଙ୍କଦ୍ୱାରା କିଣାଯାଇ ପାରିବ ।

ସ୍ୱଦେଶୀୟ କାହାକାହା ମନରେ ଏପରି ଗୋଟାଏ ଭ୍ରମ ଅଛି ଯେ, ଏହି ଦେଶରେ ଧନଜନର ବୈଷମ୍ୟଯୋଗେ କ୍ଲେଶ ହୁଅଇ । କିନ୍ତୁ ତାହା ନୁହେ । ୟୁରୋପ ଏବଂ ଆମେରିକାର ଲୋକଙ୍କର ଯେପରି ଭୟାନକ ଧନ ବୈଷମ୍ୟ ଘଟିଅଛି, ଏଠାରେ ତହିଁର ଲକ୍ଷାଂଶର ଏକାଂଶ ମଧ୍ୟ ହୋଇ ନାହିଁ ଓ ହୋଇ ପାରିବ ନାହିଁ । ଏଠାରେ ଉପରସ୍ଥ ସବୁ ଭାଙ୍ଗିଯାଇ ତଳେ ପଡ଼ିଅଛି ଏବଂ ଭାରତସମସ୍ତ ଲୋକେ କ୍ରମେ ଏକସମାନ ହୋଇ ଯାଉଅଛନ୍ତି । ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶର କଥା ବୋଲି ନ ପାରେ, କିନ୍ତୁ ବଙ୍ଗଳା, ବିହାର ଏବଂ ଓଡ଼ିଶା ବିଷୟରେ ଯାହା ଜାଣିଅଛୁ, ତହିଁରୁ ସମସ୍ତ ଭାରତବର୍ଷର ଅବସ୍ଥା ମୋଟରେ ବୁଝାଯାଇ ପାରେ ବୋଲି ବୋଧ ହୁଏ ।

ଲେଫଟନାଣ୍ଟ ଗଭର୍ଣ୍ଣର ସାହେବ, ବଙ୍ଗଳା, ବିହାର ଏବଂ ଓଡ଼ିଶା ମଧ୍ୟରେ ପାଞ୍ଚହଜାର ଟଙ୍କାରୁ ଅଧିକ ଆୟକାରୀ ଭୂସ୍ୱାମୀଙ୍କର ସଂଖ୍ୟା ଦୁଇହଜାରରୁ ଅଧିକ ନାହିଁ । ସେହି ପରିମାଣରେ ଆୟକାରୀ ଶ୍ରେଣୀର ବଣିକ ପ୍ରଭୃତିଙ୍କ ସଂଖ୍ୟା ୨୫୦୦ରୁ ଅଧିକ ନୁହେ । ଅତଏବ ଧନବନ୍ତର ସଂଖ୍ୟା ନିଅଳ ଶହ ମାତ୍ର ଏ ପ୍ରଦେଶର ଲୋକସଂଖ୍ୟାର ପୂର୍ଣ୍ଣ ଅଂଶ ।

ପାଞ୍ଚଶହଟଙ୍କାରୁ ଅଧିକ ବାର୍ଷିକ ଆୟର ସଂଖ୍ୟା ୪୫୩ ଗୋଟି ମାତ୍ର । ଆଉ ୨୦୦ ରୁ ୫୦୦ ପର୍ଯ୍ୟନ୍ତ ଅନ୍ୟାନ୍ୟରୂପ ଆୟକାରୀଙ୍କ ସଂଖ୍ୟା ଦୁଇଲକ୍ଷରୁ କିଛି ଊଣା । ସୁତରାଂ ଜନସାଧାରଣରେ ଏହି ଦୁଇଲକ୍ଷ ଲୋକ ଏ ପ୍ରଦେଶର ମଧ୍ୟବିତ୍ତଶ୍ରେଣୀ ଗଣ୍ୟ ହେଉ ।

ଏମାନଙ୍କର ଆୟରୁ ବଳ ସମସ୍ତ ଲୋକେ ଅର୍ଥରୁ ସାର୍ବଜନେ ୧ ଜଣର । ଏମାନଙ୍କର ପ୍ରତ୍ୟେକର ବାର୍ଷିକ ଆୟ ମୋଟରେ ୫ ୨୩ ଟଙ୍କା ମାତ୍ର ।

ୟୁରୋପରେ ଯେପରି ଧନ ବୈଷମ୍ୟ ଘଟିଅଛି ଏଠାରେ ତହିଁର ନାମଗନ୍ଧ ମଧ୍ୟ ନାହିଁ । ଅତଏବ ଜମିଦାର ବା ଓକିଲ ଅଥବା ମହାଜନ ଏମାନେ କେବଳ ଦେଶର ସମସ୍ତ ଟଙ୍କା ଲୁଟିନେଉଅଛନ୍ତି, କୃଷକ ଏବଂ ଶିଳ୍ପିମାନେ ସେଥିପାଇଁ ଦରିଦ୍ର ହୋଇ ପଡ଼ିଅଛନ୍ତି ସ୍ୱପ୍ନରେ ମଧ୍ୟ ଏପରି ମନେ କରନ୍ତୁ ନାହିଁ । ଏପରି ମନେ କଲେ କେବଳ ଇଙ୍ଗରେଜ ସମ୍ବନ୍ଧରେ ଗୋଟାଏ ସନ୍ଦେହ ଓ ମିଥ୍ୟା ଅନୁକରଣ ହେବ, ଆତ୍ମପକ୍ଷ ଦୁର୍ବଳ ହୋଇଯିବ, ସମ୍ମିଳନ ହେବାର ଉପାୟ ଊଣା ହୋଇଯିବ ଏବଂ କେବଳ ଶତ୍ରୁ ବଢ଼ିବେ ।

## ସାପ୍ତାହିକସମ୍ବାଦ ।

କଟକର ସିଭିଲ ସର୍ଜନ ଡାକ୍ତର ଷ୍ଟିଭାର୍ଟ ସାହେବ ଏଥିରୁ ତାଙ୍କ ସ୍ଥାନରେ ପୁରୀ ସିଭିଲ ସର୍ଜନ ଡାକ୍ତର ବାବୁ ଏଠାରେ କାମ କରୁଅଛନ୍ତି । ଷ୍ଟିଭାର୍ଟ ସାହେବଙ୍କ ଛୁଟି ମଞ୍ଜୁର ହୋଇଅଛି ।

Digitized by srujanika@gmail.com

Split by PDF Splitter



ଅସ୍ମାନଙ୍କର କଲେଜର ଏମାସ ତା ୨୨ ଦିନରେ ଗ୍ରୀଷ୍ମ ଛୁଟି ହେବ ଓ ତା ୨୬ ଜୁନରୁ ପୁଣି ଖୋଲିବ, ଏଥିରେ ଅନେକ ଛାତ୍ର ଘରକୁ ଯାଇ ଛୁଟି ଉପଭୋଗ କରିବେ । ଏଠାରେ ରହିବା ବ୍ୟବସ୍ଥା ଉତ୍ତମ ଅଛି ।

ଏଠାର ଅସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ଭରତ ଦେବ କେରଣ୍ଡିପୁର ଯାଇଅଛନ୍ତି । ସେଠାରେ ସେ କଲେକ୍ଟର ଉକ୍ତ ପଥଅପମାନଙ୍କ ସଙ୍ଗେ ଓ କନୋଷ୍ଟେଟିଙ୍ଗ ପ୍ରଦେଶ ଘରେ ଓ ସେ ଅଞ୍ଚଳର ଟଙ୍କା ତଦନ୍ତ କରିବେ । ମଧ୍ୟ ବନ୍ଦୋବସ୍ତ କରିବେ । ଭଲ ହେବ ଯେବେ କଲେକ୍ଟର ବାର୍ଷିକରେ ଅନୁଭବୀ କୁଳବ୍ୟ ସେ କଣ ଅଧିକ ଶିକ୍ଷା ଦେବେ ।

ସ୍ୱସ୍ତ ବଡ଼ଚଢ଼ା ମୋକଦ୍ଦମା ରେ ମହାଜନର ଏଠାସ୍ଥ ବଡ଼ଲୋକଙ୍କ ଜଗୁରରେ ମହନ୍ତଙ୍କ ସ୍ୱପକ୍ଷ ଏବଂ ନିରନ୍ତର ପ୍ରଲୋଭନରେ ଲଜ୍ଜା ହୋଇଅଛି ଏବଂ ଏଥିରେ ସର୍ବସାଧାରଣ ସନ୍ତୁଷ୍ଟ ହୋଇଅଛନ୍ତି ।

## ବାଲେଶ୍ୱର-ଗେଜେଟ୍ ।

ବାଲେଶ୍ୱର ନର୍ମାଲସ୍କୁଲର ହେଡ଼ମାଷ୍ଟର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ବାଲେଶ୍ୱର ଜମିଦାରୀରେ ୧୮୬ ମାସିକ ଅଇତାନୁଯାୟୀ ଦକ୍ଷିଣ ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରସ୍ଥ ଡେପୁଟି ମାଜିଷ୍ଟ୍ରେଟ ବାବୁ ଗୋପାଳ ବୋଷ ଫୌଜଦାରୀ ଅଦାଲତର ଧା ୧୧୦ ପାଉ କଣ୍ଡରା ପ୍ରାପ୍ତ ହୋଇଅଛନ୍ତି ।

ଘାଟଗଡ଼ର ମୁନସଫ ବାବୁ ଗୋପାଳଚନ୍ଦ୍ର ବାନାର୍ଜୀ ଦ୍ୱିତୀୟଶ୍ରେଣୀର ମୁନସଫଙ୍କ ପଦର ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱର ଜିଲ୍ଲାସ୍କୁଲର ଦ୍ୱିତୀୟଶିକ୍ଷକ ବାବୁ ଗୌରୀଶଙ୍କର ସ୍କୁଲର ତୃତୀୟଶିକ୍ଷକପଦରେ ନିଯୁକ୍ତ ହୋଇଅଛନ୍ତି । ଉକ୍ତ ସ୍କୁଲର ସମ୍ପ୍ରତି ବାଲେଶ୍ୱର ଜିଲ୍ଲାସ୍କୁଲର ତୃତୀୟ ଶିକ୍ଷକ ବାବୁ ଚନ୍ଦ୍ରପ୍ରସାଦ ଦାସ ୨ୟ ଶିକ୍ଷକ କାର୍ଯ୍ୟ କରୁଅଛନ୍ତି ।

ଆଗାମୀ ମାଇ ମାସ ତା ୭ ଦିନରୁ ଏଠାରେ ଇଣ୍ଟରନ୍ୟାଲ ପରୀକ୍ଷା ଆରମ୍ଭ ହେବ ।

ପୋଲିସର ଅଡିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ପାଉଣ୍ଟନଙ୍କ କାର୍ଯ୍ୟ ଅସ୍ଥାୟୀ ଇନ୍‌ସପେକ୍ଟରଙ୍କ ଅଧୀନରେ ଅର୍ପିତ ହୋଇଅଛି ।

---

ହାଇକୋର୍ଟର ଜଜ ମାନ୍ୟବର ବାବୁ ରମେଶଚନ୍ଦ୍ର ମିତ୍ରଙ୍କ ସ୍ଥାନ ଗ୍ରହଣ କରିବା ନିମନ୍ତେ କଲିକତା ବାରର ମିଃ ଅମୀର ଅଲିଙ୍କୁ ଅନୁରୋଧ କରା ହୋଇଅଛି ।

ସେକ୍ରେଟେରି କଲିକତା ମେଡ଼ିକାଲ ସ୍ଥାନରେ ଏମ୍, ବି, ଚିକିତ୍ସାବିଦ୍ୟାର ପୋଷ୍ଟରେ କଲେଜ ପରୀକ୍ଷାର ସଭାଙ୍ଗ ମନୋନୀତ ହୋଇଅଛନ୍ତି ଏଲ୍, ଏ, ବି, ଏଲ ଓ ଏମ୍, ଏ, ନୂଆ ପୁନ ନିଯୁକ୍ତ ହୋଇଅଛନ୍ତି ।

ଶ୍ରୀ ସାକ୍ଷିର ସାଷ୍ଟାଙ୍ଗହରର ସୁଦକ୍ଷତାପେ ନିଯୁକ୍ତବାଦର ନବାବ କେଦେଶ୍ୱରୀଙ୍କ ମହୁଦାଲ୍ଲ ଅଧିକ କରିଅଛନ୍ତି । ନବାବ ସାହେବ ମଧ୍ୟ ବହୁମୂଲ୍ୟ ବୃହଦବସ୍ତ୍ର ହେବାର ଉଚିତ ।

ନଗୁବଦ୍ୟାଇପୁର ଲୁଣସ୍ଲର ବଡ଼ସାହେବଙ୍କ ମାନ୍ୟସ୍ଥ ଡାକ୍ତର ସୁରୁଭାଷ ବନ୍ଦ୍ୟୋପାଧ୍ୟାୟ ସହକାରୀ ଲୁଣସ୍ଲର ପଦରେ ମନୋନୀତ କରିଅଛନ୍ତି । ଦେଶୀୟ କେହି ଏପଦରେ ଏପର୍ଯ୍ୟନ୍ତ ନିଯୁକ୍ତ ହୋଇ ନ ଥିଲେ ଜଣେ ଦେଶୀୟଲୋକଙ୍କୁ ଏପଦରେ ନିଯୋଗ କରିବାରୁ ଲେଫଟେଣ୍ଟ ଗଭର୍ଣ୍ଣରଙ୍କ ମତ ଅବର୍ତ୍ତନ କରିଅଛନ୍ତି ।

ରାଜା ଦୁର୍ଗାଚରଣ ଲାହା ସ୍ୱଦେଶର ସଦୃଶ୍ୟ ସେହି ବାଗତ ଜଳ ପ୍ରତିଷ୍ଠା ହେବାର ଆୟୋଜନ ହୋଇଥିଲା ତାହାର ମୂଲ୍ୟ ସାତଲକ୍ଷ ଟଙ୍କା ହେବ । ଏ ଜଳର ଉଦ୍ୟୋଗରୁ ଦଶହ ଭାଗରର ଅମଦାନୀ କମିବାର ସମ୍ଭବ ଥିଲା । ବେଳପର ଦ୍ୱାରା ଜଳ ପ୍ରତିଷ୍ଠା ହେଲେ ଅଦ୍ଭୁତ ଉନ୍ନତ ହେବ । ଶିକ୍ଷିତ ଲୋକମାନେ କାଳସାପେକ୍ଷ ମନ ଦେଇ କହିଲେ ବାଣିଜ୍ୟର ଉନ୍ନତ ହେବ ଓ ବାଣିଜ୍ୟର ଉନ୍ନତ ହେଲେ ଦେଶର ସବୁ ହେବ, ବାକ୍ୟ ଅଛି, ବାଣିଜ୍ୟେ ବସତେ ଲକ୍ଷ୍ମୀଃ ।

ସଞ୍ଜୀବନୀ ଲେଖିଅଛନ୍ତି ସେ ଶାନ୍ତି ନାମକ ସମ୍ବାଦପତ୍ରର ସହକାରୀ ସମ୍ପାଦକ ବାବୁ ସୁଶୀଲଚନ୍ଦ୍ର ଘୋଷ ପୋଷ୍ଟଅଫିସଠାରୁ ନାମ ଜାଲ କରି ନୋଟ୍‌ସବାଲରୁ ଟଙ୍କା ଅଣାଇବା ଅପରାଧରେ ସେସନଜଜଙ୍କଦ୍ୱାରା ମା ୧୮ ସର କାରାଦଣ୍ଡ ପ୍ରାପ୍ତ ହୋଇଅଛନ୍ତି ବାପ-ଅନୁସାରେ ଫଳ ହୋଇଅଛି ।

ବାବୁ ପରେଶନାଥ ମିତ୍ର କଲକତ୍ତା ଓ ଅନୁଷ୍ଠାନ ନାମରେ ମାନହାନିର ମୋକଦ୍ଦମା ଅନୁଗ୍ରହ କରିଅଛନ୍ତି ଅଥଚ ପରେଶ ବାବୁଙ୍କ ନାମରେ ପ୍ରବଞ୍ଚନା ଅପରାଧରେ ଓରେଣ୍ଟ ବାହାରିଅଛି ଅତ ବାରବାର କାର୍ଯ୍ୟ କରି ଅପ୍ରିୟକାରକ ହେଉଅଛି ।

ବୋମ୍ବେର ଗଭର୍ଣ୍ଣର ଲର୍ଡ଼ ରେକ ସ୍ଥାନରେ ଲର୍ଡ଼ ହାରିସ ମନୋନୀତ ହୋଇ ଆସୁଅଛନ୍ତି ।

ବାପ୍ରେଜ ହ୍ୟୁସେ ସ୍ୱଧି ପାଶ୍ଚାତ୍ୟରଙ୍କ ପ୍ରକାଶିତ ମାନହାନି ପ୍ରବନ୍ଧର ଲେଖକ ଏଲେନ୍ ସାହେବଙ୍କ ନାମରେ କଲିକତା ପ୍ରଧାନ ପ୍ରେସିଡେନ୍ସି ମାଜିଷ୍ଟ୍ରେଟଙ୍କ ନିକଟରେ ନାଲିଶ କରିଅଛନ୍ତି । ମାଜିଷ୍ଟ୍ରେଟ ଏଲେନସାହେବଙ୍କ ଦଳବଳରେ ସମନ ଜାରି କରିଅଛନ୍ତି । ବାପ୍ରେଜ ହ୍ୟୁସେ ବାସ୍ତବକ ଜାଗେଡ଼ କଥା ।

## ଜୁଆଁପାଲ-ସମ୍ବାଦ ।

ଏ ଗସ୍ତ ମାସରର ଇଣ୍ଡିଆନ୍ଲର ବର୍ଷା ଅଜସ୍ର ଜଳ ଅନାଦ ହେଉଅଛି । ଗ୍ରୀଷ୍ମକାଳ ନିମନ୍ତେ ଜଳ । ସୁତରାଂ ଶ୍ରାବଣତ ଅସୁଖ ହେଉ ନାହିଁ । ଶିକ୍ଷକମାନେ ବେତନଭାଗୀଙ୍କୁ ଝୁଲର ବୃଦ୍ଧିଜାପଟ ବୃଦ୍ଧି କରିବ ନାହିଁ । ସେକ୍ରେଟେରି ମହାଶୟଙ୍କର ନିବେଦନ ହେବାର ଉଚିତ । ଏକଷସ୍ଥଳରେ ଇତଃପୂର୍ବରେ ଅନେକ କହିବାର ମାନସ ରହିଲା ।

ଗୋଟିଏ ଦେଶୀବନ୍ଧୁର ଦଠାରୁ ପାଗଳ ହୋଇ ଏଠାର ଜଣେ ଭଦ୍ରଲୋକର ପିଲାକୁ କାମୁଡ଼ି ଅବଶେଷରେ ହେଉକ ଉଦ୍ଧୃତ ଲୋକଙ୍କ ଠିକାରେ ଚଢ଼ି ବସି ଦେଲା । ଏହାପୂର୍ବେ ସେହି ପାଗଳ କୁକୁରର ସମ୍ବାଦ ଦେଇଥିଲୁଁ ସେ ମଧ୍ୟ ଉକ୍ତ ସ୍ଥାନକର ଶିକାରୀଙ୍କ ଶିକାରରେ ପ୍ରାଣ ହରାଇଅଛି ।

ବାବୁ କୃଷ୍ଣଚନ୍ଦ୍ର ଘୋଷ ଏଠାର ଶିଳ୍ପଙ୍କ ମନ୍ଦିର ସ୍ଥାପନ କରିଥିବାର ସମ୍ବାଦ ଏହାପୂର୍ବେ ଦେଇଅଛୁଁ । ବର୍ତ୍ତମାନ ଦେଖିଲୁଁ ବାବୁ ମହୋଦୟ ଉକ୍ତ ମନ୍ଦିରରେ କେତେକ ପୌରାଣିକ ଧର୍ମସମ୍ବନ୍ଧୀୟ ଚିତ୍ର ଅଙ୍କିତ କରାଇଅଛନ୍ତି । ଦୁଃଖବେଶସ୍ଥ ଚିତ୍ରମଧ୍ୟରେ ଶ୍ରୀକୃଷ୍ଣଙ୍କର ବସ୍ତ୍ରହରଣ ଦୃଶ୍ୟଟି ଅଛି ।

ଗତ ଶୋଫାଟିହେତୁ ଦଳବନ୍ଦି ହାଟରେ ପଡ଼ିବା ଅବସ୍ଥା ବଡ଼ ଦୁର୍ଲଭ ପଡ଼ିଅଛି ।

ଅତ୍ର ଗ୍ରାମର "ପ୍ରଧାନରୁ" ଏଣିକରେ ଆଗାମୀ ଅଗ୍ରହାୟଣରେ "ବନ୍ଧୁମଣ୍ଡଳ ଠାକୁର" ନାମକ ନାଟକ ଅଭିନୟ କରିବାର ସ୍ଥିର କରିଅଛନ୍ତି । ଉତ୍ତମ ।

ବାବୁ ଗୋପାଳଚନ୍ଦ୍ର ଘୋଷ ଅବସ୍ଥାନ ଦେଶ ବଡ଼ଦରାରୁ ଅନେକପ୍ରକାର ଚାରା ଫଳ ଓ ଫୁଲର ଗଛ ଆଣାଇ ଉଦ୍ଭିଦବୃନ୍ଦର ଓ ବୃକ୍ଷର ଉଦ୍ୟାନରେ ଶୋଭାବର୍ଦ୍ଧନ କରିଅଛନ୍ତି । ତନ୍ମଧ୍ୟରେ ଗୋଟିଏ ଲିଚୁଗଛ ଏଠା ବାସିନ୍ଦାମାନଙ୍କର କୌତୁକ ଓ ଆଶ୍ଚର୍ଯ୍ୟପ୍ରଦାନ କରୁଅଛି । ବାବୁ ମହୋଦୟଙ୍କର ଏ ସମସ୍ତ ବିଷୟରେ ପ୍ରଶଂସା ଯଶ ଅଛି ।

ଘସୁରଅଣ୍ଟ ଭାଗ ନାମକ ଏକପ୍ରକାର ରୋଗ ଧରି ଏଠାର ଜଣେ ଭଦ୍ରଲୋକର ଗୋଟି ଗାଈ ବୃଷଭମଧ୍ୟରେ ମରିଅଛନ୍ତି । ଇତ୍ୟବସରରେ ଅନ୍ୟ କାହାରି ଗୋରୁ ମରି ନାହିଁ ।

## କୋଦ-ସମ୍ବାଦ ।

ଏ ପ୍ରଦେଶର କୃଷକମାନେ ଗତମାସ ବର୍ଷାରେ ରବିଫସଲର କ୍ଷତି ହେବାର ଯେଉଁ ଆଶଙ୍କା କରୁଥିଲେ ତାହିଁରେ କ୍ଷତି ନୋହି ବରଂ ଶୀତକାଳରୁ ଉତ୍ପନ୍ନ ମାଣ୍ଡିଆ ପ୍ରଭୃତି ଫସଲମାନଙ୍କର ଉପକାର ହୋଇଅଛି ।

ବର୍ତ୍ତମାନ କୋଦୁଅ ନାମରେ ଗୋଟିଏ ନୂତନ ସ୍କୁଲ ଆଉ ଦାଷ୍ଟ ଏ ପ୍ରଦେଶରେ ହେଉଅଛି । ଏହାର ଅକ୍ଷୟ ମାଣ୍ଡିଆଠାରୁ ସାନ ହେବ । ଏହେ ଟି ଏ ବୃଷ୍ଟିମଧ୍ୟରେ ଗଣ୍ଡା ହୁଏ । ଏହାର ଅଳ୍ପ ସେତିମାନଙ୍କ ଦେଲେ ଅଦ୍ଭୁତ ମାଣ ହୁଏ । ଏଠାର ପାସ୍ତ ପାତୁଅଠାରୁ ମିଶ୍ର ଏବ ଚିତ୍ରକ ଅଣାଇଣ ପିତ୍ରକଠାରୁ ଭଲ ହୁଏ । ଲେଖି ଗୋଟିଏ କୃଷିକାର୍ଯ୍ୟ ଏଷ୍ଟ୍ୟର ଏପଦ ଭୂସ୍ୱପ୍ନ କରେ ଅମଳ କରୁଅଛନ୍ତି ଯେ ଗଛ ସୁମାସ ପର୍ଯ୍ୟନ୍ତ ଅଳ୍ପ ନ ମିଳିଲେ ସୁଦ୍ଧା ପରମ୍ପରେ ଚଳ ପାରିବେ ।

ଏ ଜଷ୍ଟାର କେତେକ ସ୍ଥାନରେ ସୁପ୍ରଚଳ ଲୁହସ୍ଥାର ଅଧ୍ୟାପଣ୍ଡ କର୍ମମାନ ଥିବାର ଏକ ଉଦ୍ୟାନର ଉତାହରଣ ନିକଟରେ ପ୍ରତ୍ୟକ୍ଷ ହୋଇଅଛି । ଘଣ୍ଟାଘଣ୍ଟା ପ୍ରବଣୀର ଅଭେଦଶିକ୍ଷ ମଦଭାରେ ଦମ୍ଭବାଦେବର ପ୍ରାତଃର ହେବାକୁ ଦେଖି ଲୋକମାନେ ସେ ଗ୍ରାମଲାଗୀ ଏକ ତେଲୁଣୀସଙ୍ଗେ ଦେଖା ଥିଲା ମନୁଷ୍ୟ ଭାବିଥିବାର ଭ୍ରମ ବଶରେ ଉକ୍ତ ତେଲୁଣୀକି ସେ ଗ୍ରାମରୁ ଏକବାର କରି ସଭଡ଼ି ଦେଇ ତାହାର ସର୍ବସ୍ୱ ଲୁଟି ନେଇଅଛନ୍ତି ମହାଜନୀ ବଗିଚାଥିଲାର ଅଛି ।

ଅନେକ ଅଟକଳେ ଏ ପ୍ରଦେଶରେ ପଡ଼ିଲେଖା ପ୍ରଭୃତିଠାରୁ ବନ ଅଠାର ପର୍ଯ୍ୟନ୍ତ ଏଠାର ବଣ୍ଟିକି ହୋଇ ଲୁଥାର ବୃଦ୍ଧି ହେଉଅଛି ଯେ ପ୍ରାତଃକାଳରେ ଲୋକେ ସୁତରୁ ବାହାର ହୋଇ ପାରୁ ନାହାନ୍ତି ସ୍ନାନ ସମସ୍ତ ଲୋକେ ଭାଗ ନେଇଅଛନ୍ତି ।

ପରମେଶ୍ୱରଙ୍କ ଅନୁକମ୍ପାରୁ କେନ୍ଦ୍ରଜନ ଏ ଦେଶୀୟ ପ୍ରାଣ ନଷ୍ଟ ହୁଅଇ ହେଉଅଛି ଲୋକମାନେ ସ୍ୱୟଂ ଗାଇବାପାଇଁ ଉପଭୋଗରେ ସମର୍ଥ ହେବାରୁ ଗତ ଅଳ୍ପ କାଳମାସ ଶେଷଠାରୁ ଉତିଭବରୁନ୍ଦ ପ୍ରକୃତି ସଂଗୃହୀତ ହୋଇଥିଲା ସେଥିରେ ସମ୍ପୂର୍ଣ୍ଣରୂପେ ନାଶ ହୋଇଥିବାରୁ ତଦେଶ ଅଲଙ୍କୃତ ଅବସ୍ଥ ଚଳୁଅଛି ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ—
ମହାଶୟ ସମୀପେଷୁ—

ମହାଶୟ !

ଅମ୍ଭର ଏହି କ୍ଷୁଦ୍ର ପତ୍ରିକାକୁ ଆପଣଙ୍କ ପତ୍ରିକାରେ ଅନୁଗ୍ରହପୂର୍ବକ ସ୍ଥାନ ଦାନ କରିବା ହେବେ ।

Digitized by srujanika@gmail.com

ଆମ୍ଭ ଗ୍ରାମ ମୁକୁନ୍ଦପୁର ସାମିଲ ଶଗଡଅସାହି ଗ୍ରାମସୀମାରେ ଗୋପଳାପୁକାଣୀ ଦେବାଳୟ ମନ୍ଦିରରେ ପ୍ରାୟ ଅନେକଦିନ ହେଲା ଜୁଆ-ଖେଳ ହେଉଅଛି। ଠାକୁର ମନ୍ଦିରଟି ନଷ୍ଟ ହେଲାଣି। ସହରର ଅନେକ ମୁସଲମାନ ଓ ଅନ୍ୟାନ୍ୟ ଜାତି ଆଉ ଦାଗି ବଦ୍‌ମାଏସ ଆସି ଜୁଆ ଖେଳୁଅଛନ୍ତି ଏହା କି ପୁଲିସର ଚକ୍ଷୁକୁ ଦୃଷ୍ୟ ହେଉ ନାହିଁ ଜଣାଯାଏ ଏଥିରେ କିଛି ଗୁପ୍ତକଥା ଅଛି ଏଗୁପ୍ତକଥାକୁ ଅସଲ୍ୟା ଦସ୍ତାରେ ପ୍ରକାଶ କରିବୁ। ପୁଲିସକୁ ଆମ୍ଭର ଏହି ଅନୁରୋଧ ଯେ ତହିଁକି ତଦନ୍ତ କରି ଉକ୍ତ ଖେଳକୁ ରହିତ କରିବା ପାଇଁ ଶୀଘ୍ର ପ୍ରସ୍ତୁତ ହେଉନ୍ତୁ।

୧୦।୧୨।୮୯ } ଶ୍ରୀ ଗିରଧାରୀ ଜାୟକ
କଟକ } । ସା । ମୁକୁନ୍ଦପୁର ।

---

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ପତ୍ରିକାସ୍ଥ କରି ବାଧିତ କରିବା ହେବେ।

ସରକାର ବାହାଦୁର ଆମ୍ଭମାନଙ୍କ ଉପକାରାର୍ଥେ ଦେଶର ନାନାସ୍ଥାନରେ (ଏପରି କି ସାମାନ୍ୟ ଗୋଟିଏ ଗ୍ରାମରେ ସୁଦ୍ଧା) ଦୁଇଏକ ଜଣ କର୍ମଚାରୀ ନିଯୁକ୍ତ କରିଅଛନ୍ତି। ସେମାନେ ଅପଣାର ଗୁରୁ ପ୍ରାପ୍ତ କାର୍ଯ୍ୟ ସମାଧା କରୁଥାନ୍ତି। ଏମାନଙ୍କର ଯେ ସବୁଥା ନମ୍ରୀ, ଭଦ୍ର, ସତ୍ୟ ଓ ସଦାଚାରୀ ହେବା କର୍ତ୍ତବ୍ୟ ସେଥିରେ ଅଳ୍ପ ସନ୍ଦେହ ନ ଅଛି। ଏହାର ଅନ୍ୟଥା ହେଲେ ସେମାନଙ୍କ ସ୍ଥାନୀୟଲୋକଙ୍କର କଷ୍ଟ ହୋଇ ପଡ଼ନ୍ତି ଏବଂ ତାହା ହେଲେ ନାନାପ୍ରକାର ଗୋଲମାଲ ଘଟିବାର ସମ୍ଭବ।

ଆମ୍ଭେ ଅତ୍ର ଗ୍ରାମର ସବ୍ ପୋଷ୍ଟମାଷ୍ଟରଙ୍କ ପ୍ରଶଂସା ନକରି ନ ଥାଉଁ। ମାଷ୍ଟର ମହୋଦୟ ଯେ ଜଣେ ସୁଶିକ୍ଷିତ ଉତ୍ତମ, ଭଦ୍ର ଓ ଧୀରପ୍ରକୃତିର ଲୋକ ତଦ୍ବିଷୟରେ ଲେଶ ମାତ୍ର ସନ୍ଦେହ ନାହିଁ। କେଥୋପକଥନଦ୍ୱାରା ଏହାଙ୍କଠାରୁ ପୋଷ୍ଟଅଫିସ ସମ୍ବନ୍ଧୀୟ ଅନେକାନେକ ବିଷୟ ଅବଗତ ହୋଇ ବୁଝିଲୁଁ ଯେ ଏହି ଅଫିସଟି ଜନସଃ ଉନ୍ନତିଅଭିମୁଖୀ ଉତ୍ତରୋତ୍ତର ହେଉଅଛି। ସେ କହନ୍ତି ଏହି ଅଫିସରେ ଏପ୍ରକାର ଅନେକ କାର୍ଯ୍ୟ ହୁଏ ଯାହା କି ଏହି ଅଫିସର ସମକକ୍ଷ ଅନେକ ଅଫିସରେ ଏପର୍ଯ୍ୟନ୍ତ ହେଉ ନାହିଁ। ସେ ଅଧିକ କହନ୍ତି ଯେ ଏହି ଅଫିସଟି ଗୋଟିଏ ବଡ଼ ଓ ଧନୀ-ପଲ୍ଲୀରେ ସ୍ଥାପିତ ଥିବାରୁ ଓ ଏହାର ଅଧୀନସ୍ଥ ମୋଫସଲସ୍ଥାନଙ୍କରେ ବହୁତ ଭଦ୍ର, ଶିକ୍ଷିତ ଓ ଧନୀଲୋକଙ୍କର ବାସଥିବାରୁ ଏହି ଅଫିସର ଦିନ ଦିନ ଉନ୍ନତି ଲଭୁଅଛି। ସେଥିନ୍ତ ଏହାଙ୍କ କଥାଟିରୁ ଅନେକ ସହିତ ଅବଗତ ହେଲୁଁ ଯେ ଏହି ଅଫିସରେ ଟେଲିଗ୍ରାଫର କାର୍ଯ୍ୟ ଦିନ ଦିନ ବୃଦ୍ଧି ହେଉଅଛି। ସେ କହନ୍ତି ଯଦି ଏହି ଅଫିସଟି କଟକ କେନ୍ଦ୍ରପଡ଼ା ତାରଡ଼ାକ କଇନଦ୍ୱାରା ସଂଯୁକ୍ତ ହୋଇ ଗୋଟିଏ ଟେଲିଗ୍ରାଫ ଅଫିସରୂପରେ ପରିଣତ ହୁଅନ୍ତା ତାହା ହେଲେ ଲୋକେ ଅଧିକ ଅର୍ଥବ୍ୟୟରେ ଉକ୍ତ କାର୍ଯ୍ୟ କରନ୍ତେ ଓ ଦୁଇଗୁଣ ସରକାରଙ୍କର ଲାଭ ହୁଅନ୍ତା ନାହିଁ। ଟେଣୁ କର୍ତ୍ତୃପକ୍ଷୀୟମାନଙ୍କୁ ଆମ୍ଭର ସବିନୟ ପ୍ରାର୍ଥନା ଏହି କି ଯେ ସେମାନେ ଏହି ଅଫିସର କାର୍ଯ୍ୟାବଳୀ ଅନୁସନ୍ଧାନ କରି ଶୀଘ୍ର ଏଠାରେ ଗୋଟିଏ ଟେଲିଗ୍ରାଫ ଅଫିସ ଖୋଲନ୍ତୁ। ତଦ୍ଦ୍ୱାରା ଗବର୍ଣ୍ଣମେଣ୍ଟର ଓ ଲାଭ ହେବ ଏବଂ ଆମ୍ଭମାନଙ୍କର ମଧ୍ୟ ଅନେକ ସୁବିଧା ହେବ। ଆଶା କରୁଁ କର୍ତ୍ତୃପକ୍ଷମାନେ ଏହାର ଶୀଘ୍ର ସୁବନ୍ଦୋବସ୍ତ କରିବେ। ବାସ୍ତବିକ ମୋଫସଲମାନଙ୍କରେ ଏପର୍ଯ୍ୟନ୍ତ ତାରଡ଼ାକ ଫିଟି ନ ଥିବାରୁ ଲୋକେ ତହିଁର ମର୍ମ ସମ୍ୟକରୂପେ ଅବଗତ ହୋଇପାରୁ ନାହାନ୍ତି। ଇତି।

ଭୁଇଁପାଳ } ଜଣମନ
୧୭।୧୨।୮୯ } ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ
ଭୁଇଁପାଳ

---

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ଶେଖ ହେଦାଏତ୍ ଉଲ୍ଲା | ଅଗ୍ରିମ ଟ | ୩୧ |
| ବାବୁ ଗୋପାଳପ୍ରସାଦ ଭଞ୍ଜ ହେଡ଼ମାଷ୍ଟର | " ଟ | ୧୩ |
| " କଲୁଣିଷାହି | " ଟ | ୧୧ |
| " ପଦ୍ମନାଭ ଦାସ ଡାକ୍ତର ଜଗତ୍ସିଂହ | ଟ | ୨୧ |
| | ଅଗ୍ରିମ ଟ | ୩୧ |
| " ଶ୍ରୀଧର ପଟ୍ଟନାୟକ ସବ୍‌ଇନ୍ସ୍‌ପେକ୍ଟର | " ଟ | ୧୧ |
| " ଲକ୍ଷ୍ମୀନାରାୟଣ ଗୋପାଳଗର୍ଭମଠପୁର | " ଟ | ୩୧ |
| " ଚକ୍ରମଣି ପଟ୍ଟନାୟକ | " ଟ | ୩୧ |
| " ବ୍ରଜମଣି ତ୍ରିପାଠୀ ଜଗନ୍ନାଥ ସଦନ ଜଗତ୍ସିଂହ | ଟ | ୧୧ |

---

# ବିଜ୍ଞାପନ।

ସର୍ବସାଧାରଣଙ୍କୁ ଜଣାଉଁ ଅଛୁଁ କି ଆମ୍ଭମାନଙ୍କ ଶ୍ରୀଯୁକ୍ତ ହରିଚରଣ ବାନର୍ଜୀ ଓ ବୃନ୍ଦାବନ ସେନାପତିଙ୍କ ନାମ ସାମିଲରେ। ପ୍ର। ଦଧିବାମନପୁର। ସା। କୁଲଡ଼ଜଙ୍ଗା। ଦା। ସହର କଟକ ଚୌଧୁରୀବଜାର ଲବାନୀ ଅର୍ଦ୍ଧକପାଣି ଜମା ଉ ଅମ୍ଭର ନାମରେ ମାଲିମଦ୍ଦନା ଓ ବାରବାର ମାତ୍ର ମାତାଜମା ଦେଣା ପାଉଣା ବିଷୟ ଅନୁକୂଳ କ୍ରମେ ବିଷୟ ର କେବଳ ନାମ ଖାରିଜ ଲେଖିଦେଇଥିବାରୁ ଅର୍ଦ୍ଧକପାଣି ଅମ୍ଭର ଅଛପାଏ ଯାହା କରୁଥିଲ ତାହା ଅମ୍ଭେ ବିଶ୍ୱାସରେ ମଞ୍ଜୁର କରୁଥିଲୁଁ। ଏବେ ଉକ୍ତ ପାଣି ଅମ୍ଭର ଟଙ୍କା ଅବଶ୍ୟକ ଘଟିବାରୁ ଅମ୍ଭଠାରୁ ଏକହଜାର ଟଙ୍କାର ଅଲଙ୍କାର ନେଇ ମହାଜନଙ୍କରେ ବନ୍ଧକ ଦେଇ ସକୁର-ଟଙ୍କା ଆଣି ଅମ୍ଭକୁ ଦେଇଥିଲ। ଅମ୍ଭଠାରୁ ଟଙ୍କା ସୁଝିବାକୁ ନେଇ ସେ ଜଣଙ୍କୁ ନ ଦେଇ ଅମ୍ଭ-ଅଳଙ୍କାର ଆଣି ନ ଦେବାରୁ ଏବଂ ଆଉ ଅନେକ ବିଷୟର ଅମ୍ଭଠାରେ ଦଗାବାଜି କରିବାରୁ ଅମ୍ଭେ ଅଦ୍ୟଠାରୁ ତାକୁ ଉକ୍ତ କେଉଁଷ୍ଟା ଦଉ ଦଖ ଲମଭାବାଶୀରୁ ବରଖାସ୍ତ କରୁ ଜଣାଉଁ ଅଛୁଁ ଯେ ଅଦ୍ୟଠାରୁ ନକ୍ତପାଣି ଅମ୍ଭର କୌଣସି କାର୍ଯ୍ୟ କାରଣରେ ଭମ୍ଭା ଯୋଗ୍ୟ ପାଇବ ନାହିଁ ଏବଂ ଚଳାଇଲେ ଅମ୍ଭର ତାହା ମଞ୍ଜୁର ହେବ ନାହିଁ

ପ୍ରକାଶଥାଉକ ନକ୍ତପାଣିଠାରେ ଅମ୍ଭର କେ. ଉକ ଦଲିଲଦସ୍ତାବିଜ ଏବଂ ଅମ୍ଭର ହସ୍ତ-ମୁଦ୍ରା ଦସ୍ତଖତ ଅଲେଖା ସାଦାକାଗଜ ଅଟକରୀ ଅଛି ଯେ ତାହା ଦେଉ ନାହିଁ।

ବଶମ୍ବଦା ଦାସୀ,
। ନା । ଶ୍ରୀ ଜଗନ୍ନାଥ ପ୍ରସାଦ ମୁଖୁର୍ଯ୍ୟା
କାରିଷ୍ଠବେଦ ଛ।

---

ସର୍ବସାଧାରଣଙ୍କୁ ଜଣାଉଁ ଅଛୁଁ ଯେ ଆମ୍ଭମାନଙ୍କ କାରଖାନାରେ ନିମ୍ନଲିଖିତ ଜିନିଷମାନ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି, ଯାହାର କିଣିବାକୁ ଅବଶ୍ୟକ ହେବ ସେ ସେହିପଦାର୍ଥ ସବୁ ଦେଖି ମୂଲ୍ୟକରି ନେଇ ପାରିବ। ଇତି।

ଜଫଶୀଲ।

ଠିଅଶାଳର ଫୁ ୬।୭ ଫୁଟ ଅଲମାରି ଶିଶୁ ଓ ପିଅଶାଳର ପଲଙ୍କ ଏବଂ ମେଜ ଓ ଚୁପାଇ ମେଜ।

ଅବନ ହେଷ ଓ କଡ଼ହେଷ।

ଶ ଦପ୍ତରିଶ୍ୱର ଦତ୍ତ।

---



ନାନାପ୍ରକାର ଷ୍ଟେଟ ବଡ଼ ଘଣ୍ଟାଘଡ଼ି

Digitized by srujanika@gmail.com

ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ-ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

କଟକ }
୧୬।୧୧।୮୯ } ଶ୍ରୀ ଗୌରୀଶଙ୍କର ରାୟ

## ବିଜ୍ଞାପନ ।

### ପ୍ରମେହାନ୍ତକ କଷାୟ ।

ଏହି ଔଷଧ ସେବନରେ ସକଳ ପ୍ରକାର ପ୍ରମେହ ରୋଗ ଏକ ସପ୍ତାହ ମଧ୍ୟରେ ଏକାବେଳକେ ଆରୋଗ୍ୟ ହୁଏ । ପ୍ରସ୍ରାବ କଲାବେଳେ ଯନ୍ତ୍ରଣା ଥିବୁ ପଡ଼ିବା ରକ୍ତ ପ୍ରସ୍ରାବ ଶର୍କରାଯୁକ୍ତ ପଉ ପ୍ରସ୍ରାବ, ଟୋପା ଟୋପା ପ୍ରସ୍ରାବ ମୂତ୍ରଦ୍ୱାର ଫୁଲିବା ଓ ଦୁର୍ବଳାଦି ଏକାବେଳକେ ଆରୋଗ୍ୟ ହୁଏ ।

ଏକଶିଶିର ମୂଲ୍ୟ ଟ୧॥୦ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

---

### ଶ୍ଳେଷ୍ମନାଶକ ଚୂର୍ଣ୍ଣ ।

ଏହି ଚୂର୍ଣ୍ଣକୁ କୌଣସି ଶ୍ଳେଷ୍ମଯୁକ୍ତ ସ୍ଥାନରେ ଲଗାଇ ଦେଲ ମାତ୍ରକେ ଅଳ୍ପକ୍ଷଣରୁ ବିନା ଯନ୍ତ୍ରଣାରେ ଶ୍ଳେଷ୍ମମାନ ସେ ସ୍ଥାନରୁ ଛାଡ଼ିଯିବ । ଏହି ଚୂର୍ଣ୍ଣଦ୍ୱାରା ଦାଢ଼ି, ଗୋଫ, ଦେହରୁ ପ୍ରଭୃତି ସ୍ଥାନରୁ ଶ୍ଳେଷ୍ମ ଉଠାଇଦେବା ଅତି ସହଜ ଅଟେ ।

ଏକଶିଶିର ମୂଲ୍ୟ ଟ ୦ ୫ ପ୍ୟାକିଂ ଟ ୦ ୵
ଡାକମାସୁଲ ଟ ୦ ।

ଏହା ଛଡ଼ା ସକଳ ପ୍ରକାର ରୋଗର ଔଷଧ ଅଛି । ବିଦେଶରୁ ରୋଗର ଅବସ୍ଥା ସମସ୍ତ ଲେଖି ପଠାଇଲେ ଉକ୍ତ ଉପଯୋଗୀ ବ୍ୟବସ୍ଥା ଦିଆଯାଏ ।

ଡାକ୍ତର ଶ୍ରୀ ଅଧରନାଥ ଶର୍ମ୍ମା
ନଂ ୬୮ ନମ୍ବର ହରଘୋଷର ଷ୍ଟ୍ରିଟ, ସିମଲିଆ
କଲିକତା ।

## ଦ୍ୱିଭାଷୀ ।

### ( ନୂତନ ପୁସ୍ତକ )

ମାଇନର ବର୍ଣ୍ଣାକ୍ୟୁଲର ସ୍କୁଲ ଓ ଏଣ୍ଟ୍ରେନ୍ସ ସ୍କୁଲର ଅଧିକାଂଶ ଶ୍ରେଣୀର ଛାତ୍ରମାନଙ୍କର ଇଂରାଜୀଶିକ୍ଷାପକ୍ଷରେ ଏହି ପୁସ୍ତକ ଅତ୍ୟନ୍ତ ଉପଯୋଗୀ । ଏଥିରେ ପ୍ରାୟ ଦୁଇସହସ୍ର ଆବଶ୍ୟକୀୟ ଓ ନାନାବିଷୟକ ଓଡ଼ିଆଶବ୍ଦର ଇଂରାଜୀ ଅନୁବାଦ, ପ୍ରତ୍ୟେକ ଇଂରାଜୀଶବ୍ଦର ଉଚ୍ଚାରଣ ଓ ପ୍ରତ୍ୟେକ ପୃଷ୍ଠାରେ ଗୋଟିଏ-ଲେଖାଏଁ ଇଂରାଜୀ ହିତୋପଦେଶ ଓ ତାହାର ଓଡ଼ିଆ ଅନୁବାଦ ଅଛି । ମୂଲ୍ୟ ଟ ୦ । ଅଣା କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

ଆୟୁର୍ବେଦୋକ୍ତ
ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

### ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକୋମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ-ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

### ବଡ଼ଲୋକ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରି ଓ କବିରାଜି ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, ବିଲାତି, କାମିଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅଦ୍ଭୁତ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଏ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହେବ ତହିଁର କ୍ରୀତ ଦର ଉପରେ କଣି ପଠାଇବାର ପରିଶ୍ରମ ଇମନ୍ତେ ଶତକରା ୫ ୬ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗି ପୁରୁଷ କି ସ୍ତ୍ରୀ, ରୋଗିର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବେ ଏତେ ମାତ୍ର କହିପାରୁଁ କି ଅମୂଳକାଷ୍ଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଲଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି ଚଲାଣ୍ଡି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ।

ଶ୍ଳେଷ୍ମନାଶକ ଚୂର୍ଣ୍ଣ—ଏକଡ଼ିବାର ଟ ୦।୫ ଡାକମାସୁଲ ଟ ୦। ଏକଶହରେ ଶ୍ଳେଷ୍ମାଭିବାର ନେଲେ ଡାକମାସୁଲ ଟ ୦। ଖଣ୍ଡେ। ଏ ଚୂର୍ଣ୍ଣକୁ ଶ୍ଳେଷ୍ମଯୁକ୍ତ ସ୍ଥାନମାନଙ୍କରେ ଲଗାଇଲେ ଶ୍ଳେଷ୍ମମାନ ଛୁଟିଯିବ ଅଧଘଣ୍ଟାକ ମଧ୍ୟରେ।

ଦଦ୍ରୁନାଶକ ମଲମ—ଏକଡିବାର ଟ ୦।୰ ଡାକମାସୁଲ ଭିପିଲେଖ୍ଲିଭମତେ ଅଟେ ଏ ମଲମ ଲଗାଇଲେ ଉଇଁଶୁଖିଥିବ ସମସ୍ତ ଦାଦୁ ଭଲହୁଅଇ ଏଥିରେ ଜ୍ୱାଳା ଓ ଫୋଟକାହୁଏ ନାହିଁ। ଭେଲୁପେବଲରେ ପଠାଯିବ ନାହିଁ।

ବରସାବଜାର } ଶ୍ରୀଫକୀରତ୍ରିପାଠୀ କବିରାଜ।
କଟକ }

# ମେହରୋଗ।

ସପ୍ତାହମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ। ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ରୋଗିଣୀୟବାର କ୍ଷତର ନୂତନ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରୁନହେବ।

ଏହି ଔଷଧ ଯଥାବିଧରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଭଳ କ୍ଷୁଦ୍ର ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଷ୍ଚୟ ଜନ୍ମପର୍ଯ୍ୟନ୍ତ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଶାସ୍ତ୍ରର ବ୍ୟବସ୍ଥିରେ ପରୀକ୍ଷିତ ନ ହେଲେ ଅଭ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଦ୍ଭୁତଗ୍ରେଷ୍ଟାର ନମ୍ବର ଦକାନରେ ଶ୍ରୀ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ବରସାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି। ମୂଲ୍ୟ ଏକଶିଶିକୁ ଟ୨୷ ଙ୍କା। ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍।

# ବାଲିକାଗଜ।

ଉଲଣ୍ଡିଶିତ ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପଣି ଦାମ | ଟ ୧୷ ଟ ୨୷ | ଟ ୧୷ ଟ ୦।୰ |
| ୧୮ ପଣି | ,, ଟ ୨୷ | ,, ଟ ୦।୰ |
| ୧୨ ପଣି | ,, ଟ ୨। | ,, ଟ ୦।୰ |
| ୨୨ ପଣି ଡବଲଫୁଲସ୍କେପ୍ | ,, ଟ ୪। | ,, ଟ ୦।୷ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତଦରକୋଣା ଓ ବଲଟା ଓ ରେଶମୀଓରେଲ ଲୁଗା ଓ ଷ୍ଟେସନରୀ ଓ କଲିକତା ଭରମାଣ ସରବରାହ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଉ ଅଛୁ। ଉଦ୍ଦେଶ୍ୟ ଅଛି ଜେନେକ ଫେସ୍‌ନ ଜନସାଧାରଣଙ୍କ ବିକ୍ରୟ ସକାଶେ ପ୍ରସ୍ତୁତ ଅଛୁ ତାହା ନିମ୍ନ ଲାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାଇବେ। ଏତଦ୍ଭିନ୍ନ ଅମ୍ଭେମାନେ ହିଲେଟ ଶୀତ ନିକଟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ। କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ। ଖଦ ଉକ୍ତ ଶୀତମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଜଣା ଯିବାନ୍ତି ରେଟେ ଏକ ଷ୍ଟାମ୍ପରୁ ଟି କଣ ଟ୦।୷ ହିସାବରେ ଭଡ଼ା ଦେଲେ ପାଇ ପାରିବେ। ମାତ୍ର ତାହାର ଶଢ ଖସ୍ତାଭିତର ଭୟ ତାଙ୍କ ଉପରେ ଥିବ। ଶଢ ହେଲେ ଶୀତର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ।

ଫର୍ଦ୍ଦ।

ଲଣ୍ଡନ କେଟଲା ଓ ଉତ୍ତରେ ଥିବ ନେଟଲ କ୍ଲେନ।
ଟପେଡଶାର
ବେଲ୍ଭେଟ୍ ତେଲ ଛତା ଚେନ ସୀସା ଓ ତୋଳ ସହିତ।
ସ୍ୱର୍ଣ୍ଣ ଅର୍ଥାତ୍ ସୋନା କଠିନ ଭାରତ ପେନ୍‌ସିଲ ଓ କଲମ।
ଫେଣ୍ଟ୍‌ସିଲ ବାଇବା ଖଣ୍ଡ।
ନାନା ପ୍ରକାରର ପଠନ ଜାତୀୟ ଓ ଇଂରାଜୀ ପୁସ୍ତକ ଲେଖା।
ଚେକ ବହି।
ନକ୍ସା ପୁସ୍ତକ।
ନାନାପ୍ରକାର ଛବି ଓ ଭୂଗୋଳ ଚିତ୍ର ଫ୍ରେମ।
ଅଣ୍ଡାକାର ରେଳ—ଅର୍ଥାତ୍ ସୁନ୍ଦର ଦ୍ରବ୍ୟ।
ଡବଲ ବୁକ।
ଓଏସରି ବୁଟ ଛତା।
କଟନ ଅର୍ଦ୍ଧ।
ଟୋପେସ୍ୱାଲଟ।
ଜାନ ଶିକ୍ଷା ଓ ବନ୍ଦ ଭୂଷଣ ଓ ଖାତା ସହିତ।
ଲଙ୍ଗ ଗ୍ରଭସାଲୁକ କାଗଜର ଲୁଗା।
ନେକଟାଇ ଅଟୋଗ୍ରାଫ ଚେନ ଭିଜିଟିଂ କାର୍ଡ।
ଏ, କୋମଳ ଗନ୍ଧଦ୍ରବ୍ୟ ସାମଗ୍ରୀ ଓ ବରୁଦା।
ବସଣା ଅବଲୋକ ସଜାଇ ରାଖିଵା।
ଅଷ୍ଟକୋଣ ପେନ୍‌ସିଲ ଓ ଏ ଲେଡ୍‌ପେନ୍‌ସିଲ ରଙ୍ଗ କଲମ ଆଦି ମଡେଲ ଓ ପେନ୍‌ସିଲ ଲେଖା ଓ ସବୁ ଦେଶୀ ରକମ ରେଲୋନିକ ଓ ଜଳ ଓ ଇଙ୍କ।
ପୋର୍ଟମ୍ୟାଣ୍ଟ ଓ ବିଲଡ଼ ନେଷ୍ଟଛାଟ ଓ ଡବଲ ଭଲେ ଘରେ।
ପାଟୁଆ ଖାଣ ଖାଟ ଅର୍ଥାତ୍ ଲେଡ଼ିକୋଲେଜେ ଶତ ଓ ଶୁଖିଲେ ଛତା।
ଅଲବାମ ଭରା
୧୨ x ୧୦ ଇଞ୍ଚ
୧୮ x ୧୨ ଇଞ୍ଚ
୧୫ x ୧୪ ,,
ମୋଜା ଓ ଗୋଞ୍ଜାପତ୍ର
ଦସ୍ତାନ ଏବଂ ବନାତଗୁଣ
ଚେଷ୍ଟ୍‌ଫାଇନ ଛତା ଓ ଟଙ୍କା
ଇଭେନ୍ସିରେଡ।
ଲଭ ଓ ଗାଉନଉପେନିଂ ଛତା
କର୍ପିନ ଟେଲରେ ଲାଇ ଭଣ୍ଡାରୀ ଖାଲ ମସଲାମ
ବେଲ ବୁ. ପେନ୍‌ସିଲ ଜନ୍ତୁମାରା ଗାର୍ଡ ଓ ଛୋଟ ଓ ବଡ଼
ନଇଆଭାଙ୍କା ଓ ଶିତଳ ପାଟ ଖାଉଣ୍ଟରୋଭ ଓ ଶାଳୀ।
ପ୍ରିଣ୍ଟଂ କାଗଜ
ଏଣେମୋଲ ଅଥବା ଲାଖ ଛିଟ ଛାପାର ଅକ୍ଷର ବଗଳ ଲାଲ ଓ ବଟ୍ଟା ଓ ଟଙ୍କାରୁ ଓ ଉତ୍ତମ ପ୍ରକାର ଛବି।

# ପିତଛାର।

ଏ ଭାବକୁ କେଶଫଣି ପାଖରେ ଲଗାଇଲେ ଦୁଇ ତିନି ଦିନରେ ଭଲ ହୋଇଯାଏ କୋଠାଘରର ଫାଟକରେ ଦେଲେ ପାଣିଗଳା ବନ୍ଦ ହେବ, ଘରର ମଟି ଅଲେ ଲେପିଦେଲେ ମଜ୍ଜବୁତ ହେବ ଓ ଜଳ ଖରଚ ନାହିଁ।

ଦରିଦ୍ର ଚନ୍ଦ୍ର ଓ ଖାଇରେ ଲଗାଇବାକୁ ଭାବ ମଧ୍ୟ ଅଛି।

ଅଭିରଚନ୍ଦ୍ର ଦାସ କମ୍ପାନି।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ଉଲଣ୍ଡିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା।—

ପ୍ରଥମଥର ଲାଇନ

| | |
|---|---|
| ଖଣ୍ଡପ୍ରତି | ଟ ୦।୷ |
| ଅନୁକ୍ରମରୁ | ଟ ୷ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ସାନ ହେଲେ ହେଁ ତାହାର ଖର୍ଚ୍ଚ ଟ ୦।୰ ରୁ ଉଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ପଞ୍ଚମରେ ହେବ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା ଖବର କଟକ ଉତ୍କଳଯନ୍ତ୍ରାଳୟରେ ଶ୍ରୀଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


| | | |
|---|---|---|
| ଖଣ୍ଡ ୨୪ ଶ<br>ସଂ ୫୦ ସଂଖ୍ୟା | ତା ୨୮ ଏଣ ମାହେ ଡିସେମ୍ବର ସନ ୧୮୮୯ ଇଂରେଜୀ ମୁ । ପୌଷ ଓ ୧୪ ନ ଏକ ୧୨୯୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲<br>ପଶ୍ଚାଦ୍ଦେୟ ଟ ୪୲ |


ମାନ୍ଦ୍ରାଜର ଗବର୍ଣ୍ଣର ମୋଫସଲ ଗସ୍ତରେ ବାହାରି ଗତ ଡିସେମ୍ବର ତା ୨୧ ରିଖରେ କୋକନଦାଠାରେ ଉପସ୍ଥିତ ହୋଇଥିଲେ । ସେଠା ମିଉନିସିପାଲ କମିଶନରଙ୍କ ଅଭିନନ୍ଦନପତ୍ରର ଉତ୍ତରରେ ସେ କହିଅଛନ୍ତି କି ପୂର୍ବଉପକୂଳ ରେଲବାଟର ଜରିପ କାର୍ଯ୍ୟ ଆରମ୍ଭ ହୋଇଅଛି ଏବଂ ଅଳ୍ପବର୍ଷ ମଧ୍ୟରେ ସେ ବାଟ ପ୍ରସ୍ତୁତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ।

---

ମାନନୀୟ ବାରିଷ୍ଟର ରମେଶଚନ୍ଦ୍ର ମିତ୍ରଙ୍କ ପଦରେ ବାରିଷ୍ଟର ଅମିର ଅଲି ସାହେବ କଲିକତା ହାଇକୋର୍ଟର ଜଜ ନିଯୁକ୍ତ ହୋଇଅଛନ୍ତି । ଖ୍ରୀଷ୍ଟମାସ ଛୁଟିରୁ କଚେରୀ ଫିଟିଲେ ଏ ମହାଶୟ ବିଚାରାସନରେ ବସିବେ । ଅମିର ଅଲିଙ୍କ ନିଯୋଗରେ ସମସ୍ତେ ଏକମତରେ ଆନନ୍ଦିତ ହୋଇଅଛନ୍ତି । ବାସ୍ତବରେ ଯୋଗ୍ୟ ଲୋକର ଉନ୍ନତିରେ କାହାର ମନ ଆନନ୍ଦିତ ନ ହେବ ।

---

ଲୁସାଇ ଯୁଦ୍ଧ ଆରମ୍ଭ ହୋଇଅଛି । ଏକଦଳ ସେନା ଚଟ୍ଟଗ୍ରାମଠାରୁ ବ୍ରହ୍ମଦେଶଆଡ଼କୁ ଏବଂ ଅପର ଦଳ ବ୍ରହ୍ମଦେଶରୁ ଚଟ୍ଟଗ୍ରାମଆଡ଼କୁ ଯିବାର କଥା ଥିଲା । ଚଟ୍ଟଗ୍ରାମସୀମାର ସେନା ଅଗ୍ରସର ହୋଇ ନାହାନ୍ତି ମାତ୍ର ବ୍ରହ୍ମଦେଶର ସେନା ଏଥିମଧ୍ୟରେ ଯାତ୍ରା କରି ଗୋଟିଏ ଛୋଟ ଯୁଦ୍ଧରେ ଜୟଯୁକ୍ତ କରି ଅଛନ୍ତି । ଦୁଇ ଦଳର ସେନା ଏକତ୍ରିତ ହେଲେ ଭାରତବର୍ଷରୁ ବ୍ରହ୍ମଦେଶକୁ ସ୍ଥଳପଥ ଫିଟିଯିବ । ଏହିତ ଏ ଯୁଦ୍ଧର ଉଦ୍ଦେଶ୍ୟ ଅଟଇ ।

---

ଅସ୍ମମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗତ ବୃଷ୍ଟିହେତୁ ସେ ଅଞ୍ଚଳରେ ପରିବା କଷ୍ଟ ବିଶେଷ ହୋଇଅଛି ଏବଂ କାଳକା କାଷ୍ଠ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଅଛି । ଜ୍ୱରରୋଗରେ ପ୍ରାୟ ସମସ୍ତେ ଅସ୍ଥିର ଏବଂ ମୃତ୍ୟୁ ମଧ୍ୟ ଅନେକ ଘଟୁଅଛି । କେବଳ ଓଲାଉଠା ନିବର୍ତ୍ତି ଅଛି । ମୋଟଚାଉଳ ଟଙ୍କାକୁ ସେ ୧୬ ର ଓ ସରୁ ଚାଉଳ ସେ ୧୪ ର ହୋଇ ଅଛି । ଯେପରିମାଣ ଫସଲ ନଷ୍ଟ ହୋଇଅଛି ତହିଁରୁ ଅନୁମାନ ହୁଅଇ ଏ ବର୍ଷ ଶସ୍ତା କଷ୍ଟ ନାହିଁ ।

---

ପୁରୀ ବଡ଼ଛତାମୋକଦ୍ଦମା ନିଷ୍ପତ୍ତି ହୋଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ମହନ୍ତ ଭୂମିଦଖଲ ଓ ଖେସାରତ ଟ ୨୧ କା ଏବଂ ମୋକଦ୍ଦମାଖର୍ଚ୍ଚାର ଡିକ୍ରୀ ପାଇଅଛନ୍ତି । ପୁରୀ ମିଉନିସିପାଲିଟୀ ପରିଶିଷ୍ଟରେ ପଡ଼ି ଯେପରି କାର୍ଯ୍ୟ କରିଥିଲେ ତହିଁର ଫଳ ପାଇଲେ । ପ୍ରଥମରୁ ସ୍ୱାଧୀନଭାବରେ ଚଳିଥିଲେ ଏ ଅପମାନ ସହ୍ୟ କରି ନ ଥାନ୍ତେ ଏବଂ ଟାକ୍ସଦାତାଙ୍କ ଟଙ୍କା ଅନର୍ଥକ ବ୍ୟୟ ହୋଇ ନ ଥାନ୍ତା । ଆମ୍ଭେମାନେ ଆଶା କରୁଁ କି ମିଉନିସିପାଲ କମିଶନରମାନେ ଏଥିରୁ ଉଚିତଶିକ୍ଷା ଲାଭକରି ସାଧାରଣ ଟଙ୍କା ପ୍ରତି ଯଥୋଚିତ ଆସ୍ଥା ଦେଖାଇବେ ।

---

ଗତ ସୋମବାରଠାରୁ ତିନଦିନ ପର୍ଯ୍ୟନ୍ତ ଏଠାରେ ଯେଉଁ ମେଘୁଆପାଗ ହୋଇଥିଲା ତାହା ମାନ୍ଦ୍ରାଜ ଉପକୂଳରେ ଘଟିଥିବା ଗୋଟିଏ ଝଡ଼ର ସାମାନ୍ୟ ଅଂଶ ଅଟଇ । ଏହି ଝଡ଼ିରେ ମାନ୍ଦ୍ରାଜ ଚେଙ୍ଗାପଟ୍ଟନ, ତ୍ରିଚନାପଲି, ସାଲେମ ଇତ୍ୟାଦି ଅନେକ ଜିଲ୍ଲାରେ ଦ ୩ ନରେ ପାଞ୍ଚଇଞ୍ଚଠାରୁ ଆଠଇଞ୍ଚ ପର୍ଯ୍ୟନ୍ତ ବୃଷ୍ଟି ହୋଇଅଛି ଏବଂ ଭରସା ହୁଅଇ ମାନ୍ଦ୍ରାଜ ଅଞ୍ଚଳର ଯେ ସମସ୍ତ ସ୍ଥାନରେ ଜଳ ବିନା କ୍ଷେତ ମରିଯାଉଥିଲା ସେ ସବୁ ସ୍ଥାନର ବିଶେଷ ଉପକାର ହୋଇଥିବ । ଏ ନଗରରେ କେବଳ ଛିଟାପାଣି ହୋଇଥିଲା ମୋଫସଲରେ କୌଣସି ସ୍ଥାନରେ ବୃଷ୍ଟି ହେବାର ସମ୍ବାଦ ଆସି ନାହିଁ । ଏ ସମୟରେ ବୃଷ୍ଟି ହେଲେ ଆମ୍ବ ଫସଲର ବିଶେଷ ବାଧା ହେବ ।

—*—

ଇନ୍‌କମଟାକ୍ସ ଚିରସ୍ଥାୟୀ ହେବ ବୋଲି ସମ୍ବାଦପତ୍ରମାନଙ୍କରେ ଲେଖା ହୋଇଅଛି । ପୂର୍ବେ ଯେତେଥର ଆୟକର ବସିଥିଲା ତାହା ସାମୟିକ ବୋଲି ଜଣା ଯାଇଥିଲା । ଏଥର ଆଦ୍ୟରୁ ଗବର୍ଣ୍ଣମେଣ୍ଟ ସେପରି ଭରସା ଦେଇ ନାହାନ୍ତି ଏଥିରେ ଉଠିଯିବାର କେଉଁ ଆଶା ଥିଲା ? ବରଂ ତତ୍କାଳ ରହିଲେ ଆମ୍ଭେମାନେ

Digitized by srujanika@gmail.com

Split by PDF Splitter

436



ଦୁଃଖିତ ହେଉଁ କାହିଁ ଯଦ୍ୟପି ବାର୍ଷିକ ଏକହଜାର ଟଙ୍କା ପର୍ଯ୍ୟନ୍ତ ଆୟ ଛାଡ଼ ଦିଅ ଏବଂ ଗରିବଙ୍କଠାରୁ ନିଆଯାଉଥିବା ଲବଣକର-ପ୍ରଭୃତି ଉଣା ହେବା ଶାସ୍ତ୍ରସମ୍ମତରେ ଟିକସ ବଢ଼ାଇବା ଗରିବମାନଙ୍କୁ ଟିକସରୁ ଛାଡ଼ ଦେବା ଭିନ୍ନ ଅନ୍ୟ କୌଣସିମତେ ନ୍ୟାୟସଙ୍ଗତ ହୋଇ ନ ପାରେ ।

---

ହୁଗୁଳିର ଜଣେ ଉକିଲ ଅଶୌଚାବସ୍ଥାରେ ନଙ୍କଲାମଣ୍ଡ୍ରରେ କୌଣସି ମୋକଦ୍ଦମା ଚଳାଇବାକୁ ଯିବାରେ ଜଜସାହେବ ତାହାଙ୍କୁ କାର୍ଯ୍ୟ କରିବା ଦେଲେ ନାହିଁ । ଏଥିରେ ସେଠା ଉକିଲମହଲରେ ବଡ଼ ଗଣ୍ଡଗୋଳ ଲାଗିଅଛି । ଉକିଲଖାନାରେ ଏ ବିଷୟରେ ଗୋଟିଏ ସଭା ହୋଇଥିଲା । କେତେକ ଉକିଲ ଏଥିର ପ୍ରତିକାର ଲୋଡ଼ିବା ଓ ଅପର କେତେକଜଣ ଶାନ୍ତ ରହିବାର ମତ ଦେଲେ । ବଙ୍ଗବାସିଙ୍କ ମତରେ ଶାନ୍ତ ରହିବାର ଉଚିତ ଏବଂ ଆମ୍ଭେମାନେ ତହିଁର ଅନୁମୋଦନ କରୁଅଛୁଁ । ଉକାଲତି ସ୍ୱାଧୀନ ବ୍ୟବସାୟ ଅଟଇ । ଯେଉଁ ସମୟରେ ସ୍ୱାଭିମତ ପୋଷାକ ପିନ୍ଧି ନ ପାରିବ ସେ ସମୟରେ କାର୍ଯ୍ୟ ନ କଲେ ବଡ଼ ଦରମାହା କଟିଯିବ ନାହିଁ କେବଳ ଆୟ କିଛି ଉଣା ହେବ । ଏଥିପାଇଁ ଟଣାଟଣି କାହିଁକି ?

---

ଏଠା ମିଉନିସିପାଲିଟୀର ନମ୍ବର ୱାର୍ଡ଼ରେ କମିସ୍ନର ବାବୁ ହେମଚନ୍ଦ୍ର ଘୋଷ କ୍ରମାନ୍ୱୟେ ଛଅଥର କମିଟିର ଅଧିବେଶନରେ ଅନୁପସ୍ଥିତ ହେବାରୁ ମିଉନିସିପାଲ ଆଇନାନୁସାରେ ତାଙ୍କର କମିସ୍ନର ପଦ ରହିତ ହେଲା ଏବଂ ଏକ ନୂତନ କମିଶ୍ନର ପୁନର୍ନିର୍ବାଚିତ ହେବା ଆବଶ୍ୟକରେ ଚଳିତମାସ ତା ୧୬ ରିଖ ନିର୍ବାଚନ ଦିବସ ଧାର୍ଯ୍ୟ ହୋଇଥିଲା । କିନ୍ତୁ ନିୟମାନୁସାରେ କେହି ଭୋଟଦାତା କାହାରିକୁ କମିଶ୍ନର ପଦନିମନ୍ତେ ମନୋନୀତ ନ କରିବାରୁ ପ୍ରାର୍ଥୀ ଅଭାବରୁ ନିର୍ବାଚନ ବନ୍ଦ ହେଲା । ଏଥର ମାଜିଷ୍ଟ୍ରେଟଙ୍କ ମନୋନୟନାନୁସାରେ କମିଶ୍ନର ନିଯୁକ୍ତ ହେବ । ଏପ୍ରକାର ଫଳ ଅବଶ୍ୟ ଦୁଃଖର କଥା । ଏବଂ ଏଥିରୁ ବୋଧ ହୁଅଇ ଯେ ନିର୍ବାଚନ ପ୍ରଣାଳୀପ୍ରତି ଏଠାଲୋକଙ୍କ ଆସ୍ଥା ଉଣା ପଡ଼ିଅଛି ।

---

ସମ୍ବଲପୁର ହିତୈଷିଣୀର ଆକାର ବୃଦ୍ଧି ହୋଇଅଛି । ପୂର୍ବେ ଡିମାଇ ଏକଖଣ୍ଡ କାଗଜ ଥିଲା । ଗତ ସଂଖ୍ୟାଠାରୁ ରଏଲ ଏକଖଣ୍ଡ କାଗଜ ହୋଇଅଛି । ଏଥିରେ ସହଯୋଗୀ ଓଡ଼ିଶାର ସମସ୍ତ ସମ୍ବାଦପତ୍ରଠାରୁ ବଡ଼ ହୋଇ ଯାହା ଲେଖିଅଛନ୍ତି ତାହା ଠିକ ହୋଇ ନାହିଁ । ପ୍ରକୃତରେ ଉତ୍କଳଦୀପିକାର ସମାନ ହୋଇ ଅଛି । କିନ୍ତୁ କାଗଜର ମୂଲ୍ୟ ପୂର୍ବପରି ବାର୍ଷିକ ଦୁଇ-ଟଙ୍କା ରହିବାରୁ ଓଡ଼ିଶାର ସବୁ ସମ୍ବାଦ ପତ୍ରରୁ ସୁଲଭ ହେଲା ଏଥିରେ ଦ୍ୱିରୁକ୍ତି ନାହିଁ । ଫଳତଃ ବାମଣ୍ଡାଧିପତିଙ୍କ ଯନ୍ତ୍ରାଳୟ ଓ ସାହାଯ୍ୟରେ ଯେଉଁ ପତ୍ରିକାର ପ୍ରକାଶ ତାହାର ମୂଲ୍ୟ ସୁଲଭ ହେବା ବଡ଼କଥା ନୁହଇ ଏବଂ ସୁଲଭମୂଲ୍ୟ ଯେବେ ସାମୟିକ ପତ୍ରିକାର ପ୍ରଧାନ ଗୁଣ ବୋଲି ସ୍ୱୀକାର କରାଯାଏ ତେବେ ସମ୍ବଲପୁରହିତୈଷିଣୀ ଓଡ଼ିଶାର ସମସ୍ତ ସମ୍ବାଦପତ୍ରର ଗ୍ରାହକଙ୍କୁ ଆକର୍ଷଣ କରିବ ଏଥିରେ ସନ୍ଦେହ ନାହିଁ ।

---

ପର୍ତ୍ତୁଗାଲ ଏବଂ ଇଂଲଣ୍ଡମଧ୍ୟରେ ମନୋମାଳିନ୍ୟ କ୍ରମେ ସଙ୍ଗୀନ ହୋଇ ଆସୁଅଛି । ଆଫ୍ରିକା ଅନ୍ତର୍ଗତ ଜାମ୍ବେସିଠାରେ ଅଧିକାର ବସାଇବା ଏଥିର ମୂଳକାରଣ ଅଟଇ । ଇତ ମଧ୍ୟରେ ପର୍ତ୍ତୁଗାଲପକ୍ଷରୁ ସେଠାରେ ଜ୧୦୦ଣ ଲୋକଙ୍କୁ ନିହତ କରି ଇଂରାଜଙ୍କ ପତାକା ଉଠାଇଦେବାର ସମ୍ବାଦ ସତ୍ୟ ହେବାରୁ ଇଂରାଜମନ୍ତ୍ରୀ ସାଲିସବରି ମହୋଦୟ ସେ ବିଷୟରେ କୈଫିୟତ ତଲବ କରିଅଛନ୍ତି ଏବଂ ପର୍ତ୍ତୁଗାଲ ମଧ୍ୟ ଦମ୍ଭଭରେ ରହି ଇଂରାଜମନ୍ତ୍ରିଙ୍କୁ ସବିଶେଷ କୈଫିୟତ ଦେବାର ପ୍ରକାଶ କରୁଅଛନ୍ତି । କେତେ ଇଂରାଜୀସମ୍ବାଦପତ୍ରମାନ ପର୍ତ୍ତୁଗାଲର କାର୍ଯ୍ୟକୁ ନିନ୍ଦା କରି ତାକୁ ଉତ୍ତମରୂପେ ଚେତାଇଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି । ଫଳତଃ ବାଣ୍ଡୁଟା ସହଜରେ ଓ ଶାନ୍ତିଭାବରେ ମୀମାଂସିତ ହେବାର ଜଣା ପଡ଼ୁ ନାହିଁ ।—ଆମ୍ଭେମାନେ ଭରସା କରୁଁ ଇଂଲଣ୍ଡମନ୍ତ୍ରୀ ଧୀରଭାବରେ କାର୍ଯ୍ୟ କରିବେ ।

---

ଗତ ତୋଫାନଦ୍ୱାରା ଓଡ଼ିଶାର ଫସଲର କିପରିମାଣରେ ବ୍ୟାଘାତ ହୋଇଅଛି ସେ-ବିଷୟରେ ଆମ୍ଭମାନଙ୍କ କମିଶ୍ନର ସାହେବଙ୍କର ଚଳିତ ମାସ ତା ୯ ରିଖର ରିପୋର୍ଟ କଲିକତା-ଗେଜେଟରେ ପ୍ରକାଶିତ ହୋଇଅଛି । କମିଶ୍ନର ସାହେବ ତିନି କଲେକ୍ଟରମାନଙ୍କ ରିପୋର୍ଟ ସମାଲୋଚନା କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ ପୁରୀରେ ତୋଫାନର ଜୋର ଅଧିକ ହୋଇଥିଲେହେଁ ଲୁଣ ଓ ସରୁଧାନ ଦୁଇଅଣା କ୍ଷତି ହୋଇଅଛି ଓ ରବି କିଛି ଅଧିକ ପରିମାଣରେ ନଷ୍ଟ ହୋଇଅଛି । ଚିଲିକା ପାର୍ଶ୍ୱସ୍ଥ ଭୂମି ଖଣ୍ଡର କ୍ଷତି ବିସ୍ତର ଅଟଇ ମାତ୍ର ଏଥିର ବିସ୍ତାରିତ ବିବରଣ କଲେକ୍ଟରଙ୍କଠାରୁ ତଲବ ହୋଇଅଛି । କଟକରେ ଧାନ ଦୁଇପଣ ଏବଂ ରବି ପାଞ୍ଚ ବା ଛପଣ କ୍ଷତି ହୋଇଅଛି । ବାଲେଶ୍ୱରରେ ଗୁନବାନ ଅଞ୍ଚଳରେ ତିନିପଣ ଭଦ୍ରକରେ ଦୁଇପଣ ଓ ବାଲେଶ୍ୱରରେ ଏକପଣ କ୍ଷତି ହୋଇଅଛି । କିନ୍ତୁ ବୃଷ୍ଟିଦ୍ୱାରା ଖାଲ ଭୂମିର ଯେମନ୍ତ କିଛି କ୍ଷତି ହୋଇ ଅଛି ଉଚ୍ଚ ଭୂମିର ତେମନ୍ତ ପୁଷ୍କରଣୀମାନ ଭରିତ ହୋଇ ଲାଭ ହୋଇଅଛି । ରବି ମଧ୍ୟରେ କେବଳ ହରଡ଼ ଓ ଚଣା ବିସ୍ତର ନଷ୍ଟ ହୋଇଅଛି ଓ କୋଳଥର ବରଂ ଉପକାର ହୋଇଅଛି । ଫଳତଃ ଏ ପ୍ରଦେଶର ରବି ଫସଲ ପ୍ରଧାନ ଫସଲ ନ ଥିବାରୁ ତହିଁର କ୍ଷତି ବିଶେଷ ଚିନ୍ତାର ବିଷୟ ନୁହଇ ।

---

ଷ୍ଟେଟ୍ସମାନ ପତ୍ରିକାରୁ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ଯେଉଁମାନଙ୍କୁ ଡେପୁଟି କାର୍ଯ୍ୟରେ ନିଯୁକ୍ତ କରିବାପାଇଁ ଜବାବ ଦେଇଥିଲେ ଅଥବା ଯେଉଁମାନଙ୍କର ବିଶେଷ ଦାବି ଥିଲା ସେମାନଙ୍କର ନିଯୋଗ ଶେଷ ହୋଇଅଛି । ବର୍ତ୍ତମାନ ନୂତନ ନିୟମାନୁସାରେ ପରୀକ୍ଷାଦ୍ୱାରା ଡେପୁଟିମାନେ ନିଯୋଗ ହେବେ । ଆମ୍ଭେମାନେ ଗତ ଗେଜେଟରେ ଚାରିଜଣ ନୂତନ ଡେପୁଟି ହୋଇଥିବାର ଦେଖିଅଛୁଁ ଓ ତତ୍ପୂର୍ବ ଗେଜେଟରେ କେତେକ ନାମ ଦେଖିଥିଲୁଁ କିନ୍ତୁ ଦୁଃଖର ବିଷୟ ଓଡ଼ିଶାରୁ ଜଣେ ସୁଦ୍ଧା ଗବର୍ଣ୍ଣମେଣ୍ଟଙ୍କର ସୁଦୃଷ୍ଟିରେ ପତିତ ହେଲା ନାହିଁ । ଛୋଟଲାଟ ବାହାଦୂରଙ୍କ ଆଗମନ ସମୟରେ ଓଡ଼ିଶାର ଗ୍ରାଜୁଏଟ ଓ ଅଣ୍ଡର ଗ୍ରାଜୁଏଟ ସଭାରୁ ଯେଉଁ ଅଭିନନ୍ଦନପତ୍ର ପ୍ରଦତ୍ତ ହୋଇଥିଲା ତଦୁତ୍ତରରେ ଛୋଟଲାଟ ବାହାଦୂରଙ୍କ ସେକ୍ରେଟରୀ ଲେଖିଥିଲେ ଯେ ଡେପୁଟୀ ପରୀକ୍ଷାର ପ୍ରଶ୍ନ ଶେଷ ମୀମାଂସା ସମୟରେ ଉକ୍ତ ଅଭିନନ୍ଦନପତ୍ରର ବିଚାର ହେବ । ପରୀକ୍ଷାର ପ୍ରଶ୍ନର ଶେଷ ମୀମାଂସା ହୋଇଗଲା ଓ ଇତିମଧ୍ୟରେ ଅନେକଗୁଡ଼ିଏ ଡେପୁଟୀକାର୍ଯ୍ୟ ବିନା ପରୀକ୍ଷାରେ ପ୍ରାପ୍ତ ହେଲେ କିନ୍ତୁ ହତଭାଗିନୀ ଓଡ଼ିଶାରୁ କେହି ଏପର୍ଯ୍ୟନ୍ତ ନିଯୁକ୍ତ ହୋଇ ପାରିଲେ ନାହିଁ ତଥାପି ଆଶା ବଦୁରିତ

Digitized by srujanika@gmail.com

ହୋଇ ନାହିଁ ଅମ୍ଭେମାନେ ଛୋଟଲାଟ ବାହାଦୂର ସର୍ ଷ୍ଟୁଆର୍ଟ ବେଲିଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ସେ ଓଡ଼ିଆବାସିମାନଙ୍କ ଦାବୀ ଅପରେ ବିଚାର କରି ଅମ୍ଭମାନଙ୍କ ମନୋବେଦନା ଦୂର କରନ୍ତୁ ।

---

ଛୋଟଲାଟଙ୍କ ଅଭ୍ୟର୍ଥନା ସମ୍ବନ୍ଧରେ ଯେଉଁ ବାଗ୍ବିତଣ୍ଡା କଟକରେ ଘଟିଥିଲା ତହିଁର ପରିଣାମ ଏହି ହେଲା ଯେ ନଗରବାସିମାନେ ଏକତ୍ର ଅଭ୍ୟର୍ଥନା କରିବାକୁ ଯାଇ ଶେଷରେ ଦୁଇଦଳ ହୋଇଗଲେ । ଯେଉଁମାନେ ଆମୋଦପ୍ରମୋଦର ସପକ୍ଷ ସେମାନେ ଏକ ସଭା କରି ଅଭ୍ୟର୍ଥନାର ଆୟୋଜନ ଓ ତହିଁ ନିମିତ୍ତ ଚାନ୍ଦା ସଂଗ୍ରହକରିବା କାରଣ ଗୋଟିଏ କମିଟୀ ମନୋନୀତ କରୁଅଛନ୍ତି ଏବଂ ଏହି କମିଟୀରେ ଓଡ଼ିଶାର ରାଜା ବୈକୁଣ୍ଠନାଥ ଦେ ବାହାଦୂର ଏବଂ ରାଜା ବୈଦ୍ୟନାଥ ପଣ୍ଡିତ ଅଛନ୍ତି । ଏହି କମିଟୀ ଏପର୍ଯ୍ୟନ୍ତ ଚାନ୍ଦାଦ୍ୱାରା ଟଙ୍କା ସଂଗ୍ରହ କରୁଅଛନ୍ତି ଏବଂ ଦରଭଙ୍ଗାର ମହାରାଜା ଦକ୍ଷିଣ ଓ ବିଜୟନଗରର ମହାରାଜା ଅପଣା ୨ ଚାନ୍ଦାଛଡ଼ା ଦେବେନାହିଁ ଇତ୍ୟାଦି ସକାଶେ ଯେଉଁଟଙ୍କା ନିଅଣ୍ଟ ହେବ ତାହା ଦେବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ଯେଉଁମାନେ ଚିରସ୍ଥାୟୀ କୀର୍ତ୍ତିସ୍ଥାପନର ଅଭିଳାଷୀ ସେମାନେ ମଧ୍ୟ ଆଉଗୋଟିଏ ସଭା କରି ତହିଁର ଆୟୋଜନ ଓ ଚାନ୍ଦାସଂଗ୍ରହ ନିମନ୍ତେ ପୃଥକ୍ ଏକ କମିଟୀ ମନୋନୀତ କରିଅଛନ୍ତି । ଏମାନଙ୍କ ସଭାରେ ଧାର୍ଯ୍ୟହୋଇଅଛି କି ଚାନ୍ଦାଦ୍ୱାରା ଅର୍ଥ ସଂଗୃହୀତ ହୋଇ ତହିଁରେ ଗୋଟିଏ କୁଷ୍ଠାଶ୍ରମ ସ୍ଥାପିତ ହେବ ଏବଂ ଯଦ୍ୟପି କୁଷ୍ଠାଶ୍ରମ ହୋଇ ନ ପାରେ ତେବେ ଅନ୍ୟ କୌଣସି ଚିରସ୍ଥାୟୀ କୀର୍ତ୍ତି ସ୍ଥାପିତ ହେବ । ଏ ସଭା କେତେ ଚାନ୍ଦା ସଂଗ୍ରହ କରିଅଛନ୍ତି ଜଣାଯାଇ ନାହିଁ । ଯାହା ହେଉ ଉଭୟପକ୍ଷର ମାନ ରକ୍ଷା ହେଲା । ଏଥର ସମସ୍ତେ ମିଶି ଏକତ୍ରେ କାର୍ଯ୍ୟ କଲେ ବଡ଼ସୁଖର ବିଷୟ ହେବ ।

---

ଓଡ଼ିଶା ବନ୍ଦୋବସ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଉତ୍କଳସଭା ସମସ୍ତ ବୃହତ୍ ଜମିଦାର ଓ ପ୍ରଜାଙ୍କ ସ୍ୱତ୍ୱରକ୍ଷା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ଜାଣିବାକୁ ଚେଷ୍ଟା କରୁଅଛନ୍ତି । ତାହା ଜଣାଗଲାଉତ୍ତାରୁ କୌଣସି ଅନିଷ୍ଟର ସମ୍ଭାବନା ଦେଖିଲେ ତହିଁର ପ୍ରତୀକାର ପାଇବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବେ । ଆମ୍ଭେମାନେ ମଧ୍ୟ ଏତଦ୍ୱିଷୟରେ ଆମ୍ଭମାନଙ୍କର ଅଭିପ୍ରାୟ ପ୍ରକାଶ କରିବାକୁ ଆରମ୍ଭ କରିଅଛୁଁ । କିନ୍ତୁ ଗୋଟିଏ କଥା ଏହି କି ଆଗାମି ବନ୍ଦୋବସ୍ତରେ ମୋଟରେ ଜମା ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ ଏବଂ ଭରସା ହୁଅଇ ଜମିଦାର ଓ ପ୍ରଜାମାନେ ସରକାରଙ୍କର ଉଚିତ ପ୍ରାପ୍ୟ ଦେବାକୁ ଅସମ୍ମତ ନାହାନ୍ତି ବରଂ ପ୍ରସ୍ତୁତ ଅଛନ୍ତି କିନ୍ତୁ ସରକାର ମଧ୍ୟ ଅନ୍ୟାୟରୂପେ ତାହାଙ୍କଠାରୁ କର ନେବାକୁ ଇଚ୍ଛା କରନ୍ତି ନାହିଁ ଏବଂ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ସେପରି ମତ ନୁହଇ । କେବଳ ଏତଦ୍ଦେଶୀୟ ଅନଭିଜ୍ଞ ଯେମନ୍ତ ସ୍ୱଳ୍ପକର୍ମଚାରୀଙ୍କ ଶେଷର ଅବିବେଚିତ କାର୍ଯ୍ୟ ବା ବ୍ୟବସ୍ଥାଦ୍ୱାରା ତାହାର ସ୍ୱତ୍ୱପ୍ରତି ବ୍ୟାଘାତ ବା ଅଯଥାରୂପେ ଜମାବୃଦ୍ଧି ନ ହେବ । ଏପରି ଯେଉଁଠାରେ ଉଚିତ କର୍ତ୍ତୃପକ୍ଷଙ୍କୁ ବିନୀତଭାବରେ ଜଣାଇଲେ ତହିଁର ଉଚିତ ପ୍ରତୀକାର ଅବଶ୍ୟ ମିଳେ । ଲୋକମାନେ ସରକାରଙ୍କ ସହିତ ମେଳ ମିଶି କାର୍ଯ୍ୟ କଲେ ସୁବିଚାର ପାଇବାର ସମ୍ପୂର୍ଣ୍ଣ ଭରସା ଅଛି । କୌଣସିମତେ ଅନୈକ୍ୟ ଘଟିଲେ ବିପରୀତଫଳ ହେବ । ଅତଏବ ଆମ୍ଭେମାନେ ଆଶା କରୁଁ କି ଜମିଦାର ଓ ପ୍ରଜାମାନେ ଏସମୟରେ ଉଦାସ ବା ଚକିତ ନ ହୋଇ ସରକାରଙ୍କ ଜମାବନ୍ଦି କାର୍ଯ୍ୟରେ ଯଥାସାଧ୍ୟ ସାହାଯ୍ୟ କରିବେ ଏବଂ ଯେପରି ସେ କାର୍ଯ୍ୟମାନ ଉତ୍ତମ ହେବ ତହିଁର ସମ୍ୟକ୍ ଚେଷ୍ଟା କରିବେ । କାରଣ କାର୍ଯ୍ୟ ଭଲ ହେଲେ ତହିଁରେ ଉଭୟପକ୍ଷର ମଙ୍ଗଳ ହେବ ।

---

ବାଙ୍କିପୁରଠାରେ ଚଳିତମାସ ତା ୧୩ ରିଖରେ ବିହାରଜମିଦାରସଭାର ଏକ ଅଧିବେଶନ ହୋଇଥିଲା । ଦ୍ୱାରଭଙ୍ଗାର ମହାରାଜା ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର ଉଦ୍ଦେଶ୍ୟ ସଭାପତିମହାଶୟଙ୍କ ପ୍ରଥମବକ୍ତୃତାରୁ ଏହିରୂପେ ପ୍ରକାଶ ପାଇଲା ଯେ ଜମିଦାରମାନଙ୍କ ଉପରେ ଶିକ୍ଷାକର ବସିବାର ଏକ ଜନରବ ଉଠିଥିବାରୁ ତତ୍ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟରେ ଆପତ୍ତି କରିବା ଉଚିତ । ପୂର୍ବେ ଏହିପରି ଇନ୍କମଟାକ୍ସ ବସିବାର ଜନରବ ଶୁଣାଯାଇଥିଲା ମାତ୍ର ଜନରବ ଉପରେ ବିଶ୍ୱାସ କରି କାର୍ଯ୍ୟ କରିବା ଅନୁଚିତ ବିବେଚନାରେ ସଭା ଅପେକ୍ଷା କଲେ କେତେଣେ ଚିରକାଳଭାବରେ ଆଇନଟି ଜାରି ହୋଇଗଲା । ବର୍ତ୍ତମାନ ଜନରବ ଶୁଣି ନିଶ୍ଚିନ୍ତ ହେବାର ଅନୁଚିତ ଅଟଇ । କିନ୍ତୁ ସଭାରେ ଦୁଇଗୋଟି ପ୍ରସ୍ତାବ ଧାର୍ଯ୍ୟ ହେଲା । ସଭା ଶିକ୍ଷାକର ବସିବାର ଶୁଣି ଅତ୍ୟନ୍ତ ଦୁଃଖିତ ହୋଇଥିବା ଓ ଜମିଦାରୀସ୍ୱତ୍ୱ ଉପରେ ତାହା ବସିଲେ ଚିରସ୍ଥାୟୀ ବନ୍ଦୋବସ୍ତରେ ଜମିଦାରମାନଙ୍କ ପ୍ରଦତ୍ତ ହୋଇଥିବା ଅଧିକାରରେ ହସ୍ତକ୍ଷେପ ଓ ସେ କର ବସିଲେ ସ୍ୱେଚ୍ଛାକ୍ରମେ ଲୋକେ ଯେଉଁ ସାହାଯ୍ୟ କରୁଅଛନ୍ତି ତାହା ଏଣିକି ଏକାବେଳକେ ରହିତ ହେବା ଇତ୍ୟାଦି ପ୍ରଥମ ପ୍ରସ୍ତାବରେ ସନ୍ନିବିଷ୍ଟ ହୋଇଅଛି । ଦ୍ୱିତୀୟ ପ୍ରସ୍ତାବରେ ସ୍ଥିର ହୋଇଅଛି ଯେ ଏପରି ଆଇନ କରିବାର ପ୍ରସ୍ତାବ ହୋଇଥିଲେ ତଦ୍ୱିଷୟରେ ଆଗନ୍ତୁ ଲୋକମାନଙ୍କର ମତାମତ ବୁଝିବା ଓ ଆଇନର ପାଣ୍ଡୁଲିପି ବ୍ୟବସ୍ଥାପକସଭାରେ ବିଚାର ହେବା ପୂର୍ବରୁ ତହିଁର ପ୍ରତ୍ୟେକ ବିଷୟସମ୍ପର୍କରେ ଲୋକମାନଙ୍କର ମତାମତ ବୁଝିବା କାରଣ ବଙ୍ଗାଳ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ପଠାଯିବ । ଏ ପ୍ରସ୍ତାବମାନ ଅତି ଉତ୍ତମ ହୋଇଅଛି । ଏଥିଉତ୍ତାରୁ ସଭାପତିମହାଶୟ ଭାରତ-ଜାତୀୟମହାସମିତିର ଉଦ୍ଦେଶ୍ୟ ଏବଂ ତହିଁର ପ୍ରସ୍ତାବିତ କୌନ୍ସିଲସଂସ୍କାର ସମାଲୋଚନା କରି ତହିଁର ଉପକାରିତା ବୁଝାଇଦେଲା ଉତ୍ତାରୁ ସଭାଭଙ୍ଗ ହେଲା, ସଭାର କାର୍ଯ୍ୟରେ ଆଦ୍ୟୋପାନ୍ତ ଐକ୍ୟ ପ୍ରଦର୍ଶିତ ହୋଇଥିବାର ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ।

---

### ଓଡ଼ିଶାର ଖାଜନାବନ୍ଦୋବସ୍ତ ।

ବନ୍ଦୋବସ୍ତର ମୂଳକାର୍ଯ୍ୟ ଜରିପ ଅଟଇ କାରଣ ତହିଁ ଉପରେ ବନ୍ଦୋବସ୍ତ ନିର୍ଭର କରଇ ଓ ଜରିପ କାଗଜ ଅର୍ଥାତ୍ ଚିଠାଆରୁ ଓଆରିଜା ଖତିୟାନ ଇତ୍ୟାଦି ବନ୍ଦୋବସ୍ତର ସକଳ କାଗଜ ପ୍ରସ୍ତୁତ ହୁଅଇ । ପୂର୍ବବନ୍ଦୋବସ୍ତରେ ପ୍ରଥମେ ଅମିନଙ୍କଦ୍ୱାରା ଦେଶୀୟମତରେ ପଦକା ଜରିପ ହୋଇଥିଲା ଓ ଏଥିପାଇଁ ଅନେକ ଅମିନ ନିଯୁକ୍ତ ହୋଇଥିଲେ । ଏମାନେ ଦେଶୀୟଲୋକ ଥିବାରୁ ଏଠା ଅବସ୍ଥାରୁ ଉତ୍ତମରୂପେ ଅବଗତ ଥିଲେ । ଏମାନଙ୍କ ଉପରେ ସରକାର ଅମିନମାନେ ଥିଲେ ସେ ସେମାନେ ଅମିନଙ୍କ କାଗଜକୁ ପରତାଳ କରୁଥିଲେ । ଏହେତୁ ଜରିପ ବଡ଼ଠିକ ହୋଇଥିଲା । ଅମିନଙ୍କଦ୍ୱାରା ଜରିପ ହେଲା ଉତ୍ତାରେ ସର୍ଭେୟରଙ୍କଦ୍ୱାରା ଟଣାଇ ଅଧିକାଂଶ ଇଂରେଜୀମତେ ସର୍ଭେମାପ ହୋଇ ପ୍ରତ୍ୟେକ ମଉଜାର ନକସା ପ୍ରସ୍ତୁତ ହୋଇଥିଲା ଏଥିରେ ମଉଜାର

Split by PDF Splitter

Digitized by srujanika@gmail.com

Split by PDF Splitter



ସରହଦ ସୀମା ଉତ୍ତମରୂପେ ଚିହ୍ନିତ ଓ ନିରୂପିତ ହୋଇଅଛି। ଏ ଭୂଇଁମାନ ଜରିପ ପ୍ରାୟ ଏକଇଞ୍ଚରେ ଷୋଳ ହେଉଥିବାରୁ ଜରିପ ଠିକ ଥିବା ବିଷୟରେ ଅଣୁମାତ୍ର ସନ୍ଦେହ ରହୁ ନ ଥିଲା। ବାସ୍ତବରେ ପୂର୍ବ ବନ୍ଦୋବସ୍ତର ଚିଠାଉଥି ଠିକ ଅଛି ଓ ତାହା ଏପର୍ଯ୍ୟନ୍ତ ବଡ଼ କାର୍ଯ୍ୟରେ ଆସୁଅଛି। ଜମିର ନକ୍ସା ତାହାଦ୍ୱାରା ସୁନ୍ଦରରୂପେ ହେଉଅଛି ଓ ଜମି ସମ୍ବନ୍ଧୀୟ ଅନେକ ବିବାଦ ତାହାଦ୍ୱାରା ମିଟି ଯାଉଅଛି। କାଗଜପତ୍ରମାନଙ୍କରେ ତାହା ସୁସ୍ପଷ୍ଟ ହେଉଥିବାରୁ ତହିଁର ଫଳ ଯଥେଷ୍ଟରୂପେ ମିଳୁଅଛି। ତହିଁରେ ଖଣ୍ଡଖଣ୍ଡ ଭୂମିର ବିସ୍ତାରିତ ବିବରଣ ଓ ସଙ୍କେତ ଥିବାରୁ କୌଣସି ଭୂମିଖଣ୍ଡ ଅନାୟାସେ ଚିହ୍ନିତ ଓ ନିରୂପିତ ହେଉଅଛି।

ଅତଏବ ବିଷୟ ଏହି ଯେ ଏପରି ମୂଲ୍ୟବାନ ନିଦର୍ଶନପତ୍ର (ଚିଠାଉଥି) ଆଗାମୀ ବନ୍ଦୋବସ୍ତରେ ଲୋପ ହେଉଅଛି କାରଣ ଶୁଣିବାରେ ଦେଶୀୟମାନେ ଅବୋଧ ଜରିପ କି ଚିଠାଉଥି ପ୍ରସ୍ତୁତ ହେବ ନାହିଁ କେବଳ ଇଂରେଜୀମାନେ ସର୍ଭେମାପ କରିବାର ସ୍ଥିରହୋଇ ତହିଁର ଆୟୋଜନ ଲାଗିଅଛି। ଦେଖିବାରେ କେତେକ ସରଭେୟାର ସାହେବ ସେମାନଙ୍କ ବଦେଶୀୟ ଦଳ ସହିତ ନିଯୁକ୍ତ ହୋଇ ଆସି କାର୍ଯ୍ୟ ଆରମ୍ଭ କରିବାକୁ ମୋଫସଲ ଗଲେଣି। ସର୍ଭେ ମାପ ଯେ ଠିକ ଅଟେ ଓ ଇଂରେଜ ଉଦ୍ଭାବିତ ଭୂମି ଗଡ ହୋଇ ମିଳ ନାହିଁ ଏହା ଅମ୍ଭେମାନେ ସ୍ୱୀକାର କରୁଅଛୁଁ କିନ୍ତୁ ଏହା ଏଦେଶ ପକ୍ଷରେ ସେତେ ଉପକାରୀ ନୁହେ। ଭୂମିର ନକ୍ସା ସର୍ଭେମାପର ପ୍ରଧାନ କାରଣ ଅଟେ। ଏଥିରେ ମଝିଆଳ ଭୂମିସବୁ ଖଣ୍ଡଖଣ୍ଡ ହୋଇ ଅଙ୍କିତ ହୋଇଥାଏ ଓ ଦେଖିବାକୁ ବଡ଼ ସୁନ୍ଦର କିନ୍ତୁ ତହିଁରୁ ଯଥେଷ୍ଟ ଉପକାର ନୁହେ। ନକ୍ସାରେ ପ୍ରତିଖଣ୍ଡ ଭୂମିରେ ଅଙ୍କ ବା ନମ୍ବର ଦିଆହୋଇ ପ୍ରତ୍ୟେକ ନମ୍ବରର ଭୂମିର ପରିମାଣ ଶ୍ରେଣୀ ଅବା ଭୂମ୍ୟଧିକାରୀର ନାମ ଇତ୍ୟାଦି ଅନ୍ୟ କାଗଜରେ ଲେଖାଯାଏ ତଥାପି ଚିଠାଉଥିରେ ଯେପରି ବିସ୍ତାରିତ ବିବରଣ ଥାଏ ଓ ପଡ଼ୋଶୀ ଜମିର ଚୌହଦି ଓ ଚଉହଦି ସମ୍ବନ୍ଧରେ ଦିଆଯାଏ ସେପରି ବିବରଣର ଅଭାବ ସର୍ଭେ କାଗଜରେ ଦେଖାଯାଏ। ଖୋରଧାର ସାନ ବନ୍ଦୋବସ୍ତ ଅଳ୍ପଦିନହେଲା ଶେଷ ହୋଇଅଛି ଓ ଏଥିର ପ୍ରସଙ୍ଗ ପାଠକମାନେ ଅବଗତ ଥିବେ। ଏ ବନ୍ଦୋବସ୍ତରେ ଦୁଇପ୍ରକାର ଜରିପ ହୋଇଅଛି ଅର୍ଥାତ୍ ପ୍ରଥମେ ଅମିନଙ୍କଦ୍ୱାରା ପଦକା ଜରିପ ହୋଇ ଚିଠାଉଥି ପ୍ରସ୍ତୁତ ହୁଏ ଓ ପରେ ସରଭେୟାରଙ୍କଦ୍ୱାରା ସର୍ଭେମାପ ହୋଇ ନକ୍ସା ପ୍ରସ୍ତୁତ ହୋଇଥିଲା। ଅମ୍ଭେମାନେ ଖୋରଧାର କୌଣସି ଜାଣସଙ୍କଠାରୁ ଅବଗତ ହୋଇଅଛୁଁ ଯେ ରୟତମାନଙ୍କ ମଧ୍ୟରେ ଗୃହକଳହ ସମ୍ବନ୍ଧୀୟ ବିବାଦ ଘଟିଲେ ତହିଁର ମୀମାଂସା ସକାଶେ ସର୍ଭେନକ୍ସା କେତେ କାର୍ଯ୍ୟରେ ଆସଇ ନାହିଁ। ଚିଠାଉଥିଦ୍ୱାରା ସହଜରେ ମୀମାଂସା ହୁଅଇ କାରଣ ତହିଁରେ ଜମିର ଦଗ ଓ ଚକର ଚଉହଦୀ ସଙ୍କେତ ଇତ୍ୟାଦି ବିସ୍ତାରିତ ବିବରଣ ଥିବାରୁ ତାହା ବଡ଼କାର୍ଯ୍ୟରେ ଆସଇ। ଏହେତୁ ଉକ୍ତ ହାକିମ ନକ୍ସାକୁ ଉପେକ୍ଷା କରି ଚିଠାଉଥିକୁ ବ୍ୟବହାର କରୁଥିଲେ।

ଏ କଥାରେ ମଧ୍ୟ ଦେଖାଯାଏ ଯେ ଅନେକେ ଚିଠାଉଥିର ନକଲ ମହାଫିଜଖାନାରୁ ସର୍ବଦା ନେଇଥାନ୍ତି କେବଳ ମଉଜା ମହାଲର ସୀମାରେ ବିବାଦ ଘଟିଲେ ସର୍ଭେ ନକ୍ସାର ଆବଶ୍ୟକ ହୁଏ ଓ ଲୋକେ ତହିଁର ନକଲ ନେବାର ଅତ୍ୟଳ୍ପ ଦେଖାଯାଏ। ସୁତରାଂ ନକ୍ସା ଅପେକ୍ଷା ଚିଠାଉଥି ଯେ ଅଧିକ କାର୍ଯ୍ୟକର ଉପଯୁକ୍ତ କାରଣରୁ ପ୍ରମାଣୀକୃତ ହେଉଅଛି। ଜଙ୍ଗଲିଆ ସ୍ଥାନମାନଙ୍କରେ କେତେକ ବର୍ଷରେ କାଏମ ବନ୍ଦୋବସ୍ତଯୋଗ୍ୟ ଜମିସବୁର ସର୍ଭେ ଜରିପ ହୋଇଥିଲା ଓ ଏହା ନେଉଁରେ ବାରମ୍ବାର ଜରିପ ବୋଲି ଖ୍ୟାତ ଅଛି। ଜମି ଜମାର ଗଣ୍ଡଗୋଳ ନିବାରଣ ସକାଶେ ଏବେ ବନ୍ଦୋବସ୍ତରେ ସର୍ଭେ ହେଲା କିନ୍ତୁ ଏପର୍ଯ୍ୟନ୍ତ ଜମିର ଗଣ୍ଡଗୋଳ ଛଡ଼ି ହୋଇ ନାହିଁ। କୌଣସି ପ୍ରକାର ପ୍ରକୃତ ଶୃଙ୍ଖଳା ଅପେକ୍ଷା ଅଧିକ ଜମିର ତଦାରକ ଧାର୍ଯ୍ୟ ହୋଇଅଛି ଓ ଚିହ୍ନଟ ଭାଙ୍ଗି ହୋଇ ଯାଉଅଛି ଏପରି ଘଟଣା କେତେକ ଦେଖାଯାଏ।

ଦେଶୀୟ ଜରିପର ଆଉ ଗୋଟିଏ ସୁବିଧା ଏହି ଯେ ପୂର୍ବ ବନ୍ଦୋବସ୍ତରେ ଅମିନମାନେ ଜରିପ କରିବା ସମୟେ ଜମିଦାରଙ୍କର ଗୁମାସ୍ତା ଅବା କୁଳକଚାସ୍ତ ଅଧିକ ସଙ୍ଗରେ ଥାଇ ଜରିପର ବିବରଣ ଲେଖି ନେଉଥିଲେ କିମ୍ବା ଚିଠାଉଥି ଏକାପରସ୍ତ ନକଲ ନେଉଥିଲେ ଓ ଏହା ସେମାନଙ୍କର ଅତି ଆବଶ୍ୟକୀୟ ବୋଲି ଗବର୍ଣ୍ଣମେଣ୍ଟ ତହିଁର ସ୍ତମ୍ଭ ଉପମ ଗଢ଼ କରିଥିଲେ। ଜମିଦାର ଓ ପ୍ରଜାମାନେ ଚିଠାଉଥିକୁ ଯେପରି ସହଜେ ବୁଝିପାରନ୍ତି ସର୍ଭେନକ୍ସା ସେମାନଙ୍କର ସେପରି ବୋଧଗମ୍ୟ ହେବ ନାହିଁ। କିନ୍ତୁ ଇଂରେଜ ହାକିମମାନଙ୍କର ଚିଠାଉଥି ସେତେ ବୋଧଗମ୍ୟ ନୁହଇ ସର୍ଭେ ନକ୍ସା ସେମାନଙ୍କ ପକ୍ଷରେ ସୁବିଧାକର ଓ ଦେଖିବାକୁ ବଡ଼ ସୁନ୍ଦର, ଏହେତୁ ସେମାନେ ସର୍ଭେ ମାପକୁ ବଡ଼ଯେତେ କରୁଅଛନ୍ତି। କିନ୍ତୁ ଜରିପରେ ଜମିଦାର ଓ ପ୍ରଜାବର୍ଗର ବିଶେଷ ସମ୍ପର୍କ ଓ ଦାୟିତ୍ୱ ଥିବାରୁ ସେମାନଙ୍କର ଯାହା ସହଜ ବୋଧଗମ୍ୟ ତାହା କେଉଁକି ନୁହେ ତାହାର କରି କର୍ତ୍ତବ୍ୟ ଓ ଆବଶ୍ୟକ। ପୁଣି ସର୍ଭେମାପ ଅଯୋଗ୍ୟ ପଣ୍ଡୁଆରିଙ୍କଦ୍ୱାରା ହେବାର ସ୍ଥିର ହୋଇ ସେମାନଙ୍କ ସର୍ଭେଶିକ୍ଷା ଦେବାର ଆରମ୍ଭ ହୋଇଅଛି। ଏମାନଙ୍କ ବିଷୟ ବାରନ୍ତରକୁ ରହିଲା ବର୍ତ୍ତମାନ ଅମ୍ଭେମାନେ ପ୍ରାର୍ଥନା କରୁଁ ଯେ ଉପରଲିଖିତ କାରଣମାନଙ୍କ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ଜରିପବ୍ୟବସ୍ଥାର ପୁନର୍ବିଚାର କରନ୍ତୁ।

କ୍ରମଶଃ।

## ସାପ୍ତାହିକସମ୍ବାଦ।

ଅନ୍ନମ ଜଙ୍ଗଲ କଲେକ୍ଟରର ସାହେବ କେନାଡ଼ୁର ଚନ୍ଦନର ଜସ୍ତରୁ ୯ ମାସ ତା ୨୫ ଦିନରେ ତ୍ରିଚିନାପଲୀ ବଡ଼ ଅଛି ପଶ୍ଚାତ୍ୟରାଜକୁ ନାଲିକାଟେ ଯାତ୍ରା କରିବାର କଥା ଅଛି। ସେଠାରୁ ତା ୩୦ ଦିନରେ କଲିକତା ଯାଇ ତା ୨ ଦିନରେ ଏଠାକୁ ଫେରିବେ ବୋଲି ଶୁଣାଯାଏ।

ଦୁଃଖର ସହିତ ଶୁଣିଲୁଁ ଯେ କୋଲକଠାରେ ଗାଲିବାକି ଭାଙ୍କ ଭାଠକାରଖାନାରେ ଦୁର୍ଘଟନା ହେବାରୁ ଗୋଟିଏ ବାଳକର ପ୍ରାଣ ଗଲା। କଳୁଟଙ୍କ ଘର ଶୋଭାଯାତ୍ରାରେ ଏକ ଗୋଟିଏ ଦସ ମଣ୍ଡିକାଠ ତଳେ ସେ ଚିତ ହୋଇ ପଡ଼ି ଶୋଇଥିଲା। କେହୁ ବୋଲନ୍ତି ଏମନ୍ତ ସମୟେ ଛଡ଼େ କଳଦ ଉକ୍ତ କାଠ କଡ଼ଇରେ ଥିବାରୁ ତାହା ଗଳିଯିବାରୁ ଦେହ କର ସ୍ଥାନ ଚ ପ ହେବାରୁ କାଠ ପିଲ ଉପରେ ପଡ଼ିଯାଇ ତାହାର ମସ୍ତକକୁ ଚୂର୍ଣ୍ଣ କରିଦେଲା। ହେତୁ ବଶେଷତଃ ପୁଲିସ ତଦନ୍ତର ସାକ୍ଷୀମାନେ ବୋଲନ୍ତି ଯେ ଅସାବଧାନତା ଓ ମୂର୍ଖତା ସହିତ ସେହିକାଠଖଣ୍ଡକ ସେ ପିଲ ତଳେ ଥାଇ ତାହାଉପର ନେବାକୁ ମୃତ୍ୟୁ ଘଟିଲା। ପିଲର ବୟସ ୮।୯ ବର୍ଷ ସେ ଏପରି ବଡ଼କାଠ ତଳୁ ନେଇ ବାହିରକରି ପାରିବାର ଅସମ୍ଭବ ବୋଧ ହୁଏ। ଯାହା ହେଉ ପୁଲିସ ତଦନ୍ତରେ କାହାର ଉପରେ କୌଣସି ଦୋଷ ପ୍ରମାଣିତ ହେଲା ନାହିଁ।

ଏ ଦେଶ ମାହାଙ୍ଗା ଅଞ୍ଚଳରେ ଓଳଉଠା ରୋଗ କେତେକ ଦିନରୁ ହେଉଅଛି।

### କଲିକତା—ଗେଜେଟ।

ଗବର୍ଣ୍ଣମେଣ୍ଟର ଉତ୍କଳଅନୁବାଦକ ବାବୁ ଜଗନ୍ନାଥ ପାଣାସୁକ ଆଗାମି ଡିସେମ୍ବରମାସ ତା ୩ ଦିନରୁ ପନ୍ଦରମାସ ଚୌଦ୍ଦଦିନର ଛୁଟିପ୍ରାପ୍ତ ହୋଇଅଛନ୍ତି।

Digitized by srujanika@gmail.com